# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୫/୨୦୨୩ (୨୦ ପୃଷ୍ଠା) Bhubaneswar, Monday, December 25/2023 Page 20 ₹ 7.00 | SAMBALPUR

୫୦ଶ ଭାଗ ୩୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 32 ମୂଲ୍ୟ₹୭/-



DN GROUP



1919-1998

DRAWING INSPIRATION FROM THE LIFE AND LEGACY OF

## DASARATHI NAIK

ON HIS 104TH BIRTH ANNIVERSARY

25TH DECEMBER 2023

YOU REMAIN OUR GUIDING LIGHT TOWARDS UPHOLDING YOUR IDEALS IN SERVICE OF HUMANITY.

# ଦେଶର ବିକାଶରେ ସୁଶାସନ

**ଦେଶ**ର ବିକାଶରେ ସୁଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏନେଇ ସଚେତନତା ସୃଷ୍ଟି ଲାଗି ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ବାର୍ଷିକୀ ୨୫ ଡିସେମ୍ବରକୁ ଭାରତରେ ପ୍ରତିବର୍ଷ ସୁଶାସନ ଦିବସ ପାଳନ କରାଯାଏ । ଦେଶପ୍ରତି ବାଜପେୟୀଙ୍କ ଅବଦାନକୁ ସମ୍ମାନ ଜଣାଇବା ପରିପ୍ରେକ୍ଷୀରେ ୨୦୧୪ ଡିସେମ୍ବର ୨୫ ଦିନ ତାଙ୍କ ୯୦ତମ ଜୟନ୍ତୀକୁ ସୁଶାସନ ଦିବସ ଭାବେ ପାଳନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ।



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ପୁରସ୍କାର ଭାରତ ରତ୍ନ ବିଜେତା ଭାବରେ

## ସୁଶାସନ ଦିବସ

୨୩ ଡିସେମ୍ବର ୨୦୧୪ରେ ଭାରତୀୟ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କଦ୍ୱାରା ଘୋଷଣା କରାଯାଇଥିଲା । ଏହି ଘୋଷଣା ପରିପ୍ରେକ୍ଷୀରେ ତତ୍କାଳୀନ ନବନିର୍ବାଚିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶାସନ ସ୍ଥିର କରିଥିଲା ଅଟଳ ବିହାରୀଙ୍କ ଜନ୍ମ ବାର୍ଷିକୀକୁ ଭାରତରେ ପ୍ରତିବର୍ଷ ସୁଶାସନ ଦିବସ ଭାବରେ ପାଳନ କରାଯିବ ।

# ଏ ବର୍ଷର ବଡ଼ ଓପନର ଫିଲ୍ମ 'ସାଲାର'



**ମୁମ୍ବାଇ:** ଅଭିନେତା ପ୍ରଭାସଙ୍କ 'ଆଦିପୁରୁଷ' ଏତେ ଭଲ ଆୟ କରି ନ ଥିବାବେଳେ ତାଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ସାଲାର' ଏ ବର୍ଷର ବଡ଼ ଓପନର ଫିଲ୍ମ ହୋଇଛି। ରିଲିଜ୍‌ର ପ୍ରଥମ ଦିନରେ 'ସାଲାର' ସମସ୍ତ ରେକର୍ଡ ଭାଙ୍ଗିଦେଇଛି। ବିଶ୍ୱବ୍ୟାପୀ ୧୭୮.୭ କୋଟି ଟଙ୍କା ବକ୍ସ ଅଫିସ ଆୟ କରିଥିବାବେଳେ ଭାରତରେ ୯୫ କୋଟି ଟଙ୍କା ଆୟ କରିଛି। ତେବେ ପ୍ରଥମ ଦିନରେ ଶାହରୁଖ୍ ଖାନ୍‌ଙ୍କ 'ପଠାନ' ୫୭ କୋଟି, 'ଯୱାନ', ୭୫ କୋଟି, 'ଡଙ୍କି' ୩୦ କୋଟି ଏବଂ ରଣବୀର କପୁରଙ୍କ 'ଆନିମଲ' ୬୩ କୋଟି ଆୟ କରିଥିଲା। ସମସ୍ତଙ୍କ ରେକର୍ଡ ଭାଙ୍ଗିଛି ସାଲାର । ପ୍ରଶାନ୍ତ ନିଲ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ୨ଦିନରେ ମୋଟ ୩୦୦ କୋଟି ଆୟ ପାର୍ କରିଛି। ପ୍ରଭାସ ଏବଂ ଶ୍ରୁତି ହାସନଙ୍କ ଅଭିନୀତ ଚଳଚ୍ଚିତ୍ରକୁ ନେଇ ପୂର୍ବରୁ ବେଶ୍ ଚର୍ଚ୍ଚା ହେଉଥିଲା। ଗତ ୨୨ ତାରିଖରେ ମୁକ୍ତିଲାଭ ହେବା ପରେ 'ସାଲାର' କମାଲ ଦେଖାଇଛି। ଭାରତରେ ୨୫୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଆୟ କରିଥିବାବେଳେ ବିଶ୍ୱସ୍ତରରେ ୩୪୫ କୋଟିରେ ପହଞ୍ଚିଛି। ଏଥିରେ ପ୍ରଭାସ, ଶ୍ରୁତିଙ୍କ ବ୍ୟତୀତ ମୀନାକ୍ଷୀ ଚୌଧୁରୀ, ପୃଥ୍ୱୀରାଜ ସୁକୁମାର, ଜଗପତି ବାବୁଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିଛନ୍ତି। ପ୍ରଭାସ ୨୦୦୨ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ।

# ଆଲଝିମର ପୀଡ଼ିତଙ୍କ ଗାଁ ଲାଣ୍ଡାଇସ୍



ପ୍ୟାରିସ୍

ବିଶ୍ୱରେ ଏପରି ଏକ ଗାଁ ରହିଛି, ଯାହା ସମସ୍ତ ଗାଁଠାରୁ ପୂରା ଅଲଗା। ଦକ୍ଷିଣ ପଶ୍ଚିମ ଫ୍ରାନ୍ସରେ ଥିବା 'ଲାଣ୍ଡାଇସ୍' ନାମକ ଏକ ଗାଁର ପ୍ରତ୍ୟେକ ବ୍ୟକ୍ତି ଆଲଝିମର (ଭୁଲାରୋଗ)ରେ ପୀଡ଼ିତ । ଉକ୍ତ ଗାଁରେ ସବୁଠୁ ବୟସ୍କ ୧୦୨ ବର୍ଷୀୟ ବ୍ୟକ୍ତି ଏବଂ କନିଷ୍ଠ ଭାବେ ୪୦ ବର୍ଷୀୟ ବ୍ୟକ୍ତି ଅଛନ୍ତି। ଗାଁର ମୁଖ୍ୟ ଦ୍ୱାରରେ ଥିବା ଏକ ଦୋକାନରେ ସବୁ ପ୍ରକାର ଜିନିଷ ମିଳେ। ହେଲେ ସାମଗ୍ରୀ କିଣିଲେ ଏଠାରେ ଟଙ୍କା ଦେବାକୁ ପଡ଼େନାହିଁ । ଏଥିପାଇଁ କେହି ବି ତାଙ୍କ ପର୍ସ ଆଣିବାକୁ ମନେ ପକାନ୍ତି ନାହିଁ। ଏଠାରେ ମାଗଣାରେ ଦୋକାନ ସଉଦା , ରେଷ୍ଟୁରାଣ୍ଟ, ଥିଏଟର ଏବଂ ଅନ୍ୟ କାର୍ଯ୍ୟକଳାପରେ ଭାଗନେବାକୁ ପ୍ରୋତ୍ସାହିତ କରାଯାଏ। ଏହି ଗାଁ ଏକ ପ୍ରକାର ପରୀକ୍ଷାମୂଳକ ଗାଁ। ଅର୍ଥାତ୍ ଏହି ଗାଁ ବିଭିନ୍ନ ପ୍ରକାର ପରୀକ୍ଷା ପାଇଁ ବସାଯାଇଛି। ଫଳରେ ଡିମେନସିଆ ରୋଗରେ ପୀଡ଼ିତ ଲୋକଙ୍କୁ ସବୁ ଜିନିଷ ମନେରଖିବାର ଯନ୍ତ୍ରଣାରୁ ଦୂରରେ ରଖିବାରେ ସାହାଯ୍ୟ ମିଳିବ। ବୋର୍ଡେଉକ୍ସ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀ ଏହି ଏକ୍ସପେରିମେଣ୍ଟ କରୁଛନ୍ତି। ପ୍ରଫେସର ହେଲେନ ଅମିଓ୍ୱା ଏହାର ନେତୃତ୍ୱ ନେଇଛନ୍ତି। ଏମାନେ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କ ରୋଗରେ କେତେ ଦୂର ସୁଧାର ଆସିଛି, ତା'ର ଯାଞ୍ଚ ପାଇଁ ପ୍ରତି ୬ ମାସରେ ଗାଁକୁ ଆସିଥାନ୍ତି। ଏହି ଗ୍ରାମବାସୀଙ୍କୁ ନିଜ ହିସାବରେ ବଞ୍ଚିବାକୁ ଖୋଲା ଛଡ଼ାଯାଇଛି। ଏଠାରେ ସମସ୍ତେ ସୁରକ୍ଷିତ ଥିବା ତାଙ୍କ ଘର ଲୋକ ଜାଣି ଖୁସି ବ୍ୟକ୍ତ କରିଥିବା ପ୍ରଫେସର ଅମିଓ୍ୱା କହିଛନ୍ତି। ପ୍ରଫେସରଙ୍କ କହିବା କଥା, ସମସ୍ତଙ୍କ ରୋଗରେ ସୁଧାର ହେଉଛି। ଏହି ଗାଁରେ ପ୍ରାୟ ୧୨୦ ଲୋକ ରୁହନ୍ତି। ଗାଁରେ ବାସ କରୁଥିବା ବ୍ୟକ୍ତିଙ୍କ ପିଛା ତାଙ୍କ ଘରଲୋକଙ୍କୁ ପ୍ରତି ବର୍ଷ ୨୫ ଲକ୍ଷ ଟଙ୍କା ଦେବାକୁ ପଡ଼ିଥାଏ।

# କୁକୁରକୁ ବେଷ୍ଟ ଜୁରି ପୁରସ୍କାର






**ନୂଆଦିଲ୍ଲୀ:** କୁକୁର ଏବଂ ମଣିଷ ମଧ୍ୟରେ ଭଲ ପାଇବାର ଅନେକ ସମ୍ପର୍କ ଦେଖିବାକୁ ମିଳେ। ନିକଟରେ ସେପରି ଏକ ବନ୍ଧୁତା ପାଇଁ କୁକୁରକୁ ବେଷ୍ଟ ଜୁରି ପୁରସ୍କାର ମିଳିଛି। ସଡ଼କ ସୁରକ୍ଷା ସଚେତନତା ଉପରେ ଆଧାରିତ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ବର୍ଗରେ 'ବିଶ୍ୱସ୍ତ ସାଥୀ' ପୁରସ୍କୃତ ହୋଇଛି। ତେବେ ଏହି ଫିଲ୍ମରେ ଏକ କୁକୁରର ପ୍ରମୁଖ ଭୂମିକା ରହିଛି। ଏଥିପାଇଁ ସେହି କୁକୁରକୁ ଏହି ପୁରସ୍କାର ସହ ୧୫ ହଜାର ଟଙ୍କା ଅର୍ଥ ରାଶି ମିଳିଛି। କ୍ଷୁଦ୍ର ଚଳଚ୍ଚିତ୍ର ୨୦୨୩ରେ ବାଲେଶ୍ୱର ୟୁଟ୍ୟୁବର ଗ୍ରୁପ୍ ଭାଗ ନେଇଥିଲା। ଅମୃତାଂଶୁ ମହାପାତ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ 'ବିଶ୍ୱସ୍ତ ସାଥୀ'ରେ ସ୍ୱାତିକା ପାଢ଼ୀ ଏବଂ ତାଙ୍କ ପୋଷା କୁକୁର ସେରୁ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଚଳଚ୍ଚିତ୍ରରେ ସ୍ୱାତିକା ଘରେ ତାଙ୍କ ହେଲ୍‌ମେଟ୍ ଛାଡ଼ିଯାଇଥିବାବେଳେ ସେରୁ ତାଙ୍କୁ ଏନେଇ ବାରମ୍ବାର ମନେ ପକାଇଥିଲା। ତା' ପରେ ବି ସ୍ୱାତିକା ହେଲ୍‌ମେଟ୍ ଛାଡ଼ି ଚାଲିଯିବା ପରେ କୁକୁରଟି ତାଙ୍କ ପଛରେ ଦୌଡ଼ି ଦୌଡ଼ି ଯାଇ ହେଲ୍‌ମେଟ୍ ପିନ୍ଧାଇଥିଲା। ଏପରି ଏକ ସାମାଜିକ ବାର୍ତ୍ତାବହ ଫିଲ୍ମକୁ ୧ ଲକ୍ଷ ଟଙ୍କା ପୁରସ୍କାର ମିଳିଛି। ମୋଟ ୨୪୭ଟି କ୍ଷୁଦ୍ର ଫିଲ୍ମ ମଧ୍ୟରେ ଅମୃତାଂଶୁଙ୍କ ଏହି ଫିଲ୍ମ ସାମିଲ ଥିଲା।

DSPL-454

ମିଶନ ଶକ୍ତି
ODISHA MILLETS MISSION
ଆମ ଓଡ଼ିଶା ନବୀନ ଓଡ଼ିଶା

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪



- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୩୧ ଡିସେମ୍ବର ୨୦୨୩ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

ପଞ୍ଜିକରଣ ପ୍ରକ୍ରିୟା :

- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

ପଞ୍ଜିକରଣ ଅବଧି :

- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଡିସେମ୍ବର ମାସ ୩୧ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।



ଭାଗ ଚାଷୀ :
ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

କ୍ଷୁଦ୍ର ଓ ନାମମାତ୍ର ଚାଷୀ :
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/-
କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

For more details visit- www.milletsodisha.com | Follow us on Odisha Millets Mission

OIPR-01510/13/0008/2324

**ଆଜିର ସମ୍ପାଦକୀୟ**
**ଅସ୍ୱାଭାବିକ ବିନ୍ଦୁରେ କଶ୍ମୀର**

**ଆଜିର ମନ୍ତବ୍ୟ**
"ଉତ୍ତରପ୍ରଦେଶ ଏବଂ ବିହାରରରୁ ତାମିଲନାଡୁ ଆସୁଥିବା ହିନ୍ଦୀଭାଷୀ ଲୋକେ ଏଠାରେ ନିର୍ମାଣ ଶ୍ରମିକ ଭାବେ କାମ କରୁଛନ୍ତି କିମ୍ବା ରାସ୍ତା ଓ ପାଇଖାନା ସଫା କରୁଛନ୍ତି। **-ଦୟାନିଧି ମାରାନ, ଡିଏମ୍‌କେ ଏମ୍‌ପି**




**ବାଲୁକା କଳାରେ ବଡ଼ଦିନର ଶୁଭେଚ୍ଛା:** ରବିବାର ପୁରୀ ବେଳାଭୂମିରେ ସବୁଜ ବାର୍ତ୍ତା ପ୍ରଦାନ ଲକ୍ଷ୍ୟରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପ୍ରାୟ ୨ ଟନ୍ ପିଆଜ ଓ ବାଲିରେ ୪୦ ଫୁଟ ଚଉଡ଼ା ଏବଂ ୨୦ ଫୁଟ୍ ଉଚ୍ଚତା ତଥା ୧୦୦ ଫୁଟ ଲମ୍ବର ନିର୍ମାଣ କରିଥିବା ସାଣ୍ଟାକ୍ଲଜ୍। ଏହି ବାଲୁକା କଳା ୱାର୍ଲ୍ଡ ରେକର୍ଡ୍ସ ବୁକ୍ ଅଫ୍ ଇଣ୍ଡିଆରେ ସ୍ଥାନ ପାଇଛି।

# ଚାପରେ କୁସ୍ତି ମହାସଂଘ ଭଙ୍ଗ

**ନୂଆଦିଲ୍ଲୀ,୨୪।୧୨**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ଡିସେମ୍ବର ୨୧ରେ ମହାସଂଘର ନୂଆ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ଏହାକୁ ନେଇ ଦେଶବ୍ୟାପୀ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଜଣେ ଯୌନ ଉତ୍ପୀଡ଼ନକାରୀଙ୍କ ଅନୁଗତ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ନ୍ୟାୟ ନ ମିଳିବା ଆଶଙ୍କା କରି କୁସ୍ତିଯୋଦ୍ଧାମାନେ ପଦ୍ମଶ୍ରୀ ପୁରସ୍କାର ଫେରାଇବାକୁ ଘୋଷଣା କଲେ। ତେବେ ବିରୋଧ ବଢ଼ିବାରେ ଲାଗିଥିବା ଦେଖି କେନ୍ଦ୍ର ସରକାର ରବିବାର ଡବ୍ଲ୍ୟୁଏଫ୍‌ଆଇକୁ ଭଙ୍ଗ କରିବାକୁ ବାଧ ହୋଇଛନ୍ତି। ଏଥିସହ ଡବ୍ଲ୍ୟୁଏଫ୍‌ଆଇର ପରିଚାଳନା ପାଇଁ ଅସ୍ଥାୟୀ କମିଟି ଗଠନ କରିବାକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ୍ (ଆଇଓଏ)କୁ ଚିଠି ଲେଖାଯାଇଛି। ଏହି ନିଲମ୍ବନ ପୂର୍ବରୁ ନୂଆ ମହାସଂଘ ନେଇଥିବା ସମସ୍ତ ନିଷ୍ପତ୍ତିକୁ ଅନ୍ୟାଦେଶ ପର୍ଯ୍ୟନ୍ତ ରଦ୍ଦ କରାଯାଇଛି। ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ଅନୁଗତଙ୍କ ହାତକୁ ଡବ୍ଲ୍ୟୁଏଫ୍‌ଆଇର ପରିଚାଳନା


ସଞ୍ଜୟ ସିଂ

ଦାୟିତ୍ୱ ଯିବା ପରେ କୁସ୍ତିଯୋଦ୍ଧାମାନେ ପଦ୍ମଶ୍ରୀ ପୁରସ୍କାର ଫେରାଇବାକୁ ଘୋଷଣା କରିଥିବାରୁ ସରକାର ବାଧହୋଇ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା କୁହାଯାଉଛି।

ଉଲ୍ଲେଖଯୋଗ୍ୟ, ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମହିଳା କୁସ୍ତିଯୋଦ୍ଧାମାନେ ୨୦୨୨ରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ☞ପୃଷ୍ଠା-୨

## ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ

**ଜିତିବା ମାତ୍ରେ ବେଆଇନ ନିଷ୍ପତ୍ତି ନେଇଥିଲେ ସଞ୍ଜୟ**

ସଞ୍ଜୟ ସିଂ କୁସ୍ତି ମହାସଂଘ ଅଧ୍ୟକ୍ଷ ନିର୍ବାଚିତ ହେବା ଦିନ ହିଁ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଉତ୍ତର ପ୍ରଦେଶର ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ହେବ ବୋଲି ସେ ଘୋଷଣା କରିଥିଲେ। ଏଭଳି ତରବରିଆ ନିଷ୍ପତ୍ତିକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍‌ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର/ଜୁନିୟର/ସବ୍‌ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ☞ପୃଷ୍ଠା-୨

## ଯବାନ-ମାଓବାଦୀ ଗୁଳି ବିନିମୟ: ୩ ମାଓବାଦୀ ମୃତ

**ମାଲକାନଗିରି,୨୪।୧୨(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ଛତିଶଗଡ଼ ସୀମାନ୍ତରେ ରବିବାର ସନ୍ଧ୍ୟାରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇ ୩ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ଖବର ଲେଖାହେବା ସୁଦ୍ଧା ଉକ୍ତ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି । ସୂଚନା ଅନୁଯାୟୀ, ଦାନ୍ତେୱାଡା ଜିଲା ଡାବୁକୁନା ଅଞ୍ଚଳରେ ଡିଆର୍‌ଜି ଯବାନମାନେ ସର୍ଚ୍ଚ ଅପରେଶନରୁ ଫେରୁଥିବା ବେଳେ ସନ୍ଧ୍ୟାରେ ଜଙ୍ଗଲରେ ଲୁଚି ରହିଥିବା ମାଓବାଦୀମାନେ ଯବାନଙ୍କ ଉପରକୁ ଅତର୍କିତ ଗୁଳି ଚଳାଇଥିଲେ। ଯବାନମାନେ ମଧ୍ୟ ଏହାର ପାଲଟା ଜବାବ ଦେଇ ଗୁଳି ଚଳାଇଥିଲେ। ଦୀର୍ଘ ସମୟ ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇ ଯାଇଥିବା ବେଳେ ମୃତ ମାଓବାଦୀଙ୍କ ପରିଚୟ ମିଳିପାରି ନାହିଁ।

## ଆଇଇଡି ବିସ୍ଫୋରଣ, ୨ ଯବାନ ଗୁରୁତର

**ତୁମୁଡ଼ିବନ୍ଧ/ବାଲିଗୁଡ଼ା/ଫୁଲବାଣୀ,୨୪।୧୨
(ଦୀପକ ପରାସେଠ/ସଞ୍ଜୟ ପାଣିଗ୍ରାହୀ/
ରାକେଶ କୁମାର ରାଉତ)**

କନ୍ଧମାଳ ଜିଲାରେ ମାଓବାଦୀ ପୁଣି ନିଜ ସ୍ଥିତି ଜାହିର କରିଛନ୍ତି। ଜିଲାର ତୁମୁଡିବନ୍ଧ ବ୍ଲକ ସିର୍ଲା ଜଙ୍ଗଲରେ କୋମ୍ବିଂ ଅପରେଶନ ବେଳେ ଆଇଇଡି ବିସ୍ଫୋରଣ ହୋଇଛି। ମାଓବାଦୀମାନେ ଏକ ଗଛରେ ଝୁଲାଇଥିବା ଆଇଇଡି ସଂସ୍ପର୍ଶରେ ଆସିବାରୁ ତାହା ବିସ୍ଫୋରଣ ହୋଇଛି। ଏଥିରେ ୨ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଅମିୟ ରଞ୍ଜନ ଦାସ ଓ ପ୍ରଶାନ୍ତ ଜେନା। ଉଭୟଙ୍କୁ ପ୍ରଥମେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ପ୍ରଶାନ୍ତଙ୍କୁ ଫୁଲବାଣୀ ମେଡିକାଲ ପଠାଯାଇ ଚିକିତ୍ସା ଚାଲିଥିବା ବେଳେ ଅମିୟଙ୍କ ଅବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ଏମ୍‌ସ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ପରେ ଉକ୍ତ ଜଙ୍ଗଲରେ ଯବାନ ଏବଂ ମାଓବାଦୀଙ୍କ ପକ୍ଷରୁ ଗୁଳି ବିନିମୟ ଜାରି ରହିଛି।

ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ସିର୍ଲା ନିକଟ ଟେକେଲାମିଲା ଜଙ୍ଗଲରେ ମାଓବାଦୀ ଚଳପ୍ରଚଳ ହେଉଥିବା ଖବର ମିଳିଥିଲା। ତେଣୁ ଉକ୍ତ ଅଞ୍ଚଳରେ ପୋଲିସ ଏବଂ ଯବାନଙ୍କ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିଲା। ସମାକାରାଓ ପାହାଡ଼ରେ ଏକ ଗଛରେ ପୂର୍ବରୁ ମାଓବାଦୀମାନେ ଲଗାଇଥିବା ଆଇଇଡି ସଂସ୍ପର୍ଶରେ ଯବାନ ଆସିଯିବାରୁ ତାହା ବିସ୍ଫୋରଣ ହୋଇଥିଲା। ଏ ସମ୍ପର୍କରେ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସିର୍ଲା ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଜାରି ରହିଛି। ଯବାନମାନେ କୋମ୍ବିଂ ଚଳାଇଥିବା ବେଳେ ଗୋଟିଏ ଗଛରେ ଲାଗିଥିବା ଆଇଇଡି ଯବାନଙ୍କ ଆଖିରେ ବାଜିବାରୁ ଏଭଳି ଘଟଣା ଘଟିଛି। ତେବେ ଯବାନମାନେ ଭଲ ଅଛନ୍ତି, କୋମ୍ବିଂ ଅପରେଶନ ଚାଲିଛି ବୋଲି ଏସ୍‌ପି କହିଛନ୍ତି। ☞ପୃଷ୍ଠା-୨

# ୬ରେ ଏଲ୍‌୧ ପଏଣ୍ଟରେ ପହଞ୍ଚିବ ଆଦିତ୍ୟ



**ନୂଆଦିଲ୍ଲୀ,୨୪।୧୨**

ଭାରତର ସୌର ମିଶନ ମହାକାଶ ଯାନ ଆଦିତ୍ୟ-ଏଲ୍‌୧ ଆସନ୍ତା ଜାନୁୟାରୀ ୬ରେ ଏହା ଲକ୍ଷ୍ୟସ୍ଥଳ ଲାଗ୍ରାଙ୍ଗିଆନ୍ ପଏଣ୍ଟ (ଏଲ୍‌୧)ରେ ପହଞ୍ଚିବ ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ଏହି ସ୍ଥାନ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ, ଯେଉଁଠୁ ଆଦିତ୍ୟ-ଏଲ୍‌୧ ସୂର୍ଯ୍ୟଙ୍କ ବାହ୍ୟ ପରିବେଶ ଉପରେ ଅଧ୍ୟୟନ କରିବାକୁ ସମର୍ଥ ହେବ। ଜାନୁୟାରୀ ୬ ତାରିଖର କେଉଁ ସମୟରେ ଆଦିତ୍ୟ-ଏଲ୍‌୧ ଲକ୍ଷ୍ୟସ୍ଥଳରେ ପହଞ୍ଚିବ ତାହା ଉପଯୁକ୍ତ ସମୟରେ ଜଣାଇ ଦିଆଯିବ ବୋଲି ସୋମନାଥ ଗଣମାଧ୍ୟମକୁ କହିଛନ୍ତି। ସେଠାରେ ପହଞ୍ଚିବା ପରେ ଇସ୍ରୋ ପକ୍ଷରୁ ଆଉ ଏକ ଇଞ୍ଜିନ୍ ଫାୟାର କରାଯିବ। ଯାହାଫଳରେ ମହାକାଶ ଯାନ ଆଉ ଆଗକୁ ନ ବଢ଼ି ସେହିଠାରେ ରହି ଉକ୍ତ ପଏଣ୍ଟକୁ ପରିକ୍ରମା କରିବ। ଇତିମଧ୍ୟରେ ଭାରତୀୟ ବୈଜ୍ଞାନିକମାନେ ୧୩ଟି ସୌରଝଡ଼କୁ ଅନୁଧ୍ୟାନ କରି ମହାକାଶ ଜଳବାୟୁକୁ ପ୍ରଭାବିତ କରୁଥିବା ମୁଖ୍ୟ କାରଣ ସମ୍ପର୍କରେ ଜାଣିବାକୁ ପାଇଛନ୍ତି। ଗତ ସେପ୍ଟେମ୍ବର ୨ରେ ଇସ୍ରୋ ଶ୍ରୀହରିକୋଟାର ସ୍ପେସ୍‌ପୋର୍ଟରୁ ଆଦିତ୍ୟ-ଏଲ୍‌୧କୁ ସୂର୍ଯ୍ୟ ଅଭିମୁଖେ ପଠାଇଥିଲା। ଏଥିରେ ୭ଟି ପେ'ଲୋଡ୍ ରହିଛି, ଯାହା ଏଲ୍‌୧ ପଏଣ୍ଟରେ ରହି ସୂର୍ଯ୍ୟରେ ଘଟୁଥିବା ବିଭିନ୍ନ କାର୍ଯ୍ୟକୁ ଆକଳନ କରିବ।

DADLS-65
ସତ୍ୟମେବ ଜୟତେ



ପବିତ୍ର ବଡ ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ । ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

ଓଡ଼ିଶା ସରକାର



ବଡ ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ବିକଶିତ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ସରକାର



ପବିତ୍ର ବଡ଼ଦିନ ଉପଲକ୍ଷେ
ବାର୍ତ୍ତା

ପବିତ୍ର ବଡ ଦିନ ଉପଲକ୍ଷେ ରାଜ୍ୟର ସମସ୍ତ ଜନସାଧାରଣ ବିଶେଷ କରି ସମସ୍ତ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ଅବସରରେ ମୁଁ ସେମାନଙ୍କର ଅଶେଷ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ବସୁଧୈବ କୁଟୁମ୍ବକମ୍ ଭାବକୁ ଅତୁଟ ରଖି ଆସନ୍ତୁ ସମସ୍ତେ ମିଶି ପ୍ରଭୁ ଯିଶୁଙ୍କର ଧରାବତରଣକୁ ଆନନ୍ଦ ଓ ଉଲ୍ଲାସ ସହକାରେ ପାଳନ କରିବା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR-15001/13/0226/2324

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋ ମନ ଅଛି, ମୋ ମନ ଅଛି**
**କୁଟା ଜାଳକୁ ଅପସର ଅଛି**
**ତୋ ମନ ନାହିଁ, ମୋ ମନ ନାହିଁ**
**କାଠ ଜାଳକୁ ବି ଅପସର ନାହିଁ।**

ଦାମ୍ପତ୍ୟ ଜୀବନରେ ଉତ୍ତମ ବୁଝାମଣା ରହିଲେ ସମ୍ପର୍କ ଦୀର୍ଘସ୍ଥାୟୀ ବା ମଜଭୁତ ହୋଇଯାଏ। ଦୁଇଜଣଙ୍କ ମନ ମିଶିଗଲେ ଯେତେ ଅଭାବ କଷଣ ପଡ଼ିଲେ ମଧ୍ୟ ତାହାକୁ ମୁକାବିଲା କରିବା ସହଜ ହୋଇଯାଏ। ମନ ମିଳିଥିଲେ ସବୁ ଠିକ୍, ଅମେଳ ଖାଇଲେ ବିଭ୍ରାଟ ଘଟିବା ସ୍ଥିର ନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ତଳେ ତଳେ ଯାଏ ତଳ ଗଡ଼ିଶା**
**ସମ୍ପି ମରୁଥାଏ ସାଇ ପଡ଼ିଶା।**

ଧୂର୍ତ୍ତ ପ୍ରକୃତି ଥିବା ବ୍ୟକ୍ତିର କାର୍ଯ୍ୟକଳାପକୁ କେହି ସହଜରେ ଜାଣିପାରି ନ ଥାନ୍ତି। ଏପରି କଳ କୌଶଳ ବା ଖଞ୍ଜରେ କାମ କରନ୍ତି ଯେ ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଅତ୍ୟନ୍ତ ହୁସିଆରରେ ବା ଲୁଚାଛପାରେ ନିଜର ଇପ୍ସିତ କାର୍ଯ୍ୟ ହାସଲ କରିନେବାରେ ସେମାନେ ସିଦ୍ଧହସ୍ତ ହୋଇଥାନ୍ତି। ଲୋକଲୋଚନରେ ଏପରି ବ୍ୟକ୍ତି ନିନ୍ଦିତ ହେବା ଥୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ




ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪।୧୨ (ଅସମାପିକା ସାହୁ)

ରାଜ୍ୟରେ ଏବେ ପୁଣି କରୋନା ବ୍ୟାପିଲାଣି। ଦୁଇଦିନ ହେବ ଲଗାତର ନୂଆ ଆକ୍ରାନ୍ତ ଚିହ୍ନଟ ହେଉଥିବାରୁ ଚିନ୍ତା ବଢ଼ିଛି। ୨୦ଦିନ ପରେ ଶନିବାର ରାଜ୍ୟରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେହିଭଳି ଗତ ୨୪ ଘଣ୍ଟାରେ ଆଉଜଣେ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଥିବା ରବିବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବିଭାଗ ପକ୍ଷରୁ ସମ୍ପୃକ୍ତ ଆକ୍ରାନ୍ତଙ୍କ ତଥ୍ୟ ଦିଆଯାଇ ନ ଥିଲେ ମଧ୍ୟ ରାଜ୍ୟରେ ଏବେ ଦୁଇ ଆକ୍ଟିଭ କେସ୍ ରହିଥିବା କୁହାଯାଇଛି। ସେପଟେ ଦେଶରେ କରୋନା ସଂକ୍ରମଣ ବଢୁଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସଚେତନ ରହିବାକୁ ପରାମର୍ଶ ଦେବା ସହ ସତର୍କ କରାଇଛି। ବୟସ୍କ ଓ ଏକାଧିକ ରୋଗରେ ପୀଡ଼ିତ ଥିଲେ ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ବିଭାଗ ଅନୁରୋଧ କରିଛି। ସେହିଭଳି ଜନଗହଳି ସ୍ଥାନକୁ ନ ଯିବାକୁ ମନା କରାଯାଇଛି। ଜନଗହଳି କିମ୍ବା କୌଣସି ସମାଗମ ସ୍ଥଳକୁ ଗଲେ ମାସ୍କ ଲଗାଇ ଯିବା ସହିତ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପରାମର୍ଶ ଦେଇଛି।

# କମିଲା ଶୀତ, ବଢ଼ିଲା କୁହୁଡ଼ି

ଭୁବନେଶ୍ୱର, ୨୪।୧୨ (ଅସମାପିକା ସାହୁ)

ରାଜ୍ୟରେ ଏବେ ଥଣ୍ଡା ସାମାନ୍ୟ କମିଛି। ଏଥିସହ ରାତ୍ର ତାପମାତ୍ରାରେ ସାମାନ୍ୟ ବୃଦ୍ଧି ହୋଇଛି। ପ୍ରାୟ ସପ୍ତାହେ ଧରି ୧୦ରୁ ଊର୍ଦ୍ଧ୍ୱ ସ୍ଥାନର ତାପମାତ୍ରା ୧୦ ଡିଗ୍ରୀ ବା ଏହା ତଳକୁ ରହିଥିବା ବେଳେ ଶନିବାର ରାତିରେ ଏଥିରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ରାଜ୍ୟର ୮ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ଥିବା ରେକର୍ଡ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, କୋରାପୁଟରେ ସର୍ବନିମ୍ନ ରାତ୍ରି ତାପମାତ୍ରା ୬.୬ ଡିଗ୍ରୀ ରହିଥିଲା। ସେହିପରି ଦାରିଙ୍ଗବାଡ଼ିରେ ୭, ଜି. ଉଦୟଗିରି ୭.୪, କେନ୍ଦୁଝର ୮.୮, ସୁନ୍ଦରଗଡ଼ ୯, କିରେଇ ୯.୪, ଫୁଲବାଣୀ ୯.୫ ଓ ସିମିଳିଗୁଡ଼ାରେ ୯.୬ ଡିଗ୍ରୀ ରେକର୍ଡ କରାଯାଇଥିଲା। କଟକ ଓ ଭୁବନେଶ୍ୱରରେ ମଧ୍ୟ ରାତ୍ର ତାପମାତ୍ରାରେ ବୃଦ୍ଧି ଘଟିଛି। ତିନିଦିନ ତଳେ ଏହି ଦୁଇ ସହରର ସର୍ବନିମ୍ନ ରାତ୍ର ତାପମାତ୍ରା ୧୨ ଡିଗ୍ରୀ ପାଖାପାଖି ଥିବା ବେଳେ ଶନିବାର ରାତିରେ କଟକରେ ସର୍ବନିମ୍ନ ତାପମାତ୍ରା ୧୫.୧ ଏବଂ ଭୁବନେଶ୍ୱରରେ ୧୬ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ଶୀତ କମିଥିବାବେଳେ କୁହୁଡ଼ି ବଢ଼ିଯାଇଛି। ରବିବାର ଭୋର୍‌ରୁ ରାଜ୍ୟର ଅନେକ ସ୍ଥାନରେ କୁହୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ରାଉରକେଲାରେ ଅତି ଘନ କୁହୁଡ଼ି, କୋରାପୁଟ, ନୟାଗଡ଼, ଫୁଲବାଣୀ, ବଲାଙ୍ଗୀର, ଟିଟିଲାଗଡ଼ରେ ଘନ କୁହୁଡ଼ି ଏବଂ ଭବାନୀପାଟଣା, ସୁନ୍ଦରଗଡ଼, ସୋନପୁର ଓ କେନ୍ଦୁଝରରେ ମଧ୍ୟମ ଧରଣର କୁହୁଡ଼ି ପଡ଼ିଥିଲା। ରାଉରକେଲାରେ ୪୦ ମିଟର ପରେ ଆଉ କିଛି ଦେଖାଯାଉ ନ ଥିଲା। ସେହିପରି କୋରାପୁଟରେ ୫୦ ମିଟର ପରେ କିଛି ଦୃଶ୍ୟମାନ ହେଉ ନ ଥିବାବେଳେ ନୟାଗଡ଼ରେ ୬୦, ଫୁଲବାଣୀରେ ୭୦, ବଲାଙ୍ଗୀରରେ ୯୦, ଟିଟିଲାଗଡ଼ରେ ୧୦୦ ଓ ଭବାନୀପାଟଣାରେ ୨୦୦ ମିଟର ପରେ କିଛି ଦୃଶ୍ୟମାନ ହେଉ ନ ଥିଲା ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସୋମବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ି ହେବ। କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଦେବଗଡ଼, ବଲାଙ୍ଗୀର, ବୌଦ୍ଧ, ସୋନପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଞ୍ଜାମ, ଗଜପତି, ନୟାଗଡ଼, ଖୋର୍ଦ୍ଧା ଏବଂ ପୁରୀର କିଛି ସ୍ଥାନରେ ଘନ କୁହୁଡ଼ି ଦେଖାଦେବ। ତେଣୁ ଏସବୁ ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

# 'ମାମୁନି ଚରିତ୍ରରୁ ମୋର ପରିଚୟ'

## 'ଧରିତ୍ରୀ' ଆଳାପ

## ଓଲିଉଡ୍‌ର ନବାଗତା ନାୟିକା ସମର୍ପିତା ଦାଶ

ଅଭିନେତ୍ରୀ ସମର୍ପିତା ଦାଶଙ୍କ ପ୍ରଥମ ଚଳଚ୍ଚିତ୍ର 'ଏଇ ଆକାଶ ତଳେ' ନିକଟରେ ରିଲିଜ ହୋଇଯାଇଛି। ସ୍ମିତି ପଟ୍ଟନାୟକ ଚରିତ୍ରରେ ଅଭିନୟର ଯାଦୁ ଦେଖାଇଥିବା ସମର୍ପିତାଙ୍କୁ ନେଇ ଏବେ ଓଲିଉଡ୍ ଇଣ୍ଡଷ୍ଟ୍ରିରେ ଚାଲିଛି ଚର୍ଚ୍ଚା। ଏହି ନବାଗତା ନାୟିକାଙ୍କ ଅଭିନୟ ଯାତ୍ରା ଆରମ୍ଭରୁ ହିଁ ରୋମାଞ୍ଚକର ରହିଛି। ସୋସିଆଲ ମିଡିଆରେ ତାଙ୍କ ଭିଡିଓ ସିରିଜ୍‌ର ମାମୁନି ଚରିତ୍ର ହିଁ ଦେଇଥିଲା ପ୍ରଥମ ପରିଚୟ। ଏବେ ପ୍ରଥମ ପ୍ରବେଶରୁ ଚଳଚ୍ଚିତ୍ରରେ ଅଭିନେତ୍ରୀଙ୍କ ଭୂମିକା ଜଣେ ସଫଳ କଳାକାର ଭାବେ ଦର୍ଶକଙ୍କ ପାଖେ ନିଆରା ପରିଚୟ ସୃଷ୍ଟି କରିଛି। ଜଣେ ମଞ୍ଚ ନାଟ୍ୟ କଳାକାର ଭାବେ ମଧ୍ୟ ସେ ବେଶ୍ ପରିଚିତ। ତାଙ୍କ ଅଭିନୀତ 'ସମୁଦ୍ରରେ ରାଜହଂସୀ' ନାଟକ ଦେଶର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇଛି। ସେହିପରି 'ଇନ୍ଦ୍ରଧନୁ' ଚଳଚ୍ଚିତ୍ର ମଧ୍ୟ ରିଲିଜ ଅପେକ୍ଷାରେ ରହିଛି। ସମର୍ପିତାଙ୍କ ସହ ଏଥରର ଧରିତ୍ରୀ ଆଳାପ।



**କେମିତି ଅଛନ୍ତି। ଏବେ କ'ଣ ଚାଲିଛି?**
ବହୁତ ଭଲ ଅଛି। ଏବେ ଏବେ ମୋ ପ୍ରଥମ ଚଳଚ୍ଚିତ୍ର 'ଏଇ ଆକାଶ ତଳେ' ରିଲିଜ ହୋଇସାରିଛି। ଆଶାଠୁ ଅଧିକ ମୋତେ ସହଯୋଗ ଆଉ ବହୁତ ଭଲ ପାଇବା ମିଳିଛି। ଯେଉଁଥିପାଇଁ ମୁଁ ମୋଟିଭେଟେଡ୍ ଅଛି। ଆଗକୁ ୨ଟା ନାଟକ ମଧ୍ୟ ଅଛି। ସେଥିପାଇଁ ରିହର୍ସାଲରେ ବ୍ୟସ୍ତ ରହୁଛି।

**ଅଭିନୟକୁ କିଭଳି ଆସିଲେ, ମାମୁନି ଚରିତ୍ର ସମ୍ପର୍କରେ...?**
ପାଠ ପଢ଼ିବା ସମୟରେ ଷ୍ଟୋରୀ ଲାବ୍ ପ୍ରଡକ୍ସନ ହାଉସ୍ ସହ ଯୋଡ଼ିହୋଇଥିଲି। ଚଳଚ୍ଚିତ୍ର କରିବା ଆଗରୁ ଦର୍ଶକ କେମିତି ବିଷୟବସ୍ତୁ ଚାହୁଁଛନ୍ତି, ତାହା ଜାଣିବାକୁ ଆମେ କିଛି ଭିଡିଓ କରି ସୋସିଆଲ ମିଡିଆରେ ଛାଡୁଥିଲୁ। ୨୦୧୫ରେ ଯେତେବେଳେ କଣ୍ଟେଣ୍ଟ କ୍ରିଏଟ୍ ହେଉ ନ ଥିଲା, ସେତେବେଳେ ମୋର 'ମାମୁନି' ଚରିତ୍ର ଲୋକଙ୍କୁ ବହୁତ ଭଲ ଲାଗିଥିଲା। ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ବିଭିନ୍ନ ପ୍ରସଙ୍ଗକୁ ନେଇ ମାମୁନି; ଜଷ୍ଟ ଲାଇକ୍ ଦ୍ୟାଟ୍ ସିରିଜ୍...ନାମରେ ସିରିଜ୍ ଭିଡିଓ ଅପ୍‌ଲୋଡ୍ ହେଉଥିଲା। ଯେଉଁଥିରେ ଦର୍ଶକ ମୋର ମାମୁନି ଚରିତ୍ରକୁ ବେଶ୍ ପସନ୍ଦ କରୁଥିଲେ। ସମର୍ପିତାକୁ ଲୋକ ଯେତିକି ଜାଣି ନାହାନ୍ତି ମାମୁନି କହିଲେ ସମସ୍ତେ ଜାଣନ୍ତି। ମାମୁନି ଚରିତ୍ର ପାଇଁ ଆଜି ମୁଁ ଏଠି ପହଞ୍ଚିପାରିଛି। ସେ ଚରିତ୍ର ହିଁ ଅଭିନୟ କରିବାକୁ ମୋତେ ବୁଷ୍ଟ ଦେଇଥିଲା। ଜଣେ କଳାକାରକୁ ଯାହା ସବୁ କରିବା ଦରକାର ଆମେ ସେତେବେଳୁ ସେ ସବୁ ପ୍ରାକ୍ଟିସ କରିବା ଆରମ୍ଭ କରି ଦେଇଥିଲୁ। ୨୦୨୦ରେ ଚଳଚ୍ଚିତ୍ର ପାଇଁ କାମ ଆରମ୍ଭ କଲୁ। ଏଥିସହ ମୁଁ ନାଟକ ମଧ୍ୟ କରେ।

**ଚଳଚ୍ଚିତ୍ରର ଯାତ୍ରା ଆଉ ରିଲିଜ ପରର ଅନୁଭୂତି?**
ମୁଁ ବହୁତ ଲକି ଆଉ ପ୍ରିଭିଲେଜ୍ଡ ଯେ, ମୋତେ ଏଭଳି ଏକ ଷ୍ଟ୍ରଙ୍ଗ କ୍ୟାରେକ୍ଟର ମିଳିଲା। ଇଣ୍ଡଷ୍ଟ୍ରିରେ ୫ରୁ ୬ବର୍ଷ କାମ ପରେ ଅଭିନେତ୍ରୀଙ୍କୁ ଲିଡ୍ ଚରିତ୍ର ମିଳିଥାଏ। ମାତ୍ର ପ୍ରଥମରୁ ପୁଣି ଏକ ମହିଳାକୈନ୍ଦ୍ରିକ ଚଳଚ୍ଚିତ୍ର ମିଳିବା ସତରେ ମୋର ଭାଗ୍ୟ। ବଡ଼ ଦାୟିତ୍ୱ ବି ଥିଲା କି ଲୋକେ ଏହି ଜୋନରର୍ ଚଳଚ୍ଚିତ୍ର ପସନ୍ଦ କରିବେକି ନାହିଁ। ଚ୍ୟାଲେଞ୍ଜିଂ ଥିଲା, ଆଉ ମଜା ବି ଆସିଥିଲା। ସବୁ ପରେ ଫିଲ୍ମ ରିଲିଜ ପରେ ଲୋକଙ୍କ ଭଲପାଇବା ମିଳିଲା। ମୋର ନିଜ ଉପରେ ଆହୁରି ଦୃଢ଼ ବିଶ୍ୱାସ ଆସିଯାଇଛି। ଫିଲ୍ମ ଦେଖି ଅନେକ ଦର୍ଶକ ମୋତେ ଧରି କାନ୍ଦିଛନ୍ତି।

**ଛୋଟବେଳୁ କ'ଣ ଅଭିନୟ ପ୍ରତି ଇଚ୍ଛା ଥିଲା ?**
ହଁ, ଯେବେବି ସିନେମା ଦେଖେ ଭାବେ ଜଣେ ଚରିତ୍ର କିଭଳି ସମୟ ଅନୁସାରେ ଅଲଗା ଅଲଗା ଚରିତ୍ରରେ ଅଭିନୟ କରୁଛି। ଜଣେ କଳାକାର ହେଲେ ବହୁତ ଚରିତ୍ର ସହ ବଞ୍ଚିବା, ଅନୁଭୂତି ନେବା ସେସବୁ ମୋତେ ଅଭିନୟ ପ୍ରତି ଆକର୍ଷିତ କରୁଥିଲା।

**ଓଲିଉଡ୍‌ର ପ୍ରିୟ କଳାକାର?**
ଅପରାଜିତା ମହାନ୍ତି ମୋର ବହୁତ ପ୍ରିୟ। ତାଙ୍କ ସହ ଅଭିନୟ କରିବାକୁ ଇଚ୍ଛା ଅଛି।

**ପରିବାରର ସହଯୋଗ କିଭଳି ରହିଛି?**
କେବଳ ପରିବାର ନୁହେଁ, ମୋର ସାଙ୍ଗସାଥୀ, ସମ୍ପର୍କୀୟ ସମସ୍ତଙ୍କ ସହଯୋଗ ସବୁବେଳେ ରହି ଆସିଛି।

**ଅବସର ସମୟରେ କ'ଣ କରନ୍ତି?**
ବହି ପଢ଼ିବାକୁ ଭଲପାଏ। ବେଳେବେଳେ ପାର୍କରେ ଏକା ବସେ, ଭିଡିଓ ଏଡିଟିଂ କରିବାକୁ ଭଲ ଲାଗେ।

**ସାକ୍ଷାତ୍ : ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର**

## ପ୍ରଥମ ପୃଷ୍ଠାରୁ...

### ଚାପରେ କୁସ୍ତି ...

ଏପରି କି ବ୍ରିଜ୍‌ଭୂଷଣଙ୍କ ଇସ୍ତଫା ଦାବିରେ ଯନ୍ତରମନ୍ତରଠାରେ ୨୦୨୩ ଜାନୁୟାରୀ ୧୮ରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ। ହେଲେ କେନ୍ଦ୍ର ସରକାର ଏହାକୁ ହେୟଜ୍ଞାନ କରିବାରୁ ସେମାନେ ଧାରଣାରୁ ଓହରି ଯାଇଥିଲେ। ଏଥିସହ ଦିଲ୍ଲୀ ପୋଲିସ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଅଭିଯୋଗ ଗ୍ରହଣ ନ କରିବାରୁ ମହିଳା କୁସ୍ତିଯୋଦ୍ଧାମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ମେ' ୫ରେ ମାମଲା ରୁଜୁ କରାଯାଇଥିଲେ ମଧ୍ୟ ନିଜକୁ ଦୋଷମୁକ୍ତ କରିବା ଭଳି ସୁଯୋଗ ଦିଲ୍ଲୀ ପୋଲିସ ତାଙ୍କୁ ଦେଇଥିଲା। ଇତିମଧ୍ୟରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଡବ୍ଲ୍ୟୁଏଫ୍‌ଆଇର ନୂଆ କର୍ମକର୍ତ୍ତା ନିର୍ବାଚନ ଡିସେମ୍ବର ୨୧ରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୌଣସି ପଦବୀ ପାଇଁ ବ୍ରିଜ୍‌ଭୂଷଣ କିମ୍ବା ତାଙ୍କ ପରିବାର ସଦସ୍ୟ ଭାଗନେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତଙ୍କ କଡ଼ା ନିର୍ଦ୍ଦେଶ ରହିଥିଲା। ତେଣୁ କାଇସର (ୟୁପି)ର ୬୬ ବର୍ଷୀୟ ବାହୁବଳୀ ସାଂସଦ ବ୍ରିଜ୍‌ଭୂଷଣ ନିଜ ଘନିଷ୍ଠ ସହଯୋଗୀ ସଞ୍ଜୟ ସିଂଙ୍କୁ ଅଧ୍ୟକ୍ଷ ପଦରେ ଛିଡ଼ା କରାଇ ଜିତାଇଥିଲେ। ସଞ୍ଜୟଙ୍କ ବିଜୟରେ ଉଲ୍ଲସିତ ବ୍ରିଜ୍‌ଭୂଷଣ ତାଙ୍କ ସହ ଫଟୋ ପୋଜ୍ ଦେଇଥିଲେ, ଯାହାକି ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହାର ପ୍ରତିବାଦରେ ଗୋଟିଏ ଦିନ ପରେ ଅର୍ଥାତ ଶୁକ୍ରବାର ଅଲିମ୍ପିକ୍ ପଦକଧାରୀ ବଜରଙ୍ଗ ପୁନିଆ ଓ ଶନିବାର ବଧିର ଅଲିମ୍ପିକ୍ ପଦକଧାରୀ କୁସ୍ତିଯୋଦ୍ଧା ବୀରେନ୍ଦ୍ର ସିଂ ନିଜ ନିଜ ପଦ୍ମଶ୍ରୀ ପୁରସ୍କାର ଫେରାଇବା ନେଇ ଘୋଷଣା କରିଥିଲେ। ଏହାକୁ ନେଇ ଚିନ୍ତିତ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରବିବାର ବ୍ରିଜ୍‌ଭୂଷଣଙ୍କୁ ଡକାଇ ତାଗିଦ୍ କରିଥିଲେ। ବୈଠକ ପରେ ବ୍ରିଜ୍‌ଭୂଷଣ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ସଞ୍ଜୟଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। କୁସ୍ତିରୁ ମଧ୍ୟ ସେ ଏକପ୍ରକାର ସନ୍ନ୍ୟାସ ନେଇଛନ୍ତି। ଗତ ୧୨ ବର୍ଷ ଭିତରେ ସେ ଭଲ କରିଛନ୍ତି ନା ଭୁଲ୍ ତା'ର ମୂଲ୍ୟାଙ୍କନ ସମୟ କରିବ। ମୁଣ୍ଡ ଉପରେ ୨୦୨୪ ଲୋକ ସଭା ନିର୍ବାଚନ ଥିବାରୁ ସେ ଦଳୀୟ କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଲୋକ ସଭାରେ ୬ ଥର ପ୍ରତିନିଧିତ୍ୱ କରିଥିବା ବ୍ରିଜ୍‌ଭୂଷଣ ଗଣମାଧ୍ୟମ ଆଗରେ ସଫେଇ ଦେଇଛନ୍ତି।

### ପଦ ମର୍ଯ୍ୟାଦାର ...

ସେହିପରି ଅନ୍ୟୂନ ୧୫ ଦିନ ପୂର୍ବରୁ କାର୍ଯ୍ୟକାରୀ କମିଟିର ବୈଠକରେ ଏହା ପାରିତ ହୋଇଥାଏ। ଜରୁରିକାଳୀନ ସମୟରେ ଅନ୍ୟୂନ ୭ ଦିନ ପୂର୍ବରୁ ଏହି ନିଷ୍ପତ୍ତିକୁ ପାରିତ କରାଯାଏ। ଉପସ୍ଥିତ ସଦସ୍ୟଙ୍କ ଏକତୃତୀୟାଂଶ ସମର୍ଥନ ପରେ ହିଁ ଏହାକୁ ମଞ୍ଜୁରୀ ମିଳିଥାଏ। ସଞ୍ଜୟ ସିଂ ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ କାର୍ଯ୍ୟଭାର ମହାସଚିବଙ୍କ ଉପରେ ନ୍ୟସ୍ତ ରହିଥାଏ। କେତେକ ରାଜ୍ୟ ଆସୋସିଏଶନ୍ ଟୁର୍ନାମେଣ୍ଟ ଆୟୋଜନ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି ବୋଲି ମହାସଚିବ ପ୍ରେମଚାନ୍ଦ ଲୋଚାବ ଚିଠି ଲେଖିଥିଲେ ମଧ୍ୟ ଏହାକୁ ନେଇ କୌଣସି ପ୍ରତିକ୍ରିୟା ଆସି ନ ଥିଲା। ଏଭଳି ଅସାମ୍ବିଧାନିକ କାର୍ଯ୍ୟ ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍‌ଆଇକୁ ଭଙ୍ଗ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଡିସେମ୍ବର ୨୧ ତାରିଖରେ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ହୋଇଥିବା ବେଳେ ୧୫ରୁ ୧୩ ଆସନରେ ସଞ୍ଜୟ ଗୋଷ୍ଠୀର ସଦସ୍ୟ ବିଜୟୀ ହୋଇଥିଲେ।



ଗୁରୁତର ଆହତ ଯବାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଉଛି।

### ଆଇଇଡି ବିସ୍ଫୋରଣ...

ସୂଚନାଯୋଗ୍ୟ, ଗତ ୧୪ ତାରିଖରେ କେକେବିଏନ ସଙ୍ଗଠନର ଦୁଇ ଜଣ ମାଓବାଦୀ କନ୍ଧମାଳରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲଙ୍କ ପାଖରେ ଆତ୍ମସମର୍ପଣ କରିଥିଲେ। ସରକାରଙ୍କ ଥଇଥାନ ନୀତି ଅନୁସାରେ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ଡିଜିପି କହିବା ସହ ମାଓବାଦୀମାନେ ହିଂସା ପଥ ଛାଡି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ମାଓବାଦୀ ପ୍ରଭାବିତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜୋରଦାର ହେବ ବୋଲି କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଶା କରିଥିବା କାର୍ଯ୍ୟଟିରେ ସଫଳତା ପାଇବା ସକାଶେ ବହୁ ଶ୍ରମ ସ୍ୱୀକାର କରିବାକୁ ପଡ଼ିପାରେ। ଆନୁଷଙ୍ଗିକ ସୁବିଧା ପାଇ ସାଙ୍ଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିପାରିବେ। ପାରିବାରିକ ସମସ୍ୟା ବିଶେଷ ଭାବେ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହୋଇପାରେ। ଅସାବଧାନତା କାରଣରୁ ଅର୍ଥହାନିର ସମ୍ଭାବନା ରହିଛି।

**ବୃଷ** - ବିଭିନ୍ନ ପ୍ରକାର ଝମେଲା ଭିତର ଦେଇ ଯିବାକୁ ପଡୁଥିବାରୁ ସମ୍ପୂର୍ଣ୍ଣଭାବେ ଶାନ୍ତି ଓ ସନ୍ତୋଷ ଆସିବ ନାହିଁ। ହାତକୁ ନେଇଥିବା କାମଟିକୁ କିପରି ଆରମ୍ଭ କରିବେ ଏହି ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଭାରାକ୍ରାନ୍ତ ମନରେ ଦିନଟି କଟାଇବେ।

**ମିଥୁନ** - ମାନସିକ ଅସ୍ଥିରତା କାରଣରୁ କୌଣସି କାମରେ ମନ ଲାଗିବ ନାହିଁ। ଝଗଡ଼ା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କରିବା ପାଇଁ ଚିନ୍ତା ଲାଗି ରହିବ। ସରକାରୀସ୍ତରରେ ସବୁ ଘଟଣା ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ। ସନ୍ତାନଙ୍କ ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି।

**କର୍କଟ** - କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି। ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ସରକାରୀ ସ୍ତରରୁ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** - ବହୁ ଦିନରୁ ରହିଆସିଥିବା ସମସ୍ୟା ଆଜି ଆକସ୍ମିକ ଭାବେ ସମାଧାନ ହୋଇଯିବ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସେବା ଓ ସାହାଯ୍ୟ ଲାଭକରି ରୋଗୀ, ପଡ଼ୋଶୀ, ବନ୍ଧୁମାନେ କିମ୍ବା ସହଯାତ୍ରୀଟି ଆଜି ଖୁସି ହୋଇଯିବ। ବାଧାପ୍ରାପ୍ତ ପରିବହନରେ ଉନ୍ନତି ପରିଲକ୍ଷିତ ହେବ।

**କନ୍ୟା** - କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ। ବନ୍ଧୁ ନିଜର ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଠିକ୍ ସମୟରେ ଆସିପାରିବେ। ଆର୍ଥିକ ଦିଗଟି ପୂର୍ବପରି ରହିବାରୁ ବିଶେଷ ଆନନ୍ଦ ଅନୁଭବ କରିବେ। ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପ ଖୁଆଇ ଚଳିବାକୁ ବାଧ୍ୟ ହେବେ।

**ତୁଳା** - ଆଜି ଆପଣଙ୍କ କୌଣସି କଥାରେ ଅଭାବ ରହିବ ନାହିଁ କିମ୍ବା କୌଣସି କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ଆପଣ ଏମିତି ଯୁକ୍ତି କରିବେ ଯେ ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ। ବନ୍ଧୁଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

**ବିଛା** - ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାରେ ପଡ଼ିବେ। କୌଣସି ସଭାସମିତି କିମ୍ବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ, ଯୋଗାଯୋଗ, ଅଫିସରଙ୍କ ସହ ସାକ୍ଷାତ ଆଲୋଚନା କରିପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ଚର୍ଚ୍ଚା, ରାଜନୀତି ଓ ପ୍ରଶାସନ ପାଇଁ ଦିନଟି ଭଲ।

**ଧନୁ** - ପରିବାରରେ ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ, କିନ୍ତୁ ଅଫିସିଆଲି ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ହେରଫେର ହୋଇଯାଇପାରେ।

**ମକର** - ସକାଳୁ ପାରିବାରିକ ସମସ୍ୟାରେ ମନଟା ଦୋଦୁଲ୍ୟମାନ ଅବସ୍ଥାରେ ରହିବ। ବିବାଦ ବୃଦ୍ଧି କାରଣରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ। ଘରଲୋକଙ୍କ ମନଇଚ୍ଛା କାମ ଏବଂ କର୍ମକ୍ଷେତ୍ରରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ପରିସ୍ଥିତି ଯାହା ହେଉନା କାହିଁକି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କୁମ୍ଭ** - ପରିସ୍ଥିତିକୁ ଲାଘବ କରିବା ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ସକାଶେ ଅଯଥା କଷ୍ଟ ଅନୁଭବ କରିବେ। ସଭାସମିତିରେ ବନ୍ଧୁମେଳରେ ପ୍ରିୟ କଥା କହି ସମସ୍ୟା ସୁଧାରିନେବେ। ଭଲ ସମ୍ପର୍କ ଥିବା ବନ୍ଧୁ ସାଧାରଣ କଥାରେ ବିଗିଡ଼ିଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇପାରେ।

**ମୀନ** - ବନ୍ଧୁମାନେ ନିଜର ଫାଇଦା ହାସଲ ପାଇଁ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବା ଲାଗି ମନ ବଳାଇବେ। କାମଟିକୁ ଶେଷକରିବା ସକାଶେ ବହୁ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ପାଷାଣ ଚତୁର୍ଦ୍ଦଶୀ ସୋମବାର, ଡିସେମ୍ବର ୨୫ ତାରିଖ, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ, ସୁଶାସନ ଦିବସ, ପଣ୍ଡିତ ମଦନମୋହନ ମାଲବ୍ୟଙ୍କ ଜୟନ୍ତୀ, ବଡ଼ଦିନ, ଖ୍ରୀଷ୍ଟମାସ୍ ପର୍ବ, ଯୀଶୁଖ୍ରୀଷ୍ଟଙ୍କ ଜୟନ୍ତୀ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୨ ଗତେ, ଘ.୦୭।୪୩ ମଧ୍ୟେ, ଘ.୦୯।୧୫ ଗତେ, ଘ.୧୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୪୩ ଗତେ, ଘ.୦୯।୦୪ ମଧ୍ୟେ ରାହୁକାଳ ।


MARUTI SUZUKI ARENA
କିଣନ୍ତୁ
ମୂଲ୍ୟ ବୃଦ୍ଧି ପୂର୍ବରୁ
ସିମିତ ଅବଧି ସର୍ବୋତ୍ତମ ଅଫର୍ସ ପାଇଁ
ARENA YEAR END BONANZA
MARUTI SUZUKI ARENA
ବଡ଼ ସଞ୍ଚୟ
ALTO K10 ₹64 000*
WAGONR ₹64 000*
S-PRESSO ₹64 000*
CELERIO ₹59 000*
SWIFT ₹59 000*
6 DAYS TO GO
OFFER VALID TILL STOCK LASTS.
100%*^ ON-ROAD FUNDING AVAILABLE
SCAN TO CHAT WITH US
ALTO K10 S-PRESSO SWIFT WAGONR CELERIO
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
Black glass on the vehicle is due to lighting effect.
ORBIT MOTORS
ROURKELA: 9437041155, 9040404444. SUNDARGARH: 9437049161, 9437131074. DEOGARH: 9437061223, 7064400290. BONAIGARH: 6372903336.
SKY AUTOMOBILES
BERHAMPUR: 9778202019. BHANJANAGAR: 9778202019. PARALAKHEMUNDI: 9778202019. PHULBANI: 9778202019.
ODYSSEY MOTORS
SAMBALPUR (AINTHAPALI): 7381433909. BOLANGIR: 9438068327. BARGARH: 9556352943. NUAPADA: 7381017851. SONEPUR: 9438068327. JHARSUGUDA: 9439892153. BOUDH: 8594908009. PADAMPUR : 7381661837.
APARNAA MOTORS
SAMBALPUR (PARDHIAPALI): 9237395001.
LEGEND CARS
JEYPORE: 7894406481, RAYGADA: 9692883042 BHAWANIPATNA: 7894442907.
*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31ST December 2023.

> ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। –ଶ୍ରୀମା

# ଅସ୍ୱାଭାବିକ ବିନ୍ଦୁରେ କଶ୍ମୀର

ଜମ୍ମୁ ଓ କଶ୍ମୀରର ଦ୍ୱୈତ ଜିଲା ପୁଞ୍ଚ୍ ଓ ରଜୌରିବାସୀ ଏବେ ୧୯୯୦ ସମୟର ଉଗ୍ରବାଦ ପରିସ୍ଥିତିକୁ ସାମ୍ନା କଲାଭଳି ଅବସ୍ଥାରେ ପହଞ୍ଚିଥିବା ମନେହେଉଛି। କାରଣ ଏହିସବୁ ଅଞ୍ଚଳରେ ଗୋଟିଏ ବର୍ଷ ମଧ୍ୟରେ ୪ଟି ବଡ଼ ଏନ୍‌କାଉଣ୍ଟରରେ ୨୦ ଜଣ ଯବାନ, ୧୦ ନାଗରିକ ଓ ୨୪ ଉଗ୍ରପନ୍ଥୀଙ୍କ ମୃତ୍ୟୁ ଘଟିଲାଣି। ଜମ୍ମୁ ଡିଭିଜନ ଅନ୍ତର୍ଗତ ପିର ପଞ୍ଜାଲର ଏକ ଅଂଶ ହେଉଛି ପୁଞ୍ଚ୍ ଓ ରଜୌରି। ଏହି ଇଲାକାରେ ବିଦ୍ରୋହାତ୍ମକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ସବୁଠାରୁ ମୁଖ୍ୟ କାରଣ ହୋଇଥାଇପାରେ ସାଧାରଣ ଲୋକଙ୍କ ଉପରେ ପୋଲିସର ଅତ୍ୟଧିକ ବଳ ଓ କ୍ଷମତା ପ୍ରୟୋଗ। ଏହା କହିଲାବେଳକୁ ଆମେ ସତର୍କ ରହୁଛୁ ଯେ, କଶ୍ମୀର ଉପତ୍ୟକାର ପରିସ୍ଥିତି ଅନ୍ୟ ରାଜ୍ୟଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ । ତଥାପି ଭାରତୀୟ ପୋଲିସ ଏବଂ ସେଥିରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କର ଆଭିମୁଖ୍ୟ ଓ ବ୍ୟବହାର ବିଷୟରେ ସମସ୍ତେ ଅଳ୍ପବହୁତେ ଜାଣିଛନ୍ତି। ଉଗ୍ରବାଦର ଉଚିତ ସାମ୍ନା କରିବା ପାଇଁ ଭାରତର କୌଣସି ରାଜ୍ୟର ପୋଲିସ ସକ୍ଷମ ବୋଲି କହିହେବ ନାହିଁ। ଭାରତୀୟ ପୋଲିସ ସେବା ବା ଆଇପିଏସ୍ ଅଧିକାରୀମାନେ କୋରାପୁଟରୁ କଶ୍ମୀର ପର୍ଯ୍ୟନ୍ତ ଏକପ୍ରକାର ଆଭିମୁଖ୍ୟ ପୋଷଣ କରିଥାନ୍ତି। ସେମାନଙ୍କ ଉପରେ ମଧ୍ୟ ସବୁ ଦୋଷ ଲଦିଦେଲେ ହେବ ନାହିଁ। ଚାକିରି କରିବାର କିଛିବର୍ଷ ପରେ ଏହି ଅଫିସରମାନେ ଜନସାଧାରଣଙ୍କଠାରୁ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯାଆନ୍ତି, ଯାହାଫଳରେ ପୋଲିସ ଅଫିସରମାନେ ବରିଷ୍ଠତା ହାସଲ କରିବା ପରେ ତୃଣମୂଳ ସ୍ତରର ସମସ୍ୟାଗୁଡ଼ିକ ସହିତ ସଂଯୋଗ ରଖିବାକୁ ପସନ୍ଦ କରନ୍ତି ନାହିଁ; ଯେଉଁଥିପାଇଁ କଶ୍ମୀରରେ ଅତ୍ୟଧିକ ବଳ ପ୍ରୟୋଗ ହେଉଥିବାରୁ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟୁଛି। ଆମେ ବହୁ ଦୂରରେ ବସି ସେହି ନାଗରିକମାନଙ୍କୁ ଉଗ୍ରବାଦୀ କହିଦେବା ଅତ୍ୟନ୍ତ ସହଜ। କିନ୍ତୁ ସେହିଭଳି ଅନ୍ୟାୟ ଓ ଅତ୍ୟାଚାର ଯେତେବେଳେ ଭାରତର ବିଭିନ୍ନ ରାଜ୍ୟର ପୋଲିସ ଘଟାଉଛି ସେତେବେଳେ ପୋଲିସ ଅତ୍ୟାଚାରର ପ୍ରତ୍ୟେକଟି ପୀଡ଼ିତଙ୍କୁ ଉଗ୍ରବାଦୀ ବୋଲି କହିହେବ ନାହିଁ। କଶ୍ମୀର ଭଳି ମଣିପୁରରେ ମଧ୍ୟ ଯେଉଁଭଳି ପୋଲିସ ଅତ୍ୟାଚାର ହେଉଛି, ତାହା ସେଠାକାର ବାସିନ୍ଦାଙ୍କୁ ଅତିଷ୍ଠ କରିବା ସହିତ ଭାରତୀୟ ବ୍ୟବସ୍ଥା ଓ ସମ୍ବିଧାନ ଉପରେ ବିଶ୍ୱାସ ତୁଟାଇ ଦେଉଥିବ।

କଶ୍ମୀରର ସଦ୍ୟ ଘଟଣାକୁ ଦେଖିଲେ ୨୧ ଡିସେମ୍ବରରେ ରଜୌରିର ଡେରା କି ଗଳି ଓ ପୁଞ୍ଚ୍‌ର ବାଫ୍‌ଲିଆଜ୍ ମଧ୍ୟରେ ସେନାର ଦୁଇଟି ଗାଡ଼ି ଯାଉଥିବା ବେଳେ ତାହା ଉପରକୁ ସନ୍ଦିଗ୍ଧ ଉଗ୍ରପନ୍ଥୀମାନେ ଆକ୍ରମଣ କରିଥିଲେ। ଏଥିରେ ୫ଜଣ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆହତ ହୋଇଥିଲେ। ୬ ଜଣ ଉଗ୍ରପନ୍ଥୀ ଏହି ଆକ୍ରମଣ ଘଟାଇଥିବା କୁହାଯାଉଛି। ଯବାନଙ୍କ ମୃତ୍ୟୁ ପରେ ସେନା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆକ୍ରମଣକାରୀଙ୍କୁ ଧରିବା ପାଇଁ ସେନା, ଜମ୍ମୁ ଓ କଶ୍ମୀର ପୋଲିସ ଏବଂ ଅର୍ଦ୍ଧ ସାମରିକ ବାହିନୀ ସମ୍ପୃକ୍ତ ଅଞ୍ଚଳରେ ତନାଘନା କରିଥିଲେ। କିଛି ନ ପାଇବା ପରେ ଶେଷରେ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ଅଭିଯୋଗରେ ୧୦ରୁ ୨୦ ସ୍ଥାନୀୟ ନାଗରିକଙ୍କୁ ଏହିସବୁ ବାହିନୀ ଉଠାଇ ଆଣି ପଚରାଉଚୁରା କରିଥିଲେ। ସେହି ସମୟରେ କେତେ ଜଣଙ୍କ ଉପରେ ପ୍ରବଳ ମାଡ଼ ଯୋଗୁ ୩ ଜଣଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ସାଧାରଣ ଲୋକଙ୍କ ମୃତ୍ୟୁ ପରେ ଜମ୍ମୁ ଓ କଶ୍ମୀରରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅସ୍ୱାଭାବିକ ସ୍ଥିତି ଉପୁଜିବା ଆଶଙ୍କାରେ ଅନେକ ଅଞ୍ଚଳରେ ଇଣ୍ଟରନେଟ୍ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏପରି କି ଫୋନ୍ ଲାଇନ୍ ଅଚଳ କରିଦିଆଯାଇଥିବା ଅଭିଯୋଗ ହେଉଛି। ଏହା ସମ୍ଭବତଃ ଭାରତ ସରକାରଙ୍କ ଏକ ସହଜ ଉପାୟ ପାଲଟିଯାଇଛି। କିନ୍ତୁ ଏହା ଯଦି କଶ୍ମୀରରେ ହେଉଛି, ତେବେ କାଲି ତାହା କଟକ କିମ୍ବା କଳାହାଣ୍ଡିରେ ହେବା ସମ୍ଭବପର। ଆଜିର ଯୁଗରେ କୌଣସି ଦୁର୍ଦ୍ଦଶାକୁ ନିଜଠାରୁ ଅତି ଦୂରରେ ବୋଲି ଭାବିବା ହେବ ବୋକାମିର ଲକ୍ଷଣ। ଏହି ପରିପ୍ରେକ୍ଷୀରେ ଓଡ଼ିଆ ପ୍ରବାଦ ମନେପଡୁଛି–'ଔଷଧ ବିକଳେ ତାଟିଆ କାମୁଡ଼ିବା'। କେନ୍ଦ୍ର ସରକାର ୫ ଅଗଷ୍ଟ ୨୦୧୯ରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରେ ଜମ୍ମୁ ଓ କଶ୍ମୀରରେ ଆତଙ୍କବାଦ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କେବଳ ସେତିକି ନୁହେଁ, ୨୦୧୬ ନଭେମ୍ବରରେ ବିମୁଦ୍ରୀକରଣ କରାଯିବା ପରେ କୁହାଯାଇଥିଲା ଯେ ଉଗ୍ରବାଦୀମାନେ ଭାରତୀୟ ଟଙ୍କାକୁ ନକଲ କରିପାରୁଥିବା ହେତୁ ଉଗ୍ରବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେତେବେଳେ ଆହୁରି ମଧ୍ୟ କୁହାଯାଇଥିଲା ଯେ, ବିମୁଦ୍ରୀକରଣ ପରେ ଉଗ୍ରବାଦୀମାନେ ହତାଶ ହୋଇଯିବେ ଓ ଭାରତ ଉଗ୍ରବାଦମୁକ୍ତ ହୋଇଯିବ। ହେଲେ ଏବର ସ୍ଥିତି ଦେଖିଲେ ସୀମାପାର ଆତଙ୍କବାଦ ଅପେକ୍ଷା ଆଭ୍ୟନ୍ତରୀଣ ଅସନ୍ତୋଷ ସେହି ଭୂଖଣ୍ଡକୁ ଅସ୍ୱାଭାବିକ ବିନ୍ଦୁରେ ନେଇ ପହଞ୍ଚାଇ ଦେଇଛି। ସେନା ହସ୍ତକ୍ଷେପ ବଢ଼ିଯାଇଥିବାରୁ ମାନବିକ ଅଧିକାର ଘୋର ଉଲ୍ଲଂଘନ ହେଉଛି। ଅପରପକ୍ଷରେ ସ୍ଥାନୀୟ ବାସିନ୍ଦା ସେନା ଓ ପୋଲିସକୁ ବିଶ୍ୱାସକୁ ନେଉନାହାନ୍ତି। ଅତୀତ ପ୍ରମାଣ ଦେଇଛି, ଯେତେବେଳେ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର ବଢ଼ିଯାଏ ସେତେବେଳେ ଶାସକ, ସେନା ବା ବ୍ୟବସ୍ଥା ବିରୋଧରେ ପୁଞ୍ଜିଭୁତ ଅସନ୍ତୋଷ ପ୍ରକାଶ ପାଏ। ତାହା ପରବର୍ତ୍ତୀ ସମୟରେ ବିଦ୍ରୋହର ରୂପ ନିଏ। ଏଭଳି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଜମ୍ମୁ ଓ କଶ୍ମୀରର ତୃଣମୂଳ ସ୍ତରରେ ଘଟୁଥିବା ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ଦେଇ ସ୍ଥାୟୀ ସମାଧାନର ସୂତ୍ର ବାହାର କରିବା କଥା। କିନ୍ତୁ ସେଥିରେ ସରକାର ବିଫଳ ହେଉଥିବା ପରିଲକ୍ଷିତ ହେଉଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | 7 | | | | | |
| 7 | | 6 | 3 | | | | | |
| | | 9 | 4 | | | 6 | | 3 |
| 8 | | 5 | | | | | | |
| | | | 9 | | 6 | 8 | | |
| | 1 | | | 3 | | | | |
| | | 4 | | | 9 | | 1 | |
| | | | 2 | | | 4 | | |
| | 9 | 2 | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 8 | 2 | 7 | 9 | 5 | 4 | 1 |
| 4 | 5 | 2 | 6 | 1 | 3 | 7 | 9 | 8 |
| 9 | 1 | 7 | 4 | 8 | 5 | 6 | 2 | 3 |
| 3 | 4 | 9 | 1 | 6 | 2 | 8 | 7 | 5 |
| 8 | 2 | 5 | 9 | 3 | 7 | 4 | 1 | 6 |
| 1 | 7 | 6 | 5 | 4 | 8 | 9 | 3 | 2 |
| 5 | 8 | 1 | 3 | 9 | 4 | 2 | 6 | 7 |
| 7 | 9 | 3 | 8 | 2 | 6 | 1 | 5 | 4 |
| 2 | 6 | 4 | 7 | 5 | 1 | 3 | 8 | 9 |

ଗତକାଲିର ଉତ୍ତର

# ଡିପ୍‌ଫେକ୍–ନୂଆ ଆତଙ୍କ



ପ୍ରକାଶ ତ୍ରିପାଠୀ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସ ବା କୃତ୍ରିମ ବୁଦ୍ଧିମତ୍ତା ଭଳି ନୂତନ ଜ୍ଞାନକୌଶଳ ଦିନକୁ ଦିନ ବ୍ୟାପକ ହେଉଛି। ଇଣ୍ଟରନେଟ ଦ୍ୱାରା ଆମର ଜୀବନଯାପନ ପ୍ରଣାଳୀ ସହଜ ଓ ସରଳ ତ ହେଉଛି ସତ, ମାତ୍ର ଏହାଦ୍ୱାରା ସୃଷ୍ଟ ଅନେକ ସଙ୍କଟ ଆମ ସାମାଜିକ ଜୀବନକୁ ପ୍ରଭାବିତ କରୁଛି । ଟ୍ରେନ୍, ବିମାନ ଟିକେଟ କରିବାଠାରୁ ହୋଟେଲ ବୁକ୍, ବ୍ୟାଙ୍କ ନେଣଦେଣ, କିଣାବିକା ସବୁକିଛି ଘରେ ବସି କରିପାରୁଛୁ। ଆଉ କିଛି ଲୋକ ଘରେ ବସି ଏହାରି ମାଧ୍ୟମରେ ସମସ୍ତଙ୍କୁ ସହଜ ଓ ସରଳ ଭାବେ ଠକି ବି ପାରୁଛନ୍ତି। ସାଇବର ଠକମାନଙ୍କ ଦ୍ୱାରା ପ୍ରତି ମୁହୂର୍ତ୍ତରେ ଆମର ବ୍ୟାଙ୍କ ଆକାଉଣ୍ଟ ଖାଲି ହେବାର ସମ୍ଭାବନା ଥିବାବେଳେ ଏବେ ଆଉ ଏକ ନୂତନ ସଙ୍କଟ ଡିପ୍‌ଫେକ୍ ଭୟଭୀତ କଲାଣି। ଡିପ୍‌ଫେକ୍ କେବଳ ସାଧାରଣ ନାଗରିକମାନଙ୍କ ପାଇଁ ମାନସିକ ନିର୍ଯାତନାର କାରଣ ହୋଇନାହିଁ, ଏହା ଆମ ସାମାଜିକ ଜୀବନକୁ ଖିନ୍‌ଭିନ୍ କରିବାର ସାମର୍ଥ୍ୟ ରଖିଛି। ପ୍ରଥମେ ପ୍ରଥମେ କିଛି ସେଲିବ୍ରିଟି ଏହାର ଶିକାର ହୋଇଥିଲାବେଳେ ଆଗାମୀ ଦିନରେ ଏହାର ଶିକାର ଯେ କେହି ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଡିପ୍‌ଫେକ୍‌ର କୁପ୍ରଭାବକୁ ଦେଖି ଏହାକୁ ଆୟତ୍ତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। କିନ୍ତୁ କୃତ୍ରିମ ବୁଦ୍ଧିମତ୍ତା ସମ୍ପନ୍ନ ଏହି ଡିପ୍‌ଫେକ୍ ଆତଙ୍କ ଦମନ ସହଜ ନୁହେଁ ବୋଲି ଆଇଟି ବିଷାରଦମାନେ ଚିନ୍ତା କରୁଛନ୍ତି। କାରଣ ବ୍ୟାଙ୍କ ଆକାଉଣ୍ଟରେ କଳାକନା ବୁଲାଇବାରେ ସାଇବର ଠକମାନେ ଦିନକୁ ଦିନ ଯେଉଁପରି ଭାବରେ ସେମାନଙ୍କ ଅଭିଯାନ ଜାରି ରଖିଛନ୍ତି ଓ ଏହାକୁ ରୋକିବାରେ ସରକାରଙ୍କ ବିଫଳତା ଆମକୁ ବାଧ କରୁଛି ଯେ, ଯେକୌଣସି ମୁହୂର୍ତ୍ତରେ ଯେକୌଣସି ଲୋକ ଡିପ୍‌ଫେକ୍‌ର ଶିକାର ହୋଇଯିବ। ବଲିଉଡର କିଛି ଅଭିନେତ୍ରୀ ଓ କ୍ରୀଡ଼ାର କିଛି ସେଲିବ୍ରିଟି ଏହାର ଶିକାର ହୋଇସାରିଥିଲା ବେଳେ ଆଗାମୀ ଦିନରେ ପ୍ରତି କ୍ଷେତ୍ରରେ ଥିବା ବିଶିଷ୍ଟ ବ୍ୟକ୍ତିବିଶେଷ ଯେ ଏହାର ଶିକାର ନ ହେବେ ସେକଥା କିଏ କହିବ।

ଡିପ୍‌ଫେକ୍ ହେଉଛି ଏକପ୍ରକାର କୃତ୍ରିମ ବୁଦ୍ଧିମତ୍ତା, ଯାହା ବୃତ୍ତଚିତ୍ର, ଅଡିଓ ଏବଂ ଭିଡିଓ ଠକେଇ ସୃଷ୍ଟି କରିବାରେ ବ୍ୟବହୃତ ହୁଏ। ଫଟୋଶପ ପାଇଁ ଏକବିଂଶ ଶତାବ୍ଦୀର ଏହା ସର୍ବଶ୍ରେଷ୍ଠ ଉପହାର, ଯାହାକି କୃତ୍ରିମ ବୁଦ୍ଧିମତ୍ତାକୁ ବ୍ୟବହାର କରି ନକଲି ଘଟଣାର ଚିତ୍ର ପ୍ରସ୍ତୁତ କରିବାରେ ସଫଳତା ପ୍ରଦାନ କରିଥାଏ। ଜଣେ ରାଜନେତାଙ୍କ ପାଟିରେ ନୂଆ ଶବ୍ଦ ରଖିବାକୁ, ତୁମର ପ୍ରିୟ ଚଳଚ୍ଚିତ୍ରରେ ଷ୍ଟାର ହେବାକୁ କିମ୍ବା ନାଚିବାକୁ ଚାହୁଁଛନ୍ତି କି? ତେବେ ଡିପ୍‌ଫେକ୍ ଆପଣଙ୍କୁ ସଫଳତା ଦେବ। କୃତ୍ରିମ ଇଣ୍ଟେଲିଜେନ୍ସ ଏବଂ ମେଶିନ ଲର୍ନିଙ୍ଗ ଆଲଗୋରିଦମ ବ୍ୟବହାର



କରି ଏହାକୁ ବିକଶିତ କରାଯାଉଛି। ଏଥିରେ ଚିତ୍ର, ଶବ୍ଦ ଏବଂ ସ୍ୱରକୁ ମାନିପ୍ୟୁଲେଟ ବା କାରସାଦି କରାଯାଇ ଲୋକ, ଘଟଣା କିମ୍ବା ଦୃଶ୍ୟର ବାସ୍ତବବାଦୀ ଭଳି ନକଲି ଉପସ୍ଥାପନା ସୃଷ୍ଟି କରାଯାଏ। ଏହାର ନକାରାତ୍ମକ ପରିଣାମ ସୁଦୂରପ୍ରସାରୀ ଓ ଭୟାନକ ହୋଇପାରେ। ଡିପ୍‌ଫେକ୍ ଦ୍ୱାରା ସୃଷ୍ଟି ହୋଇଥିବା ବଡ଼ ବିପଦ ହେଉଛି ମିଥ୍ୟା ତଥ୍ୟ ବିସ୍ତାର କରିବାର କ୍ଷମତା ଯାହା ବିଶ୍ୱସ୍ତ ଉତ୍ସରୁ ଆସୁଥିବା ପରି ଦେଖାଯାଏ। ଉଦାହରଣ ସ୍ୱରୂପ, ୨୦୨୨ରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ତାଙ୍କ ସୈନ୍ୟମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିବା ଏକ ଡିପ୍‌ଫେକ୍ ଭିଡିଓ ଓ ଅନ୍ୟ ଜଣେ ଅର୍ଦ୍ଧନଗ୍ନ ମହିଳାଙ୍କ ଶରୀରରେ ଚଳଚ୍ଚିତ୍ର ଅଭିନେତ୍ରୀ ରଶ୍ମିକା ମନ୍ଦନାଙ୍କ ମୁହଁର ଭିଡିଓର ଭାଇରାଲ ହେବା।

ଡିପ୍‌ଫେକ୍‌ର ଦୁଷ୍ପରିଣାମକୁ ଦେଖି ଅନେକ ବିଶିଷ୍ଟ ବ୍ୟକ୍ତି ଚିନ୍ତାପ୍ରକଟ କରିଛନ୍ତି। କୃତ୍ରିମ ବୁଦ୍ଧିମତ୍ତାକୁ ପ୍ରୟୋଗ କରି ଡିପ୍‌ଫେକ୍ ପ୍ରସ୍ତୁତ କରିବା ବର୍ତ୍ତମାନ ସମୟରେ ଅତ୍ୟନ୍ତ ଚିନ୍ତାଜନକ। ସାମ୍ପ୍ରତିକ ସମସ୍ୟାଗୁଡିକ ଭିତରେ ଏହା ସବୁଠାରୁ ଭୟାନକ ତଥା ଦେଶରେ ଅରାଜକତା ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି। ଏହା କେବଳ ଭାରତ ନୁହେଁ ଅନେକ ବିକାଶଶୀଳ ଦେଶରେ ଏହା ସାମାଜିକ ଓ ରାଜନୈତିକ ସମସ୍ୟା ସୃଷ୍ଟି କରିପାରେ। ଭାରତରେ ଜନସାଧାରଣ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ଏତେଟା ସଚେତନ ନୁହନ୍ତି ଓ ଭୁଲ–ଠିକ୍ ତର୍ଜମା କରିବାରେ ବି ମାହିର ନୁହନ୍ତି। ତେଣୁ ଡିପ୍‌ଫେକ୍ କୁପ୍ରଭାବର ଶିକାର ହେବା ସ୍ୱାଭାବିକ। ସଚେତନତା ଦ୍ୱାରା ଏହାକୁ ରୋକା ଯାଇପାରିବ ବୋଲି ଯେତେ କୁହାଗଲେ ବି ଏହାର ସୁଫଳ ଏତେ ସହଜ ନୁହେଁ। ବିଜ୍ଞାନ ଦ୍ୱାରା ବିକଶିତ ଏହି ଅଭିନବ ଜ୍ଞାନକୌଶଳ ଯେତେବେଳେ ବ୍ୟକ୍ତିର ଚରିତ୍ର ଓ ସାମାଜିକ ପ୍ରତିଷ୍ଠା ଉପରେ ଆଞ୍ଚ ଆଣିବାକୁ ସକ୍ଷମ ସେତେବେଳେ ସଚେତନତାର ଅର୍ଥ କେଉଁଠି ଆସିବ। ତେବେ କ'ଣ ସୋସିଆଲ ମିଡିଆକୁ ଆମେ ପରିତ୍ୟାଗ କରିଦେବା?

କୃତ୍ରିମ ବୁଦ୍ଧିମତ୍ତା ଆସିବା ପରେ ପତ୍ରକାରିତାଠାରୁ ଆରମ୍ଭକରି ସୁରକ୍ଷା ଜଗତ, ସବୁଠାରେ ଆଶା କରାଯାଉଥିଲା କି ଫେକ୍ ନ୍ୟୁଜ ଉପରେ ରୋକ ଲଗାଇବା ସହଜ ହେବ। ମାତ୍ର କିଛି ଲାଭ ହେଲା ନାହିଁ। ସୋସିଆଲ ମିଡିଆରେ ପ୍ରତିଦିନ ହଜାର ହଜାର ଫେକ୍ ଭିଡିଓ ଦେଖିବାକୁ ମିଳୁଛି, ଯାହାକି ଜନସାଧାରଣଙ୍କୁ ବିଭ୍ରାନ୍ତି କରିବାରେ ସହାୟକ ହେଉଛି। ବିଶେଷ କରି ରାଜନୈତିକ ଓ ମନୋରଞ୍ଜନ କ୍ଷେତ୍ରରେ ଏପରି ଅଧିକ ହେଉଥିବା ଦେଖିବାକୁ ମିଳୁଛି। ପୁରୁଷ ଅପେକ୍ଷା ମହିଳାମାନଙ୍କୁ ଏହି ଡିପ୍‌ଫେକ୍ ମାଧ୍ୟମରେ ଅଧିକ ନିନ୍ଦିତ କରାଯାଉଥିବା ଦେଖାଯାଉଛି। ଏହି ନୂତନ ଜ୍ଞାନକୌଶଳ ମାଧ୍ୟମରେ ମହିଳାମାନଙ୍କ ମୁହଁ ଓ ସ୍ୱରକୁ ବଦଳାଯାଇ ଭାଇରାଲ କରାଯାଉଛି। ଅଶ୍ଳୀଳତାକୁ ମାଧ୍ୟମ କରି ସେମାନଙ୍କୁ ନିନ୍ଦିତ କରାଯାଉଛି। ପ୍ରକାଶ ଯୋଗ୍ୟ ଯେ, ବର୍ତ୍ତମାନ ଭାରତରେ ପ୍ରାୟ ୭୦ କୋଟି ଲୋକ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ଏହାର ସିଂହଭାଗ ସୋସିଆଲ ମିଡିଆରେ ସକ୍ରିୟ ଅଛନ୍ତି ଓ ପ୍ରତ୍ୟହ ସେମାନେ ସୋସିଆଲ ମିଡିଆରେ ଫଟୋ ଓ ଭିଡିଓ ଅପଲୋଡ କରୁଛନ୍ତି । ଏମାନଙ୍କ ମଧ୍ୟରୁ କିଏ କେଉଁଦିନ ଡିପ୍‌ଫେକ୍‌ର ଶିକାର ଯେ ନ ହେବେ ସେକଥା କିଏ କହିବ।

କାଲିଫର୍ନିଆଠାରେ ଆୟୋଜିତ ବିଶ୍ୱର ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା ଶିଖର ସମ୍ମିଳନୀ –୨୦୨୩ରେ ଆମେରିକା, ଚାଇନା, ଭାରତ ସହିତ ୨୮ଟି ଉନ୍ନତ ରାଷ୍ଟ୍ର ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ସମ୍ଭାବ୍ୟ ସଙ୍କଟର ମୁକାବିଲା ନିମନ୍ତେ ଆଲୋଚନା କରିଥିଲେ। କାରଣ ଡିପ୍‌ଫେକ୍ ଭଳି ଉନ୍ନତ କୃତ୍ରିମ ବୁଦ୍ଧିମତ୍ତା ବ୍ୟକ୍ତିର ଗୋପନୀୟତା, ଗାରିମା ଓ ପ୍ରତିଷ୍ଠା ଉପରେ ଆଞ୍ଚ ଆଣିପାରୁଛି । ବିଶେଷକରି ମହିଳାମାନଙ୍କ ଉପରେ ଏହାର କୁପ୍ରଭାବ ସର୍ବାଧିକ। ଡିପ୍‌ଫେକ୍ ମାଧ୍ୟମରେ ରାଜନୀତିକୁ ମଧ୍ୟ ପ୍ରଭାବିତ କରିବାର ପ୍ରଚେଷ୍ଟା କରାଯାଉଛି। ଯଦି ଗତ କିଛି ବର୍ଷର ସୋସିଆଲ ମିଡିଆକୁ ଭାରତରେ ବିଶ୍ଳେଷଣ କରାଯାଏ, ତେବେ ଏହାର ଅନେକ ପ୍ରମାଣ ରହିଛି। ରାଜନେତାଙ୍କ ଭାଷଣକୁ ବଦଳାଯାଇ ଏପରି ଭାଇରାଲ କରାଯାଉଛି ଯେ ଏହାଦ୍ୱାରା ସାଧାରଣ ଜନତା ଭ୍ରମରେ ପଡ଼ିବା ସ୍ୱାଭାବିକ। ଏହାଦ୍ୱାରା ଲୋକତନ୍ତ୍ର, ଶାସନ ବ୍ୟବସ୍ଥା ଦୁର୍ବଳ ହେବାର ସମ୍ଭାବନା ସହ ମାନବାଧିକାର କ୍ଷୁଣ୍ଣ ହେବାର ସମ୍ଭାବନା ବି ସୃଷ୍ଟି ହେଉଛି। ଇତିମଧ୍ୟରେ ଆମେରିକା ଓ ଚାଇନା ପକ୍ଷରୁ ସେମାନଙ୍କ ଦେଶରେ ଡିପ୍‌ଫେକ୍‌କୁ ପ୍ରତିରୋଧ କରିବା ପାଇଁ ଡିପ୍‌ଫେକ୍ ଟାସ୍କଫୋର୍ସ ଅଧିନିୟମ ଲାଗୁ କରାଯାଇଛି ଓ ଏହା ଉପରେ ନିୟନ୍ତ୍ରଣ ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ଗତ ଜି୨୦ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃତ୍ରିମ ବୁଦ୍ଧିମତ୍ତା ଉପରେ ନିଜର ଉଦ୍‌ବେଗ ପ୍ରକାଶ କରିବା ସହ ଏହାର ନକାରାତ୍ମକ ଦିଗ ସମାଜ ପାଇଁ ବିପଦ ସୃଷ୍ଟି କରିବ ବୋଲି ଚେତାବନୀ ଶୁଣାଇଥିଲେ ଓ ଏହାର ନିୟନ୍ତ୍ରଣ ନିମନ୍ତେ ଆହ୍ୱାନ ଦେଇଥିଲେ। ଭାରତ ଭଳି ଏକ ଜନବହୁଳ ଓ ସଫଳ ଗଣତାନ୍ତ୍ରିକ ଦେଶରେ ଡିପ୍‌ଫେକ୍ ଅଧିକ କାୟା ବିସ୍ତାର ପୂର୍ବରୁ ଏହାକୁ ନିୟନ୍ତ୍ରଣ ଓ ପ୍ରତିରୋଧ କରିବା ପାଇଁ ତୁରନ୍ତ ଜରୁରୀ ପଦକ୍ଷେପ ନେବା ଦରକାର।

ମୋ:୯୪୩୭୨୩୨୪୬୩

# ଖ୍ରୀଷ୍ଟମାସ ଓ ଯିଶୁ



ହରିଶ୍ ଚନ୍ଦ୍ର ଅରିଶଲ୍ୟ

ବାଇବେଲ କହେ, ''କାରଣ ଈଶ୍ୱର ଜଗତକୁ ଏପରି ପ୍ରେମକଲେ ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ର(ପ୍ରଭୁ ଯିଶୁ)ଙ୍କୁ ଦାନକଲେ। ଏଣୁ ଯେକେହି ତାହାଙ୍କଠାରେ ବିଶ୍ୱାସ କରିବ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ।'' ପ୍ରଭୁ ଯିଶୁଖ୍ରୀଷ୍ଟ ଡିସେମ୍ବର ୨୫ ରେ ଜନ୍ମଗ୍ରହଣ କରିଥିବା ପ୍ରମାଣ ବାଇବେଲରେ ରେକର୍ଡ ନାହିଁ। କିନ୍ତୁ ତାଙ୍କର ଜନ୍ମ ଇତିହାସ ବାଇବେଲରେ ଏପରି ବର୍ଣ୍ଣିତ: ହେରୋଦ୍ ରାଜାଙ୍କ ରାଜତ୍ୱ ସମୟରେ ପ୍ରଥମଥର ପାଇଁ ଜନଗଣନା ନିମନ୍ତେ ଯିହୁଦା ନାମକ ପ୍ରଦେଶର ବେଥଲହାମ୍‌କୁ ଯୋସେଫ୍ ଏବଂ ଗର୍ଭବତୀ ମେରୀ ଯାଇଥାନ୍ତି। ବାଲିଯାତ୍ରା ,ବିଭିନ୍ନ ଯାତ୍ରା ଓ ମେଳା ପରି ଲୋକ ଭିଡ଼ ହେତୁ ରହିବା ପାଇଁ ଭଡ଼ାଘର ମିଳୁ ନ ଥାଏ। ଯୋସେଫ୍ ଓ ମେରୀ ବାଧହୋଇ ଗୋଟିଏ ଗୁହାଳରେ ଆଶ୍ରୟ ନେଇଥାନ୍ତି। ଏହି କଷ୍ଟସାଧ ସମୟରେ ମେରୀ ଯିଶୁଙ୍କୁ ଜନ୍ମଦେଇ ଲୁଗାରେ ଘୋଡ଼ାଇ ଗୁହାଳ କୁଣ୍ଡରେ ରଖିଥାନ୍ତି। ଠିକ୍ ସେତିକିବେଳେ ସ୍ୱର୍ଗୀୟ ଦୂତବାହିନୀ ସେହି ଅଞ୍ଚଳରେ ରାତ୍ରିରେ ମେଷପଲ ଜଗି ରହିଥିବା ମେଷପାଳକମାନଙ୍କୁ ପ୍ରଭୁ ଯିଶୁ ଜନ୍ମ ଗ୍ରହଣ କରିଥିବା ଖବର ଜଣାଇଲେ। ଏହି ଦୃଶ୍ୟ ଦେଖି ଓ ସ୍ୱର୍ଗୀୟ ବାଣୀ ଶୁଣିଲା ପରେ, ସେହି ମେଷପାଳକମାନେ ପ୍ରଭୁ ଯିଶୁଙ୍କୁ ଦେଖିବାକୁ ବାହାରିଲେ। ପୂର୍ବ ଦେଶର ପଣ୍ଡିତମାନେ ଶାସ୍ତ୍ର ଅନୁସାରେ ପ୍ରଭୁ ଯିଶୁଙ୍କ ଜନ୍ମ ଅପେକ୍ଷାରେ ଥିଲେ। ଏହି ଖବର ପାଇ ଯିଶୁଙ୍କ ଦର୍ଶନାର୍ଥେ ବାହାରିଲେ। ଗୋଟିଏ ସ୍ୱତନ୍ତ୍ର ତାରା ସେହି ମେଷପାଳକମାନଙ୍କୁ ଦିଗ୍‌ଦର୍ଶନକରି ଉକ୍ତ ଗୁହାଳ କୁଣ୍ଡ ଉପରେ ସ୍ଥଗିତ ରହିଲା। ଶିଶୁ ପ୍ରଭୁ ଯିଶୁଙ୍କୁ ହତ୍ୟାକରିବା ପାଇଁ ବିଶେଷ ଷଡ଼ଯନ୍ତ୍ର କରାଗଲା ଏବଂ ସେହି ଅଞ୍ଚଳର ସମସ୍ତ ବନଜାତ ଶିଶୁ ପୁଅକୁ ଅମାନୁଷିକ ଭାବେ ଗଣହତ୍ୟା କରାଯାଇଥିଲା।

ଏହି ଘଟଣା ହଜାର ହଜାର ବର୍ଷ ତଳେ ଘଟିଥିଲା। ପ୍ରତିବର୍ଷ ଖ୍ରୀଷ୍ଟମାସ ସମୟରେ ପ୍ରଭୁ ଯିଶୁଙ୍କ ସେହି ଶିଶୁ ରୂପ ନ ଥାଏ। ସେ ଆଉ ଶିଶୁ ନାହାନ୍ତି। ପାଗାନ ବିଶ୍ୱାସ ପ୍ରଥାକୁ ନେଇ ଖ୍ରୀଷ୍ଟମାସ ଟ୍ରି, ଖ୍ରୀଷ୍ଟମାସ ଫାଦର ଓ ଅନ୍ୟାନ୍ୟ ସାଜସଜ୍ଜା ହୋଇଥାଏ। କିନ୍ତୁ ଏହିସବୁ ତଥ୍ୟର ବାଇବେଲରେ ପ୍ରମାଣ ନାହିଁ। ଖ୍ରୀଷ୍ଟମାସର କେନ୍ଦ୍ରବିନ୍ଦୁ ହେଉଛି ଦାନ ଓ ଉପହାର। କାରଣ ବିନା ମୂଲ୍ୟରେ ମନୁଷ୍ୟ ଜାତିର ପାପ କ୍ଷମା ଓ ପରିତ୍ରାଣ ନିମନ୍ତେ ପ୍ରଭୁ ଯିଶୁ ଏକ ମହାନ୍ ଉପହାର ରୂପେ ଜନ୍ମ ଗ୍ରହଣ କରିଥିଲେ। ସେଥିପାଇଁ ଖ୍ରୀଷ୍ଟମାସ ସମୟରେ ଲୋକମାନଙ୍କ ମଧ୍ୟରେ ଉପହାର ବିନିମୟ ହୋଇଥାଏ। ଦୀନଦୁଃଖୀ ଏବଂ ଅଭାବଗ୍ରସ୍ତ ଲୋକଙ୍କୁ ଏହି ଦିନମାନଙ୍କରେ ବିଭିନ୍ନ ପ୍ରକାରେ ସାହାଯ୍ୟ କରାଯାଇଥାଏ।

ଖ୍ରୀଷ୍ଟ ଶବ୍ଦର ଅର୍ଥ ହେଉଛି 'ଅଭିଷିକ୍ତ'। ଏହା ନାମବାଚକ ନୁହେଁ। ପ୍ରଭୁ ଯିଶୁ ଏକ ବିଶେଷ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଅଭିଷିକ୍ତ ହୋଇଥିଲେ। ବାଇବେଲ କହେ, ''ପ୍ରଭୁ ଯିଶୁ, 'ପରମେଶ୍ୱରଙ୍କ ମହିମାର ପ୍ରଭା ଓ ତାହାଙ୍କ ତତ୍ତ୍ୱର ପ୍ରତିମୂର୍ତ୍ତି, ସେ ଆପଣା ଶକ୍ତିଯୁକ୍ତ ବାକ୍ୟ ଦ୍ୱାରା ସମସ୍ତ ବିଷୟ ଧାରଣ କରନ୍ତି। ପୁଣି ପାପ ମାର୍ଜନା କଲା ଉତ୍ତାରେ ଊର୍ଦ୍ଧ୍ୱସ୍ଥ ମହାମହିମଙ୍କ ଦକ୍ଷିଣପାର୍ଶ୍ୱରେ ଉପବେଶନ କରିଅଛନ୍ତି।'' ପ୍ରଭୁ ଯିଶୁଖ୍ରୀଷ୍ଟ ଜୀବନ୍ତ ପରମେଶ୍ୱରଙ୍କ ପ୍ରଥମ ଓ ଶେଷ ମନୁଷ୍ୟ ଅବତାର ହୋଇ ଜନ୍ମଗ୍ରହଣ କରିଥିଲେ। ବାଇବେଲ କହେ, ''ପରମେଶ୍ୱର



ଓ ମନୁଷ୍ୟ ଜାତି ମଧ୍ୟରେ କେବଳ ଜଣେ ମଧ୍ୟସ୍ଥ ଅଛନ୍ତି– ସେ ହେଉଛନ୍ତି ପ୍ରଭୁ ଯିଶୁଖ୍ରୀଷ୍ଟ। 'ପ୍ରଭୁ ଯିଶୁ ଅଦୃଶ୍ୟ ଈଶ୍ୱରଙ୍କ ଦୃଶ୍ୟ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମ ଜାତ'। କାରଣ ଦୃଶ୍ୟ ଓ ଅଦୃଶ୍ୟ ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟ ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟ ହୋଇଅଛି।

ବାଇବେଲ କହେ, ''ସମସ୍ତ ବିଷୟ ସୃଷ୍ଟିହେବା ପୂର୍ବରୁ ସେ (ଯିଶୁ) ଅଛନ୍ତି ଓ ତାହାଙ୍କଠାରେ ସମସ୍ତ ବିଷୟର ଅସ୍ତିତ୍ୱ ଅଛି। ଆଉ ସେ ମଣ୍ଡଳୀ (ଚର୍ଚ୍ଚ) ରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଜି, ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି।'' କାରଣ ଈଶ୍ୱରଙ୍କ ସନ୍ତୋଷ ହେଲା ଯେ, ତାହାଙ୍କଠାରେ ସମସ୍ତ ପୂର୍ଣ୍ଣତା ବାସ କରିବ। ପୁଣି ତାହାଙ୍କ କ୍ରୁଶର ରକ୍ତରେ ସେ ଶାନ୍ତି ସ୍ଥାପନକରି ତାହାଙ୍କ ଦ୍ୱାରା ପୃଥିବୀ ବା ସ୍ୱର୍ଗରେ ସ୍ଥିତ ସମସ୍ତ ବିଷୟର ମିଳନ କରନ୍ତି। ଯେ ବର୍ତ୍ତମାନ, ଭୂତ ଓ ଭବିଷ୍ୟତ, ଯେ ସର୍ବଶକ୍ତିମାନ, ସେହି ପ୍ରଭୁ ଯିଶୁ ଈଶ୍ୱର କହନ୍ତି, ଆମ୍ଭେ 'କ' ଓ 'କ୍ଷ'– ଆରମ୍ଭ ଓ ଶେଷ। 'ସେ ଆପଣା ଦକ୍ଷିଣ ହସ୍ତରେ ସପ୍ତ ନକ୍ଷତ୍ର ଧାରଣ କରିଥିଲେ, ତାହାଙ୍କ ମୁଖରୁ ତୀକ୍ଷ୍ଣ ଦ୍ୱିଧାର ଖଡ୍ଗ ନିର୍ଗତ ହେଉଥିଲା, ଆଉ ତାହାଙ୍କ ମୁଖ ମଧ୍ୟାହ୍ନକାଳୀନ ସୂର୍ଯ୍ୟ ପରି ତେଜମୟ ଥିଲା। ସେ ହେଉଛନ୍ତି ପ୍ରଭୁ ଯିଶୁଖ୍ରୀଷ୍ଟ।

କେତେକ ଚର୍ଚ୍ଚରେ ସୁନ୍ଦର ଭାବରେ ଶିଶୁ ଯିଶୁଖ୍ରୀଷ୍ଟ, ଗୁହାଳକୁଣ୍ଡରେ ଶୋଇଥିବା ଚିତ୍ର ଓ ସାଜସଜ୍ଜା ଦେଖିବାକୁ ମିଳେ। ପ୍ରଭୁ ଯିଶୁଙ୍କ ଶାରୀରିକ ଜନ୍ମ ହଜାର ହଜାର ବର୍ଷ ତଳେ ହୋଇଥିଲା। ପ୍ରତିବର୍ଷ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ସେହି ଶିଶୁ ରୂପ ନ ଥାଏ। ଯିଶୁ ଆଉ ଶିଶୁ ନୁହନ୍ତି। କିନ୍ତୁ ପ୍ରଭୁମାନଙ୍କ ପ୍ରଭୁ,ଦେବମାନଙ୍କ ଦେବ, ରାଜାମାନଙ୍କ ରାଜା। ସେଥିପାଇଁ ପ୍ରଭୁ ଯିଶୁଙ୍କ କୌଣସି ପ୍ରକାର ଛବି ବା ପ୍ରତିମା, ମୂର୍ତ୍ତିକୁ ପୂଜା ଅର୍ଚ୍ଚନା କରାଯାଏ ନାହିଁ। ଈଶ୍ୱର ଏବଂ ଯିଶୁଙ୍କ ଆକୃତି ଏବଂ ପ୍ରତିରୂପକୁ କଳାକାର ଚିତ୍ରଣ କରିପାରିବ ନାହିଁ। କାରଣ ଈଶ୍ୱରଙ୍କୁ କୌଣସି ମନୁଷ୍ୟ ଦେଖିପାରିବେ ନାହିଁ ଏବଂ ଦେଖିଲା ପରେ ବଞ୍ଚିପାରିବେ ନାହିଁ। ବାଇବେଲ କହେ, ''ପ୍ରଭୁ ଯିଶୁ ଆଜି, କାଲି ଓ ଆସନ୍ତାକାଲି ସମାନ ।''

ପ୍ରଭୁ ଯିଶୁଙ୍କୁ ହୃଦୟରେ ବିଶ୍ୱାସକରି ମୁଖରେ ସ୍ୱୀକାର କରିବା ଏବଂ ନିଜ ପାପ ପ୍ରଭୁ ଯିଶୁଙ୍କ ନିକଟରେ, ପାପୀ ବୋଲି ସ୍ୱୀକାର କଲେ, ଯେକୌଣସି ବ୍ୟକ୍ତି, ଜାତି, ଧର୍ମ, ବର୍ଣ୍ଣ,କାଳ,ପାତ୍ର ନିର୍ବିଶେଷରେ ପରିତ୍ରାଣ ମୋକ୍ଷପ୍ରାପ୍ତ ହେବ। କିନ୍ତୁ 'ଖ୍ରୀଷ୍ଟଧର୍ମ' ଗ୍ରହଣ କରିବା ଦ୍ୱାରା କେହି କେବେହେଲେ ପରିତ୍ରାଣ ପାପକ୍ଷମା ପାଇବେ ନାହିଁ। ପାପକ୍ଷମା ଓ ପରିତ୍ରାଣ ପାଇଁ ଏକମାତ୍ର ପଥ, ସତ୍ୟ ଓ ଜୀବନ ହେଉଛନ୍ତି ପ୍ରଭୁ ଯିଶୁଖ୍ରୀଷ୍ଟ। କୌଣସି ଧର୍ମ ସହ ପାପକ୍ଷମା ଓ ପରିତ୍ରାଣ ଓ ପ୍ରଭୁ ଯିଶୁଖ୍ରୀଷ୍ଟ ଦତ୍ତ ମୁକ୍ତିର ସମ୍ପର୍କ ନାହିଁ। ଏଥିପାଇଁ 'ଖ୍ରୀଷ୍ଟିଆନ' ହେବା ବା 'ଧର୍ମ' ପରିବର୍ତ୍ତନ କରିବା ବା 'ଖ୍ରୀଷ୍ଟଧର୍ମ' ଗ୍ରହଣ କରିବା ଆବଶ୍ୟକ ହିଁ ନାହିଁ।

ଈଶ୍ୱରଙ୍କ ପ୍ରଥମ ଶେଷ ଅବତାର ହେଉଛି ଖ୍ରୀଷ୍ଟମାସ। ଏହାର କୌଣସି ଦର୍ଶନ ଶାସ୍ତ୍ର, ଧର୍ମ, ପରମ୍ପରା, ଦେବ ଉପଖ୍ୟାନ ଏବଂ ସଂସ୍କୃତି ସହ ସମ୍ପର୍କ ନାହିଁ। ଗୋଟିଏ ପକ୍ଷରେ ଜୀବିତ ପରମେଶ୍ୱରଙ୍କ ସମ୍ପର୍କରେ, ଅନ୍ୟପକ୍ଷରେ ମନୁଷ୍ୟଜାତି ଏବଂ ଦୁହିଁଙ୍କ ମଧ୍ୟରେ ବଳିଦାନର ମୂଳ ସ୍ରଷ୍ଟା ଏବଂ ସୁସମ୍ପର୍କରେ କର୍ତ୍ତା ପ୍ରଭୁ ଯିଶୁଖ୍ରୀଷ୍ଟ। ଖ୍ରୀଷ୍ଟମାସର ବାର୍ତ୍ତା ସବୁବେଳେ ସମସ୍ତଙ୍କ ପାଇଁ, କେବଳ ଡିସେମ୍ବର ମାସ, ଖ୍ରୀଷ୍ଟମାସ ଋତୁରେ ନୁହେଁ, ବର୍ଷ ସାରା ଯେକୌଣସି ସମୟରେ ଏବଂ ଯେକୌଣସି ପରିସ୍ଥିତି ଏବଂ ସ୍ଥାନରେ ଏହା ପ୍ରଯୁଜ୍ୟ।

ମୋ:୯୪୯୪୭୮୨୭୭୭

## ଏଇ ଭାରତରେ

ବୟସ ୭୦ ଛୁଇଁଲାଣି। ଚିକିତ୍ସା କରିବାର ଇଚ୍ଛାଶକ୍ତି ଆଗରେ ବୟସ ହାର ମାନିଛି। ଏଭଳି ଜଣେ ସେବାରେ ସମର୍ପିତ ଡାକ୍ତର ହେଉଛନ୍ତି ଅରୁଣୋଦୟ ମଣ୍ଡଳ। ସେ ପଶ୍ଚିମବଙ୍ଗର ଦୁର୍ଗମ ସୁନ୍ଦରବନ ଅଞ୍ଚଳକୁ ସପ୍ତାହାନ୍ତରେ ଗସ୍ତକରି ଲୋକଙ୍କୁ ମାଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଡ. ମଣ୍ଡଳ ରହୁଛନ୍ତି କୋଲକାତାରେ। ସେଠାରୁ ପ୍ରତି ଶନିବାର ୧୬୦ କି.ମି. ଗସ୍ତକରି ସୁନ୍ଦରବନସ୍ଥିତ ତାଙ୍କ ସୁଜାନ କ୍ଲିନିକ୍‌ରେ ପହଞ୍ଚୁଛନ୍ତି। ଏହି କାର୍ଯ୍ୟ ସେ ୨୩ ବର୍ଷ ହେଲା କରିଆସୁଛନ୍ତି ଓ ପ୍ରତିବର୍ଷ ସେ ୧୨,୦୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଉଛନ୍ତି। ଡ. ମଣ୍ଡଳ ଏମ୍‌ବିବିଏସ୍ ଶେଷକରି କୋଲକାତାର ଏକ ଶିଶୁ ଡାକ୍ତରଖାନାରେ ଯୋଗଦେଇ କିଛି ବର୍ଷ କାର୍ଯ୍ୟ କରିଥିଲେ। ୧୯୮୦ରେ ତାହାକୁ ଛାଡ଼ି ନିଜେ ଲୋକଙ୍କ ସେବା ଆରମ୍ଭ କରିବା ସହ ୨୦୦୦ରେ ସୁନ୍ଦରବନ ଅଞ୍ଚଳରେ ମାଗଣା ଚିକିତ୍ସା ଆରମ୍ଭ କରିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଡିସେମ୍ବର ୧୯୭୪**

- ରାଜ୍ୟ ବିଧାନ ସଭାରେ ନଦୀ ଜଳ ଦୂଷିତକରଣ ନିରୋଧ ସଂଶୋଧନ ଆଇନ ଗୃହୀତ।
- ଭାରତୀୟ ପେସାଦାର ସାମ୍ବାଦିକ ମହାସଂଘର ସଭାପତି ତଥା ସ୍ଥାନୀୟ ଦୈନିକ ସମ୍ବାଦପତ୍ର 'ଫ୍ରି ପ୍ରେସ୍ ଜର୍ଣ୍ଣାଲ'ର ଜୈନକ ସାମ୍ବାଦିକ ଏସ୍.ବି. କୋଲ୍‌ପେ ସସ୍‌ପେଣ୍ଡ୍।
- ତୀର୍ଥଯାତ୍ରୀମାନଙ୍କୁ ତିବ୍ବତ ଅନ୍ତର୍ଗତ ମାନସରୋବର ତୀର୍ଥଯାତ୍ରା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଭାରତ ସରକାରଙ୍କ ଅଗ୍ରାହ୍ୟ।

## ଚିରନ୍ତନୀ

ଉଚ୍ଚାରିଲ ଯେଉଁ ମନ୍ତ୍ର ଉଚ୍ଚେ ତୋଳି କୋଟି ଅଭିଳାଷ
ଠୁଳ ହେଲା ତୁମ ତହିଁ ସହସ୍ର ବର୍ଷର ଇତିହାସ
ସେହି ମନ୍ତ୍ର ଜଗତରେ ଆଣିବ କଲ୍ୟାଣ ସ୍ରୋତ ବହି
ଲୋଡ଼ା ତୁମେ ଯୁଗେ ଯୁଗେ ଜାଗ ଜାଗ ଆହେ ସତ୍ୟାଗ୍ରହି!
–(ଜାଗ ଜାଗ ଗାନ୍ଧୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଆ ବ୍ୟାକରଣ ପୁନଃ ପ୍ରଚଳନ ହେଉ

ମହାଶୟ,

ପୂର୍ବରୁ ସରକାରୀ ବିଦ୍ୟାଳୟରେ ୪ର୍ଥ, ୫ମ ଶ୍ରେଣୀରେ 'ଠିକ୍ ଲେଖ ଠିକ୍ ପଢ଼' ବହିଟିଏ ପଢ଼ା ହେଉଥିଲା, ଫଳରେ ପିଲାମାନେ କିପରି ଠିକ୍ ଲେଖିବେ ଓ ଠିକ୍ ପଢ଼ିବେ ତାହା ଜାଣିପାରୁଥିଲେ। ପୁଣି ୬ଷ୍ଠ, ୭ମ ଶ୍ରେଣୀରେ 'ଓଡ଼ିଆ ବ୍ୟାକରଣ' ବହି ପଢ଼ା ହେଉଥିଲା। ଏହାଦ୍ୱାରା ପିଲାଙ୍କ ଭାଷାଜ୍ଞାନ ବଢ଼ିବା ସହ ଉପର ଶ୍ରେଣୀରେ ଉପକୃତ ହେଉଥିଲେ। ବିଭିନ୍ନ ଆଳ ଦେଖାଇ ୨୦୧୦ରୁ ସରକାରୀ ସ୍ତରରେ ବ୍ୟାକରଣ ପଢ଼ାକୁ ଉଚ୍ଛେଦ କରାଗଲା। ଏହାଦ୍ୱାରା ପିଲାଙ୍କର ଭାଷାଜ୍ଞାନ ବଢ଼ିଲା କି କମିଲା ପାଠକେ ବିଚାର କରିବେ। ଯଦି ପିଲାଙ୍କ ପାଇଁ ବୋଝ ଭାବି ଉଠାଇ ଦିଆଯାଇଥାଏ, ତେବେ ବେସରକାରୀ ବିଦ୍ୟାଳୟରେ ପ୍ରଚଳନ ହେଉଛି କିପରି? ସରକାରୀ ବେସରକାରୀ ପିଲାଙ୍କ ମଧ୍ୟରେ ଏତେ ପାତରଅନ୍ତର କାହିଁକି? ଏଣୁ ସରକାରୀ ସ୍କୁଲରେ ଏହାକୁ ପୁନଃ ପ୍ରଚଳନ କଲେ ପିଲାଙ୍କ ଓଡ଼ିଆ ଭାଷାଜ୍ଞାନର ପରିସୀମା ବୃଦ୍ଧି ପାଇବ ବୋଲି ମୋର ଆଶା ଓ ବିଶ୍ୱାସ।

–ବ୍ରଜବନ୍ଧୁ ମହାରଣା, ଦୋଳମଣ୍ଡପ ସାହି, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଧାକୃଷ୍ଣଙ୍କୁ ଲାଗିହେଲା ୮୫୧ ପ୍ରକାର ବ୍ୟଞ୍ଜନ



ପୁରୀ, ୨୪।୧୨(ଅଜିତ୍ ମହାନ୍ତି)

## ଶ୍ରୀଗୌରବିହାର ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ

ମାର୍ଗଶିର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିକୁ ବ୍ୟଞ୍ଜନ ଦ୍ୱାଦଶୀ ଭାବେ ବୈଷ୍ଣବ ସମ୍ପ୍ରଦାୟରେ ଆନନ୍ଦ ଉଲ୍ଲାସରେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ରବିବାର ଶ୍ରୀଗୌରବିହାର ଆଶ୍ରମ (ମାତା ମଠ) ପରିସରରେ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ ପାଳିତ ହୋଇଯାଇଛି। ଏହି ପବିତ୍ର ତିଥିରେ ଶ୍ରୀରାଧାକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କ ନିକଟରେ ୮୫୧ରୁ ଉର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ନୈବେଦ୍ୟ ଅର୍ପଣ କରାଯାଇଥିଲା। ମଠର ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଶ୍ରଦ୍ଧାଳୁମାନେ ଯୋଗଦେଇଥିଲେ। ଭୋରରୁ ସମସ୍ତ ଦେବନୀତି ସମାପ୍ତ ପରେ ମଧ୍ୟାହ୍ନରେ ଶ୍ରୀକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କୁ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଓ ବ୍ୟକ୍ତିବିଶେଷ ଯୋଗଦେଇଥିଲେ।

ମଠ ମହନ୍ତ ସୁବଳ ଚରଣ ଦାସ ମହାରାଜଙ୍କ କହିବା ଅନୁଯାୟୀ, ଆଶ୍ରମର ଆରାଧ ଶ୍ରୀରାଧାକୃଷ୍ଣ ଓ ଶ୍ରୀଚୈତନ୍ୟଙ୍କୁ ଏହି ବ୍ୟଞ୍ଜନ ଅର୍ପଣ କରାଯାଇଥାଏ। ୨୦୧୭ ମସିହାରେ ୬୧୧, ୨୦୧୮ରେ ୬୩୫, ୨୦୧୯ରେ ୬୭୫ ଏବଂ ୨୦୨୦ରେ ମହାମାରୀ କରୋନା କଟକଣା ମଧ୍ୟରେ ୧୫୧ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ସେହିପରି ୨୦୨୧ ମସିହାରେ ୭୦୧ ଏବଂ ୨୦୨୨ରେ ୮୨୧ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥିଲା। ତେବେ ଚଳିତ ବର୍ଷ ୮୫୧ ପ୍ରକାର ବ୍ୟଞ୍ଜନ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ପ୍ରକାରର ଅନ୍ନ, ଡାଲି, ତରକାରି, ୫୦ ପ୍ରକାର ଭଜା, ୨୫ ପ୍ରକାର ଶାଗ, ୨୩୩ ପ୍ରକାର ଚଟଣି, ବିଭିନ୍ନ ପ୍ରକାର ଖିରି, ମିଠା, କଚୋଡ଼ି ପ୍ରସ୍ତୁତ କରାଯାଇଥିଲା। ପୂର୍ବରାତି ୧୨ଟା ପରେ ସମସ୍ତ ବ୍ୟଞ୍ଜନ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ସେବକ ଅତି ନିଷ୍ଠାର ସହ ଚୁଲିରେ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ବ୍ୟଞ୍ଜନ ପ୍ରସ୍ତୁତିରେ ଓଡ଼ିଶା, ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନ ସମେତ ପୁରୀର ଭକ୍ତମାନେ ସହଯୋଗ କରିଥିଲେ। ଦ୍ୱାଦଶୀ ବ୍ୟଞ୍ଜନକୁ ନେଇ ଜନଶ୍ରୁତି ରହିଛି ଯେ, ଦ୍ୱାପର ଯୁଗରେ ଯଶୋଦା ଦେଖିଲେ ଯେ ପୁଅ କୃଷ୍ଣ(କାହ୍ନା)ଙ୍କ ଦେହ ଝଡ଼ିଯାଇଛି। ସେ ଭଲରେ ନ ଖାଇ ନ ପିଇ ଏମିତି ହୋଇଗଲେଣି। ତେଣୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାର ପୁଷ୍ଟିକର ତଥା ବ୍ୟଞ୍ଜନ ପ୍ରସ୍ତୁତ କରି ଏହି ପବିତ୍ର ତିଥିରେ ତାଙ୍କୁ ପରଷି ଦେଇଥିଲେ। ସେହିପରି ଶ୍ରୀଚୈତନ୍ୟଙ୍କୁ ବାଲ୍ୟକାଳରେ ତାଙ୍କ ମା' ସଚୀ ଦେବୀ ଏହି ଦିନ ବହୁବିଧ ବ୍ୟଞ୍ଜନ ପ୍ରସ୍ତୁତ କରି ଖୁଆଇଥିବାର ଜନଶ୍ରୁତି ରହିଛି। ଏହାକୁ ଆଧାର କରି ଗୌଡୀୟ ବୈଷ୍ଣବମାନେ ଏହି ଦିନ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରିଥାନ୍ତି।

# ମହାପ୍ରଭୁଙ୍କର ବଡ଼ମହାସ୍ନାନ, ୨ଘଣ୍ଟା ନୀତି ବିଳମ୍ବ

ପୁରୀ,୨୪।୧୨(ଅଜିତ୍ ମହାନ୍ତି)

## ଶ୍ରୀମନ୍ଦିରରେ ରକ୍ତଛିଟା

ପୁରୀରେ ରବିବାର ପ୍ରବଳ ଗହଳି ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଛି। ତେବେ ଶ୍ରୀମନ୍ଦିରରେ ରକ୍ତଛିଟା ପଡ଼ିବାରୁ ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ହୋଇଛି। ଫଳରେ ଅନ୍ୟାନ୍ୟ ନୀତିରେ ୨ ଘଣ୍ଟା ବିଳମ୍ବ ଘଟିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଶ୍ରୀବିଗ୍ରହମାନଙ୍କ ସକାଳଧୂପ ନୀତି ସରି ଭକ୍ତଙ୍କ ଦର୍ଶନ ଚାଲିଥିଲା। ଏହି ସମୟରେ ଭିତର କାଠ ନିକଟ ବାହାର ପାର୍ଶ୍ୱରେ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେଣୁ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତଙ୍କ ଦର୍ଶନ ବନ୍ଦ ରଖାଯିବା ସହ କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ଏଥିପାଇଁ ପ୍ରାୟ ୨ଘଣ୍ଟା ନୀତି ବିଳମ୍ବ ହୋଇଥିଲା। ବଡ଼ମହାସ୍ନାନ ପରେ ଅନ୍ୟାନ୍ୟ ନୀତି ହେବା ସହ ପୁନର୍ବାର ଦର୍ଶନ ଚାଲିଥିଲା।

# ଜାନୁୟାରୀ ୧୫ ସୁଦ୍ଧା ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସମ୍ପୂର୍ଣ୍ଣ କର: ପାଣ୍ଡିଆନ୍

ଭୁବନେଶ୍ୱର/ସାକ୍ଷୀଗୋପାଳ, ୨୪।୧୨
(ସୁନିତ୍ ମିଶ୍ର/କିଶୋର ମହାପାତ୍ର/ପ୍ରଶାନ୍ତ ବାରିକ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ସତ୍ୟବାଦୀ ଗସ୍ତକରି ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଆସନ୍ତା ଜାନୁୟାରୀ ୧୫ ସୁଦ୍ଧା ଏହାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ଜାନୁୟାରୀ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ପାଣ୍ଡିଆନ୍ ସୂଚନା ଦେଇଛନ୍ତି।

ପ୍ରଥମ ପର୍ଯ୍ୟାୟରେ ୮.୬ ଏକର ଅଞ୍ଚଳରେ ନିର୍ମାଣ କାର୍ଯ୍ୟ କରାଯାଉଛି। ଏଠାରେ ୨୦୦ ଛାତ୍ରୀଛାତ୍ରଙ୍କ କ୍ଷମତା ଥିବା ଏକ ସ୍କୁଲ ଅଫ୍ ଲର୍ନିଂ, ୩୨ ଜଣିଆ ଛାତ୍ରୀଛାତ୍ର କ୍ଷମତା ଥିବା ଗୋଟିଏ ପୁରୁଷ ଏବଂ ଗୋଟିଏ ମହିଳା ହଷ୍ଟେଲ ବ୍ଲକ୍, ୧୬ ସ୍କଲାରଙ୍କ ପାଇଁ ଏକ ହଷ୍ଟେଲ, ପାଠାଗାର, କାଫେଟେରିଆ, ଏକ ପ୍ରଶାସନିକ ବ୍ଲକ୍, ଉନ୍ନତ ବିକଶିତ କୁଣ୍ଡ(ଜଳାଶୟ)ର ବ୍ୟବସ୍ଥା ରହିଛି। ପାଣ୍ଡିଆନ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପରିଦର୍ଶନ କରି ସମସ୍ତ କାର୍ଯ୍ୟର ଯାଞ୍ଚ କରିଛନ୍ତି। ସମସ୍ତ ସ୍ୱତନ୍ତ୍ର ବ୍ଲକ୍, ଲ୍ୟାଣ୍ଡସ୍କେପିଂ କାର୍ଯ୍ୟର ଅଗ୍ରଗତି ଏବଂ ଆଭ୍ୟନ୍ତର ରାସ୍ତା କାର୍ଯ୍ୟ ସେ ଅନୁଧ୍ୟାନ କରିଥିଲେ। ସ୍ଥାପତ୍ୟ ଏବଂ ନିର୍ମାଣ କାର୍ଯ୍ୟର ଅଗ୍ରଗତିକୁ ପ୍ରଶଂସା କରିବା ସହିତ ଜାନୁୟାରୀ ୧୫ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସିଦ୍ଧ ସତ୍ୟବାଦୀ ବନ ବିଦ୍ୟାଳୟ ନିକଟରେ ଅବସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ ହେଉଛି ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ଏକ ଡ୍ରିମ୍ ପ୍ରୋଜେକ୍ଟ। ବିଶ୍ୱବିଦ୍ୟାଳୟର ସୁନ୍ଦର ଏବଂ ଶାନ୍ତ କ୍ୟାମ୍ପସ୍‌ର ଡିଜାଇନ୍ ଏବଂ ସ୍ଥାପତ୍ୟରେ ଓଡ଼ିଆ ବର୍ଣ୍ଣମାଳାକୁ ସଫଳତାର ସହିତ ବ୍ୟବହାର କରାଯାଇଛି। ଓଡ଼ିଆ ଭାଷାରେ ଗବେଷଣା ଏବଂ ବିକାଶ ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଏକ ଉତ୍କର୍ଷ କେନ୍ଦ୍ର ହେବ। ଏହାର କ୍ୟାମ୍ପସକୁ ଆସନ୍ତା ୨୦୨୪ ଜାନୁୟାରୀ ଶେଷ ସପ୍ତାହରେ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ପାଣ୍ଡିଆନ୍ ସୂଚନା ଦେଇଛନ୍ତି। ୫-ଟି ଅଧ୍ୟକ୍ଷଙ୍କ ଏହି ସମୀକ୍ଷା ଅବସରରେ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ, ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ସବିତା ପ୍ରଧାନ, ଓବିସିସି ପରିଚାଳନା ନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଲୋଇସିଂହା,୨୪।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲ ଆଗଲପୁର ବ୍ଲକ ଭରସୁଜା ଗ୍ରାମର ଧର୍ମ ପରାୟଣ ବ୍ୟକ୍ତି ଲେକ୍ସୁ ସାହୁ(୯୫)ଙ୍କର ଶନିବାର ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପରାୟଣ ବ୍ୟକ୍ତିଥିଲେ । ଗ୍ରାମରେ ବେଦ ଭବନ ପ୍ରତିଷ୍ଠା ପାଇଁ ବେଦଭବନ ଟ୍ରଷ୍ଟ ବୋର୍ଡକୁ ସେ ଜମି ଦାନ କରିଥିଲେ। ଗ୍ରାମର ସତୀଘାଟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି । ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠପୁତ୍ର ଆନନ୍ଦ ସାହୁଙ୍କ ସମେତ ୩ ପୁଅ, ବୋହୂ, ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତ ସାହୁଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି ।

### ମୁରିବାହାଲ ଓଏଭିର ବାର୍ଷିକ ଉତ୍ସବ

ମୁରିବାହାଲ, ୨୪।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ସଦର ମହକୁମାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ପିତାମ୍ବର ବେଶ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ପୂର୍ଣ୍ଣାନନ୍ଦ ପଟେଲ ଯୋଗଦେଇଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଜୀବନରେ ଭଲ ମଣିଷ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବତ୍ସ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡଧର ଭୋଇ, ମୁରିବାହାଲ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସୁଦାମ ଚରଣ ବଘାର ଯୋଗଦେଇଥିଲ। ମୁଖ୍ୟବକ୍ତା ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ନାୟକ ଉତ୍ସବରେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଶିବଶଙ୍କର ସେଠ ପରିଚାଳନା କରିଥିବା ବେଳେ ଅରକ୍ଷିତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଦିଆନମୁଣ୍ଡାରେ ଭାଲୁ, ଲୋକେ ଆତଙ୍କିତ

ନୂଆପଡ଼ା,୨୪।୧୨(ମକାରୁ ବେମାଲ)



ନୂଆପଡା ସହରରେ ଭାଲୁ ଆତଙ୍କରେ ସହରବାସୀ ଆତଙ୍କିତ ହୋଇପଡିଛନ୍ତି। ରବିବାର ଭୋର ସକାଳୁ ସଦର ବ୍ଲକ ଟାନୱାଟ ପଞ୍ଚାୟତ ଦିଆନମୁଣ୍ଡା ଗାଁ ନାଳ ନିକଟରେ ଭାଲୁ ବୁଲୁଥିବା ଗାଁ ଲୋକେ ଦେଖିବାକୁ ପାଇଲେ। ସୂଚନା ଯେ, ସକାଳୁ ଦିଆନମୁଣ୍ଡା ଗାଁର ଯୁବକ ନାଳକୁ ଶୌଚ କରିବା ପାଇଁ ଯାଇଥିଲେ। ସେଠାରେ ଭାଲୁ ବୁଲୁ ଥିବା ଦେଖି ଫେରି ଆସିଥିଲେ। ଗତ ୧୯ ତାରିଖରେ ସିଂ ପଡାର ମୁଖି ମହାରଥାଙ୍କୁ ଭାଲୁ ଆକ୍ରମଣ କରିଥିଲା। ପରେ ସେଠାରୁ ବାହାରି ଏନଏଚ ୩୫୩କୁ ଆସି ସେଠାରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ଗୀତା ନେତାମ ଓ ହିନା ସୁନାନୀଙ୍କୁ ଆକ୍ରମଣ କରିଥିଲା। ବୁଧବାର ସନ୍ଧ୍ୟାରେ ମହାମାୟା କଲେଜ ସମ୍ମୁଖ ରାସ୍ତା ଉପରକୁ ଆସି ଯାଇଥିଲା। ଏହାର ଭିଡିଓ ଏବଂ ଫୋଟୋ ସୋସିଆଲ ମିଡ଼ିଆରେ ଘୁରି ବୁଲୁଛ। ଏହା ସହିତ ମନ୍ଦିରପଡାର ଆୟନ ସୁନାନୀ ନାମକ ଏକ ଶିଶୁଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଗୁରୁବାର ମହୁଲଭଟା ଗାଁର ମୋହନା ରଣାଙ୍କ ଖେତପାଖ ଖୋଲା କୂଅରେ ଏକ ବୁଢା ଭାଲୁ ମରି ପଡ଼ିଥିଲା। ଏହାକୁ ବନ ବିଭାଗ ଉଦ୍ଧାର କରିଥିଲା। ଏ ନେଇ ନୂଆପଡା ରେଞ୍ଜରର ଆଲୋକ ମାଝିଙ୍କୁ ପଚାରିବାରୁ ସହର ନିକଟରେ ଜଙ୍ଗଲ ରହିଛି। ଖାଦ୍ୟ ଅଭାବରୁ ଭାଲୁ ସହର ମୁହାଁ ହେଉଛନ୍ତି ଏବଂ ପାଖ ସାଲିହା ଜଙ୍ଗଲରେ ଭାଲୁ ସଂଖ୍ୟା ଅଧିକ ରହିଛନ୍ତି। ବର୍ତ୍ତମାନ ଗଣତି କରାଯାଇ ନାହିଁ ବୋଲି ମାଝି ପ୍ରକାଶ କରିଛନ୍ତି। ଏହା ସହିତ ପେଟ୍ରୋଲିଙ୍ଗ ଓ ସଚେତନତା ଗାଡି ର ବ୍ୟବସ୍ଥା କରାଯାଇ ଥିବାର ସେ କହିଛନ୍ତି। ସହର ପାଖ ଜଙ୍ଗଲରେ କ୍ରଶରଗୁଡିକ ରହିଛି। ବୈଧ କିମ୍ବା ଅବୈଧ ଭାବେ କ୍ରଶରଗୁଡିକ ପାହାଡ଼ ବ୍ଲାଷ୍ଟିଂ କରୁଛନ୍ତି। ଯାହା ଦ୍ୱାରା ଭୟରେ ବାନ୍ୟଜନ୍ତୁ ସହରମୁହାଁ ହେଉଥିବା ସହରର ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି।

# ପ୍ରଗତି ଶିକ୍ଷାନୁଷ୍ଠାନରେ ପ୍ରଗତି ପ୍ରତିଭା ପରୀକ୍ଷା

ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ)

ଭବାନୀପାଟଣା ସହର ଉପକଣ୍ଠସ୍ଥ ପ୍ରଗତି ଶିକ୍ଷାନଷ୍ଠାନରେ ରବିବାର ପ୍ରଗତି ପ୍ରତିଭା ପରୀକ୍ଷା-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ତଥା ଜିଲା ବାହାରୁ ଆସିଥିବା ବାର ଶହେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପ୍ରତିଭା ପରୀକ୍ଷାରେ ସାମିଲ ହୋଇଥିଲେ। ପରେ ଅଂଶ ଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ପରୀକ୍ଷାର ଫଳାଫଳକୁ ଆଧାର କରି ଯୋଗ୍ୟ ବିବେଚିତ ପ୍ରତିଯୋଗୀମାନଙ୍କୁ ପ୍ରଗତି ପ୍ରତିଭା ପୁରସ୍କାରରେ ପୁରସ୍କୃତ କରାଯିବ। ଏହା ସହିତ ଆଗାମୀ ଶିକ୍ଷା ବର୍ଷରେ ଯୁକ୍ତ ୨ବିଜ୍ଞାନ ବିଭାଗରେ ୨ବର୍ଷ ପର୍ଯ୍ୟନ୍ତ ବିନା ଶୁଳ୍କରେ ପଢ଼ିବାର ସୁଯୋଗ ଦିଆଯିବ ବୋଲି ଅନୁଷ୍ଠାନ ମୁଖ୍ୟ ଅଜୟ ପଣ୍ଡା ଘୋଷଣା କରିଥିଲେ। ସେହିପରି ଶ୍ରେଷ୍ଠ ୫୦ଜଣ ମେଧାବୀ ଛାତ୍ରୀଛାତ୍ର ମେଧାବୃତ୍ତି ପାଇବା ସଙ୍ଗେ ଉକ୍ତ ଅନୁଷ୍ଠାନରେ ପଢ଼ିବାର ସୁବିଧା ପାଇ ପାରିବେ ବୋଲି ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ସମସ୍ତ ଅଭିଭାବକ ଓ ଅଭିଭାବିକାମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗତ ଶିକ୍ଷାବର୍ଷରେ ପଶ୍ଚିମ ଓଡିଶା ତଥା ଦକ୍ଷିଣ ଓଡ଼ିଶାର ସମଗ୍ର ୧୨ଟି ଜିଲା ମଧ୍ୟରେ ସର୍ବାଧିକ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ପ୍ରଗତି ଅନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏପରିକି ମେଡିକାଲ, ଇଂଜିନିୟରିଂ ପ୍ରବେଶିକା ପରୀକ୍ଷାଗୁଡିକରେ ମଧ ପ୍ରଗତି ଅନୁଷ୍ଠାନର ଅନେକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ରାଜ୍ୟ ପାଇଁ ଗୌରବ ଆଣିବାରେ ସକ୍ଷମ ହୋଇଛନ୍ତି। ସେହିପରି ଚଳିତ ବର୍ଷଠାରୁ ପ୍ରତିଭା ଛାତ୍ରୀଛାତ୍ରମାନଙ୍କ ଲକ୍ଷ୍ୟକୁ ଦୃଷ୍ଟିରେ ରଖି 'ଉଡାନ ବ୍ୟାଚ' କୋଚିଂ ବ୍ୟବସ୍ଥା ଆରମ୍ଭ କରାଯାଉଛି। ଏଥିରେ ଦେଶର ବିଭିନ୍ନ କୋଚିଂ ସେଣ୍ଟରରେ ଜଡିତ ଥିବା ଅଭିଜ୍ଞ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଆଣି କୋଚିଂ ଦେବା ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ପ୍ରଗତି ଶିକ୍ଷାନୁଷ୍ଠାନର ମୁଖ୍ୟ ଇଂ ଅଜୟ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ଅଧ୍ୟକ୍ଷ ଶେଷଦେ ମୁଣ୍ଡ, ଉପାଧ୍ୟକ୍ଷ ଅଶୋକ କୁମାର ସାହୁ, ମୁଖ୍ୟ ଶିକ୍ଷା ସଂଯୋଜକ ଅଞ୍ଜନ କୁମାର ରଣା ପ୍ରମୁଖ ଯୋଗଦେଇଥିଲେ। ସେହିପରି ପ୍ରଗତି ପ୍ରତିଭା ପରୀକ୍ଷାରେ ବିନୋଦ ବିହାରୀ ପ୍ରଧାନ, ଶଶି ଭୂଷଣ ଦାସ, ସସ୍ମିତା ସାହୁ, ଶୁକଦେବ ସାହୁ, ଗୌତମ ଟୋଲ୍ଲିଆ, ଇପ୍ସିତା ସ୍ୱାଇଁ, ରାକେଶ ଆଚାର୍ଯ୍ୟ, ଟିକେରାମ କୁମ୍ଭାର, ନିକିତା ମେହେର, ଜୟ ପ୍ରକାଶ ଖୁରା, ଘନ ସୁନ୍ଦର ଗଡ଼ତିଆ, ଅଭିଷେକ ପଟ୍ଟନାୟକ, ଇପ୍ସିତା ପଟ୍ଟଯୋଶୀ ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ବିଦ୍ୟା ସାଗର ମୁଣ୍ଡ ମଞ୍ଚ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।



ପ୍ରଗତି ପ୍ରତିଭା ପରୀକ୍ଷାରେ ସାମିଲ ଛାତ୍ରୀଛାତ୍ର।

# ଥାନାରେ ଲିଖିତ ଅଭିଯୋଗ ଦେଲେ ପୀଡ଼ିତାଙ୍କ ବାପା

ଭବାନୀପାଟଣା/ଜୁନାଗଡ଼,୨୪।୧୨
(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂ)

## ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା ଉଦ୍ୟମ ଘଟଣା

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ବାପା ରବିବାର ଜୁନାଗଡ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଘଟଣାରେ ସମ୍ପୃକ୍ତ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ପୀଡ଼ିତାଙ୍କ ବାପା ପୋଲିସଠାରେ ନିବେଦନ କରିଛନ୍ତି। ଏ ନେଇ ଜୁନାଗଡ ପୋଲିସ ଏକ ମାମଲା (ନଂ.୪୮୮/୨୩) ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ୨ଜଣ ନାବାଳକଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ଭବାନୀପାଟଣା ସଦର ଥାନା ଅଞ୍ଚଳର ହୋଇଥିବାବେଳେ ଗତ ୨୦ ତାରିଖରେ ସେ ଲକ୍ଷ୍ମୀପୂଜା ଦେଖିବାକୁ ଜୁନାଗଡ ଥାନା ଅଞ୍ଚଳର ନିଜ ମାମୁ ଘରକୁ ଆସିଥିଲେ। ଉକ୍ତ ରାତିରେ ନାବାଳିକା ପରିସ୍ରା ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଜବରଦସ୍ତି ଟେକି ନେଇ ଗଣବଳାତ୍କାର କରିଥିବା ଅଭିଯୋଗ କରିଛନ୍ତି। ନାବାଳିକା ଚିତ୍କାର କରିବାରୁ ସମ୍ପୃକ୍ତ ଯୁବକ ଗାମୁଛାରେ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ନାବାଳିକା ଅଚେତ ହେବାରୁ ସେମାନେ ମରିଗଲା ବୋଲି ଛାଡି ଚାଲିଯାଇଥିଲେ। ୨୧ ତାରିଖ ସକାଳେ ନାବାଳିକାଙ୍କୁ ଅଚେତ ଅବସ୍ଥାରେ ପଡିଥିବା ଗ୍ରାମବାସୀ ଦେଖି ଜୁନାଗଡ ପୋଲିସରେ ଜଣାଇବା ସହ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲେ। ପରେ ନାବାଳିକାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ସମୟରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ପରିବାରବର୍ଗଙ୍କୁ ଜଣାଇଥିଲେ।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ୨ ଗୁରୁତର

ଲାଞ୍ଜିଗଡ଼,୨୪।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ-ମୁନିଗୁଡା ମୁଖ୍ୟ ରାସ୍ତାରେ ୨ ବାଇକ୍ ମୁହାଁମୁହିଁ ଧକ୍କାରେ ଜଣେ ଯୁବକଙ୍କ ଅଯୋଧ୍ୟା ପ୍ରସାଦ (୨୨) ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁସାରେ ବେଦାନ୍ତର ସହଯୋଗୀ କମ୍ପାନୀରେ ଅଯୋଧ୍ୟା ଏବଂ ତାର ସାଥୀ ସୁରଜ ଦେବ କାମ କରୁଥିଲେ। ସେମାନେ ୨ଜଣ ଉତ୍ତର ପ୍ରଦେଶ ଦୁଦ୍ଧି ଥାନା ଅନ୍ତର୍ଗତ କଟାଉଲି ଗ୍ରାମର ଏବଂ ବସନ୍ତପଡ଼ା ଗ୍ରାମରେ ରହୁଥିଲେ। ରବିବାର ଛୁଟି ଥିବାରୁ ସନ୍ଧ୍ୟା ୬ଟାରେ ଅଯୋଧ୍ୟା ଏବଂ ସୁରଜ ୨ଜଣ ସଉଦା କିଣିବାକୁ ବସନ୍ତପଡ଼ାରୁ ଲାଞ୍ଜିଗଡ ବାଇକରେ ଆସୁଥିବା ବେଳେ ବଟେଲିମା ପଞ୍ଚାୟତ ବୋରିଙ୍ଗ ପଦର ଗ୍ରାମର ୨ଜଣ ସନ୍ତୋଷ ମାଝି (୨୫) ଏବଂ ଚଇତୁ ମାଝି (୨୨) ଲାଞ୍ଜିଗଡଠାରୁ ବସନ୍ତପଡାକୁ ବାଇକରେ ଯାଉଥିଲେ। ୨ବାଇକ ମୁହାଁ ମୁହିଁ ଧକ୍କା ହେବା ଫଳରେ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ଲାଞ୍ଜିଗଡ ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକୋକା ପୋଲିସ ଟିମ ପହଞ୍ଚି ଗୁରୁତରଙ୍କୁ ଡାକ୍ତଖାନା ପହଞ୍ଚାଇ ଥିଲେ। ଡାକ୍ତରଖାନାରେ ଡାକ୍ତର ଅଯୋଧ୍ୟାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୨ଜଣ ଗୁରୁତର ହେବାରୁ ସନ୍ତୋଷ ମାଝିଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଏବଂ ଚଇତୁ ମାଝିଙ୍କୁ ବିଷମକଟକ ଖ୍ରୀଷ୍ଟିଆନ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଭବାନୀ ଶଙ୍କର ଲେଙ୍କା ସୂଚନା ଦେଇଛନ୍ତ। ସୋମବାର ଶବ ବ୍ୟବଚ୍ଛେଦ ହେବ। ଏ ନେଇ ଲାଞ୍ଜିଗଡ ଥାନା ଏକ ମାମଲା (ନଂ.୯୨/୨୩) ରୁଜୁ କରି ତଦନ୍ତ କରାଯାଉଥିବା ଲାଞ୍ଜିଗଡ ଥାନାଧିକାରୀ ବିଜୟ ଲକ୍ଷ୍ମୀ ହିକୋକା ସୂଚନା ଦେଇଛନ୍ତି।

# ବିଜେଡିକୁ ଧାମନଗର ଚିନ୍ତା



ଧାମନଗର ନିର୍ବାଚନମଣ୍ଡଳୀର ଏକ ସ୍କୁଲରେ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ପିଲାମାନଙ୍କୁ ପଢ଼ାଉଛନ୍ତି।

**ଭଦ୍ରକ, ୨୪।୧୨(ସନାତନ ରାଉତ)**

୨୦୧୯ରେ ସାଧାରଣ ନିର୍ବାଚନରେ ଭଦ୍ରକ ଜିଲାର ୫ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ୪ଟି ଆସନ ବିଜେଡି ଖାତାକୁ ଯାଇଥିବା ବେଳେ ଏକମାତ୍ର ଧାମନଗର ଆସନରେ ଦଳ ପରାଜିତ ହୋଇଥିଲା। ପରେ ମଧ୍ୟ ଉପନିର୍ବାଚନରେ ଦଳ ପରାଜୟବରଣ କରିଥିଲା। ଶାସକ ଦଳ ସାରା ଓଡ଼ିଶାରେ ସମସ୍ତ ଉପନିର୍ବାଚନ ଜିତି ଆସୁଥିବା ବେଳେ ଧାମନଗରରେ ଏହି ବିଜୟର ଧାରା ଭାଙ୍ଗିଥିଲା। ଉପନିର୍ବାଚନରେ ପ୍ରାର୍ଥୀ ଚୟନ ହାରିବାର ମୁଖ୍ୟ କାରଣ ବୋଲି ସେତେବେଳେ ରାଜନୈତିକ ମହଲରେ ଚର୍ଚ୍ଚା ହୋଇଥିଲା। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏବେ ବିଜେଡିକୁ ପୁଣି ଧାମନଗର ଚିନ୍ତା ଘାରିଲାଣି।

୨୦୧୯ରେ ଭାଜପା ପ୍ରାର୍ଥୀ ବିଷ୍ଣୁ ସେଠୀ ୮୦,୧୧୧ ଖଣ୍ଡ ଭୋଟ ପାଇ ବିଜେଡିର ରାଜେନ୍ଦ୍ର ଦାସଙ୍କୁ ୪,୬୨୫ ଖଣ୍ଡ ଭୋଟ୍ ବ୍ୟବଧାନରେ ହରାଇଥିଲେ। ପରେ ବିଷ୍ଣୁଙ୍କ ପରଲୋକ ଯୋଗୁ ୨୦୨୨ ନଭେମ୍ବର ୩ରେ ଉପନିର୍ବାଚନ ହୋଇଥିଲା। ଭାଜପା ଅନୁକମ୍ପା ଭୋଟ ହାତେଇବା ପାଇଁ ବିଷ୍ଣୁଙ୍କ ପୁଅ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରାର୍ଥୀ କରିଥିଲା। ବିଜେଡି କିନ୍ତୁ ୨୦୧୯ର ପ୍ରତିଦ୍ୱନ୍ଦ୍ୱୀ ରାଜେନ୍ଦ୍ର ଦାସଙ୍କୁ ପ୍ରାର୍ଥୀ ନ କରି ଶେଷ ମୁହୂର୍ତ୍ତରେ ମହିଳା ପ୍ରାର୍ଥୀ ଭାବେ ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସଙ୍କୁ ପ୍ରାର୍ଥୀ କରିଥିଲା। ଫଳରେ ରାଜେନ୍ଦ୍ର ଅସନ୍ତୋଷ ପ୍ରକାଶ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜେଡି ରାସ୍ତାରେ କଣ୍ଟା ହୋଇଥିଲେ। ୩ଜଣ ପ୍ରାର୍ଥୀ ତିହିଡ଼ି ବ୍ଲକର ହୋଇଥିବା ବେଳେ କଂଗ୍ରେସ ଧାମନଗରବାସୀଙ୍କ ଭୋଟ ହାତେଇବା ପାଇଁ ଧାମନଗର ଏନ୍‌ଏସିରୁ ବାବା ହରେକୃଷ୍ଣ ସେଠୀଙ୍କୁ ଦଳୀୟ ପ୍ରାର୍ଥୀ କରିଥିଲା। ସୂର୍ଯ୍ୟବଂଶୀ ୮୦,୩୫୧ ଭୋଟ, ଅବନ୍ତୀଙ୍କୁ ୭୦,୪୭୦ ଭୋଟ ମିଳିଥିବା ବେଳେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ବାବା ହରେକୃଷ୍ଣଙ୍କୁ ମାତ୍ର ୩,୫୬୧ ଭୋଟ ମିଳିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ପାଇଥିଲେ ୮,୧୫୩ ଭୋଟ। ୨୦୧୪ରେ ବିଜେଡି ପ୍ରାର୍ଥୀ ମୁକ୍ତିକାନ୍ତ ମଣ୍ଡଳ ଭାଜପାର ବିଷ୍ଣୁ ସେଠୀଙ୍କୁ ପରାଜିତ କରିଥିବା ବେଳେ ୨୦୦୯ରେ ରାଜେନ୍ଦ୍ର ଦାସ ୪,୯୪୪ ଭୋଟରେ ବିଷ୍ଣୁ ସେଠୀଙ୍କୁ ପରାଜିତ କରିଥିଲେ। ଏହି ଆସନରେ ୨୦୦୪ରେ ବର୍ତ୍ତମାନର ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବିଜୟୀ ହୋଇ ମେଣ୍ଟ ସରକାରରେ ରାଜସ୍ୱ ମନ୍ତ୍ରୀ ହୋଇଥିଲେ।

ଜିଲାରେ ଏକମାତ୍ର ନିର୍ବାଚନମଣ୍ଡଳୀ ଧାମନଗରରେ ଭାଜପାର ସ୍ଥିତି ଅନ୍ୟ ନିର୍ବାଚନମଣ୍ଡଳୀ ଅପେକ୍ଷା ବର୍ତ୍ତମାନ ସୁଦୃଢ଼ ରହିଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି। ସୂର୍ଯ୍ୟବଂଶୀ ମଧ୍ୟ ତୃଣମୂଳ ସ୍ତରର ଲୋକଙ୍କୁ ଭେଟୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ କଂଗ୍ରେସ ତା'ର ସ୍ଥିତି ସଜାଡ଼ିବା ପାଇଁ କସରତ କରୁଥିବା ବେଳେ ବିଜେଡି ଏଥର କାହାକୁ ପ୍ରାର୍ଥୀ କରିବ ସ୍ପଷ୍ଟ ହୋଇନାହିଁ। ଧାମନଗର ରାଜନୀତିର ଅନ୍ୟତମ ବିଚକ୍ଷଣ ନେତା କୁହାଯାଉଥିବା ଧାମନଗରର ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକଙ୍କ ସହ ଡା. ସଞ୍ଜୟ ଦାସ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାରୁ ତାଙ୍କୁ ବିଜେଡି ଟିକେଟ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଗତ ଉପନିର୍ବାଚନରେ ସଞ୍ଜୟଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ଉପନିର୍ବାଚନ ପରଠାରୁ ସଞ୍ଜୟ ଧାମନଗରରେ ନିଜର ଉପସ୍ଥିତି ଜାହିର କରିବା ସହ ୨ଟି ବିରାଟ ସ୍ୱାସ୍ଥ୍ୟମେଳା ଆୟୋଜନ କରି ଚର୍ଚ୍ଚାରେ ଅଛନ୍ତି। ଦଳୀୟ କାର୍ଯ୍ୟକ୍ରମ ସହ ନିର୍ବାଚନମଣ୍ଡଳୀର ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେଇ ଦଳୀୟ କର୍ମୀଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛନ୍ତି। ସବୁପରେ ଧାମନଗର ଆସନ ଜିତିବା ପାଇଁ ବିଜେଡିର ଚିନ୍ତା ବଢ଼ି ଯାଇଥିବା ଚର୍ଚ୍ଚା ହେଉଛି।



କୁଜଙ୍ଗସ୍ଥିତ କଂଗ୍ରେସ ଜନସମ୍ପର୍କ କାର୍ଯ୍ୟାଳୟରେ ସମର୍ଥକଙ୍କ ଗହଣରେ ବାପି ସର୍ଖେଲ ଜନ୍ମଦିନ ପାଳୁଛନ୍ତି।

## ଜନ୍ମଦିନ ପାଳିଲେ ବାପି, କର୍ମୀ ଉତ୍ସାହିତ

**କୁଜଙ୍ଗ, ୨୪।୧୨(ମନୋଜ ପ୍ରଧାନ)**

ପାରାଦୀପ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ନେତା ବାପି ସର୍ଖେଲ ରବିବାର କୁଜଙ୍ଗସ୍ଥିତ କଂଗ୍ରେସ ଜନସମ୍ପର୍କ କାର୍ଯ୍ୟାଳୟରେ ସମର୍ଥକଙ୍କ ଗହଣରେ ୪୯ତମ ଜନ୍ମଦିନ ପାଳିଛନ୍ତି। ତେବେ ଯୁବ କଂଗ୍ରେସ ନେତା ବୀରେନ ଦଳାଇ କହିଛନ୍ତି, ପାରାଦୀପ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସୌଜନ୍ୟରୁ ବାପିଙ୍କ ଜନ୍ମଦିନ ପାଳନ କରାଯାଇଛି।

ପାରାଦୀପରେ କଂଗ୍ରେସ କର୍ମୀମାନେ ବହୁବର୍ଷ ହେବ ସେମାନଙ୍କ ନେତା ଓ ନେତୃତ୍ୱକୁ ନେଇ ସନ୍ଦିହାନ ହୋଇପଡ଼ିଥିବାବେଳେ ବାପିଙ୍କ ଆବିର୍ଭାବ ପରେ ଉତ୍ସାହିତ ହୋଇପଡ଼ିଛନ୍ତି। ଏହି ଜନ୍ମଦିନ ପାଳନ ଉତ୍ସବରେ ବାପିଙ୍କ ସ୍ତ୍ରୀ ଦୀପା ସର୍ଖେଲଙ୍କ ସମେତ ଯୁବ କଂଗ୍ରେସ ସଭାପତି ଅବିନାଶ ମଲ୍ଲିକ, ଅଶ୍ୱିନୀ ସ୍ୱାଇଁ, ଦୀପ୍ତିଭାନୁ ପାଣି, ବ୍ଲକ କଂଗ୍ରେସ ସଭାପତି ରମେଶ ଦାସ, ଏଏନ୍‌ଡି ଯାଦବ, ବିଶ୍ୱନାଥ ମଲ୍ଲିକ, ପ୍ରଶାନ୍ତ ପଟ୍ଟନାୟକ, କୁଜଙ୍ଗ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଅମିତ ଦାସ ଓ ପ୍ରଦୀପ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୧୯ରେ ବାପି ପାରାଦୀପ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସର ବିଧାୟକ ପ୍ରାର୍ଥୀ ହୋଇଥିଲେ। ସେତେବେଳେ ସେ ୫୧ହଜାର ଭୋଟ ପାଇଥିଲେ ମଧ୍ୟ ବିଜେଡି ପ୍ରାର୍ଥୀ ସମ୍ବିତ ରାଉତରାୟଙ୍କଠାରୁ ପରାଜିତ ହୋଇଥିଲେ। ଏହାପରଠୁ ସେ କଂଗ୍ରେସଠାରୁ ଦୂରତା ଅବଲମ୍ବନ କରୁଥିଲେ। ପରେ 'ଆମ ପାରାଦୀପ ଆମ ପ୍ରଗତି' ସଙ୍ଗଠନ ଗଢ଼ି ୨୦୨୨ ପୌର ନିର୍ବାଚନରେ ୯ଜଣ ସ୍ୱାଧୀନ ପ୍ରାର୍ଥୀଙ୍କୁ ଜିତାଇ ପୌର ପରିଷଦ ଗଠନରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା।

## ଭିଡିଓ ବାର୍ତ୍ତାରେ ସ୍ପଷ୍ଟୀକରଣ ରଖିଲେ

**ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)**



କାମିୟା ଜାନି

ଶ୍ରୀମନ୍ଦିରରେ ୟୁଟ୍ୟୁବ୍‌ଇନ୍‌ଫ୍ଲୁଏନ୍ସର କାମିୟା ଜାନି ପ୍ରବେଶ କରିବା ଏବଂ ମହାପ୍ରସାଦ ସେବନ କରିବା ଘଟଣାକୁ ନେଇ ରାଜ୍ୟ ରାଜନୀତି ଜୋର୍ ଧରିବାରେ ଲାଗିଛି। କାମିୟା ଗୋମାଂସର ପ୍ରଚାର କରୁଥିବା ବେଳେ ତାଙ୍କୁ କିଭଳି ସରକାରୀ ସୁବିଧା ଏବଂ ସୁରକ୍ଷା ଭିତରେ ଶ୍ରୀମନ୍ଦିରରେ ପ୍ରବେଶ କରାଇବାର ସୁଯୋଗ ଦିଆଗଲା ବୋଲି ବିରୋଧୀ ଭାଜପା ଏବଂ କଂଗ୍ରେସ ବାରମ୍ବାର ଟାର୍ଗେଟ କରିବାରେ ଲାଗିଛନ୍ତି। ତେବେ ଏହି ଘଟଣାରେ ବିଜେଡି ପାଲଟା ବିରୋଧୀଙ୍କୁ ଜବାବ ଦେଉଥିବା ବେଳେ କାମିୟା ପ୍ରଥମେ ସାମାଜିକ ଗଣମାଧ୍ୟମ ଜରିଆରେ ନିଜର ଲେଖା ଦେଇ ପକ୍ଷ ରଖିଥିଲେ। ତଥାପି ଏହି ଘଟଣାରେ ରାଜନୀତି ଥମୁ ନ ଥିବାରୁ କାମିୟା ରବିବାର ଏକ ଭିଡିଓ ବାର୍ତ୍ତା ଜାରିକରି ପୁଣିଥରେ ନିଜର ସ୍ପଷ୍ଟୀକରଣ ରଖିଛନ୍ତି। ସେ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି ଯେ, ସେ କାମିୟା ଜାନି, ତାଙ୍କ ବିଷୟରେ ବିଭିନ୍ନ ପ୍ରକାର ଅଲଗା ଅଲଗା କଥାବାର୍ତ୍ତା ଚାଲିଛି। ସେ ବିଷୟରେ ସ୍ପଷ୍ଟୀକରଣ ରଖିବାକୁ ଚାହାନ୍ତି। ସେ ଜଣେ ୟୁଟ୍ୟୁବର ଅଟନ୍ତି। ତାଙ୍କ କାମ ହେଉଛି ଦେଶର ଅଲଗା ଅଲଗା ଜାଗାକୁ ଯାଇ ସେଠାକାର ସଂସ୍କୃତି, ଖାଦ୍ୟ ଏବଂ ବିଭିନ୍ନ ପ୍ରକାର ଜିନିଷର ପ୍ରଚାର କରିବା ଏବଂ ଲୋକଙ୍କୁ ସେଠାକାର ସ୍ୱତନ୍ତ୍ରତା ବିଷୟରେ ଜଣାଇବା। ଜଣେ ହିନ୍ଦୁ ୟୁଟ୍ୟୁବର୍ ହୋଇଥିବାରୁ ଦେଶର ସଂସ୍କୃତି ଏବଂ ସଭ୍ୟତାକୁ ବିଶ୍ୱରେ ପହଞ୍ଚାଇବା ହେଉଛି ଉଦ୍ଦେଶ୍ୟ। ଗତ ବର୍ଷ ଏକ ଡକ୍ୟୁମେଣ୍ଟାରୀ ପ୍ରସ୍ତୁତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ବହୁ ଜଣାଶୁଣା ବ୍ୟକ୍ତି ଏହାକୁ ପ୍ରଶଂସା କରିଛନ୍ତି। ହେଲେ ଶ୍ରୀମନ୍ଦିର ଗସ୍ତ ଏବେ ବିବାଦ ଭିତରକୁ ଟାଣି ହୋଇଯାଇଛି। ହେଲେ ସେ ଏମିତି କିଛି ବି ନିୟମ ଭାଙ୍ଗିନାହାନ୍ତି ଯେଉଁଥିଲାଗି ବିବାଦ ଚାଲିଛି। ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ପୁରୀ ଯାଇଥିଲି। ଶ୍ରୀମନ୍ଦିରର ଭିତ୍ତିଭୂମି ବିକାଶ ଓ ସଂସ୍କୃତି ଲୋକଙ୍କ ପାଖରେ ପହଞ୍ଚାଇବା ହିଁ ମୁଖ୍ୟ ଉଦ୍ଦେଶ୍ୟ ଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ଏହି ଭ୍ରମଣ ବିବାଦୀୟ ହୋଇଛି। ହେଲେ ସେ କେବେହେଲେ ଗୋମାଂସ ଖାଇନାହାନ୍ତି କିମ୍ବା ତାହାର ପ୍ରଚାର କରିନାହାନ୍ତି। ଯେଉଁ କେରଳ ଭିଡିଓ ବିଷୟରେ କୁହାଯାଉଛି, ସେଠାରେ ସେ ଚଣା ତରକାରି ଖାଇଛନ୍ତି। ଗୋମାଂସ ଖାଇ ନ ଥିଲେ। ସେହିଭଳି ବହୁ ରେଷ୍ଟୁରାଣ୍ଟ ସେ ଯାଇଛନ୍ତି ଏବଂ ସ୍ଥାନୀୟ ଖାଦ୍ୟ ବିଷୟରେ ତଥ୍ୟ ରଖିଛନ୍ତି। ତେଣୁ ଏହା ଏକ ଭୁଲ୍ ବୁଝାମଣା ହୋଇଥାଇପାରେ, ତେଣୁ ତାଙ୍କର ସ୍ପଷ୍ଟୀକରଣ ପରେ ତାହା ଦୂର ହୋଇଯିବ ବୋଲି ସେ କହିଛନ୍ତି।

## ଆସନ୍ତା ନିର୍ବାଚନକୁ ନେଇ ବଦଳିପାରେ କଂଗ୍ରେସ, ଭାଜପାର ଆଭିମୁଖ୍ୟ

**ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଗଡ଼ ଭାଙ୍ଗିବାକୁ ଭାଜପା ଓ କଂଗ୍ରେସ ସ୍ୱତନ୍ତ୍ର ରଣନୀତି ଆପଣାଇବେ ବୋଲି ଚର୍ଚ୍ଚା ହେଉଛି। ଉଭୟ ଦଳର ନେତାମାନେ ଦିଲ୍ଲୀ ଯାଇ କେନ୍ଦ୍ରୀୟ ନେତୃତ୍ୱକୁ ଭେଟି ଫେରିବା ପରେ ଏଭଳି ଆଲୋଚନା ଜୋର୍ ଧରିଛି।

ପ୍ରତି ବୁଥ୍‌ରୁ ୫୦%ରୁ ଅଧିକ ଭୋଟ ପାଇବାକୁ ଭାଜପା ଟାର୍ଗେଟ ରଖିଛି। ଏଥିଲାଗି ଦଳୀୟ ନେତାମାନେ କୋଟିଏ ଘର ବୁଲି ମୋଦି ସରକାରର ସଫଳତା ବାର୍ତ୍ତା ଦେବେ ବୋଲି ଭାଜପା ନେତା ସୂଚନା ଦେଇଛନ୍ତି। ଅନ୍ୟପଟେ ପ୍ରଭାରୀ ପଦରେ ପରିବର୍ତ୍ତନ ହେବା ପରେ କଂଗ୍ରେସ କିଛି ନୂଆ ରଣନୀତି ଆପଣାଇବାକୁ ଯାଉଥିବା କୁହାଯାଉଛି। ନିକଟରେ ଭାଜପା ବିଧାୟକମାନେ ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ଭେଟିଥିଲେ। ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାବେଳେ ଦିଲ୍ଲୀ ଯାଇ କେନ୍ଦ୍ରୀୟ ନେତୃତ୍ୱଙ୍କଠାରୁ ମନ୍ତ୍ର ନେଇ ଭାଜପା ବିଧାୟକମାନେ ଫେରିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**■ କୋଟିଏ ଘରକୁ ଯାଇ କେନ୍ଦ୍ର ସରକାରଙ୍କ ସଫଳତା ବାର୍ତ୍ତା ବାଣ୍ଟିବ ଭାଜପା**

କହିଛନ୍ତି, ଓଡ଼ିଶାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବିଶ୍ୱସନୀୟତା ୮୦%ରୁ ଅଧିକ। ତାଙ୍କ କାର୍ଯ୍ୟଶୈଳୀର ପ୍ରଭାବ ରାଜ୍ୟ ଭୋଟରଙ୍କ ଉପରେ ନିଶ୍ଚିତ ପଡ଼ିବ। ଦଳ ୫୦% ଭୋଟ ଲକ୍ଷ୍ୟ ହାସଲ ଲାଗି ବୁଥ୍ ଏବଂ ୱାର୍ଡସ୍ତରରେ ଦଳୀୟ ନେତା ଓ କର୍ମୀମାନେ ଘରକୁ ଘର ବୁଲିବେ। ବିଧାୟକମାନେ ହଜାରେରୁ ୨ହଜାର ଓ ସାଂସଦ ୪ରୁ ୫ ହଜାର ଘରକୁ ବୁଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ବାର୍ତ୍ତା ଦେବାକୁ ନିର୍ଦ୍ଦେଶ ପାଇଛନ୍ତି। ମଧ୍ୟପ୍ରଦେଶ ଓ ଛତିଶଗଡ଼ ଭଳି ଓଡ଼ିଶାରେ ମଧ୍ୟ ଭାଜପା ମୋଦି ଗ୍ୟାରେଣ୍ଟି ଷ୍ଟ୍ରାଟେଜି ଆପଣାଇବ ବୋଲି ଦିଲ୍ଲୀରୁ ଫେରି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ରାଜ୍ୟ କଂଗ୍ରେସ ନେତାମାନେ ମଧ୍ୟ ଦିଲ୍ଲୀରେ ହାଇକମାଣ୍ଡଙ୍କୁ ଭେଟି ଗୁରୁମନ୍ତ୍ର ନେଇ ଫେରିଛନ୍ତି। ସେହିପରି ଚେଲ୍ଲା କୁମାରଙ୍କ ସ୍ଥାନରେ ଝାଡ଼ଖଣ୍ଡର ଟାଣୁଆ ନେତା ଅଜୟ କୁମାରଙ୍କୁ ଓଡ଼ିଶା କଂଗ୍ରେସ ଦାୟିତ୍ୱ ମିଳିଛି।

## କୁଇଣ୍ଟାଲ ପିଛା ଚାଷୀଙ୍କର ୫୧୭ ଟଙ୍କା କ୍ଷତି ହେଉଛି: କଂଗ୍ରେସ

**ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)**



ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ପ୍ରଦେଶ କିଷାନ କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲା ଗସ୍ତକରି ମଣ୍ଡିରେ ଚାଷୀ ଓ ପ୍ରଶାସନ ସହିତ ଆଲୋଚନା କରିଛି। ସବୁ ସ୍ଥିତିକୁ ଦେଖିବା ପରେ ଜଣାପଡ଼ିଛି ଚାଷୀମାନଙ୍କୁ ପ୍ରତି କୁଇଣ୍ଟାଲ ପିଛା ୫୧୭ ଟଙ୍କାର କ୍ଷତି ସହିବାକୁ ପଡୁଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ କୁଇଣ୍ଟାଲ ପିଛା ୬ ଶହ ଟଙ୍କାର ବୋନସ୍ ଦେବା ଆବଶ୍ୟକ। ପ୍ରତ୍ୟେକ ବ୍ଲକସ୍ତରରେ ମଣ୍ଡି ଜଗିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିବା ଅତ୍ୟନ୍ତ ଜରୁରୀ। ଏନେଇ କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଦାବିପତ୍ର ପଠାଯାଇଛି। ଯଦି ଏହି ସମସ୍ୟାର ସମାଧାନ କରା ନ ଯିବ ତେବେ ମଣ୍ଡିସ୍ତରରେ କିଷାନ କଂଗ୍ରେସ ପକ୍ଷରୁ ସରକାରଙ୍କ ବିରୋଧରେ ପ୍ରତିବାଦ କରାଯିବ ବୋଲି କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି।

କଂଗ୍ରେସ ଭବନଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମୀୟ କହିଛନ୍ତି, ବହୁବାର ଦାବି ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ସ୍ୱାମୀନାଥନ କମିଟି ସୁପାରିସ ଅନୁଯାୟୀ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ କି ଏନେଇ ଆଇନଗତ ଗ୍ୟାରେଣ୍ଟି ମଧ୍ୟ ମିଳିଲା ନାହିଁ। ମଣ୍ଡିରେ ବହୁ ଅବ୍ୟବସ୍ଥା ହେଉଥିବା ଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ସରକାର ଚାଷୀଙ୍କ ସମସ୍ତ ବଳକା ଧାନ ନିର୍ଦ୍ଧାରିତ ସମୟ ଓ ସର୍ବନିମ୍ନ ସହାୟକ ମୂଲ୍ୟରେ ୨୦୨୩ରେ ଖରିଫ୍ ଧାନ ସଂଗ୍ରହ କରିବା ପାଇଁ ଚାଷୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ହେଲେ ସେହି ପ୍ରତିଶ୍ରୁତି ରଖିଲେ ନାହିଁ। ଧାନ ଅମଳର ଠିକ୍ ସମୟରେ ମଣ୍ଡି ଖୋଲାଯାଉ ନାହିଁ। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ୧୫%ରୁ ଅଧିକ ଧାନ ଚାଷୀ କମ୍ ଦରରେ ବିକିବା ପରେ ମଣ୍ଡି ଖୋଲାଯାଉଛି। ଲଘୁଚାପ ଜନିତ ବର୍ଷାରେ ଧାନ ଫସଲ ବହୁଳ ଭାବେ ପ୍ରଭାବିତ ହୋଇଛି। ଧାନ ବେରଙ୍ଗୀ ହେବା ଦ୍ୱାରା ଏହାକୁ କିଣିବା ପାଇଁ ମିଲର ବିଭିନ୍ନ ଆଳ ଦେଖାଉଛନ୍ତି। ଧାନ କିଣାରେ ୨ରୁ ୫ କେ.ଜି. ପର୍ଯ୍ୟନ୍ତ କଟ୍‌ନୀ ଛଟ୍‌ନୀ ଚାଲିଛି। ବିଭିନ୍ନ ମଣ୍ଡିରେ ମାସକରୁ ଅଧିକ ଦିନ ହେଲା ଧାନ ପଡ଼ି ରହିଥିବା ବେଳେ ମିଲରମାନେ ତାହାକୁ ଉଠାଉନାହାନ୍ତି। ନିର୍ଦ୍ଧାରିତ ସମୟରେ ଚାଷୀ ଧାନ ବିକିବା ପାଇଁ ଟୋକନ ପାଉନାହିଁ। ଏହାଦ୍ୱାରା ମିଲର ମାଲାମାଲ ହେବା ବେଳେ ଚାଷୀ ହଜାରେ ୧୨ଶହ ଟଙ୍କାରେ ଧାନ ବିକିବାକୁ ବାଧ ହେଉଥିବା ସେ କହିଛନ୍ତି।

## ଢେଙ୍କାନାଳ, ଅନୁଗୋଳ ବିକାଶକୁ ସରକାର ଅଣଦେଖା କରୁଛନ୍ତି: ଭାଜପା

**ଭୁବନେଶ୍ୱର, ୨୪।୧୨(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଅନୁଗୋଳ ଓ ଢେଙ୍କାନାଳ ଜିଲା ସମେତ ଓଡ଼ିଶାର ବିକାଶକୁ ଅଣଦେଖା କରୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। ଖଣିସମୃଦ୍ଧ ଅଞ୍ଚଳ ଅନୁଗୋଳରୁ ୬୦ ହଜାର କୋଟି ଟଙ୍କା ରାଜସ୍ୱ ଆଦାୟ କରୁଥିଲେ ମଧ୍ୟ ରାଜ୍ୟ ସରକାର ଅନୁଗୋଳକୁ କ'ଣ ଦେଇଛନ୍ତି ବୋଲି ଭାଜପା ପ୍ରଶ୍ନ ଉଠାଇଛି।

ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ରବିବାର ଭାଜପା ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି, ନିଜର ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ କେବଳ କେନ୍ଦ୍ରକୁ ଦୋଷ ଦେବା ବିଜେଡି ନେତା ତଥା ସରକାରଙ୍କ ଏକ ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି। ନିକଟରେ ରାଜ୍ୟପାଳ ରଘୁବର ଦାସ ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ଯୋରନ୍ଦାରେ ବୃଦ୍ଧାଶ୍ରମ ଚଳାଇଥିବା ମହର୍ଷି ଦୟାନନ୍ଦ ସର୍ଭିସ ମିଶନକୁ ଜମି ହସ୍ତାନ୍ତର ପାଇଁ ସୁପାରିସ ସହ ଗତ ୨ ବର୍ଷ ହେଲା ଆର୍‌ପିଡିଏସି ବୈଠକ ନ ବସିବା ଫଳରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ଏହା ଉପରେ ରାଜ୍ୟ ସରକାର ଉତ୍ତର କେବେ ରଖିବେ। ବିଜେଡି ନେତା ଯେଉଁ କଟକ-ଅନୁଗୋଳ-ସମ୍ବଲପୁର ରାଜପଥ କଥା କହୁଛନ୍ତି, କେବଳ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ପାଇଁ ବର୍ତ୍ତମାନ ଦ୍ରୁତ ଗତିରେ ଏହି କାମ ତ୍ୱରାନ୍ୱିତ ହେଉଛି ବୋଲି ଅନିଲ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଅନେକ ଥର ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଭେଟି ମଧ୍ୟ ଏହା ଉପରେ ସମୀକ୍ଷା କରିଛନ୍ତି। କେନ୍ଦ୍ର ସରକାରଙ୍କୁ ସହଯୋଗ କରିବା ସ୍ଥଳେ ରାଜ୍ୟ ସରକାର କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ଅନିଲ କହିଛନ୍ତି।

# ରାମଚନ୍ଦ୍ରଙ୍କ ଶ୍ରାଦ୍ଧରେ ତାରା, ପାଙ୍ଗୀ, କୃଷ୍ଣ

## ବଦଳାଇ ଦେଇପାରନ୍ତି ବିଜେଡି, ଭାଜପା ସମୀକରଣ

**ରାୟଗଡ଼ା, ୨୪।୧୨(ଆଶିଷ ରଞ୍ଜନ ପଣ୍ଡା)**



ଏକ ଶ୍ରାଦ୍ଧ ଦିବସରେ ଏକାଠି ହେଲେ କଂଗ୍ରେସର ବରିଷ୍ଠ ନେତା। ଅବିଭକ୍ତ କୋରାପୁଟ ଜିଲାରେ କଂଗ୍ରେସରେ ଥିବା ଗୋଷ୍ଠୀକନ୍ଦଳ ଏକପ୍ରକାର ସମାଧାନ ହୋଇଛି ବୋଲି କୁହାଯାଉଛି। ଯଦି ଏପରି ହେଲା ତା ହେଲେ ଶାସକ ବିଜେଡି ଓ ଭାଜପା ପାଇଁ ଏଠାରେ ରାଜନୈତିକ ସମୀକରଣ ବଦଳିପାରେ ବୋଲି ଚର୍ଚ୍ଚା ହେଉଛି।

କୋରାପୁଟ ଏମ୍‌ପି ସପ୍ତଗିରି ଉଲାକାଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ ରାମଚନ୍ଦ୍ର ଉଲାକାଙ୍କ ଦ୍ୱାଦଶ ଶ୍ରାଦ୍ଧ ଦିବସ ରବିବାର ରାୟଗଡ଼ା ଅଶୋକ କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଥିଲା। ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲାର ସମସ୍ତ ବଡ଼ ବଡ଼ ନେତା ଏଥିରେ ସାମିଲ ହୋଇଥିଲେ। ସପ୍ତଗିରିଙ୍କ ନିମନ୍ତ୍ରଣ ରକ୍ଷାକରି ଜୟପୁରର କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟର ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି ଏବଂ କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣ ସଗରିଆ ପ୍ରମୁଖ ଯୋଗ ଦେଇଥିଲେ। ତେବେ ସପ୍ତଗିରିଙ୍କ ଡାକରାରେ ଜୟପୁର ବିଧାୟକ ବାହିନୀପତି ଯୋଗଦେବା ବିରୋଧୀଙ୍କୁ ଚକିତ କରିଛି। ଅବିଭକ୍ତ କୋରାପୁଟ ଜିଲାରେ ତାଙ୍କର ବ୍ୟକ୍ତିଗତ ସଙ୍ଗଠନ ଖୁବ୍ ସୁଦୃଢ଼। ସେହିପରି ଜୟରାମ ପାଙ୍ଗି କହିଛନ୍ତି, ଗୁଣପୁର ନିର୍ବାଚନ ମଣ୍ଡଳୀରେ ବିଧାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତା କଲେ ଜିତିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଯୁବ କଂଗ୍ରେସ ସମୟରୁ ସ୍ୱର୍ଗତ ରାମଚନ୍ଦ୍ରଙ୍କ ସହିତ ସମ୍ପର୍କ କଥା ତାରା ବଖାଣିଥିଲେ। ସ୍ୱର୍ଗତ ରାମଚନ୍ଦ୍ରଙ୍କ ନେତୃତ୍ୱରେ ଜିଲାରେ କଂଗ୍ରେସ ବେଶ୍ ସକ୍ରିୟ ଥିଲା। ଏବେ ସମସ୍ତ କର୍ମୀଙ୍କୁ ନେଇ ଆଗାମୀ ନିର୍ବାଚନ ଲଢ଼ିବୁ ବୋଲି ତାରା କହିଥିଲେ। ଜୟପୁର ନିର୍ବାଚନମଣ୍ଡଳୀରେ ସେ ବିଧାୟକ ଏବଂ ସପ୍ତଗିରି କୋରାପୁଟ ଏମ୍‌ପି ଭାବେ ନିଶ୍ଚୟ ଜିତିବେ ବୋଲି ତାରା ନିଜ ଅଭିଭାଷଣରେ କହିଥିଲେ।

ବିଜେଡି ଓ ଭାଜପା ପାଇଁ ଆଗାମୀ ନିର୍ବାଚନ ଜିତିବା କଷ୍ଟ ହେବ ବୋଲି କୋରାପୁଟର ପୂର୍ବତନ ବିଧାୟକ କୃଷ୍ଣ ସଗରିଆ କହିଛନ୍ତି। ଅନ୍ୟପଟେ ଏକଦା କଂଗ୍ରେସ ଗଡ଼ ଥିବା ଅବିଭକ୍ତ କୋରାପୁଟ ଜିଲାକୁ ପୁଣି ବିଜେଡି ହାତରୁ ଛଡ଼ାଇ ଜିତିବେ ବୋଲି ଏମ୍‌ପି ସପ୍ତଗିରି କହିଛନ୍ତି। ଚଳିତ ଥର ଶାସକ ବିଜେଡି ଯେତେ ଚେଷ୍ଟା କଲେ ମଧ୍ୟ କଂଗ୍ରେସ ଗଡ଼କୁ ଭେଦ କରିବାରେ ସଫଳ ହେବ ନାହିଁ ବୋଲି ଶ୍ରାଦ୍ଧ କାର୍ଯ୍ୟକ୍ରମରେ ଯୋଗଦେଇ ଦଳର ବରିଷ୍ଠ ନେତାମାନେ ମତ ଦେଇଛନ୍ତି। ଏଭଳିକି କାର୍ଯ୍ୟକ୍ରମରେ ନେତାମାନେ କେତେକ ଗୋପନରେ ଆଲୋଚନା କରୁଥିବା କୁହାଯାଇଛି। ଉଲାକାଙ୍କ ଶ୍ରାଦ୍ଧରେ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ପୂର୍ବତନ ବିଧାୟକ ନିମାଇଁ ସରକାର, କୋରାପୁଟ ଜିଲା କଂଗ୍ରେସ ସଭାପତି ଦୁର୍ଗା ଶଙ୍କର ସାହୁ ଓ ରାୟଗଡ଼ା ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କ ସମେତ ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ୨୦୧୯ ନିର୍ବାଚନ ପରେ ସପ୍ତଗିରି ଓ ତାରା ବାହିନୀପତିଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଥିଲା। ଏହାକୁ ନେଇ ଏଆଇସିସି ନିକଟରେ ମଧ୍ୟ ଖବର ପହଞ୍ଚିଥିଲା। ଏହି ମତାନ୍ତର ଓ ମନାନ୍ତରରେ ପୂର୍ଣ୍ଣଚ୍ଛେଦ ପଡ଼ିଥିବା ଏବେ ଆଲୋଚନା ହେଉଛି। ରାଜନୀତିରେ ଜଣେ ପୁରୁଖା ଖେଳାଳି ଭାବେ ନାମ ରଖିଥିବା ଜୟରାମ ପାଙ୍ଗି କଂଗ୍ରେସରେ ଯୋଗଦେଇଥିବାରୁ ଉଭୟ ବିଜେଡି ଓ ଭାଜପା ପାଇଁ ଅଡୁଆ ହୋଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଇଛନ୍ତି। ୨୦୧୯ ନିର୍ବାଚନରେ ଓଡ଼ିଶାରୁ ଏକମାତ୍ର କଂଗ୍ରେସ ଏମ୍‌ପି ଭାବେ ସପ୍ତଗିରି ବିଜୟୀ ହୋଇ ଦଳର ଗେହ୍ଲା ପୁଅ ହୋଇଥିବା ବେଳେ ବର୍ତ୍ତମାନ ଏହି ୩ ନେତାଙ୍କ ମେଳି ଉଭୟ ଶାସକ ବିଜେଡି ଓ ଭାଜପା ପାଇଁ ନିର୍ବାଚନର ସମୀକରଣ ବଦଳାଇ ଦେଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ଦେଇଛନ୍ତି।

# ଜେଜେ ମା'ଙ୍କ ଭରସାରେ ନାତୁଣୀନାତି

ଖପ୍ରାଖୋଲ, ୨୪।୧୨(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଝାଲବାହାଲ ଗାଁର ସୁକୁନି ବରିହା(୬୩) ଓ ତାଙ୍କ ସ୍ୱାମୀ ଗୋପାଳ ବରିହା(୭୦)। ପରିଣତ ବୟସରେ ଏବେ ସେମାନଙ୍କ ଉପରେ ପଡିଛି ଲାଳନପାଳନର ଭାର। ପୁଅ ପୀତବାସ(୨୫), ବୋହୂ ଗୋଲାପି(୨୩) ଓ ଦେଢବର୍ଷ ନାତି କେଶବଙ୍କୁ ନେଇ ଥିଲା ସେମାନଙ୍କର ସୁଃଖଦୁଃଖର ପରିବାର। ୫ମାସ ତଳେ ଜନ୍ମନେଲା ଏକ ନାତୁଣୀ। ଜନ୍ମର ୫ମ ଦିନରେ ଗୋଲାପିଙ୍କର ମୃତ୍ୟୁ ହୋଇଗଲା। ଇତିମଧ୍ୟରେ ୫ମାସ ବିତିଗଲାଣି। ବଡକଷ୍ଟରେ ଦୁଇ ଶିଶୁଙ୍କ ଲାଳନପାଳନ କରୁଛନ୍ତି ସୁକୁନି ଓ ଗୋପାଳ। ଏପଟେ ପୀତବାସ ଦାଦନ ଖଟିବାକୁ ଯାଇଛନ୍ତି ଆନ୍ଧ୍ରପ୍ରଦେଶ। ମା' ଛେଉଣ୍ଡ ୨ଶିଶୁଙ୍କ ଦେଖାଶୁଣା କରିବାକୁ


ଜେଜେମା, ଜେଜେଙ୍କ କୋଳରେ ଦୁଇ ଶିଶୁ।

**ବୋହୂର ଅକାଳ ମୃତ୍ୟୁ ପରେ ପୁଅ ଯାଇଛି ଦାଦନ ଖଟି**

ସେମାନଙ୍କ ପାଇଁ କାଠିକର ହେଉଛି। ସୁକୁନି ଓ ଗୋପାଳଙ୍କ ଭତ୍ତା ବାବାଦ ଟଙ୍କା ଓ ଖାଦ୍ୟ ସୁରକ୍ଷା ଯୋଜନାରେ ୧୫କେଜି ଚାଉଳ ହିଁ ଭରସା। କନ୍ୟାକୁ ଶିଶୁଖାଦ୍ୟ ଦେବାକୁ ସେମାନଙ୍କ ପାଖରେ ସମ୍ବଳ ନାହିଁ। ଏଣୁ ନିଜେ ପିଉଥିବା ନାଲି ଚା ପିଲାଙ୍କୁ ପିଆଉଥିବା ସୁକୁନି କାନ୍ଦି କାନ୍ଦି କହିଛନ୍ତି। କେବେକେବେ ସାହି ପଡିଶା ସହଯୋଗ କରୁଥିଲେ ବି କୌଣସି ସରକାରୀ ସହାୟତା ମିଳୁନି। ସରକାରୀ ସହାୟତା ଯୋଗାଇଦେବାକୁ ସେମାନେ ନିବେଦନ କରିଛନ୍ତି। ଏ ନେଇ ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଶିଶୁକୁ କ୍ଷୀର ବାବଦରେ ସହାୟତା କରିବି ବୋଲି କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ୨ ଗିରଫ



ଲୋଇସିଂହା, ୨୪।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଥାନା ଅର୍ଗତ ଇଂସା ଗ୍ରାମର ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ୨ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ସେହି ଗ୍ରାମର ରାଜୀବ ସରାଫ ଓ ଆଦର୍ଶ ସରାଫ। ସେମାନଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ ଇଂସା ଗ୍ରାମର ମଧୁମଙ୍ଗଳ ପାଣ୍ଡେଙ୍କ ସହ ଦୁଇ ଅଭିଯୁକ୍ତଙ୍କର ବିବାଦ ରହିଥିଲା । ରବିବାର କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ମଧୁମଙ୍ଗଳଙ୍କୁ ରାଜୀବ ଓ ଆଦର୍ଶ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ନାକ ଏବଂ ବାମପାର୍ଶ୍ୱ ମୁହଁରେ ଆଘାତ ଲାଗିଥିଲା। ଏହି ଘଟଣାକୁ ନେଇ ମଧୁମଙ୍ଗଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା(୨୪୦/୨୩) ରୁଜୁ ହୋଇଛି।

### ଜଗନ୍ନାଥ ମନ୍ଦିରରେ ଗୀତା ଜୟନ୍ତୀ

ଲୋଇସିଂହା, ୨୪।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଜଗନ୍ନାଥ ମନ୍ଦିରରେ ୭୮ତମ ଗୀତା ଜୟନ୍ତୀ ରବିବାର ପାଳିତ ହୋଇଯାଇଛି । ଗ୍ରାମର ବ୍ରହ୍ମ ସମାଜ ସମ୍ପାଦକ ନନ୍ଦଲାଲ ତ୍ରିପାଠୀ, ମନ୍ଦିର ପୂଜକ ନବୀନ ପଣ୍ଡା, ଚିନ୍ତାମଣି ତ୍ରିପାଠୀ, ଭିକାରୀ ତ୍ରିପାଠୀ, ରାଜକିଶୋର ମିଶ୍ରଙ୍କ ସମେତ ୨୦ଜଣ ପଣ୍ଡିତ ଗୀତା, ବିଷ୍ଣୁ ସହସ୍ରନାମ, ଗୋପାଳ ସହସ୍ରନାମ, ଶିବ ସହସ୍ରନାମ ଆଦି ପାରାୟଣ କରିଥିଲେ। ଜୁଗିଆ ମିଶ୍ର ହୋମଯଜ୍ଞ କରିଥିଲେ । ସୁନନ୍ଦ ତ୍ରିପାଠୀ ଓ ରିଙ୍କି ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ।

### ଭାଷା ସଂସ୍କୃତି ସ୍ୱାଭିମାନ ପଦଯାତ୍ରୀଙ୍କୁ ଭବ୍ୟ ସ୍ୱାଗତ

ଲାଠୋର, ୨୪।୧୨(ଭୁବନେଶ୍ୱର ବାରିକ)

ବରଗଡ଼ ଜିଲା ନୃସିଂହନାଥରୁ ସପନ ମିଶ୍ରଙ୍କ ନେତୃତ୍ୱରେ ପଶ୍ଚିମାଞ୍ଚଳ ପିପୁଲ ଫୋରମ ପକ୍ଷରୁ ବାହାରି ଥିବା ଭାଷା ସଂସ୍କୃତି ସ୍ୱାଭିମାନ ପଦଯାତ୍ରା ରବିବାର ଖପ୍ରାଖୋଲ ବ୍ଲକ ଲାଠୋର ମାର୍କେଟଠାରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। କୋଶଲ ମୁକ୍ତିମୋର୍ଚ୍ଚା ରାଜ୍ୟ ଆବାହକ କାଶୀନାଥ ମେହେରଙ୍କ ନେତୃତ୍ୱରେ ପଦଯାତ୍ରୀଙ୍କୁ ଜନାର୍ଦ୍ଦନ ସିଂ, ବୀରବଲ ମହାକୁଡ଼, ଲୋକେଶ ଭୋଇ, ପ୍ରବୀଣ ଅଗ୍ରୱାଲ, ଘନଶ୍ୟାମ ମେହେର, ରୋହିତ ମେହେର, ବେଦବ୍ୟାସ ବେହେରା ସ୍ୱାଗତ କରିଥିଲେ। ପଦଯାତ୍ରୀ ମାନେ ଖପ୍ରାଖୋଲରୁ ପାଟଣାଗଡ଼ ଅଭିମୁଖେ ଯାଇଛନ୍ତି।

### ଅକ୍ଷତ କଳସ ବିତରଣ ଉତ୍ସବ

ଦେଓଗାଁ, ୨୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଶିଶୁ ମନ୍ଦିରରେ ରବିବାର ଅକ୍ଷତ କଳସ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅଯୋଧ୍ୟାରୁ ଆସିଥିବା ଅକ୍ଷତ ଚାଉଳ ପୂଜାର୍ଚ୍ଚନା ପରେ ବ୍ଲକ ସଂଯୋଜକ ସୌମ୍ୟରଞ୍ଜନ ପୁରୋହିତଙ୍କ ସଭାପତିତ୍ୱରେ ମୋହନ ସାମଲ, କୁନାଲ ଥନାପତି, ଡା. ଶଶୀଭୂଷଣ ସାହୁ, ସରୋଜ ନାୟକ, ସୌମ୍ୟରଞ୍ଜନ ମିଶ୍ର, ଶଶୀ ପାଣିଗ୍ରାହୀ, ବଳବନ୍ତ ପରୁଆ ଉପସ୍ଥିତ ଥିଲେ । ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମଗ୍ର ଦେଶରେ ଓ ସମସ୍ତ ଘରକୁ ଅକ୍ଷତ ଚାଉଳ ବଣ୍ଟନ ଓ ନିମନ୍ତ୍ରଣ ପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ବ୍ଲକର ୨୬ଟି ପଞ୍ଚାୟତର ୨୬ଜଣ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ଅକ୍ଷତ କଳସ ପ୍ରଦାନ କରାଯାଇଥିଲା ।

# ଜମିଲା ବହୁଭାଷୀ କବିତା ଆସର


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଣ୍ଟାବାଞ୍ଜି, ୨୪।୧୨(ଗୁରୁଦୟାଲ ହଂସ)

**ନିର୍ଝରିଣୀ ସାହିତ୍ୟ, ସଂସ୍କୃତି ପରିଷଦ ବାର୍ଷିକ ଉତ୍ସବ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ଝରିଣୀ ସାହିତ୍ୟ, କଳା, ସଂସ୍କୃତି ପରିଷଦର ୧୨ତମ ବାର୍ଷିକ ଉତ୍ସବ ରବିବାର ସ୍ଥାନୀୟ ଜିଆର ପ୍ୟାଲେସରେ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ ବହୁଭାଷୀ କବିତା ପାଠୋତ୍ସବରେ ଶତାଧିକ କବୟିତ୍ରୀ, କବି ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବ ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରର ବିଷୟ ବସ୍ତୁ ସାହିତ୍ୟ କ୍ଷେତ୍ରରେ ପରିବେଶ ସୁରକ୍ଷା, ପୁସ୍ତକ ଉନ୍ମୋଚନ ଓ ପ୍ରତିଭା ସମ୍ବର୍ଦ୍ଧନା ହୋଇଥିଲା। ପରେ ଡକ୍ଟର ଯୁଗଳ କିଶୋର ଷଡଙ୍ଗୀଙ୍କ ପ୍ରୀତି ପିଉସ ଏବଂ କବି ଗଜେନ୍ଦ୍ର ବାଗଙ୍କ କୁଟୁମ ଦୁଇଟି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନ ସଭାପତି ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଜେଡି ନେତ ଅଜୟ ଦାଶ, ବଲାଙ୍ଗୀର ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷା ନିରୂପମା ମାଝି, ସାମାଜିକ କର୍ମୀ ସଞ୍ଜୟ କୁମାର ଗାନ୍ଧୀ ଅଗ୍ରୱାଲ, ସୂର୍ଯ୍ୟକାନ୍ତ ରଣା, କବି ଟିକେଲାଲ ବେହେରା ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ । ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ପୂର୍ବତନ ବିଧାୟକ ଅୟୁବ ଖାନ, କଣ୍ଟାବାଞ୍ଜି ଏନଏସି ନଗରପାଳ ବରିୟାମ ସିଂ ସାଲୁଜା ସମ୍ମାନୀତ ଅତିଥି, ମୁଖ୍ୟବକ୍ତାଭାବେ ଭିକାରୀ ଚରଣ ମିଶ୍ର ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସମ୍ପାଦକ ବିରଞ୍ଚି ନାରାୟଣ ଦାସ ସଭା ସଂଯୋଜନା କରିଥିଲେ। ଏହି ଅବସରରେ କବି ଡ. ସଚ୍ଚିଦାନନ୍ଦ କର, ଡ. ସଞ୍ଜୟ କୁମାର ପଣ୍ଡା, ଦିଲୀପ କୁମାର ମହାନ୍ତି, ମହେନ୍ଦ୍ର କୁମାର ଘଡେଇ, ସୁପ୍ରଭା ସାମଲ, ଦେବେନ୍ଦ୍ର କୁମାର ନାଏକ, ପ୍ରମୋଦ କୁମାର ରାଉଳ, ସଂଯୁକ୍ତା ପାଣିଗ୍ରାହୀ, ରାଜୀବ ପ୍ରସାଦ ବୋଇ, ଅର୍ଜୁନ ସାହୁ, ରୋହିଣି ଦାଶ, ଥମିର ଛତ୍ରିଆ ଅନ୍ତର୍ଯ୍ୟାମୀ ବରିହାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ଅହଲ୍ୟା ମଲ୍ଲିକଙ୍କୁ ନାରୀରତ୍ନ ସମ୍ମାନ

ଲୋଇସିଂହା, ୨୪।୧୨( ସୁଶାନ୍ତ ବାରିକ)

ବଲାଙ୍ଗର ଜିଲା ଲୋଇସିଂହା ସାରେସମୁଣ୍ଡା ନିବାସୀ ତଥା ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଅହଲ୍ୟା ମଲ୍ଲିକଙ୍କୁ ନାରୀରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟର ଅଗ୍ରଣୀ ନାରୀ ସଂଗଠନ ଓମେନ୍ସ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ସଂଗଠନର ୧୮ ତମ ବାର୍ଷିକୋତ୍ସବ ଓ ରାଜ୍ୟସ୍ତରୀୟ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଚସ୍ପତି ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି, ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡ.ଅରୁନ୍ଧତୀ ଦେବୀ, ବିଧାୟକ ସୁଶାନ୍ତ କୁମାର ରାଉତ, ଅନନ୍ତ ନାରାୟଣ ଜେନା, ସମ୍ପାଦିକା କସ୍ତୁରୀ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମାନବ ସେବାକୁ ବ୍ରତଭାବେ ଗ୍ରହଣ କରିଥିବା ଅହଲ୍ୟା ମଲ୍ଲିକଙ୍କୁ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା। ମଲ୍ଲିକ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ବଂଶୀଧର କାଲସାଏଙ୍କ ଧର୍ମପତ୍ନୀ ।

# ପାଇପ ଫାଟି ଜଳଯୋଗାଣ ବନ୍ଦ

ଦେଓଗାଁ, ୨୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୌରଗୋଠ ପଞ୍ଚାୟତ ଆମଦହନ ଗାଁରେ ପାଇପ ଫାଟିଯିବାରୁ ଜଳ ଯୋଗାଣ ବନ୍ଦ ରହିଛି। ପାଇପ ନିମ୍ନମାନର ହୋଇଥିବାରୁ ଅନେକ ସ୍ଥାନରେ ଫାଟି ରାସ୍ତାରେ ପାଣି ଭାସୁଛି। ଏଥିଯୋଗୁ ଦୂଷିତ ପାଣି ପାଇପରେ ପୁନଃ ପ୍ରବେଶ କରି ସ୍ୱଚ୍ଛ ପାନୀୟ ଜଳକୁ ନଷ୍ଟ କରୁଛି। ଦୂଷିତ ପାଣି ପିଇ ଲୋକେ ଝାଡା ବାନ୍ତିର ଶିକାର ହେଉଛନ୍ତି। ଏଥିଯୋଗୁ ଆଗକୁ ହଇଜା ଆଶଙ୍କା ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ଉକ୍ତ ଜଳ ପ୍ରକଳ୍ପର ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ କାମକରିଥିବା ଠିକାଦାରଙ୍କ ଉପରେ ନ୍ୟସ୍ତ। ହେଲେ ଏଠାରେ କାମ କରିଥିବା ଠିକାଦାର ମରାମତି ଦିଗରେ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ନାଇକେନଶିରାର ଉପରପଡା, ମେହେରପଡା ଓ ବନ୍ଧପଡାରେ ମଧ ତଦ୍ରୁପ ଅବସ୍ଥା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ଏ ନେଇ ପଚାରିବାରୁ ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।


ପାଇପ ଫାଟି ରାସ୍ତାରେ ପାଣି ଭାସୁଛି।

# ଟି-୧୦ କ୍ରିକେଟ: ବଡଙ୍ଗୋମୁଣ୍ଡା ଚାମ୍ପିୟନ

ଦେଓଗାଁ, ୨୪।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କରୁଆଁଝର ଆଜାଦ ହିନ୍ଦ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆରେ ଚାଲିଥିବା ଟି-୧୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଯାଇଛି। କରୁଆଁଝର ଓ ବଡଙ୍ଗୋମୁଣ୍ଡା ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡଙ୍ଗୋମୁଣ୍ଡା ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଆଜାଦ କ୍ରିକେଟ କ୍ଲବ କ୍ୟାପଟେନ ଟୁନା ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅମିତ କୁମାର ସିଂ ନିନା, ସମ୍ମାନୀତ ଅତିଥିଭାବେ ସୁରେଶ ଭୋଇ, ପିଙ୍କୁ ଷାଣ୍ଢ, ହୃଷୀ ପୋଢ଼, ଲୋଚନ ମେହେର ଯୋଗଦେଇ ଚାମ୍ପିୟନ ଓ ରନର ଅପ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ରାମଚନ୍ଦ୍ରପୁର ଖେଳପଡିଆରେ ତୃତୀୟ କୃପା ଷାଣ୍ଢ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚରେ ମାଟୁପାଲକୁ ହରାଇ ହର୍ଡାଟାଲ ବିଜୟୀ ହୋଇଛି। ବବଜା ଓ ଝାଙ୍କରପାଲି ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଝାଙ୍କରପାଲି ବିଜୟୀ ହୋଇଥିଲା। ପରେ ଝାଙ୍କରପାଲି ଓ ହର୍ଡାଟାଲ ମଧ୍ୟରେ କ୍ୱାର୍ଟର ଫାଇନାଲରେ ହର୍ଡାଟାଲ ବିଜୟୀ ହୋଇଥିଲା ।

# ଶତାଧିକ ଭାଜପା, କଂଗ୍ରେସ କର୍ମୀ ବିଜେଡିରେ ସାମିଲ


ମନ୍ତ୍ରୀ ଟୁକୁନି ସାହୁଙ୍କ ସହ ଦଳରେ ସାମିଲ ନେତୃବର୍ଗ।

ଟିଟିଲାଗଡ, ୨୪।୧୨(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳର ଶତାଧିକ ଭାଜପା ଓ କଂଗ୍ରେସ ଦଳର କର୍ମୀ ବିଧିବଦ୍ଧଭାବେ ବିଜେଡିରେ ସାମିଲ ହୋଇଛନ୍ତି। ରବିବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେମାନେ ବିଧାୟିକା ତଥା ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି। ଦଳରେ ଯୋଗଦେଇଥିବା ପ୍ରମୁଖ ନେତୃବର୍ଗଙ୍କ ମଧ୍ୟରେ କଂଗ୍ରେସର ଲଳିତ ସାହୁ ଓ ବିଶୁ ମାଝି ରହିଛନ୍ତି।

# ୭ରୁ ମଠଖାଇ ମହୋତ୍ସବ



ମଠଖାଇ ମହୋତ୍ସବ ସକାଶେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବିଶିଷ୍ଟ ବ୍ୟକ୍ତି।

ବଲାଙ୍ଗୀର, ୨୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମଠଖାଇ ମହୋତ୍ସବ କମିଟି ଏବଂ ଭୂମିକା ଅନୁଷ୍ଠାନ ପକ୍ଷରୁ ଆସନ୍ତା ଜାନୁୟାରୀ ୭ରୁ ୧୧ତାରିଖ ପର୍ଯ୍ୟନ୍ତ ମଠଖାଇ ମହୋତ୍ସବ ଅନୁଷ୍ଠିତ ହେବ। ମଠଖାଇ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ବିଧାୟକ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ରବିବାର ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟରେ ଅନୁଷ୍ଠାନର ସାଧାରଣ ପରିଷଦ ବୈଠକ ଏବଂ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସଭାପତି ଚିତ୍ତରଞ୍ଜନ ଦାଶ ସଭା ସଂଯୋଜନା କରି ଆଗାମୀ ମଠଖାଇ ମହୋତ୍ସବ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତବର୍ଷ ୫ ଦିନ ଧରି ୫ଟି କୋଶଲୀ ନାଟକ ମଞ୍ଚସ୍ଥ କରାଯିବ। ଚଳିତବର୍ଷ ସମାଜସେବୀ ମଦନ ମୋହନ ରଥ, କ୍ରୀଡାବିତ୍ ଅନୁପ ସାହୁ, ହୋମିଓପାଥି ଡାକ୍ତର ସରୋଜ କୁମାର ପାଣିଗ୍ରାହୀ, ପାରାଅଲମ୍ପିକ କ୍ରୀଡାବିତ୍ ବୈଷ୍ଣବ ରାଜପଲିଆ, ଲୀଳାନାଟକ ନିର୍ଦ୍ଦେଶକ ବାଳମୁକୁନ୍ଦ ବେହେରାଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରାଯିବ ବୋଲି ଚୟନ କରାଯାଇଛି। ଏହା ସହିତ ୪ ଦିନ ଧରି ସେମିନାର ଆୟୋଜନ କରାଯିବ। ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଟକ ପ୍ରତି ରୁଚି ସୃଷ୍ଟି ଉଦ୍ଦେଶ୍ୟ ଏବଂ କଳାତ୍ମକତା ଅଭିବୃଦ୍ଧି ଦିଗରେ ଉଦ୍ୟମ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ତାଙ୍କ ବକ୍ତବ୍ୟରେ ନାଟକ ମାଧ୍ୟମରେ ସାମାଜିକ ଓ ସାଂସ୍କୃତିକ ଜାଗରଣର ଉଦ୍ଦେଶ୍ୟ ନେଇ ମଠଖାଇ ପରିକଳ୍ପନା ଏବଂ ଏଥିରେ ସଚେତନତା ସୃଷ୍ଟି ଉପରେ କହିଥିଲେ। ନାଟକ କିଭଳି ଜନଆବେଗର ଏକ ମାଧ୍ୟମ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ କହିଥିଲେ। ଅଧ୍ୟକ୍ଷ ମିଶ୍ର ତାଙ୍କ ବକ୍ତବ୍ୟରେ ସାମାଜିକ ସଚେତନତା ସୃଷ୍ଟି ପାଇଁ ନାଟକ ଏକ ବଳିଷ୍ଠ ମାଧ୍ୟମ, ଏଣୁ ଏହା ଲୋକଙ୍କୁ ଅଧିକ ପ୍ରଭାବିତ କରିବ ବୋଲି କହିଥିଲେ। ସମ୍ପାଦକ ରାଜୀବ ଲୋଚନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ୮୪ ବର୍ଷରେ ପଦାର୍ପଣ କଲେ ନରସିଂହ

ବଲାଙ୍ଗୀର, ୨୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ଅବଶିଷ୍ଟ ଜୀବନ ବି ଲୋକଙ୍କ ସେବାରେ କଟିବ: ନରସିଂହ**

ବଲାଙ୍ଗୀର ବିଧାୟକ ତଥା ବର୍ଷିଆନ୍ ରାଜନେତା ନରସିଂହ ମିଶ୍ର ଶନିବାର ୮୪ ବର୍ଷରେ ପ୍ରଦାର୍ପଣ କରିଛନ୍ତି। ତାଙ୍କ ୮୪ ତମ ଜନ୍ମଦିନରେ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ବଲାଙ୍ଗୀର କ୍ଲବ୍‌ପଡା ସ୍ଥିତ ତାଙ୍କ ବାସଭବନକୁ ବଲାଙ୍ଗୀର ସହର ସମେତ ଜିଲାର ବିଭିନ୍ନ ବ୍ଲକ୍ ଏବଂ ଜିଲା ବାହାରୁ ଶତାଧିକ ଲୋକ, ଶୁଭେଚ୍ଛୁ, ସାମାଜିକ, ସାଂସ୍କୃତିକ, ରାଜନୈତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରତିନିଧି, ବୁଦ୍ଧିଜୀବୀ, ରାଜନେତା ପହଞ୍ଚି ପୁଷ୍ପଗୁଚ୍ଛ ଓ ଉପାୟନ ଦେଇ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏହି ଅବସରରେ ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇ ବିଧାୟକ ମିଶ୍ର ତାଙ୍କର ଅବଶିଷ୍ଟ ଜୀବନ ମଧ ଲୋକଙ୍କ ସେବାରେ କଟିବ ବୋଲି କହିଥିଲେ। ବିଧାୟକ ମିଶ୍ରଙ୍କ ଜନ୍ମଦିନ ଅବସରରେ ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ସ୍ଥାନୀୟ ଭୀମ ଭୋଇ ମେଡିକାଲ କଲେଜ ଓ ଡାକ୍ତରଖାନା ପରିସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।


ବିଧାୟକ ନରସିଂହ ମିଶ୍ରଙ୍କୁ ତାଙ୍କ ବାସଭବନରେ ଶୁଭେଚ୍ଛୁମାନେ ୮୪ତମ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି।

# ଭାଷା ସଂସ୍କୃତି ସ୍ୱାଭିମାନ ଯାତ୍ରା ଦଳକୁ ସମ୍ବର୍ଦ୍ଧନା

ବଲାଙ୍ଗୀର, ୨୪।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ସିନେ କଳାକାର ମନୋଜ ମିଶ୍ର ଏବଂ ପଶ୍ଚିମ ଓଡ଼ିଶା ପିପୁଲ ଫୋରମ ଆବାହକ ସପନ ମିଶ୍ରଙ୍କ ନେତୃତ୍ୱରେ ବୀରେନ୍ଦ୍ର ପାଣିଗ୍ରାହୀ, ସିଫୁନ ଖମାରୀ ଓ ଅନ୍ୟମାନେ ଗତ ୨୨ରୁ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥଠାରୁ ଆରମ୍ଭ କରିଥିବା ଭାଷା, ସଂସ୍କୃତି ସ୍ୱାଭିମାନ ଯାତ୍ରା ରବିବାର ବଲାଙ୍ଗୀର ପହଞ୍ଚିଥିଲା। ଏହି ଅବସରରେ ବଲାଙ୍ଗୀରର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଙ୍ଗଠନ ପକ୍ଷରୁ ଏହି ଦଳକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ପାଟଣାଗଡ଼ ଦେଇ ବଲାଙ୍ଗୀର ଆସିବା ବାଟରେ ଚୁଡ଼ାପାଲି ଓ ବାରପୁଡୁଗିଆଠାରେ ଶତାଧିକ ସ୍ୱତନ୍ତ୍ର କୋଶଳ ରାଜ୍ୟ ସମର୍ଥକ ଏହି ଦଳ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେଠାରୁ ସେମାନେ ବଲାଙ୍ଗୀର ସହର ଅଭିମୁଖେ ବାହାରିଥିଲେ। ଭୀମ ଭୋଇ ମେଡିକାଲ କଲେଜ ଛକଠାରେ ଜିଲା କଳାକାର ସଂଘ, ପଶ୍ଚିମ ଓଡ଼ିଶା ପ୍ରଯୋଜକ ସଂଘ, ପଞ୍ଚମ, ନଟରାଜ କଳା ପରିଷଦ, ସଂଯୋତ କଳା କେନ୍ଦ୍ର, ଅନ୍ୱେଷଣ, ଭବାନୀ ଶଙ୍କର କଳା ପରିଷଦ, ଆଇଫୋ, ଟାଇଗର ୟୁଥ କ୍ଲବ, ଜ୍ଞାନ ବିକାଶ କଳା କେନ୍ଦ୍ର, ଦଶମତି କ୍ୟାସେଟ, ପୋଏନର ଫିଲ୍ମ ପ୍ରଡକ୍ସନ, ତପସ୍ୱିନୀ ଅଡିଓ ଭିଜୁଏଲ, ପ୍ରଭା ଫୋକ୍ ଅନୁଷ୍ଠାନ, ସକମ୍ବରୀ ଆର୍ଟ, ଏକେ ଫିଲ୍ମ, ସମ୍ପୂର୍ଣ୍ଣା ନାରୀ ସଙ୍ଗଠନ, ନାରୀଶକ୍ତି ଫାଉଣ୍ଡେସନ ଅନୁଷ୍ଠାନ କର୍ମକର୍ତ୍ତାମାନେ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରି ଏକ ବାଇକ ଶୋଭାଯାତ୍ରାରେ ସହରକୁ ପ୍ରବେଶ କରିଥିଲେ। ଶୋଭାଯାତ୍ରାରେ ଜୟ କୋଶଳ ଧ୍ୱନି ଦିଆଯାଇଥିଲା। ସେଠାରୁ ଦଳଟି ସହର ପରିକ୍ରମା କରି ସମଲେଶ୍ୱରୀ ମନ୍ଦିର ଓ ପାଟଣେଶ୍ୱରୀ ମନ୍ଦିର ଦର୍ଶନ କରିଥିଲେ। କୋଶଳାଞ୍ଚଳର ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଦିଗରେ ସମସ୍ତ କୋଶଳବାସୀ ଏକତ୍ରୀତ ହେବା ଏବଂ ସ୍ୱାଭିମାନର ସହ ନିଜ ଅଧିକାର ସାବ୍ୟସ୍ତ କରିବାକୁ ଆହ୍ୱାନ ଦିଆଯାଇଥିଲା। ଯାତ୍ରା ସହର ପରିକ୍ରମା କରିବା ମଝିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଓ ଲୋଇସିଂହା ବିଧାୟକ ଡ଼ ମୁକେଶ ମହାଲିଙ୍ଗ ପୃଥକ ଭାବେ ଏହି ଦଳକୁ ସ୍ୱାଗତ କରି ଯାତ୍ରାର ସଫଳତା କାମନା କରିଥିଲେ। ସ୍ଥାନୀୟ ଠିକାଦାରପଡା ଛକରେ ପଶ୍ଚିମ ଓଡ଼ିଶା ପ୍ରଡ୍ୟୁସର ଆସୋସିଏଶନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବଲାଙ୍ଗୀରରେ ପଞ୍ଚମ ଅନୁଷ୍ଠାନ ମୁଖ୍ୟ ମୁରଲୀଧାରୀ ପତି, କପିଳେଶ୍ୱର ଖମାରୀ, ପୋପା କାର୍ଯ୍ୟକାରୀ ସଭାପତି ଶରତ ମହାକୁର, ସଙ୍ଗଠନ ସମ୍ପାଦକ ମାଧବ ବାରିକ, ଅଜୟ ନାଗ, ସଙ୍ଗୀତା ଦାଶ, ବଷ୍ଟି ମିଶ୍ର ଓ ଅନ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ। ବାରପୁଡଗିଆ ଓ ଚୁଡାପାଲି ଠାରେ କଳା ସଙ୍ଗଠକ ଜୟକୃଷ୍ଣ ମିଶ୍ର, ବରିଷ୍ଠ ଓକିଲ ନୀଳାଦ୍ରୀ ବିହାରୀ ମିଶ୍ର, ପ୍ରକାଶ ନାଏକ, ଚୈତନ୍ୟ ସା, ଲବ ନାଗ, ସଦାନନ୍ଦ ମହଲା, ଲକ୍ଷ୍ମଣ ପଧାନ, ଅନୀଲ ସେଠ, ଯୁବ କଳାକାର କାହ୍ନୁଚରଣ ମିଶ୍ର, ସୁଦାମ ପ୍ରଧାନ, ଅନାଦି ରଣା, ରାଜେଶ୍ୱରୀ ମିଶ୍ର ଉପସ୍ଥିତ ଥିଲେ।


ଭାଷା, ସଂସ୍କୃତି ସ୍ୱାଭିମାନ ଯାତ୍ରା ଦଳକୁ ବଲାଙ୍ଗୀରର କଳାକାର ମାନେ ସ୍ୱାଗତ କରୁଛନ୍ତି।

# ଛାତ୍ରୀଛାତ୍ର ସଂସ୍କାରଯୁକ୍ତ ଶିକ୍ଷା ଗ୍ରହଣ କରନ୍ତୁ



ଉତ୍ସବରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ର।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକୋତ୍ସବ

ପଦ୍ମପୁର,୨୪।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକୋତ୍ସବ କୁଶୁନାପାଲି ସ୍ଥିତ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋଇସିଂହା ବିଧାୟକ ମୁକେଶ କୁମାର ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ସଂସ୍କାରଯୁକ୍ତ ଶିକ୍ଷା ଗ୍ରହଣ କରିବା ସହିତ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ବିକାଶ ସମିତି ବିଦ୍ୱତ୍ ପରିଷଦ ସଭାପତି ଡଃ ବାଞ୍ଛାନିଧି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତି ଉପରେ ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ପୃଥ୍ୱୀରାଜ ସାହୁ ବାର୍ଷିକ ବିବରଣୀ ପଠନ ଓ ସମ୍ପାଦକ ଜନକଲାଲ ମେହେର ମଞ୍ଚାସୀନ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଅରୁଣ' ଉନ୍ମୋଚିତ ହୋଇଥିଲା। ରାମେଶ୍ୱର ପୁରୋହିତ, ଡାକ୍ତର ଅନୀଲ କୁମାର ନାୟକ, ଡଃ ଲଳିତେନ୍ଦୁ ନାୟକ, ପ୍ରଫେସର ଆନନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବାର୍ଷିକ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୋଷାଧକ୍ଷ ଘନଶ୍ୟାମ ପୁଞ୍ଜି ଧନ୍ୟବାଦ ଅର୍ପଣ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଗୁରୁଜୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସତ୍ୟନାରାୟଣ ସାହା ପୁରସ୍କାର ବିତରଣ ଓ କଲ୍ୟାଣୀ ମିଶ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ

ସରଣ୍ଡା,୨୪।୧୨ (ଯୁଧିଷ୍ଠିର ମହାପାତ୍ର)

ବରଗଡ ଜିଲା ଅତାବିରା ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ ରେଙ୍ଗାଲିକ୍ୟାମ୍ପ ଛକରେ ଅଜଣା ଗାଡି ଧକ୍କାରେ ରବିବାର ସକାଳେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବରଗଡ ସଦର ବ୍ଲକ ଅଧୀନ ତାଳଶ୍ରୀଗିଡା ଗ୍ରାମର ନୟନ ଭୋଇ(୪୫)। ନୟନ ସାଇକେଲ ଯୋଗେ ରେଙ୍ଗାଲିକ୍ୟାମ୍ପ ଛକକୁ ପରିବା ବିକ୍ରି କରିବାକୁ ଆସି ବରଗଡ ପଟକୁ ଯାଉଥିବା ସମୟରେ ଗୋଟିଏ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅତାବିରା ପୋଲିସ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ବରଗଡ ସରକାରୀ ଡାକ୍ତରଖାନାକୁ ପଠାଇଛି।

### ଶିକ୍ଷକଙ୍କ ବିୟୋଗରେ ଶୋକସଭା

ପଦ୍ମପୁର,୨୪।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ରାଜବୋଡ଼ାସମ୍ବର ହାଇସ୍କୁଲର ପୂର୍ବତନ ଶିକ୍ଷକ ଶ୍ୟାମସୁନ୍ଦର ପୁରୋହିତଙ୍କ ବିୟୋଗରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପୁରାତନ ଶିକ୍ଷକ ଲକ୍ଷ୍ମୀନାରାୟଣ ଷଡ଼ଙ୍ଗୀ ଏଥିରେ ସଭାପତିତ୍ୱ କରିଥିଲେ। ଗୋବିନ୍ଦ ଅଗ୍ରୱାଲ ଓ ଚନ୍ଦ୍ରଭାନୁ ପ୍ରଧାନ ମଞ୍ଚାସୀନ ଥିଲେ। ସ୍ୱର୍ଗତ ପୁରୋହିତଙ୍କ ଫଟୋଚିତ୍ରରେ ସମସ୍ତେ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଜୟନାରାୟଣ ତ୍ରିପାଠୀ, ଗୋବିନ୍ଦ ପାଣିଗ୍ରାହୀ, ଡ. ପ୍ରମୋଦ ପାଢ଼ୀ, ଜିତେନ୍ଦ୍ରୀୟ ଗୁରୁ, ମହେଶ୍ୱର ସାହୁ, ଚନ୍ଦ୍ରଶେଖର ପୁରୋହିତ, ଡ. ବିରଞ୍ଚି ସାହୁ, କ୍ଷୀରସିନ୍ଧୁ ସୁନା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସାମାଜିକ କର୍ମୀ ନିରୋଜ ଦୋରା, ଶ୍ୟାମପଦ ସିହ୍ନା, ଥବୀର ପ୍ରଧାନ, ମୁକେଶ ମୋଦି, ଅଭିଳାଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୁରୁଷ ବ୍ୟାଡ୍‌ମିଣ୍ଟନ, ଅତାବିରା ଟିମ୍ ଚାମ୍ପିୟନ

ସରଣ୍ଡା,୨୪।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଏନଏସି ଅଧୀନ ଲାଦେରପାଲିୱାର୍ଡନଂ. ୯ରେ ଏକଦିବସୀୟ ୪ର୍ଥ ପୁରୁଷ ଡବଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଲାଦେରପାଲି ବୀର ବଜରଙ୍ଗବଲି ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ କମିଟି ତରଫରୁ ଆୟୋଜିତ ଟୁର୍ନାମେଣ୍ଟରେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ମନ୍ମଥ ଦାସ ମୁଖ୍ୟ ଅତିଥି, ସମାଜସେବୀ କୃଷ୍ଣଚନ୍ଦ୍ର ପ୍ରଧାନ, ଖିରୋଜ ନାୟକ, କାଉନସିଲର ନାରାୟଣ ସାହୁ, ଯନ୍ତ୍ରୀ ସାଇମନ ଟପ୍ପୋ, ସମାଜସେବୀ ଗୋକୁଳା ଚିରଗୁନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଦୀପ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ଅଞ୍ଚଳରୁ ୪୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। କେସେଇବାହାଲର ଟିଙ୍କୁ ଓ ଅମନଙ୍କ ଠାରୁ ଅତାବିରାର ରୁଦ୍ର ଓ ଆଲୋକ ବିଜୟୀ ହୋଇ ଚାମ୍ପିୟନ ଟ୍ରଫି ହାସଲ କରିଥିଲେ। ଅମନ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଟ୍ରଫି ହାସଲ କରିଥିଲେ। ସରୋଜ ପ୍ରଧାନ, ମୁକେଶ ପ୍ରଧାନ, ସୁରଜ ପ୍ରଧାନ, ରାମ ପ୍ରଧାନ, ରାଜେଶ ପ୍ରଧାନ, ପ୍ରତାପ ପ୍ରଧାନ, ପ୍ରବୀର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସୋହେଲାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର


ମୁଖ୍ୟ ଅତିଥି ଜଣେ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରୁଛନ୍ତି।

ସୋହେଲା,୨୪।୧୨
(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ବ୍ଲକ ସଭାଗୃହରେ ରବିବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ ସିଂହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ବବି ପଧାନ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପଧାନ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ବାଦଲ ଏକ୍କା, ପ୍ରଭାତ ରାଉଳ, ରାମପ୍ରସାଦ ସାହୁ ଓ ତନୁଜା ପାତ୍ର ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅଡିଓଲୋଜିଷ୍ଟ ସନାତନ ସାହୁ, ଅପ୍‌ଥୋ ସହାୟକ ନିତ୍ୟାନନ୍ଦ ମହାପାତ୍ର, ଡିଟିଏମ୍ ସୁବାସ ଚନ୍ଦ୍ର ପ୍ରଧାନ, ଡିଟିଏମ ସହାୟକ ମନୋଜ କୁମାର ଦାଶ, ଡିଡିଆରସି ସଚ୍ଚିଦାନନ୍ଦ ଖୁଣ୍ଟିଆ, ଭବାନୀ ମୁଦୁଲି ଏବଂ ଉମାକାନ୍ତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ମୋଟ ୧୩୬ଜଣ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ୫୩ଜଣ ହିତାଧିକାରୀଙ୍କୁ ବସ୍ ପାସ୍, ୭ଜଣଙ୍କୁ କୃତ୍ରିମ ଅଙ୍ଗ ଏବଂ ୨ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ହରେକୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ବିଆର୍‌ଟି ଦୀପକ କୁମାର ପଧାନ, ପ୍ରେମଲାଲ ସିଦ୍ଦାର, ହେମସାଗର ପୋଢ଼, ସୁଷମା ପଧାନ, ମମତା ବଢ଼େଇ ଓ ଜଗନ୍ନାଥ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ମହାଲକ୍ଷ୍ମୀ ପୁରାଣ ପରିବେଷଣ

ପଦ୍ମପୁର,୨୪।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ବ୍ଲକ ଖଇରପାଲି ଗ୍ରାମରେ ମହାଆଡମ୍ବର ସହ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ଖଇରପାଲି ଗ୍ରାମ ଆଲୋକମାଳା ଏବଂ ତୋରଣରେ ଝଲସୁଛି। ପଞ୍ଚଦିବସୀୟ ଏହି ଉତ୍ସବରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ମହାଲକ୍ଷ୍ମୀ ପୁରାଣ ପରିବେଷଣ କରାଯାଇଛି। ଏହାର ରଚନା ହାରାଧନ ମେହେର କରିଥିବା ବେଳେ ପ୍ରଫୁଲ୍ଲ ମେହେର ନିର୍ଦ୍ଦେଶନା ଦେଇଛନ୍ତି। ମୁଖ୍ୟ ଭୂମିକାରେ ଦିଲୀପ ମେହେର, ନିରୋଜ ମେହେର ଏବଂ ଅର୍ଜୁନ ମେହେର ଅଭିନୟ କରିଛନ୍ତି। ସେହିପରି ବିଭିନ୍ନ ଭୂମିକାରେ ଝସ, ସନ୍ତୋଷ, ଆକାଶ, ସାନୁ, ଦୟା, ଗଣେଶ, ଆଭାସ, ବାବୁଲାଲ୍, ସୁବର୍ଣ୍ଣ ଅଭିନୟ କରିଛନ୍ତି। ଶିଶୁ କଳାକାର ଭାବେ ପ୍ରିୟଙ୍କା, ଜ୍ୟୋତି, ଲଳିତା, ଜୟନ୍ତୀ, ରଶ୍ମିତା, ମଞ୍ଜୁ, ବର୍ଷା ପ୍ରମୁଖ ଅଭିନୟ କରିଛନ୍ତି। ହେମରାଜ ମେହେର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ପାଇକମାଳ, ୨୪।୧୨(ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ୍ ଲୌଉଡମାଳରେ ମହାମାୟା ପବ୍ଲିକ ସ୍କୁଲର ୧୦ମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଏହି ପ୍ରତିଯୋଗିତାରେ ଫୁଟ୍‌ବଲ ଖେଳାଳି କୁସୁମ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସ୍କୁଲର ସେକ୍ରେଟାରୀ ଡ. ଟଙ୍କଧର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଅଧ୍ୟକ୍ଷ ରେତନା ରାଜେନ୍ଦ୍ରନ ସ୍ୱାଗତ ଭାଷଣ ଏବଂ ସଂଯୋଜକ ଅକ୍ଷୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କ୍ରୀଡା ଶିକ୍ଷକ ଦିନେଶ କୁମାର ଶତନାମୀ, ଲିଙ୍ଗରାଜ ପ୍ରଧାନ, ବିନୁ ବେଶ୍ରା, ସତୀଶ ଦିୱାଙ୍ଗନ, ରାଜୁ ଶତନାମୀ ସହଯୋଗ କରିଥିଲେ।

# ଖାଉଟିଙ୍କ ଅଧିକାର ଉପରେ ଆଲୋଚନା

## ଜାତୀୟ ଉପଭୋକ୍ତା ଦିବସ ପାଳିତ



ଉପଭୋକ୍ତା ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି।

ବୌଦ୍ଧ,୨୪।୧୨( ଅଜିତ କୁମାର ବାରିକ )

ଜିଲା ପ୍ରଶାସନ, ବୈଧମାପ ଓଜନ ବିଭାଗ ଓ ସୁରଭି ବାଉଁଶୁଣୀ ମିଳିତ ଉଦ୍ୟମରେ ଜିଲାପାଳଙ୍କ ସଦଭାବନା ଗୃହ ଠାରେ ଜିଲାସ୍ତରୀୟ ଜାତୀୟ ଉପଭୋକ୍ତା ଦିବସ ଅତିରିକ୍ତ ଜିଲାପାଳ ତଥା ଜିଲା ଖାଉଟି ସୁରକ୍ଷା ଅଧିକାରୀ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ଯୋଗଦେଇ ଖାଉଟିମାନଙ୍କ ଅଧିକାର ଉପରେ ଆଲୋଚନା କରିଥିଲେ। ଉପ ନିୟନ୍ତ୍ରକ ବିଭାଗ ରଶ୍ମିରଞ୍ଜନ ପରିଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଇ କର୍ମସ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଖାଉଟିମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ନେଇ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ସହକାରୀ ଜିଲାପାଳ ଚନ୍ଦ୍ରକାନ୍ତ ବେହେରା, ଖାଦ୍ୟ ସୁରକ୍ଷା ଅଧିକାରୀ ଧରଣୀଧର ନାଏକ, ଉପଭୋକ୍ତା କର୍ମୀ କୁନା ଦିଗାଲ ଯୋଗ ଦେଇଥିଲେ। ସୁରଭିର ନିର୍ଦ୍ଦେଶକ ଦାମୋଦର ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ଓ ବ୍ଲକସ୍ତରୀୟ ଫେଡେରେଶନର ସଭ୍ୟ, ସିଆରପି, ଏମବିକେ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା, ଆଶା ଓ ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।

# କୃଷକ ସଙ୍ଗଠନ ବୈଠକ: ଫସଲବୀମା, କ୍ଷତିପୂରଣ ଦାବି

ପଦ୍ମପୁର, ୨୪।୧୨ (ପ୍ରଦୀପ୍ତ ଦାଶ)

ରାଜବୋଡାସମ୍ବର କୃଷକ ସଙ୍ଗଠନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପଦ୍ମପୁର ଗୋରୁବଜାର ଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ୨୦୨୧ ଫସଲବୀମା ବକେୟା ପ୍ରାପ୍ୟ ସମ୍ପର୍କରେ ହାଇକୋର୍ଟ ଆଇନଜୀବୀ ବିବରଣୀ ପ୍ରଦାନ କରିଥିଲେ। ଗତ ଅଦିନିଆ ବର୍ଷାରେ କ୍ଷତି ହୋଇଥିବା ଫସଲର ଉପଯୁକ୍ତ ଆକଳନ କରି କ୍ଷତିପୂରଣ ପ୍ରଦାନ ଓ ଗତ ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀ ଡିସେମ୍ବର ଶେଷ ସୁଦ୍ଧା ପଦ୍ମପୁର ଜିଲା କରିବାକୁ ଦେଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ଡିସେମ୍ବର ଶେଷ ସୁଦ୍ଧା ଜିଲା ମାନ୍ୟତା ନ ଦେଲେ ଜାନୁୟାରୀ ୧ରୁ ଉପ ଜିଲାପାଳ କାର୍ଯ୍ୟାଳୟ ପରିବର୍ତ୍ତେ ଜିଲାପାଳ ଲେଖାଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ତେଣୁ ସମସ୍ତ ଚାଷୀ ଜାନୁୟାରୀ ୧ରେ ସମ୍ମିଳିତ ହୋଇ ଉକ୍ତ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା। ବୈଠକରେ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକ, ଚାଷୀନେତା ରମେଶ ମହାପାତ୍ର, ଆଇନ ପରାମର୍ଶଦାତା ଅଜିତ ଶତପଥୀ, ପଞ୍ଚାନନ ସାହୁ, ଭୁବନେ ପ୍ରଧାନ, କୈଳାସ ବାରିକ, ରୋହିତ ପ୍ରଧାନ, ଦେବରାଜ ସାହୁ, ଅରବିନ୍ଦ ପଣ୍ଡା, ପ୍ରଭାତ ସାହୁ, ଲିଙ୍ଗରାଜ ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, କାହ୍ନୁଚରଣ ବେହେରା, ପ୍ରକାଶ ମିଶ୍ର ପ୍ରମୁଖ ଚାଷୀ ପ୍ରତିନିଧି ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ


ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ।

ସରଣ୍ଡା,୨୪।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ପାହାଡଶ୍ରୀଗିଡାଠାରେ ନବନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ରବିବାର ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ଗାଁ ଭାଗବତ ଟୁଙ୍ଗୀରେ ପୂଜା ପାଉଥିବା ଜଗନ୍ନାଥଙ୍କ ଆଜ୍ଞାମାଳ ନେଇ ଯଜ୍ଞମଣ୍ଡପରେ ପୂଜାପାଠ କରାଯିବା ପରେ ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା। ପଣ୍ଡିତ ପିକେଶ ପୁରୋହିତ, ନିରଞ୍ଜନ ପାଣିଗ୍ରାହୀ, ଶୌରୀଶଙ୍କର ଶତପଥୀ, ସଚ୍ଚିଦାନନ୍ଦ ମିଶ୍ର ଓ ରବୀନ୍ଦ୍ର ନାଏକ ପୌରୋହିତ୍ୟ କରିଥିବା ବେଳେ ପାହାଡଶ୍ରୀଗିଡା ଜମିଦାର ପୁରୁଷୋତ୍ତମ ସିଂହ ଓ ତାଙ୍କ ସ୍ତ୍ରୀ ଭୁବନେଶ୍ୱରୀ ସିଂହ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ପ୍ରତିଷ୍ଠା କମିଟି ସଭାପତି ଜିତେନ୍ଦ୍ରୀୟ ମେହେର, ସାଧାରଣ ସମ୍ପାଦକ ରମାକାନ୍ତ ପ୍ରଧାନ, ସହ ସମ୍ପାଦକ ମିଳନ ସେଠ, ରବିକାନ୍ତ ପାତ୍ର, ଉପ ସଭାପତି ଅରବିନ୍ଦ ପାତ୍ର, ବୁଦ୍ଧଦେବ ନନ୍ଦ, ଦିଲୀପ ଶର୍ମା, ରାମକୃଷ୍ଣ ସାହୁ, କୋଷାଧକ୍ଷ ପଦ୍ମଲୋଚନ ପଣ୍ଡା, ବୁଠି ସାହୁ, ଚିନ୍ତାମଣି ପଟେଲ ପ୍ରମୁଖ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ୨୦୨୪ ଜାନୁୟାରୀ ୨୮ରୁ ଫେବୃଆରୀ ୧ ତାରିଖ ଯାଏ ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ଲାୟନ୍ସ କ୍ଲବର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପଦ୍ମପୁର,୨୪।୧୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଲାୟନ୍ସ କ୍ଲବ ଓ ବୁର୍ଲା ପ୍ରଗତି ଅନୁଷ୍ଠାନ ତରଫରୁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟ ଅତିଥି ଲାୟନ୍ସ ଜିଲା ଗଭର୍ନର ପ୍ରବୀଣ ଅଗ୍ରୱାଲ, ସମ୍ମାନିତ ଅତିଥି ଉପଜିଲା ଗଭର୍ନର ପ୍ରଦୀପ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଶିବିରରେ ବୁର୍ଲା ଭିମ୍‌ସାରର ୧୫ ଜଣ ବିଶେଷଜ୍ଞ ଡାକ୍ତର ଯୋଗଦେଇ ୧୨୭୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ଦେଇଥିଲେ। ପଦ୍ମପୁର ଲାୟନ୍ସ କ୍ଲବ ସଭାପତି ପ୍ରୀତମ ମେହେର ଓ ବୁର୍ଲା ପ୍ରଗତି ଅନୁଷ୍ଠାନ ସଭାପତି ପ୍ରମୋଦ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲାୟନ୍ସ ରାଜେନ୍ଦ୍ର ମେହେର, ଅନିଶ କଟେଚା, ଶାଶ୍ୱତ ଦାଶ, ହିମାଂଶୁ ଯୋଷୀ, ସୌମ୍ୟଜିତ ପାଢ଼ୀ, ଲବ ମହାନନ୍ଦ, ସୁଧାର ପଶାୟତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁହୁଡ଼ି ଯୋଗୁ ଦୁର୍ଘଟଣା

ଘଣ୍ଟାପଡ଼ା,୨୪।୧୨( ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଥାନା ଅନ୍ତର୍ଗତ ମନମୁଣ୍ଡା–ସିନ୍ଧିଗୋରୀ ୪୧ନଂ ରାଜ୍ୟ ରାଜପଥର ଘଣ୍ଟାପଡ଼ା ନିକଟ ମଙ୍ଗଳା ଛକ ନିକଟରେ ଏକ ଟ୍ରକ ରାସ୍ତା ତଳକୁ ଖସି ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ପ୍ରକାଶ ଯେ, ଶନିବାର ରାତିରେ ଓଡି ୩୩ ଏଇ ୯୦୦୪ ନମ୍ବର ବିଶିଷ୍ଟ ଏକ ଟ୍ରକ ଖୁଣ୍ଟିଗୋରା ପଟରୁ କଣ୍ଟାମାଳ ଅଭିମୁଖେ ଯାଉଥିଲା। ଘନ କୁହୁଡି ଯୋଗୁ ରାସ୍ତା ଦେଖା ନ ଯିବାରୁ ଡ୍ରାଇଭର ଗାଡି ଉପରୁ ଭାରସାମ୍ୟ ହରାଇବାରୁ ଗାଡିଟି ରାସ୍ତା ତଳକୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସୌଭାଗ୍ୟବଶତଃ ଟ୍ରକ ଚାଳକ ଓ ହେଲପର ରକ୍ଷା ପାଇ ଯାଇଛନ୍ତି । ସେହିପରି କୁହୁଡି ଯୋଗୁ ଉକ୍ତ ସ୍ଥାନରେ ଗୋଟିଏ ଡମ୍ପରକୁ ପଛରୁ ଅନ୍ୟ ଏକ ଡମ୍ପର ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ କାହାରି କିଛି କ୍ଷତି ହୋଇନାହିଁ।

# ଜାତୀୟ ଗଣିତ ଦିବସ ପାଳିତ

ଅମରପାଲି,୨୪।୧୨(ପୀତାମ୍ବର ସାହୁ)



ଅମରପାଲି ହାଇସ୍କୁଲରେ ଅତିଥିଙ୍କ ସହିତ କୃତୀ ପ୍ରତିଯୋଗୀ।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ଓ କେନଝିରିଆପାଲି ହାଇସ୍କୁଲରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଅମରପାଲି ହାଇସ୍କୁଲରେ ଗଣିତ ଶିକ୍ଷକ ପଦ୍ମନାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଅଧକ୍ଷତା କରିଥିଲେ। ସୁଲେକେଲା( ବଲାଙ୍ଗୀର) ସ୍ଥିତ ଧରମ ସିଂ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କାଳାଚାନ୍ଦ ପ୍ରଧାନ, ଶ୍ୟାମ ସୁନ୍ଦର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସମ୍ପିତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଦ୍ମନାଭ ପ୍ରଧାନ ଗଣିତ ଦିବସ ପାଳନର ଉଦ୍ଦେଶ୍ୟ ଓ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ଗଣିତ ଅଲମ୍ପିଆଡ ହୋଇଥିଲା। ଏଥିରେ ବାସୁଦେବ ନାଏକ ପ୍ରଥମ, ଗଣପତି ସାହୁ ଦ୍ୱିତୀୟ ଓ କୁନ୍ତୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହାସହିତ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ସୋନାଲି ପ୍ରଧାନ ପ୍ରଥମ, କୁନ୍ତୀ ସାହୁ ଦ୍ୱିତୀୟ ଓ ଶ୍ଳୋକ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଶ୍ରୀନିବାସ ରାମନୁଜନଙ୍କ ଜନ୍ମ ଦିବସ ଅବସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଆୟୋଜିତ ସଭାରେ ଗଣିତ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ଅଧକ୍ଷତା କରିଥିଲେ। କେନଝିରିଆପାଲି କ୍ଲଷ୍ଟର ସିଆରସିସି ବିନୟ କୁମାର ବିଶ୍ୱାଳ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ରାମାନୁଜନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ସ୍କୁଲର ପ୍ରଧାନଶିକ୍ଷକ ସମସ୍ତ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ନବମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୪ ଜଣ ଛାତ୍ରୀଛାତ୍ର ଅଞ୍ଜଳୀ ସାହୁ, ପ୍ରଣବ ପଧାନ, ମିନାକ୍ଷୀ ସାହୁ ଓ ଶେଷଦେବ ବିଶିଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରମୋଦ କୁମାର ପାତ୍ର ସଭା ପରିଚାଳନା କରିଥିବା ବେଳେ ଜିର୍ଦ୍ଧନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଫରେଷ୍ଟ ଛତିଶଗଡ଼କୁ ହରାଇ ସ୍ୱାର୍ଟନ ଭୁବନେଶ୍ୱର ସେମିରେ

## ୨୭ତମ ସର୍ବ ଭାରତୀୟ ଲୁଡୁରପଙ୍କ କ୍ରିକେଟ କପ୍

ଅମରପାଲି,୨୪।୧୨(ପୀତାମ୍ବର ସାହୁ)



ଭୁବନେଶ୍ୱରର ଗୌରବ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କସ୍ଥିତ ହାଇସ୍କୁଲ ପଡିଆରେ ହେଉଥିବା ୨୭ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁଡୁରପଙ୍କ କ୍ରିକେଟ କପ୍‌ର ରବିବାର ଥିଲା ତୃତୀୟ ଦିବସ। ରବିବାର ମ୍ୟାଚ ଫରେଷ୍ଟ ଛତିଶଗଡ଼ ଓ ସ୍ୱାର୍ଟନ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ମ୍ୟାଚ ଟି–୨୦ ଓ ଟି–୧୦ ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୮୩ ରନ କରିଥିଲା। ଦଳର ସରୋଜ ପଣ୍ଡା ୮୩ ଓ ଚିତ୍ତ ପାତ୍ର ୩୫ ରନ କରିଥିଲେ। ଛତିଶଗଡ ର ନମନ ଅଗ୍ରୱାଲା, ବ୍ରଜେଶ ଠାକୁର ଓ ଶୁଭମ ମହାକୁର ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଫରେଷ୍ଟ ଛତିଶଗଡ଼ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୨ ରନ କରିଥିଲା। ଦଳର ପ୍ରତୀକ ଯାଦବ ୫୯, ଦେବବ୍ରତ ରାଏ ୩୭ ଓ ରଶି ଶର୍ମା ୨୩ ରନ କରିଥିଲେ। ଭୁବନେଶ୍ୱରର କୁନା ଗୋଚ୍ଛାୟତ ଓ ଗୌରବ ରାଉତ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୨୩ ରନ କରିଥିଲା। ଦଳର ରୋନାଲ୍ଡ ସିଂ ୩୮, ଇଲୁ ଗୋଚ୍ଛାୟତ ୩୧ ଓ ଚିତ୍ତ ପାତ୍ର ୩୦ ରନ କରିଥିଲେ। ଜବାବରେ ଛତିଶଗଡ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୦୭ ରନ କରିଥିଲା। ଦଳର ହେମନ୍ତ ସାହୁ ୪୬ ରନ ଓ ରୋହିତ ତିୱାରୀ ୨୦ରନ କରିଥିଲେ। ଭୁବନେଶ୍ୱରର ଗୌରବ ରାଉତ ୩ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ଭୁବନେଶ୍ୱର ସେମି ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଆମ୍ବା ଅଧକ୍ଷ ବିବଶତି ପଣ୍ଡା, ଇଂ.ବବୁରୁ ବାହନ ପ୍ରଧାନ, ସିଙ୍ଘିଝୁବା ସରପଞ୍ଚ ସଞ୍ଜୀବ ତ୍ରିପାଠୀ ଓ ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ଅତିଥି ଭାବେ ଯୋଗଦେଇ ଭୁବନେଶରର ଗୌରବ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଶ୍ୟାମ ସୁନ୍ଦର ପଣ୍ଡା ଓ ତପନ ବେହେରା ପରିଚାଳନା କରିଥିଲେ। ବାଙ୍କା ବିହାରୀ ମହାକୁର ସ୍କୋରିଂ ଏବଂ ମ୍ୟାକମିଲନ ମହାକୁର ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋମବାର ମ୍ୟାଚ ଏନଏନଏସ ଆହ୍ଲାହାବାଦ ଓ ସ୍ୱାର୍ଟନ ଭୁବନେଶ୍ୱର ମଧ୍ୟରେ ପୁଲ – ଏ ର ସେମି ଫାଇନାଲ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

**ସଂକ୍ଷେପରେ**

## ଫୁଟବଲ: ସିଘାଇର ଚାମ୍ପିୟନ

ରାଉରକେଲା,୨୪।୧୨(ଦିନେଶ ମିଶ୍ର)

ଡଲାକୁଦର ତାଡା ପାଡ୍‌ହା କ୍ଲବ ପକ୍ଷରୁ ଆୟୋଜିତ କୁଡୁକ ସମାଜର ୧୭ତମ ଭିକରାମ ବାବା ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ସିଆରପିଏଫର ପ୍ରାକ୍ତନ ଡିଆଇଜି ଦୟାନିଧି ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଭିମା ଓରାମ ସଭାପତିତ୍ୱ କରିଥିଲେ। ଏହି ମ୍ୟାଚ୍‌ରେ ରାଉରକେଲା ତଥା ଆପାପାଖ ଅଞ୍ଚଳରୁ ୨୦ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସିଘାଇର ଫୁଟବଲ ଦଳ ସହିତ ଜରାଟୋଲି ମଧ୍ୟରେ ଖେଳାଯାଇଥିଲା। ଏଥିରେ ସିଘାଇର ଦଳ ଜରାଟୋଲିକୁ ୨-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ୨୦ ହଜାର ଟଙ୍କା ସହ ଟ୍ରଫି ଓ ଦ୍ୱିତୀୟ ଦଳ ଭାବେ ଜରାଟୋଲିକୁ ୨୦ ହଜାର, ତୃତୀୟ ଦଳ ଭାବେ ବଲାଣିର ଏନଟିଏଫ ଦଳକୁ ୯ ହଜାର ଓ ଚତୁର୍ଥ ଦଳ ଭାବେ ଝାଣ୍ଟି ଫୁଟବଲ ଦଳକୁ ୭ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ କନିଷ୍ଠ ବର୍ଗରେ ଖେଳାଳିମାନଙ୍କୁ ନେଇ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଡଲାକୁଦର ଦଳ ମନକୋ ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଭୀମା ଓରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଶୁଣନ୍ତୁ ହେ ଅଭିମନ୍ୟୁମାନେ’ ନାଟକ ମଞ୍ଚସ୍ଥ

ରାଉରକେଲା,୨୪।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରଠାରେ ସ୍ୱନ୍ଦନ ରାଉରକେଲା ପକ୍ଷରୁ ଆୟୋଜିତ ୩୪ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲିଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶା ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢୀ ଓ ବିଜୟ କୁମାର ପାତ୍ର ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ଭୁବନେଶ୍ୱରର ବିଦ୍ୟା କନକ ସୃଜନାନୁଷ୍ଠାନର ପକ୍ଷରୁ ଓଡିଆ ଭାଷାର ନାଟକ ‘ଶୁଣନ୍ତୁ ହେ ଅଭିମନ୍ୟୁମାନେ’ ପରିବେଷଣ କରାଯାଇଥିଲା। ସୋନିକା ସାହୁ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରଦର୍ଶିତ ନାଟକଟି ମହାଭାରତର ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କୁ ପ୍ରତୀକାତ୍ମକ ଭାବେ ଉପସ୍ଥାପନା କରାଯାଇଛି। ଆଜିର ଯୁବପିଢିଙ୍କୁ ସଚେତନ କରିବା ପାଇଁ ପ୍ରଦର୍ଶିତ ନାଟକରେ ନବୀନ ପରିଡା, ଗୋବିନ୍ଦ ମହାପାତ୍ର, କେଦାର ରାଉତ, ମଳୟ ମହାନ୍ତି, ଅବକାଶ ମିଶ୍ର, ଗିରିଜା ଶଙ୍କର ପଣ୍ଡା, ରାକେଶ ଶତପଥ, ଅମରଦୀପ ମହାନ୍ତି, ଶୁଭସ୍ମିତା ସାହୁ, ଶୁଭଙ୍କର ସାହୁ, ଶୁଭକାନ୍ତ ପାଢୀ, ସଙ୍ଗୀତ ନିର୍ଦ୍ଦେଶକ ମାନସ କୁମାର ପରିଡା, ଅବନୀ ଚୌହାନ, ଦୀପକ ପଣ୍ଡା ପ୍ରମୁଖ ଅଭିନୟ କରିଥିଲେ। ରମେଶ ଗୌଡ, ଶିଶିର ମୁଦାଲି, କିଷ୍ଟା ସିଂ, କ୍ଷୀରୋଦ ବାଡତ୍ୟା, ନରୋତ୍ତମ ସାମଲ ସହଯୋଗ କରିଥିଲେ। ସ୍ୱନ୍ଦନର ସମ୍ପାଦକ ଡକ୍ଟର ସତ୍ୟ ମିଶ୍ର ଧନ୍ୟବାଦ ଦେଇଥିଲେ।

# ପାଇପ୍ ଫାଟି ରାସ୍ତାରେ ଭାସୁଛି ପାଣି

ରାଉରକେଲା,୨୪।୧୨(ଦିନେଶ ମିଶ୍ର)

ରାଉରକେଲା ସହରରେ ଝାଡ଼ାବାନ୍ତି ଆତଙ୍କ ଲାଗି ରହିଥିବାବେଳେ ଏବେମଧ୍ୟ ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ରାସ୍ତାରେ ପାଣି ବୋହୁଛି। ଫଳରେ ଏହି ଫଟା ପାଇପ୍‌ରେ ଅପରିଷ୍କାର ପାଣି ମିଶୁଥିବାରୁ ଲୋକେ ରୋଗଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଏଭଳି ଦୃଶ୍ୟ ବାସନ୍ତୀ କଲୋନି ସ୍ଥିତ ଏଫ୍‌ଇ-୧୧ ଘର ସମ୍ମୁଖରେ ଥିବା ଏକ ସେପ୍‌ଟି ଟାଙ୍କି ନିକଟରେ ଦେଖିବାକୁ ମିଳିଛି।

ବାସନ୍ତୀ କଲୋନୀ ସ୍ଥିତ ଏଫ୍‌ଇ ଓ ଏଇ ବ୍ଲକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ୬ ମାସ ତଳେ ୱାଟକୋ ପକ୍ଷରୁ ନୂଆ ପାଇପ୍ ଲାଇନ ସଂଯୋଗୀକରଣ କରାଯାଇଥିଲା। ଏହି କାମ ସରିବା ପରେ ଉକ୍ତ ଅଞ୍ଚଳର ଲୋକଙ୍କୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଫଳରେ ଲୋକମାନେ ନିଜ ଘରକୁ ପାଇପ୍ ସଂଯୋଗ କରିଥିଲେ। ତେବେ ୩ ମାସ ଭିତରେ କାମ ସରିବା ପରେ ୱାଟକୋ ବିଭାଗ ପାଣି ଲାଇନକୁ ଯାଞ୍ଚ ନ କରି ସିଧାସଳଖ ପାଣି ଛାଡି



ରାଉରକେଲା ସହରର ଏଫ୍‌ଇ ବ୍ଲକରେ ପାଇପ୍ ଫାଟି ପାଣି ବୋହୁଛି।

ଦେଇଥିଲା। ଏଭଳି ନୂତନ ବାରମ୍ବାର ପାଇପ୍ ଲାଇନରେ ପାଣି ଆସିବାର କିଛି ଦିନ ପରେ ଏଫ୍‌ଇ ବ୍ଲକ ଅଞ୍ଚଳରେ ପାଇପ ଫାଟିଯିବାରୁ ରାସ୍ତା ଉପରେ ପାଣି ଭାସୁଛି। ଏ ନେଇ ସ୍ଥାନୀୟ ଲୋକେ ୱାଟକୋ ବିଭାଗ ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯେଉଁ ସ୍ଥାନରେ ପାଣି ପାଇପ ଫାଟି ପାଣି ଝରୁଛି ସେଠାରେ ଏକ ସେପ୍‌ଟି ଟାଙ୍କି ରହିଛି। ଏହାର ପାଣି ପାଇପ୍‌ରେ ମିଶିବା ଯୋଗୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଉକ୍ତ ବ୍ଲକର ଶହେ ମିଟର ଦୂରରେ ଏକ ପାଇପ୍ ଫାଟି ପାଣି ବୋହୁଛି। ଏହି ପାଇପ୍‌ରେ ଡ୍ରେନ ପାଣି ମିଶୁଥିବାରୁ ଲୋକଙ୍କ ଘରକୁ ଗୋଳିଆ ଓ ଅପରିଷ୍କାର ପାଣି ଆସୁଛି। ବର୍ତ୍ତମାନ ସହରରେ ଝାଡ଼ାବାନ୍ତି ପ୍ରଭାବ ରହିଥିବାବେଳେ ଏଭଳି ପାଇପ୍ ଫାଟି ବାହାର ଅପରିଷ୍କାର ପାଣି ମିଶିବା ଯୋଗୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ୱାଟକୋ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏ ନେଇ ରାଉରକେଲା ୱାଟକୋ ଉପମହାପ୍ରବନ୍ଧକ ପ୍ରତାପ କେଶରୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ବର୍ତ୍ତମାନ ଝାଡ଼ାବାନ୍ତି ପରିସ୍ଥିତିକୁ ନେଇ ୱାଟ୍‌କୋ ବିଭାଗ ସଜାଗ ରହିଛି। ପାଇପ ଫାଟିଥିବା ସ୍ଥାନଗୁଡିକୁ ଯାଞ୍ଚ କରିବା ପାଇଁ ଏକ ସ୍ୱତନ୍ତ୍ର ୧୧ ଜଣିଆ ଟିମ୍ ଗଠନ କରାଯାଇଛି। ଏହି ଟିମ୍ ରିପୋର୍ଟ ଅନୁଯାୟୀ ସହରରେ ବର୍ତ୍ତମାନ ସୁଦ୍ଧା ୱାଟକୋ ପକ୍ଷରୁ ୫୩ଟି ସ୍ଥାନରେ ଫାଟିଥିବା ପାଣି ପାଇପ୍ ମରାମତି କାମ ସରିଛି। ଆହୁରି ୩୨ଟି ସ୍ଥାନରେ ପାଇପ୍ ଫାଟି ପାଣି ବୋହୁଥିବା ନେଇ ଅଭିଯୋଗ ରହିଛି। ଆଗାମୀ ୧୫ ଦିନ ଭିତରେ ସମସ୍ତ ପାଣିପାଇପ୍ ମରାମତି କାମ ସାରିବାକୁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଯେଉଁଠାରେ ୱାଟର ପ୍ଲାଣ୍ଟ ରହିଛି ସେଠାରେ ପ୍ରତିଦିନ ହାଇଜେନିକ୍ ପଦ୍ଧତିରେ ପାଣିକୁ ବିଶ୍ଳେଷଣ କରିବା ପରେ ପିଇବା ପାଇଁ ଛଡାଯାଉଛି। ସହରରେ କିଭଳି ଝାଡ଼ାବାନ୍ତି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ ସେ ନେଇ ଆମ ଟିମ୍ ଉଦ୍ୟମ ଜାରି ରଖିଛି ବୋଲି ମହାନ୍ତି କହିଥିଲେ।

## କ୍ରୀସ୍ ମାସ ପାଇଁ ସଜେଇ ହୋଇଛି ଚର୍ଚ୍ଚ



ହମିରପୁର ସ୍ଥିତ ଆର୍‌ସି ଚର୍ଚ୍ଚର ଦୃଶ୍ୟ।

ରାଉରକେଲା, ୨୪।୧୨(ସଙ୍ଗୀତା ଜେନା)

ସୋମବାର ପାଳନ ହେବାକୁ ଯାଉଛି ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ବଡ଼ଦିନ ପର୍ବ ବା କ୍ରୀସ୍ ମାସ୍। ଏ ନେଇ ଚଳଚଞ୍ଚଳ ହୋଇ ଉଠିଛି ଇସ୍ପାତନଗରୀ। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ଏହି ପର୍ବକୁ ବେଶ୍ ଆଡମ୍ବର ସହକାରେ ପାଳନ କରାଯାଉଛି। ରାଉରକେଲାର ହମିରପୁର, ଝିରପାଣି, ସେକ୍ଟର-୯, ଶକ୍ତିନଗର ସମେତ ଶହରୁ ଊର୍ଦ୍ଧ୍ୱ ଚର୍ଚ୍ଚରେ ଏଥିପାଇଁ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସହରରେ ଆର୍‌ସି, ମାର୍ଥୋମା, ଜିଏଲ୍, ଏନ୍‌ଜିଡ଼ବ୍ଲ୍ୟୁଜିଏଲ୍, ସିଏନ୍‌ଆଇ ଚର୍ଚ୍ଚ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ହୋଇଛି। ପ୍ରଭୁ ଯୀଶୁଙ୍କ ଜନ୍ମ ସ୍ଥାନ ଚିତ୍ରଣ କରାଯିବା ସହ ଚାରଣୀ ତିଆରି ହୋଇଛି। ଯୀଶୁଙ୍କ ପ୍ରତେକ ଦୃଶ୍ୟକୁ ମୂର୍ତ୍ତିରେ ଚିତ୍ରଣ କରାଯାଇଛି। ରବିବାର ଅପରାହ୍ନରୁ ସାମୂହିକ ପ୍ରାର୍ଥନା ପାଇଁ ଚର୍ଚ୍ଚମାନଙ୍କରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ରାତି ତମାମ ପ୍ରାର୍ଥନା ପରେ ବିଶପ୍ ଶ୍ରଦ୍ଧାଳୁଙ୍କୁ ପବିତ୍ର ରୁଟି ବଣ୍ଟନ କରିବା ପରମ୍ପରା ରହିଛି। ଝିରପାଣି ଚର୍ଚ୍ଚରେ ଜମସେରା, ଜଗଦା, ଶକ୍ତିନଗର, କୋଏଲନଗର, ସେକ୍ଟର ଆଦିରୁ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସେହିପରି ହମିରପୁରଠାରେ ରୋମାନ କ୍ୟାଥୋଲିକ୍ ଓ ଅନ୍ୟ ଚର୍ଚ୍ଚରେ ଦୂରଦୂରାନ୍ତରୁ ଭକ୍ତଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଚର୍ଚ୍ଚ କମିଟି ପ୍ରକାଶ କରିଛି।

# ସମାଜର ଉନ୍ନତି ପାଇଁ ମହିଳା ସଶକ୍ତୀକରଣ ଜରୁରୀ



ଫେଶନ ଶୋ’ର କୃତୀ ପ୍ରତିଯୋଗୀଗଣ।

ରାଉରକେଲା,୨୪।୧୨(ଦିନେଶ ମିଶ୍ର)

ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ସାଇନିଂ ରକ୍‌ର ଏକାଡେମୀ ପକ୍ଷରୁ ସପ୍ତମ ବାର୍ଷିକୋତ୍ସବ ଫାଉଣ୍ଡର ଲିନା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଉନ୍ନତି ପାଇଁ ମହିଳା ସଶକ୍ତୀକରଣ ଜରୁରୀ ବୋଲି କହିଥିଲେ। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ସଭାପତି ସୁନିଲ କୟାଲ, ସୁବ୍ରତ ପଟ୍ଟନାୟକ, ବିମଲ ବିଶି, ଅନୁପ ମୋଦି, କମଲ ଅଗ୍ରୱାଲ, ଅନିତା ଅଗ୍ରୱାଲ, ଅଜୟ ପ୍ରତିହାରୀ, ଶୁଶାନ୍ତ ଦାସ, ଗଣେଶ ଜଶୱାଲ, ଅମିତ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉତ୍ସବରେ ମହିଳାମାନଙ୍କୁ କିଭଳି ଫେଶନ ଶୋ ମାଧ୍ୟମରେ ସଶକ୍ତୀକରଣ କରାଯାଇପାରିବ ସେ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୪ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରୁ ୪୦ ଜଣ ପ୍ରତିଯୋଗୀ ଗ୍ରାଣ୍ଡ ଫିନାଲେରେ ଉତ୍ତୀର୍ଣ୍ଣ ହୋଇଥିଲେ। ସର୍ବକନିଷ୍ଠ ବାଳିକା ବର୍ଗରେ ଅନୁଗୁଳର ନିଖିତା ସାହୁ ଓ ବାଳକ ବର୍ଗରେ ବାଲେଶ୍ୱରର ଅସ୍ମିତ ସାହିଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବର୍ଗରେ ସୁନ୍ଦରଗଡର ନୁପୁର ନାୟକ ଓ କଟକର ପ୍ରଦୀପ୍ତ ରାୟ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ସୁନ୍ଦରଗଡର ସ୍ମିତାରାଣୀ ସୁନାନି ଓ ଅମନ ମିଶ୍ର ବିଜୟୀ ହୋଇଥିଲେ। ମିସେସ୍ ବର୍ଗରେ ରାଉରକେଲାର ବବିତା ମହାରଣା ପ୍ରଥମ ସ୍ଥାନରେ ରହି ଅତିଥିଙ୍କ ଦ୍ୱାରା କ୍ରାଉନ୍ ପିନ୍ଧିବା ସହ ପୁରସ୍କୃତ ହୋଇଥିଲେ। ଉତ୍ସବରେ ବିଶିଷ୍ଟ ଫ୍ୟାଶନ ଡିଜାଇନର ରାକ୍ଷୀ ମଣ୍ଡଳ, ଅକ୍ଷୟ ନାୟକ ଓ ମହିମା ବେହେରା ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀଙ୍କ ଦକ୍ଷତାକୁ ମୂଲ୍ୟାଙ୍କନ କରିଥିଲେ। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଓଡିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜୟନ୍ତ କୁମାର, କମଲ ବରୁଆ, ରାଜେଶ ଲେଙ୍କା, ଟେଲିଭିଜନ କଳାକାର ସମ୍ପର୍ଣ୍ଣା ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରବୀଣ ଚାବଡା, ରଜତ ବେହେରା, ପ୍ରିୟଙ୍କା ପାଣି, ଦୀପ୍ତି ବିଶ୍ୱାଳ, ବିଜୟ ସୁନ୍ଦରରାୟ, କାର୍ତ୍ତିକ ରାଉତ, ଚିନ୍ନୁ ରାଉତ, ପ୍ରତୀକ ଦାଶ, ସୋନୁ ମୁଖାର୍ଜୀ ପ୍ରମୁଖ ସହଯୋଗ କରିଥିଲେ। ଶୁଭଜିତ ପଣ୍ଡା ଓ ବର୍ଣ୍ଣାଳି ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ଲିନା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଝାଡ଼ାବାନ୍ତିରେ ଜଣେ ମୃତ

ସୁନ୍ଦରଗଡ,୨୪।୧୨ (ଜୟ ନାରାୟଣ ମେଣ୍ଟୁଳି)

ସୁନ୍ଦରଗଡରେ ଝାଡା,ବାନ୍ତିରେ ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଛି। ମୃତକ ହେଲେ ପତ୍ରାପଡାର କୃଷ୍ଣ ଇନ୍ଦୁଆର। ଶନିବାର ସେ ଝାଡା ବାନ୍ତିରେ ଆକ୍ରାନ୍ତ ହେବା ପରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାତିରେ ଅବସ୍ଥା ଗୁରୁତର ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ହେଲେ ଏ ସଂକ୍ରାନ୍ତରେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଜିଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ହେଉଛି।

## ଅଙ୍ଗନୱାଡି କର୍ମୀଙ୍କ ବିୟୋଗ



ସୁଲୋଚନା ନାଏକ

ବଡ଼ଗାଁ,୨୪।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଡୁଡାଲଗା ପଞ୍ଚାୟତର ଅଙ୍ଗନୱାଡି କର୍ମୀ ସୁଲୋଚନା ନାଏକଙ୍କ ରବିବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଶନିବାର ସୁଲୋଚନା ଘର କାମସାରି ଶୋଇଥିଲେ। ସକାଳୁ ସେ ଉଠି ନ ଥିଲେ। ଘରଲୋକେ ଉଠାଇବା ପରେ ସେ ମୁମୂର୍ଷୁ ଅବସ୍ଥାରେ ଥିବା ଜାଣି ବଡ଼ଗାଁ ଡାକ୍ତରଖାନାକୁ ନେଇଥିଲେ।ସେଠାରୁ ସୁନ୍ଦରଗଡ ମେଡିକାଲ୍‌କୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ‘ଝାଡ଼ାବାନ୍ତି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଅ’




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତୃବୃନ୍ଦ।

ରାଉରକେଲା,୨୪।୧୨(ସଙ୍ଗୀତା ଜେନା)

ରାଉରକେଲାରେ ହଇଜା ବ୍ୟାପୀ ରୋଗୀ ମୃତ୍ୟୁବରଣ କରିବା ସହ ହଜାର ହଜାର ଲୋକ ଆକ୍ରାନ୍ତ ହୋଇଛନ୍ତି। ଏହାପରେ ମଧ ଶାସକ ଦଳର ବିଧାୟକ ଓ ମନ୍ତ୍ରୀ ଦଳୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଛନ୍ତି। ଏହାକୁ ସହରବାସୀ ଗ୍ରହଣ କରିପାରୁନାହାନ୍ତି ବୋଲି ରବିବାର ପାନପୋଷ ସାଙ୍ଗଠନିକ ଜିଲା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି ଅଭିଯୋଗ କରିଛନ୍ତି। ସେନାପତି କହିଥିଲେ, ଗତ ୩ ମାସ ହେବ ବିଭିନ୍ନ ବସ୍ତି ଅଞ୍ଚଳର ଲୋକଙ୍କୁ ଗୋଳିଆ ସହିତ ଡ୍ରେନ୍ ପାଣି ମିଶା ପାନୀୟ ଜଳ ଯୋଗାଇ ଦିଆଯାଉଥିଲା। ଫଳରେ ୩୦ରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଜୀବନ ଯାଇଛି। ‘ଡ୍ରିଙ୍କ ଫ୍ରମ୍ ଟ୍ୟାପ୍’ ନାଁରେ ରାଉରକେଲା ପୌର ନିଗମ ଅଞ୍ଚଳରେ ବାହାର କମ୍ପାନୀକୁ ୮୫.୯୧ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ଯାହା ଅତ୍ୟନ୍ତ ନିମ୍ନମାନର ଓ ଏହା କେବଳ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଚାର କରାଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାରେ ୬୦ରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ମଳମୂତ୍ର ପରୀକ୍ଷା ସୁବିଧା ନାହିଁ। ଏସବୁ ସମସ୍ୟା ପ୍ରତି ଏଠାକାର ନିର୍ବାଚିତ ଜନପ୍ରତିନିଧି ଏବଂ ସରକାରୀ ବ୍ୟବସ୍ଥାର ତତ୍ପରତା ପ୍ରକାଶ ନ ପାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତେଣୁ ଝାଡ଼ାବାନ୍ତି ମୃତକଙ୍କ ପାଇଁ ସରକାର, ସ୍ଥାନୀୟ ଜନପ୍ରତିନିଧି, ମହାନଗର ନିଗମ ଆୟୁକ୍ତ ଏବଂ ୱାଟ୍‌କୋ ମୁଖ୍ୟ ସମ୍ପୂର୍ଣ୍ଣ ଦାୟୀ ବୋଲି ସେନାପତି କହିଥିଲେ। ସେହିପରି ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ପ୍ରତେକ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦେବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଲତିକା ପଟ୍ଟନାୟକ, ପ୍ରମିଳା ଦାଶ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଠିକାଦାରଙ୍କଠାରୁ ୧୭ ଲକ୍ଷ ଠକେଇ ଅଭିଯୋଗ

କୁଆଁରମୁଣ୍ଡା,୨୪।୧୨ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଜମୁନାନାକିରେ ଭଡ଼ାରେ ରହୁଥିବା ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା କୁସୁମୀୟା ଗ୍ରାମର ଜଣେ ଠିକା ସୁପରଭାଇଜର ବିଜୁ ଗ୍ରାମଜ୍ୟୋତି ଯୋଜନାରେ ବୀରମିତ୍ରପୁର ଓ ରାଉରକେଲା ଅଞ୍ଚଳରେ ବୈଦ୍ୟୁତିକ ଠିକା କାର୍ଯ୍ୟ କରୁଥିବା ବାଲେଶ୍ୱର ଅଞ୍ଚଳର ଠିକାଦାର ନରହରି ଜେନାଙ୍କ ଠାରୁ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଫେରାର ହୋଇଯାଇଛନ୍ତି। ଏନେଇ ନରହରି ରବିବାର ଫାଣ୍ଡିରେ ଅଭିଯୋଗ କରିବା ପରେ ଅଧିକାରୀ ଅଭୟ ମହାପାତ୍ର ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛନ୍ତି। ଫେରାର ଠିକା ସୁପରଭାଇଜରଙ୍କ ଫୋନକୁ ଫାଣ୍ଡି ଅଧିକାରୀ ମହାପାତ୍ର କଲ କରିଥିଲେ ହେଁ ଯୋଗାଯୋଗ ହୋଇପାରି ନ ଥିଲା। ତାଙ୍କୁ ଧରିବା ପାଇଁ ଖୁଣ୍ଟା ପୋଲିସର ସାହାଯ୍ୟ ନିଆଯାଇପାରେ ବୋଲିମହାପାତ୍ର କହିଛନ୍ତି।

## ମଦ ଜବତ,୪ ଗିରଫ

ବଡ଼ଗାଁ,୨୪।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅଞ୍ଚଳର କେତେକ ଗ୍ରାମରେ ପୋଲିସ ଚଢ଼ାଉ କରି ଦେଶୀ ବିଦେଶୀ ମଦ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି ୪୧ ନୋଟିସ୍‌ରେ ଛାଡିଥିବା ଜଣାପଡିଛି। ସୂଚନା ଅନୁଯାୟୀ,ଏକମା ପଞ୍ଚାୟତ ପଦମପୁର ଗ୍ରାମର କୃଷ୍ଣ ପ୍ରଧାନ(୩୫)ଙ୍କ ଠାରୁ ୫ ଲିଟର ମହୁଲି ମଦ,ଗୁଠିଆପଡାର ଚାମୁନ୍ଦ୍ର ବାଡ଼ା(୩୭)ଙ୍କ ଠାରୁ ୫ ଲିଟର ମହୁଲି ମଦ ପୋଲିସ ଜବତ କରିଥିଲା। ଜରଙ୍ଗଲୋଇ ଖଡିଆପଡାର ନିଧି ନାଏକଙ୍କ ଠାରୁ ୫ ଲିଟର ଦେଶୀ ଓ ସିଆମାଲ ଗ୍ରାମର ଲିଙ୍ଗ ରୋହିଦାସ (୪୮)ଙ୍କ ଠାରୁ ୫ ଲିଟର ବିଦେଶୀ ମଦ ଜବତ ହୋଇଛି।

# ଆର୍‌ଏସ୍‌ପିକୁ ଗୋଲଡେନ୍ ପିକକ୍ ପୁରସ୍କାର

ରାଉରକେଲା,୨୪।୧୨(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା ଇସ୍ପାତ ଉଦ୍ୟୋଗ ଗୁଡ଼ିକରେ ମର୍ଯ୍ୟାଦାଜନକ ଜାତୀୟ ପିଏଏଆର୍ ଗୋଲଡ଼େନ୍ ପିକକ୍ ପୁରସ୍କାର ୨୦୨୩ ପ୍ରାପ୍ତ କରିଛି। ବମ୍ବେର ହୋଟେଲ ତାଜ୍ ଲ୍ୟାଣ୍ଡ ଏଣ୍ଡରେ ଗୁରୁବାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଉପରେ ଅନୁଷ୍ଠିତ ୧୮ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ସହରସେବା ସିଜିଏମ୍ ପି. କେ. ସ୍ୱାଇଁ ଏବଂ ସିଏସ୍‌ଆର ବିଭାଗର ଜିଏମ୍ ମୁନ୍‌ମୁନ୍ ମିତ୍ର ଆରଏସ୍‌ପି ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର ଉପାଧ୍ୟାୟ ଓ ଭାରତର ପୂର୍ବତନ ମୁଖ୍ୟ ବିଚାରପତି ୟୁ.ୟୁ. ଲଳିତ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜୈବିକ କୃଷିକୌଶଳ ବ୍ୟବହାର କରି ସ୍ଥାୟୀ ସବୁଜ ଚାଷ ମାଧ୍ୟମରେ କ୍ଷୁଦ୍ର ମହିଳା କୃଷକଙ୍କ ଅର୍ଥନୈତିକ ବିକାଶ ପାଇଁ ଏହାର ସମନ୍ୱିତ ଆଭିମୁଖ୍ୟ ପାଇଁ ଆର୍‌ଏସ୍‌ପିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏନ୍‌ଆଇଟି ରାଉରକେଲା ସହଯୋଗରେ ପାର୍ଶ୍ୱାଞ୍ଚଳରେ ୭ଶହ କୃଷକଙ୍କୁ ବିଶେଷ ଭାବେ ମହିଳାମାନଙ୍କୁ ୪ବର୍ଷ ଅବଧିରେ ଭର୍ମି କମ୍ପୋଷ୍ଟ, ଜୈବିକ ଖତ, ଜୈବ କୀଟନାଶକ, ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନାରେ ତାଲିମ ଦେବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ ରହିଥିଲା।



ଆର୍‌ଏସ୍‌ପି ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ଅର୍ବାନ କୋଅପରେଟିଭ ବ୍ୟାଙ୍କର ବାର୍ଷିକ ସଭା

ରାଉରକେଲା,୨୪।୧୨ (ଦିନେଶ ମିଶ୍ର/ସଙ୍ଗୀତା ଜେନା)

ରାଉରକେଲା କୋଅପରେଟିଭ ବ୍ୟାଙ୍କର ୨୦ତମ ବାର୍ଷିକ ସାଧାରଣ ସଭା ଉଦିତନଗର ସରକାରୀ ଉଚ୍ଚବିଦ୍ୟାଳୟ ସ୍ଥିତ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାଙ୍କର ପ୍ରାୟ ୭୫୦ ଜଣ ସଭ୍ୟ ଉପସ୍ଥିତ ଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ମିଶ୍ର ୨୦୨୨-୨୩ ଆର୍ଥିକ ବର୍ଷର ବିବରଣୀ ପାଠ କରିବା ପରେ ସଭାପତି ଦିଲୀପ କୁମାର ମହାପାତ୍ର ସଭ୍ୟମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ସେ କହିଥିଲେ, ୨୦୨୨-୨୩ର ଆର୍ଥିକ ବର୍ଷରେ ବ୍ୟାଙ୍କ ଲାଭ କରି ନ ଥିଲେ ମଧ୍ୟ ନିଟ୍ ଏନ୍‌ପିଏ ୪୦.୦୧ ପ୍ରତିଶତ ରହିଛି। କୋଭିଡ ମହାମାରୀ ପାଇଁ ବ୍ୟାଙ୍କ ଋଣୀମାନଙ୍କୁ ମୋରାଟୋରିୟମ ସମୟ ମଞ୍ଜୁରୀ ଦେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କିଛି ଋଣଖାତାରେ ପୈଠ ଅନିୟମିତ କାରଣରୁ ବ୍ୟାଙ୍କର ଏନପିଏ ପ୍ରୋଭିଜନ୍ ଅଧିକ ହୋଇଥିଲା। ତେଣୁ ବ୍ୟାଙ୍କର ଆର୍ଥିକ ମାନଦଣ୍ଡ ସନ୍ତୋଷଜନକ ବୃଦ୍ଧି ହୋଇ ନ ଥିବା ମହାପାତ୍ର ସୂଚନା ଦେଇଥିଲେ। ଏହି ଅବସରରେ ବ୍ୟାଙ୍କର କିଛି ପ୍ରାରମ୍ଭିକ ସେବା ପାଇଁ ଏକ ଆପ୍ ଉନ୍ମୋଚନ କରି ଏହାର କାର୍ଯ୍ୟକାରିତା ବିଷୟରେ ସୂଚନା ଦିଆଯାଇଥିଲା। ଆଗାମୀ ଦିନରେ ବ୍ୟାଙ୍କର ଅନ୍ୟାନ୍ୟ ଡିଜିଟାଲ ସେବା ପ୍ରଦାନ ସହିତ ମୋବାଇଲ ଆପ୍‌ର ଉନ୍ନତୀକରଣ ହୋଇପାରିବ ବୋଲି ସେ କହିଥିଲେ। ଦେବବ୍ରତ ବିହାରୀ, ପ୍ରେମାନନ୍ଦ ସାମଲ, କୀର୍ତ୍ତନ ଦାସ, ନୀଳମଣି ବେହେରା, ଆନନ୍ଦ ମହାନ୍ତି, ରଞ୍ଜିତା ମଲ୍ଲିକ, ଦିଲୀପ କର, ବିନୟ ଚରଣ ରାଉତ ପ୍ରଶ୍ନ ଉପସ୍ଥାପନା ସହ ନିଜର ସୁଚିନ୍ତିତ ମତପ୍ରକାଶ କରିଥିଲେ। ୨୦୨୨-୨୩ରେ ବ୍ୟାଙ୍କ ଲାଭ କରି ନ ଥିବାରୁ ଏହାର ଅଂଶୀଦାରମାନଙ୍କୁ କୌଣସି ଲାଭାଂଶ ପ୍ରଦାନ କରାଯିବ ନାହିଁ ବୋଲି ମହାପାତ୍ର ଶେଷରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ବ୍ୟାଙ୍କ ପରିଷଦ ମଣ୍ଡଳୀ ସଭାପତି ମହାପାତ୍ରଙ୍କ ସମେତ ଉପସଭାପତି ସ୍ମିତା ମହାନ୍ତି, କୃଷ୍ଣ ପଟ୍ଟନାୟକ, ରବୀନ୍ଦ୍ର ନାଥ ପଣ୍ଡା, ଶକ୍ତେଶ୍ୱର ପାତ୍ର, ଚୌଧୁରୀ ବିଜୟ ପଟ୍ଟନାୟକ, ସମରପ୍ରିୟ ତନ୍ତୀ, ବିଜୟ କୁମାର ପ୍ରଧାନ, ପୂର୍ଣ୍ଣିମା କେରକେଟ୍ଟା, ଶଙ୍କର ଜେନା, ଅକ୍ଷୟ କୁମାର ରାଉତ, ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ବ୍ୟାଙ୍କ ସଭାପତିଙ୍କ ସମେତ ଅନ୍ୟମାନେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ରାଜ୍ୟପାଳ ରଘୁବର ଦାସଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା, ସମ୍ବଲପୁର ମହାନଗରର କୁଦୋପାଲି ମଧ୍ୟାହ୍ନ ୧ଟା ।
- ୨୬ ତମ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ଟୁକୁ, ଲାଜର କଥା ଏବଂ ମଉଲା ଭାର ନାଟକ ପ୍ରଦର୍ଶିତ ହେବ, ଝାଡୁଆପଡା ଆରଣ୍ୟକ ମଞ୍ଚ, ସନ୍ଧ୍ୟା ୬ ଟା
- ବନ୍ଦନା ଆର୍ଟ କର୍ଣ୍ଣର ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀର ଉଦଯାପନୀ ଉତ୍ସବ, ଆଞ୍ଚଳିକ ଆର୍ଟ ଗେଲେରୀ, ଅପରାହ୍ନ ୨ ଟା

# ରାଜ୍ୟପାଳଙ୍କ ତିନି ଦିନିଆ ସମ୍ବଲପୁର ଜିଲା ଗସ୍ତ

**ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର)**

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଆସନ୍ତା ୨୫ରୁ ୩ ଦିନିଆ ଅବିଭକ୍ତ ସମ୍ବଲପୁର ଜିଲାଗସ୍ତରେ ଆସୁଛନ୍ତି। ସେ ଆସନ୍ତା ଡିସେମ୍ବର ୨୭ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ସହିତ ଝାରସୁଗୁଡ଼ା ଓ ବରଗଡ଼ ଜିଲାର ବିଭିନ୍ନ ସ୍ଥାନକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

ସୋମବାର ରାଜ୍ୟପାଳ ଦାସ ସକାଳ ସାଢ଼େ ୮ଟାରେ ଭୁବନେଶ୍ୱର ରାଜଭବନରୁ ବାହାରି ପ୍ରଥମେ ସମ୍ବଲପୁର ଜମାଦାରପାଲିସ୍ଥିତ ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିବେ। ପୂର୍ବାହ୍ନ ୧୦ଟା ୩୫ ମିନିଟ୍‌ରେ ଧନକଉଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ପରେ ଏଠାରେ ଚିକିତ୍ସକ, ସ୍ୱାସ୍ଥ୍ୟସେବୀ ଓ ରୋଗୀଙ୍କ ସହ ସ୍ୱାସ୍ଥ୍ୟସେବା ନେଇ ଆଲୋଚନା କରିବେ। ପୂର୍ବାହ୍ନ ୧୦ଟା ୫୫ ମିନିଟ୍‌ରେ ଏଠାରୁ ବାହାରି ସେ ୧୧ଟା ୨୦ ମିନିଟରେ ମାନେଶ୍ୱର ବ୍ଲକର ରେମଡେଗା ଓ ତାଲବ ପଞ୍ଚାୟତରେ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବେ। ସେଠାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ତଥା ଅଧ୍ୟୟନରତ ଶିଶୁ ଓ ସେମାନଙ୍କ ଅଭିଭାବକଙ୍କ ସହ ଆଲୋଚନା କରିବେ। ସେଠାରୁ ବାହାରି ୧୧ଟା ୪୫ ମିନିଟ୍‌ରେ ସେ ପରମାଣପୁରେ ପହଞ୍ଚି ଗ୍ରାମବାସୀ ଓ ଚାଷୀଙ୍କ ସହିତ ଆଲୋଚନା କରିବେ। ଏଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପରିଦର୍ଶନ କରି ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ଭାବ ବିନିମୟ କରିବେ। ଏଠାରୁ ବାହାରି ସେ ଦିନ ଗୋଟାଏରେ କୁଦୋପାଲିରେ ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ନିର୍ମିତ ଗୃହଗୁଡ଼ିକର ପରିଦର୍ଶନ ସହ ଏହାର ହିତାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାବାଦ ଅଶୋକ ନିବାସରେ ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନ ୪ଟାରେ ଏଠାରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନାର କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାବାଦ ଆସନ୍ତା ୨୬ ଓ ୨୭ ତାରିଖରେ ଯଥାକ୍ରମେ ସେ ଝାରସୁଗୁଡ଼ା ଓ ବରଗଡ଼ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

# ଓଡ଼ିଶା ବାଣିଜ୍ୟ ସଙ୍ଗଠନର ୪୩ ତମ ସମ୍ମିଳନୀ




ଜିଏମୟୁର ପୁରସ୍କୃତ ଛାତ୍ରୀଛାତ୍ରମାନେ ।

## ଜିଏମ୍ୟୁ ବାଣିଜ୍ୟ ବିଭାଗ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ସମ୍ବଲପୁର,୨୪।୧୨(ବି.ଶଙ୍କର**

ସମ୍ବଲପୁରସ୍ଥିତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ) ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ରମାନେ ବିଭିନ୍ନ ବର୍ଗରେ କୃତୀତ୍ୱ ହାସଲ କରିଛନ୍ତି । ଓଡ଼ିଶା ବାଣିଜ୍ୟ ସଙ୍ଗଠନ (ଓଡ଼ିଶା କମର୍ସ ଆସୋସିଏସନ) ର ୪୩ ତମ ସମ୍ମିଳନରେ ଆୟୋଜିତ ରାଜ୍ୟସ୍ତରୀୟ ଓଡ଼ିଶା ବାଣିଜ୍ୟ ସଙ୍ଗଠନ ପ୍ରତିଭା ସନ୍ଧାନ (ଓସିଏ ଟାଲେଣ୍ଟ ସର୍ଚ୍ଚ) ପରୀକ୍ଷାରେ ପ୍ରଥମ ବର୍ଷ ଛାତ୍ର ଗିରିଜାନନ୍ଦନ ନାୟକ, ଦ୍ୱିତୀୟ ବର୍ଷ ଛାତ୍ରୀ କୁମାରୀ ଖୁସି ଅଗ୍ରୱାଲା ଓ ତୃତୀୟ ବର୍ଷ ଛାତ୍ରୀ କୁମାରୀ ହର୍ଶିତା ଅଗ୍ରୱାଲ କୃତିତ୍ୱ ଲାଭ କରିଛନ୍ତି । ଭୁବନେଶ୍ୱର ସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟରୁ ୨୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ଗିରିଯାନନ୍ଦନ ନାୟକ ଏବଂ କୁମାରୀ ଖୁସି ଅଗ୍ରୱାଲା ସାରା ରାଜ୍ୟରେ ଦ୍ୱିତୀୟ ସ୍ଥାନ ହାସଲ କରି ଗଙ୍ଗାଧର ମେହେର ବିଶ୍ୱବଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି । ଏହି ଅବସରରେ ଜିଏମୟୁ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା, ପୂର୍ବତନ ବିତ୍ତ ନିୟନ୍ତ୍ରକ ତଥା ପ୍ରାକ୍ତନ ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ.ଶ୍ୟାମାଚରଣ ଆଚାର୍ଯ୍ୟ, ଅଧାପକ ଜ୍ଞାନରଞ୍ଜନ ବଳ, ସୁବାଷ ଚନ୍ଦ୍ର ଝାଙ୍କର, ଅମରୀଶ ପ୍ରତାପ ସିଂହ, ଅଧାପିକା ସରୋଜା ମେହେର, ସୁବେଚ୍ଛା ନାୟକ ଓ ଝାନ୍ସୀ ରାଣୀ ପରିଡା ପ୍ରମୁଖ ପୁରସ୍କୃତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ବିଚାରାଧୀନ କଏଦୀ ମୃତ

**ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର):** ଟିଟିଲାଗଡ଼ ବାୟୋମ୍ୟାକ୍ସର ମୁଖ୍ୟ ପ୍ରବନ୍ଧକଙ୍କ ହତ୍ୟା ମାମଲାରେ ସମ୍ବଲପୁର ମଣ୍ଡଳ କାରାଗାରରେ ବିଚାରାଧିନ କଏଦୀ ଭାବେ ଥିବା ଭକଚନ ମାଝିଙ୍କ ମୃତ୍ୟୁ ଘଟିଛି। କିଛିଦିନ ତଳେ ପଥୁରୀ ରୋଗରେ ଆକ୍ରାନ୍ତ ହୋଇ ଭିମ୍ସାରରେ ଭର୍ତ୍ତି ହୋଇଥିଲେ। ସେ ଅସ୍ତ୍ରୋପଚାର ପରେ ଆରୋଗ୍ୟ ଲାଭ କରି ଜେଲ୍‌କୁ ଫେରିଥିଲେ। ତେବେ ରବିବାର ପୁଣିଥରେ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ଡାକ୍ତରଖାନା ନିଆଯିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣା ପଡ଼ିଛି।

# ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଗୁରୁତ୍ୱ



କାର୍ଯ୍ୟକ୍ରମରେ ୧୯୮୦ ମାଟ୍ରିକ ବ୍ୟାଚର ସହପାଠୀ।

**ସମ୍ବଲପୁର,୨୪।୧୨ (ଭବାନୀଶଙ୍କର ଭୋଇ)**

## ଜିଲାସ୍କୁଲରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇ ପୁରାତନ ଛାତ୍ରମାନଙ୍କ ଆଲୋଚନା

ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ୧୯୮୦ ମାଟ୍ରିକ ବ୍ୟାଚ ପକ୍ଷରୁ ସିନ୍ଦୂରପଙ୍କଠାରେ ରବିବାର ପୂର୍ବାହ୍ନରେ ବ୍ରଜକିଶୋର ମହାନ୍ତିଙ୍କ ସଭାପତିତ୍ୱରେ ଜିଲାସ୍କୁଲରେ ଗୁଣାତ୍ମକ ଶିକ୍ଷା ଉପରେ ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକ ପ୍ରାରମ୍ଭରେ ଅବସରପ୍ରାପ୍ତ ଶିକ୍ଷକ ପ୍ରେମାନନ୍ଦ ପାଢ଼ୀଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପାଢ଼ୀ ତାଙ୍କ ଆଶୀବଚନରେ ଶୃଙ୍ଖଳିତ ଜୀବନ ସହ ରାଷ୍ଟ୍ରଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ସ୍କୁଲ ପାଠପଢ଼ାର ଗୁଣାତ୍ମକମାନ ବୃଦ୍ଧି ଏବଂ ଅଳ୍ପ ମେଧାବି ଛାତ୍ରୀଛାତ୍ରଙ୍କୁ ସହାୟତା ସକାଶେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ୧୯୮୦ ମାଟ୍ରିକ ବ୍ୟାଚର ଛାତ୍ର ତଥା ବର୍ତ୍ତମାନ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ବୈଠକରେ ଉପସ୍ଥିତ ରହି ଜିଲାସ୍କୁଲର ପୁରୁଣା ଗୌରବ ବିଷୟରେ ସ୍ମୃତିଚାରଣ କରିଥିଲେ। ବୈଠକ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭୂତି ଭୂଷଣ ଦାଶ, ପ୍ରଦୀପ କୁମାର ପଣ୍ଡା, ଅରୁଣ କୁମାର ଦାସ, ପୃଥ୍ୱୀରାଜ ବେହେରା, ସରୋଜ ଦେବତା, ଶଶାଙ୍କ ଶେଖର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକ୍ରମ ମହାନ୍ତି, ଶିବଶଙ୍କର ନନ୍ଦ, ବ୍ରଜେନ୍ଦ୍ର ପଣ୍ଡା, ଜୟକୃଷ୍ଣ ଦାଶ, ବିଜନକାନ୍ତି ମିଶ୍ର, ସାଲେଗ୍ରାମ ଖୁଣ୍ଟିଆ, ବିଶ୍ୱଭୂଷଣ ଷଡ଼ଙ୍ଗୀ, ଦେବନାରାୟଣ ପାଣିଗ୍ରାହୀ ପ୍ରମୁଖ ଛାତ୍ର ଓ ତାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ । ଶେଷରେ ସୁକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷୀୟାନ କ୍ରୀଡ଼ା ସଂଘ ପକ୍ଷରୁ ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର):** ସମ୍ବଲପୁର ବର୍ଷିୟାନ କ୍ରୀଡ଼ା ସଂଘ ପକ୍ଷରୁ ୨୪ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଆୟେଜିତ ଏହି ପ୍ରତିଯୋଗିତାକୁ ସଂଘର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ମୋହନ ପୁରୋହିତ ସଂଘର ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ସଂଘର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ସଂଗ୍ରାମ ସାହାଣୀଙ୍କ ଆତ୍ମାର ସଦଗତି କାମନା କରି ୨ମିନିଟ୍ ନିରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସଂଘର ସଭାପତି ଗୋକୁଳ ଚନ୍ଦ୍ର ଦୋର୍ଜି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଶପଥ ପାଠ କରାଇଥିଲେ। ଏଥିରେ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଦୌଡ଼, ୨୦୦୦ ମିଟର ଚାଲି, ଲମ୍ବଡିଆଁ, ଜେଭଲିନ୍, ଡିସ୍‌କସ୍, ସଟ୍‌ପୁଟ୍ ଫିଙ୍ଗା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୮୨ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଗୁଡ଼ିକୁ ସଂଘର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତଙ୍କ ନେତୃତ୍ୱରେ ସାହେବ ଖମାରୀ, ବଦ୍ରିନାରାୟଣ ପୁରୋହିତ ପରିଚାଳନା କରିଥିଲେ।

# କଂଗ୍ରେସ ନେତ୍ରୀ ନିଖତ ପରବିନଙ୍କୁ ବୁର୍ଲା ସ୍ଥାନାନ୍ତର

**ସମ୍ବଲପୁର,୨୪ ।୧୨ (ଭବାନୀ ଶଙ୍କର ଭୋଇ)**

## କମିଟି ଗଠନ କରି ଘଟଣାର ତର୍ଜମା କରାଯିବ: ଜିଲା କଂଗ୍ରେସ ସଭାପତି

ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ସେଲର ନେତ୍ରୀ ନିଖତ ପରବିନ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଭିମସାରକୁ ରବିବାର ସ୍ଥାନାନ୍ତର କରାଯାଇଛି। ସଦର ଡାକ୍ତରଖାନାରେ ଅନ୍ତନାଳୀରୁ ରକ୍ତ ପ୍ରବାହ ବନ୍ଦ ନ ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭିମସାରକୁ ପଠାଯିବାକୁ ଡାକ୍ତର ମାନେ ପରାମର୍ଶ ଦେଇଥିଲେ। ଏପର୍ଯ୍ୟନ୍ତ ତାଙ୍କୁ ଖାଦ୍ୟ କିମ୍ବା ଫଳମୂଳ ଦିଆଯିବାକୁ ଚିକିତ୍ସା କରୁଥିବା ଡାକ୍ତରଙ୍କ ପକ୍ଷରୁ ମନା କରାଯାଇଥିବା ବେଳେ ଭିମସାର ଡାକ୍ତରଖାନାରେ ଅଧିକ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଚିକିତ୍ସକ ଦଳକୁ ନିଯୁକ୍ତ କରାଯାଇଛି। ଅନ୍ୟ ପକ୍ଷରେ ଘଟଣାରେ ସମ୍ବଲପୁର ପୋଲିସ ନିଖତଙ୍କ ସ୍ୱାମୀ ଆକ୍ରମ ଖାନ ଏବଂ କଂଗ୍ରେସର ପୂର୍ବତନ ଜିଲା ସଭାପତି ତଥା ରେଢାଖୋଲରୁ କଂଗ୍ରେସ ପ୍ରାର୍ଥୀ ଆସଫ ଅଲି ଖାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି। ତେବେ ସମ୍ବଲପୁର ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଏହି ଘଟଣାକୁ ନିଖତଙ୍କ ବ୍ୟକ୍ତିଗତ ମାମଲା ବୋଲି କହିବା ସହ ଏହାସହ କଂଗ୍ରେସ ଦଳର କୌଣସି ସମ୍ପୃକ୍ତି ନ ଥିବା କହିଛନ୍ତି । ମାତ୍ର ନିଖତଙ୍କ ମାଆଙ୍କ ପକ୍ଷରୁ ହୋଇଥିବା ଅଭିଯୋଗରେ ଦଳର ଜଣେ ପୂର୍ବତନ ସଭାପତି ଏବଂ ବିଧାୟକ ପ୍ରାର୍ଥିଙ୍କ ବ୍ୟତୀତ ଦୁଇଜଣ କଂଗ୍ରେସ ନେତ୍ରୀଙ୍କ ସମ୍ପୃକ୍ତି ଥିବା ଉଲ୍ଲେଖ କରାଯାଇଛି। ତେଣୁ ଏହା କେତେ ଦୂର ଯଥାର୍ଥ ଜିଲା କଂଗ୍ରେସ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଦଳିୟ ସ୍ତରରେ ତର୍ଜମା କରାଯିବ । ସହ ଏସଂକ୍ରାନ୍ତରେ ଏସପିଙ୍କୁ ଭେଟି ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯିବ ବୋଲି ବୋଲି ଜିଲା କଂଗ୍ରେସ ସଭାପତି ଛତ୍ରିଆ କହିଛନ୍ତି।

# ଆଧ୍ୟାତ୍ମିକ ଯୋଗ, ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟିତ

**ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର)**

ଧନକଉଡ଼ାସ୍ଥିତ ସୁବାସିନୀ କଲୋନୀରେ ଏକ ତ୍ରିଦିବସୀୟ ଆଧ୍ୟାତ୍ମିକ ଯୋଗ ଓ ସ୍ୱାସ୍ଥ୍ୟ ଶିବିର ରବିବାର ଉଦ୍‌ଘାଟିତ ହୋଇଯାଇଛି। କଲୋନୀବାସିନ୍ଦା ଅଶୋକ ପଣ୍ଡା ଓ ରୀତା ପଣ୍ଡାଙ୍କ ସୌଜନ୍ୟରୁ ଆୟୋଜିତ ଏହି ଶିବିର ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ଯୋଗ ଦର୍ଶନ ଆଶ୍ରମ, ସମ୍ବଲପୁରର ସଚିବ ଧ୍ରୁବ ଚରଣ ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ ଯୋଗାଭ୍ୟାସର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷିକା ସୁଶ୍ରୀ ସମା ବିଭିନ୍ନ ରୋଗବ୍ୟାଧିରୁ ଉପସମ ହେବାର ଉପାୟ ସମ୍ପର୍କରେ ଅବଗତ କରି କେତେକ ଉପଯୋଗୀ ଗୋଗାସନକୁ ନେଇ ଆଲୋଚନା କରିଥିଲେ। ଓଶୋ ଜାଗୃତୀ ଧ୍ୟାନ କେନ୍ଦ୍ରର ସଂସ୍ଥାପକ ସ୍ୱାମୀ ଧ୍ୟାନ ଆଶିଷ, ଧ୍ୟାନରେ ମହତ୍ତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରି ସୁସ୍ଥ ଜୀବନଧାରଣରେ ଧ୍ୟାନର ଆବଶ୍ୟକତା ଉପରେ ଗୁରୁତ୍ୱରୋପ କରିଥିଲେ। ପୂର୍ବତନ ଶାସନ ସଚିବ ଡ. ଶଶାଙ୍କ ଶେଖର ପଣ୍ଡା ନିରୋଗ ଓ ଦୀର୍ଘାୟୁ ଜୀବନ ଧାରଣରେ ଯୋଗ ଓ ଧ୍ୟାନର ଭୂମିକା ଉପରେ ଆଲୋକପାତ କରି ଏହାର ନିୟମିତ ଅଭ୍ୟାସ ଦ୍ୱାରା ଔଷଧର ଆବଶ୍ୟତା ନାହିଁ ବୋଲି କହିଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଫିଜିଓଥେରାପି ଡାକ୍ତର ସୁଭାଷ ଚନ୍ଦ୍ରା ଧ୍ୟାନର ବଧି ଓ ବିଭିନ୍ନ ଶାରୀରିକ ଉପାଚାରକୁ ନେଇ ଦିଗଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବକୁ ଧନଶ୍ରୀ ମିଶ୍ର ପରିଚାଳନା କରିଥିବା ବେଳେ ଦିଲୀପ ବଘାର ଧନ୍ୟବାଦ ଦେଇଥିଲେ।

# ଡେଙ୍ଗିମଚା ଫୁଟବଲ ଦଳ ଚାମ୍ପିୟନ

## ୨୪ତମ ଲରପଙ୍କ ଫୁଟବଲ କପ୍ ଉଦଯାପିତ

**ସମ୍ବଲପୁର,୨୪।୧୨(ବି.ଶଙ୍କର)**




ଲରପଙ୍କ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର ଜିଲା ହୀରାକୁଦ ଲରପଙ୍କରେ ଅନ୍ଧାରପାଟ ଯୁବକ ସଂଘ ଆୟୋଜିତ ସ୍ୱର୍ଗତ ବିନକୋ ଓରାମ ଓ ସୁଲୋଚନା ନାୟକ ସ୍ମାରକୀ ୨୪ତମ ଲରପଙ୍କ କପ ଫୁଟବଲ ଟୁର୍ନାମେଣ୍ଟ-୨୦୨୩ ରବିବାର ଉଦଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଡେଙ୍ଗିମଚା ଓ ରାନୀ ବନ୍ଧ ଦଳ ମଧ୍ୟରେ ହୋଇଥିଲା । ଏଥିରେ ୧-୦ ଗୋଲ ବ୍ୟବଧାନରେ ଡେଙ୍ଗିମଚା ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ସେହିପରି ଦେବଗଡ଼ ଓ ଝାରସୁଗୁଡ଼ା ଜିଲା ମହିଳା ଦଳ ମଧ୍ୟରେ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେବଗଡ ଦଳ ୧-୦ ଗୋଲ ବ୍ୟବଧାନରେ ବିଜୟୀ ହୋଇଥିଲେ। ଉଦଯାପନୀ ଦିବସରେ ଅତିଥି ଭାବେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ସମ୍ବଲପୁର ଓଡ଼ିଶା ମୋ ପରିବାର ସଂଯୋଜିକା କବିତା ପୁରୋହିତ, ସେବା ସଭାପତି ଅମର ତାଣ୍ଡିଆ, ବ୍ୟବସାୟୀ ଉମେଶ ବର୍ମା, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ସୁନୀଲ ସାହୁ, ବରିଷ୍ଠ ନେତା ରିଙ୍କୁ ମିଶ୍ର, ହିଣ୍ଡାଲକୋ ପାରିପାଶ୍ୱିକ ଉନ୍ନୟନ ଅଧକ୍ଷ ସୁକାନ୍ତ ମହାପାତ୍ର, ବ୍ୟାଙ୍କ ଅଫ ଇଣ୍ଡିଆ ଅଇଁଠାପାଲି ଶାଖା ପରିଚାଳକ, ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ରାଜେଶରାଜ ସ୍ୱାଇଁ, ସମ୍ବଲପୁର ଜୋନ ସଭାପତି ମିଲନ ହୋତା, ରାଜ୍ୟ ଯୁବ ସମ୍ପାଦକ ଅନମୋଲ କୁମାର ଦାଶ, ଜିଲା ଛାତ୍ର ସଭାପତି ଶୁଭ୍ରାଂଶୁ ପାଢ଼ୀ, ଚିତ୍ତରଞ୍ଜନ ରାଉଳ, ପଶ୍ଚିମ ଓଡ଼ିଶା ଜେସିବି ଚାଳକ ସଂଘ ସଭାପତି ମିଥୁନ ମହାରଣା ସମ୍ମାନିତ ଅତିଥି ଥିଲେ। ସମ୍ବଲପୁର ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ପୁରସ୍କାର ବିତରଣ ଉତ୍ସବ ସଂଯୋଜନା କରିଥିଲେ । ନିତ୍ୟାନନ୍ଦ ବେହେରା, ହୃଷୀକେଶ ଓରାମ, ବବନ ସିଂ, ସୁଶିଲ ଜେନା, ପିତାମ୍ବର ଭୋଇ, ରଞ୍ଜିତ ଓରାମ, କାର୍ତ୍ତିକ କଲେତ, ଯଦୁ ଓରାମ, ବିଶିକେଶନ ଓରାମ, ମଞ୍ଜୁ ଓରାମ, ଉତ୍ତମ ବାଗ, ଉମାଶଙ୍କର ଗୌଡ, ବୁଲୁ ନାୟକ, ପିତବାସ ନାୟକ ତିନି ଦିନ ଧରି କାଯର୍ୟକ୍ରମ ପରିଚାଳନା କରିଥିଲେ । ରାଉରକେଲାରୁ ଚିୟର ଗାର୍ଲମାନେ ଖେଳରେ ନୃତ୍ୟ ପରିବେଷଣ କରିଥିଲେ । ଟୁର୍ନାମେଣ୍ଟରେ ରେଫରି ଭାବେ ଯୋଗେନ୍ଦ୍ର ଓରାମ, କାର୍ତ୍ତିକ ଓରାମ, ଅଭିଜିତ ମିର୍ଦ୍ଧା, ଲଚ୍ଛୁ ବେହେରା, ଜଗଦୀଶ ମିର୍ଦ୍ଧା, ସୁମନ୍ତ ପ୍ରଧାନ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

# ଅକ୍ଷତ କଳସକୁ ନେଇ ଶୋଭାଯାତ୍ରା

**ସମ୍ବଲପୁର,୨୪।୧୨(ପ୍ରମୋଦ ବହିଦାର)**

ଅଯୋଧ୍ୟାରୁ ଆସିଥିବା ଅକ୍ଷତ କଳସକୁ ରବିବାର ସମ୍ବଲପୁର ମହାନଗର ଅନ୍ତର୍ଗତ ୱାର୍ଡ ନମ୍ବର ୨୨ ମୁଦିପଡ଼ାର ଜୁରାବନ୍ଧସ୍ଥିତ ଶ୍ରୀରାମମନ୍ଦିରିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାବାଦ ମୁଦିପଡ଼ାର ମହିଳା ଓ ପୁରୁଷ ତଥା ରାମଭକ୍ତମାନେ ହାତରେ ଗୈରିକ ପତାକା ଧାରଣ କରି ଏକ ଭବ୍ୟ ଶୋଯାତ୍ରାରେ ଅକ୍ଷତ କଳସକୁ ମୁଦିପଡ଼ା ପାର୍କ, ହଟଲି, ଉପ୍ରା ସ୍କୁଲ, ମାଣିକମୁଣ୍ଡା, ଦେଉଳବନ୍ଧ ଦେଇ ଭଙ୍ଗାମୁଣ୍ଡା ଶ୍ରୀହନୁମାନ ମନ୍ଦିରରେ ପହଞ୍ଚିଥିଲେ। ଏଠାରେ ଆଳତୀ କରାଯାଇ କସଳକୁ ସ୍ୱାଗତ କରାଯାଇଥିଲା। ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ସୁଧୀର ରଞ୍ଜନ ବହିଦାର, ଆର୍‌ଏସ୍‌ଏସ୍‌ର ହେମନ୍ତ ସାଗର, ପୂର୍ବତନ କାଉନସିଲର ସୂର୍ଯ୍ୟ ପ୍ରଧାନ, ସୁବୋଧ ପାଣିଗ୍ରାହୀ, ନନ୍ଦ କିଶୋର ମିଶ୍ର, ବଳରାମ ସାହୁ, ସୁବ୍ରତ ମିଶ୍ର, ପିଙ୍କୁ ଷଣ୍ଢ, ଦିଲୀପ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

# ସମ୍ବଲପୁରୀ ଧନୁଯାତ୍ରା କମିଟିର କାର୍ଯ୍ୟକ୍ରମ

**ସମ୍ବଲପୁର,୨୪।୧୨(ବି.ଶଙ୍କର)**

- ରାଉଁରପୁର ହେବ ଗୋପପୁର
- କମିଟି କର୍ମକର୍ତ୍ତାଙ୍କ ଚାଉଁରପୁର ଗ୍ରାମ ପରିଦର୍ଶନ

ସମ୍ବଲପୁର ସହରରେ ଆୟୋଜନ ହେବାକୁ ଥିବା ପ୍ରଥମ ସମ୍ବଲପୁରୀ ଧନୁଯାତ୍ରାର ପରିଚାଳନା କମିଟି କର୍ମକର୍ତ୍ତାମାନେ ରବିବାର ଚଉଁରପୁର ପରିଦର୍ଶନ କରିଛନ୍ତି। ଗ୍ରାମର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବା ସହ ଗ୍ରାମବାସୀଙ୍କ ସହ ଯାତ୍ରା ବିଷୟରେ ଆଲୋଚନା କରିଥିଲେ। ଏହି ସମ୍ବଲପୁରୀ ଧନୁଯାତ୍ରାରେ ଐତିହାସିକ ସମ୍ବଲପୁରକୁ ମଥୁରା ନଗରୀ ଭାବେ କରାଯିବାକୁ ସ୍ଥିର ହୋଇଛି। ସେହିପରି ମହାନଗର ନିଗମ ଅନ୍ତର୍ଗତ ମହାନଦୀର ଏହି ପାର୍ଶକୁ ମଥୁରା ନଗରୀ କରାଯିବାର ସ୍ଥିର ହୋଇଥିବାବେଳେ ମହାନଦୀର ଅପର ପାର୍ଶ୍ୱର ଚାଉଁରପୁର ଗ୍ରାମକୁ ଗୋପପୁର କରାଯିବାକୁ ସ୍ଥିର ହୋଇଛି। ସମ୍ବଲପୁରୀ ଧନୁଯାତ୍ରା କମିଟିର କର୍ମକର୍ତ୍ତମାନେ ପରିଦର୍ଶନ କରି କେଉଁଠି ମୁଖ୍ୟ ମଞ୍ଚ ହେବ ତଥା କେଉଁ ଘାଟକୁ ଯମୁନା ଘାଟ କଲେ ସୁବିଧା ଓ ସୁନ୍ଦର ହୋଇପାରିବ, ସେ ବିଷୟରେ ଗ୍ରାମବାସୀଙ୍କର ସହ ଆଲୋଚନା ମଧ୍ୟ କରାଯାଇଛି। ଚାଉଁରପୁର ତଥା ଆଖପାଖ ଅଞ୍ଚଳର ସମସ୍ତ ଗ୍ରାମବାସୀଙ୍କୁ ସମ୍ବଲପୁରୀ ଧନୁଯାତ୍ରା ବିଶେଷ ଭାବରେ ଗୋପପୁରର କାର୍ଯ୍ୟକ୍ରମରେ ସାମିଲ କରାଯିବାକୁ ଗ୍ରାମର ଯୁବକ ଓ ପ୍ରମୁଖ ବ୍ୟକ୍ତିଙ୍କର ବିଚାର ବିମର୍ଶ ହୋଇଛି।



ସମ୍ବଲପୁରୀ ଧନୁଯାତ୍ରା କମିଟିର କର୍ମକର୍ତ୍ତାମାନେ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।

ସମ୍ବଲପୁରୀ ଧନୁଯାତ୍ରା କମିଟି ସମ୍ପାଦକ ଗୁଣରଞ୍ଜନ ସାଲିମାଙ୍କର ନେତୃତ୍ୱରେ ବବଲୁ ବାଗ, ସୂର୍ଯ୍ୟ ପାଣିଗ୍ରାହୀ, ସୌରୀ ନାରାୟଣ ପାଣିଗ୍ରାହୀ, ଯୋଗେଶ ନନ୍ଦ, ଚୈତନ୍ୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଡାହି, ଗୁଡ ମଣିଙ୍ଗ, ଜିଦ ନାଟକ ମଞ୍ଚସ୍ଥ

## ବୀରସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ

**ସମ୍ବଲପୁର,୨୪।୧୨(ବି.ଶଙ୍କର)**





ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାରେ ମଞ୍ଚସ୍ଥ ନାଟକ ଡାହିର ଦୃଶ୍ୟ ।

ଯୁବ ଉଦୟନ ଅନୁଷ୍ଠାନ ଆୟୋଜିତ ବୀର ସୁରେନ୍ଦ୍ର ସାଏ ୨୬ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ରବିବାର ରାତିରେ ସମ୍ବଲପୁର ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦଘାଟିତ ହୋଇଯାଇଛି । ରେଢ଼ାଖୋଲ ବିଧାୟକ ତଥା ସମ୍ବଲପୁର ଜିଲା ବିଜେଡି ସଭାପତୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ପ୍ରଥମ ରଜନୀର ପ୍ରଥମ ନାଟକ ବରଗଡ ଜିଲା ସୋହେଲ ଡ୍ରାମା ଚେତନ କଳାକାରମାନେ ଡାହି ନାଟକ ମଞ୍ଚସ୍ଥ କରିଥିଲେ। ଏହାକୁ ରାଜେଶ କୁମାର କାରିଆ ରଚନା କରିଥିବା ବେଳେ ଡାକ୍ତର ତୁଷାର କାନ୍ତ ସାହୁ ନିର୍ଦ୍ଦେଶନା ଦେଇଥିଲେ। ପରମ୍ପରା ଓ ଆସ୍ଥାକୁ ନେଇ ଜୀବନ ଚର୍ଯ୍ୟା ଚାଲୁଥିବା ସମୟରେ ବିଜ୍ଞାନର ପ୍ରଭାବ ମଧ୍ୟ ଅନେକ କ୍ଷେତ୍ରରେ ସଫଳତା ହାସଲ କରିଛି । ଏହି କଥା ବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା । ସେହିପରି ଭଟଲି ନବଜ୍ୟୋତି ଶିକ୍ଷାନୁଷ୍ଠାନର କଳାକାରମାନେ ଦ୍ୱିତୀୟ ନାଟକ ଗୁଡ ମର୍ଣିଙ୍ଗ ମଞ୍ଚସ୍ଥ କରିଥିଲେ । ନକୁଳ ବାଦୀ ରଚନା କରିଥିବା ବେଳେ ସନ୍ତୋଷ କୁମାର ପଣ୍ଡା ନିର୍ଦ୍ଦେଶନା ଦେଇଥିଲେ । ସମ୍ବଲପୁର ନନ୍ଦପଡା ପଣ୍ଡିତ ଲକ୍ଷ୍ମୀନାରାୟଣ କଲଚରାଲ ଆସୋସିଏଶନର କଳାକାରମାନେ ତୃତୀୟ ନାଟକ ଜିତ ପରିବେଷଣ କରିଥିଲେ । ସନ୍ତୋଷ କୁମାର ମିଶ୍ର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ । ଆୟୋଜନ କମିଟିର ସଭାପତି ସଞ୍ଜୟ କୁମାର ମିଶଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା । ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ପ୍ରାରମ୍ଭିକ ସୂଚନା ଓ ଯୁବ ଉଦୟନ ସମ୍ପାଦକ ଅଭିଷେକ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଂଯୋଜକ ଜଗଦିଶ ମିଶ୍ର, ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟ ପକ୍ଷରୁ ସରୋଜ କୁମାର ଦଲପତ, ସୀତାକାନ୍ତ ପାଣିଗ୍ରାହୀ, ସରୋଜ କୁମାର ସାହୁ, ଶୁଭେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଚାରକ ଭାବେ ଡ. ଶ୍ୟାମସୁନ୍ଦର ଧର, ପଦ୍ମଲୋଚନ ଦାଶ ଓ ନାଟ୍ୟଶ୍ରୀ ପୁଷ୍ପାଞ୍ଜଳି ବେହେରା ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ, ୧୯୯୭ ମସିହାରୁ ଦୀର୍ଘ ପଚିଶ ବର୍ଷ ଧରି ହୋଇ ଆସୁଥିବା ଏହି ପ୍ରତିଯୋଗିତାର ଗତ ବର୍ଷ ରଜତ ଜୟନ୍ତୀ ଉତ୍ସବ ହୋଇ ସାରିଛି। କେବଳ କରୋନା କଟକଣା ଯୋଗୁଁ ୨୦୨୦ ମସିହା ବ୍ୟତୀତ କ୍ରମାଗତ ଭାବେ ଆୟୋଜିତ ହୋଇ ଆସୁଥିବା ଏହି ପ୍ରତିଯୋଗିତାରେ ପାଞ୍ଚଶହରୁ ଊର୍ଦ୍ଧ୍ୱନାଟକ ଏପର୍ଯ୍ୟନ୍ତ ମଞ୍ଚସ୍ଥ ହୋଇ ଆସୁଛି । ଚଳିତବର୍ଷ ହେବାକୁ ଥିବା ପ୍ରତିଯୋଗିତାରେ ମଧ୍ୟ ସମ୍ବଲପୁର, ବରଗଡ, ଝାରସୁଗୁଡ଼ା, ନୂଆପଡା, ସୋନପୁର ଜିଲାରୁ ପନ୍ଦରଟି ନାଟକ ପ୍ରଦର୍ଶିତ ହେବ ବୋଲି ଆୟୋଜକମାନେ ସୂଚିତ କରିଛନ୍ତି । ଡିସେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଦିନକୁ ତିନୋଟି ନାଟକ ହେବ । ଚଳିତ ବର୍ଷ ସମୁଦାୟ ପନ୍ଦରଟି ନାଟକ ପ୍ରଦର୍ଶିତ ହେବାକୁଥିବା ବେଳେ ୨୯ ତାରିଖରେ ଖଗେଶ୍ୱର ସେଠଙ୍କ ଲୋକପ୍ରିୟ କାବ୍ୟର ନାଟ୍ୟରୂପାନ୍ତର ପଏର୍ଚ୍ଛା ସତୀ ପରିବେଶିତ ହେବ । ଏହାକୁ ପଦମପୁରର ନାଟ୍ୟସଂସ୍ଥା ଅଙ୍ଗମଞ୍ଚ ପ୍ରସ୍ତୁତ କରିବାକୁ ସ୍ଥିର ହୋଇଛି।

# ୟୁକ୍ରେନ୍‌ରୁ ଗାଜା
# ଯୁଦ୍ଧ ବିଭୀଷିକା



ଦିନ କେଇଟା ପରେ କ୍ୟାଲେଣ୍ଡରରୁ ଅପସରିଯିବ ୨୦୨୩, ଆସିବ ନୂଆବର୍ଷ। ଇତିହାସରେ ସ୍ମୃତି ହୋଇ ରହିଯିବ ବିଦାୟୀ ୩୬୫ ଦିନର ତମାମ ଘଟଣାକ୍ରମ। ବିଶେଷକରି ୟୁକ୍ରେନ୍ ଉପରେ ରୁଷିଆର ଅବିରତ ଆକ୍ରମଣ ଏବଂ ଇସ୍ରାଏଲ-ହମାସ୍ ଯୁଦ୍ଧ ପରିପ୍ରେକ୍ଷୀରେ ମଧ୍ୟପ୍ରାଚ୍ୟରେ ସୃଷ୍ଟ ଉତ୍ତେଜନା ସାଙ୍ଗକୁ ଭୂରାଜନୈତିକ ଅସ୍ଥିରତା ମାନସପଟରେ ସତେଜ ହୋଇ ରହିବ ଦୀର୍ଘ କାଳ ଧରି...

# ଅବିରତ ସଂଘର୍ଷ

୨୦୨୩ ଦେଖିଛି ଯୁଦ୍ଧର ଘନଘଟା ଓ ଧ୍ୱଂସଲୀଳାର ରୋମଟାଙ୍କୁରା ଚିତ୍ର। ଶୁଣିଛି ରକ୍ତ ଜୁଡୁବୁଡୁ ନିରୀହଙ୍କ କ୍ରନ୍ଦନ, ବିସ୍ଥାପିତଙ୍କ ମୃତ୍ୟୁ ବେଳର ବିକଳ ଚିତ୍କାର। ରାଷ୍ଟ୍ର ପ୍ରାୟୋଜିତ ଏହି ଯୁଦ୍ଧକୁ ଏଡ଼ାଯାଇ ପାରିଥାଆନ୍ତା, ଯଦି ଶକ୍ତିଶାଳୀ ଆମେରିକା, ଚାଇନା ଓ ରୁଷିଆ ସମେତ ୟୁରୋପୀୟ ସଂଘ ଏବଂ ସାମରିକ ମେଣ୍ଟ ନାଟୋ ଚାହିଁଥାନ୍ତେ। କିନ୍ତୁ ପୃଥିବୀ ଉପରେ ଆଧିପତ୍ୟ ଲଦିବା ପାଇଁ ଚାଲିଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଏଥିରେ ବାଧକ ସାଜିଛି। ଆମେରିକା ସମେତ ଯୁଦ୍ଧାସ୍ତ୍ର ନିର୍ମାଣକାରୀ ରାଷ୍ଟ୍ରଗୁଡ଼ିକର ଅସ୍ତ୍ରଶସ୍ତ୍ର ରପ୍ତାନି ଲାଭ ବଢ଼ିଯାଇଥିବାବେଳେ ଭୂରାଜନୈତିକ ଜଟିଳତାରୁ ଅନେକ କିଛି ଠଉରାଇ ହେଉଛି।

ଅକ୍ଟୋବର ୭ରେ ସଶସ୍ତ୍ର ହମାସ୍ ଆତଙ୍କବାଦୀ ଇସ୍ରାଏଲରେ ଅତର୍କିତ ଆକ୍ରମଣ କରି ପ୍ରାୟ ୧,୨୦୦ ଜଣଙ୍କ ଜୀବନ ନେଇଥିଲେ। ସେମାନେ ୨୪୦ ଜଣଙ୍କୁ ପଣବନ୍ଦୀ କରି ରଖିଥିଲେ। ଏହାର ଜବାବ ଦେବାକୁ ଯାଇ ଗାଜା ଉପରେ ଆକ୍ରମଣ କରିଥିଲା ଇସ୍ରାଏଲ। ଶକ୍ତିଶାଳୀ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଘନଘନ ରକେଟ ଓ ମିଶାଇଲ ମାଡ଼ ସ୍ଥଳଭାଗରେ ଆକ୍ରମଣ କରି ଅଦ୍ୟାବଧି ୧୮,୦୦୦ରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟଙ୍କୁ ଚିରନିଦ୍ରାରେ ଶୁଆଇ ସାରିଲାଣି। ଏହି ଯୁଦ୍ଧ ବିଶ୍ୱବାସୀଙ୍କ ଦୃଷ୍ଟି ପୂର୍ବ ୟୁକ୍ରେନ୍‌ରୁ ନିଜ ଆଡ଼କୁ ଟାଣିନେଇଥିଲା। ଅକ୍ଟୋବର ଓ ନଭେମ୍ବରରେ ଯେଉଁଆଡ଼େ ଅନେଇଲେ ଧ୍ୱଂସର ଲୀଳା, କୁଢ଼ କୁଢ଼ ମୃତଦେହ। ଗାଜା ଷ୍ଟ୍ରିପ୍‌ରେ ପାଲେଷ୍ଟିନୀୟଙ୍କ ଦୈନନ୍ଦିନ ମୃତ୍ୟୁ ଘଟିବାର ଏହି ଧାରା ଅଦ୍ୟାବଧି ଜାରି ରହିଛି। ଅସ୍ତ୍ରବିରତି ଦାବିରେ ଜାତିସଂଘ ସୁରକ୍ଷା ପରିଷଦରେ ସଂକଳ୍ପନାମା ଅଣାଯିବା ସତ୍ତ୍ୱେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଜନସଂଖ୍ୟା ବହୁଳ ଅଞ୍ଚଳ ଉପରେ ବୋମାମାଡ଼ କରିବାକୁ ଅଣ୍ଟା ଭିଡ଼ିଛନ୍ତି, ଅନ୍ତର୍ଜାତୀୟ ସହାୟତା ମିଳୁ କି ନ ମିଳୁ। ଇସ୍ରାଏଲର ଅବିରତ ଆକ୍ରମଣକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିନ୍ଦା କରିଥିଲେ, ସତ କିନ୍ତୁ ଦେଢ଼ବର୍ଷ ପୂର୍ବେ ନିଜେ ଆରମ୍ଭ କରିଥିବା ଯୁଦ୍ଧ ଆଗକୁ ବଢ଼ାଇବା ପାଇଁ ସେ ଶପଥ ବି ନେଇଥିଲେ। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ସହ ପୁଟିନ୍‌ଙ୍କ ଏକାଧିକ ଥର ସ୍ୱତନ୍ତ୍ର ସାକ୍ଷାତ୍ ଆମେରିକା ପ୍ରତିପକ୍ଷ ଜୋ ବାଇଡେନ୍‌ଙ୍କ ପ୍ରଭୁତ୍ୱକୁ ନ୍ୟୂନ କରିଦେବା ପାଇଁ ଉଦ୍ଦିଷ୍ଟ ବୋଲି ବୁଝିବା କଠିନ ନୁହେଁ। ଦକ୍ଷିଣ ଚାଇନା ସାଗର (ଏସ୍‌ସିଏ)ର ପ୍ରାଚୁର୍ଯ୍ୟପୂର୍ଣ୍ଣ ବ୍ୟସ୍ତବହୁଳ ଜଳପଥର ଏକଚାଟିଆ ଅଧିକାର ଜାହିର ଏବଂ ତାଇୱାନ୍ ଉପରେ ଯୁଦ୍ଧବିମାନ ଉଡ଼ାଇ କବ୍‌ଜା ଉଦ୍ୟମ ଭଳି ବେଜିଂର ବିସ୍ତାରବାଦୀ ନୀତିର ନୀରବ ସମର୍ଥକ ରହିଆସିଛନ୍ତି ପୁଟିନ୍। ଅର୍ଥାତ୍ ତୁମେ ଯେଉଁଠି ଯାହା କଲେ ବି ଆମେ ପାଟି ଫିଟାଇବୁ ନାହିଁ, କିନ୍ତୁ ୟୁକ୍ରେନ୍ ଉପରେ ଆମ 'ସ୍ୱତନ୍ତ୍ର ସାମରିକ ଅଭିଯାନ'କୁ ତୁମେ ସମାଲୋଚନା କରନାହିଁ। ପାରୁଛ ଯଦି ସମର୍ଥନ କର। ପୁଟିନ୍ ଅନ୍ତତଃ ଆସନ୍ତା ମାର୍ଚ୍ଚରେ ହେବାକୁ ଥିବା ନିର୍ବାଚନ ଯାଏ ଏଇ ମାର୍ଗରେ ଚାଲିଥିବେ। ସେପଟେ ୨୦୨୪ ନଭେମ୍ବରରେ ରାଷ୍ଟ୍ରପତି ନିର୍ବାଚନ ଥିବାରୁ ଆମେରିକା କିଭ୍‌କୁ ପୂର୍ବଭଳି ବିପୁଳ ସାମରିକ, ଆର୍ଥିକ ସହାୟତା ପଠାଇବା ସ୍ଥିତିରେ ନାହିଁ। ତଥାପି ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପ୍ରତିଶୋଧମୂଳକ ମନୋଭାବ ବଢ଼ିବାରେ ଲାଗିଛି। ୨୦୨୩ର ଯୁଦ୍ଧ ଓ ଘାତକ ସଂଘର୍ଷ କେବଳ ଇସ୍ରାଏଲ-ପାଲେଷ୍ଟାଇନ୍ ଓ ରୁଷିଆ-ୟୁକ୍ରେନ୍ ଭିତରେ ସୀମିତ ହୋଇ ରହିନାହିଁ। ବର୍ଣ୍ଣମାଳାର 'ଏ'ରେ ଆଫଗାନିସ୍ତାନରୁ 'ୱାଇ'ରେ ୟେମେନ୍ ପର୍ଯ୍ୟନ୍ତ ବିଶ୍ୱର ଅନେକ ଭାଗ ଏବେ ଯୁଦ୍ଧ ପ୍ରଭାବିତ ଅଞ୍ଚଳ। ଆଫ୍ରିକା ମହାଦେଶରେ ବିଦ୍ରୋହ ଓ ହିଂସା ଅନେକଙ୍କ ମୃତ୍ୟୁର କାରଣ ହୋଇଛି। କଙ୍ଗୋରେ ସଶସ୍ତ୍ର ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଏବଂ ନାଗରିକଙ୍କ ଉପରେ ଆକ୍ରମଣ ବଢ଼ିଚାଲିଥିବାବେଳେ ଡର୍ଫର, ସୁଡାନରେ ଜାତିଆଣ ହିଂସା ଏବଂ ହାଇତିରେ ଗ୍ୟାଙ୍ଗ୍ ୱାର ଲୋକଙ୍କଠାରୁ ବହୁତ କିଛି ଛଡ଼େଇ ନେଇଛି। ଦକ୍ଷିଣପୂର୍ବ ଏସିଆର ମ୍ୟାନ୍‌ମାରରେ ଗୃହଯୁଦ୍ଧର ନିଆଁ ଉଠିଲାଣି। ଡ୍ରଗ୍ସ ଚାଲାଣଜନିତ ହିଂସା କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରେ ବଢ଼ିବାରେ ଲାଗିଛି। ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ଭାରତ ଓ ପାକିସ୍ତାନ ପରସ୍ପରକୁ ସନ୍ଦେହ ଚକ୍ଷୁରେ ଦେଖୁଥିବାବେଳେ ଉତ୍ତର କୋରିଆ ଆଣବିକ ଅସ୍ତ୍ରଶସ୍ତ୍ର ବଢ଼ାଇ ଚାଲିଛି ଏବଂ ଇରାନର ୟୁରାନିୟମ୍ ଏବେ ଅସ୍ତ୍ର ନିର୍ମାଣ ସ୍ତରକୁ ଛୁଇଁବା ଉପରେ।



**ଅକ୍ଟୋବର ୯:** ଗାଜା ଷ୍ଟ୍ରିପ୍‌ରୁ ହମାସ୍ ଆତଙ୍କବାଦୀମାନେ ଛାଡ଼ିଥିବା ରକେଟଗୁଡ଼ିକୁ ଇସ୍ରାଏଲର ଆଇରନ୍ ଡୋମ୍ କ୍ଷେପଣାସ୍ତ୍ର ନିରୋଧୀ ବ୍ୟବସ୍ଥା ନିଷ୍ପ୍ରଭ କରୁଛି।



ଲେବାନନ୍‌ର ଟାକ୍‌ରାରେ ହେଜ୍‌ବୋଲ୍ଲା ସଦସ୍ୟ ମୋଉନିର ୟୋଉସେଫ୍ ଅଚୋଉର ନିହତ ହେବା ପରେ ଅକ୍ଟୋବର ୩୦ରେ ତାଙ୍କ ମୃତଦେହକୁ କଫିନ୍‌ରେ ନିଆଯାଉଛି। କଫିନ୍ ଉପରେ ଶୋଇ ଇସ୍ରାଏଲୀ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ କରୁଛନ୍ତି ତାଙ୍କ ପୁଅ ନାଜିହ।




## ଇମ୍ରାନ୍ ଗିରଫ, ପିଟିଆଇର ବିକ୍ଷୋଭ

ତୋଷାଖାନା ଦୁର୍ନୀତି ମାମଲାରେ ଅଗଷ୍ଟ ୫ରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଇସ୍‌ଲାମାବାଦର ଏକ ଅଦାଲତ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ଏଥିସହିତ ତାଙ୍କୁ ଲକ୍ଷେ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରାଯିବା ସହ ସେ ୫ ବର୍ଷ ପାଇଁ ସକ୍ରିୟ ରାଜନୀତିରେ ଭାଗ ନେଇପାରିବେ ନାହିଁ ବୋଲି ଅଦାଲତ କହିଥିଲେ। କୋର୍ଟ ରାୟ ପରେ ୭୦ ବର୍ଷୀୟ ତେହରିକ୍-ଇ-ଇନ୍‌ସାଫ (ପିଟିଆଇ)ନେତାଙ୍କୁ ପୋଲିସ ଲାହୋରରୁ ଗିରଫ କରି ଜେଲ ପଠାଇଦେଇଥିଲା। ଇମ୍ରାନ୍ ପ୍ରଧାନମନ୍ତ୍ରୀ ଥିବାବେଳେ ବିଦେଶୀ ନେତୃବୃନ୍ଦଙ୍କଠାରୁ ପାଇଥିବା ମୂଲ୍ୟବାନ ଉପହାରଗୁଡ଼ିକୁ ବେଆଇନ ଭାବେ ବିକ୍ରି କରିଦେଇଥିବାରୁ ତାଙ୍କୁ ଇସ୍‌ଲାମାବାଦ ଜିଲା ଓ ସେସନ୍ସ କୋର୍ଟ ବିଚାରପତି ହୁମାୟୁନ୍ ଦିଲୱାର ଦୋଷୀସାବ୍ୟସ୍ତ କରିଥିଲେ। ତୋଷାଖାନା ଉପହାର ସମ୍ପର୍କରେ ଇମ୍ରାନ୍ ଜାଣିଶୁଣି ନିର୍ବାଚନ କମିଶନଙ୍କୁ ଭୁଲ୍ ତଥ୍ୟ ଦେଇଥିଲେ।



## ପୋଲିସ ପାଇଁ ଜଳିଲା ଫ୍ରାନ୍ସ

ଫ୍ରାନ୍ସରେ ବିବାଦୀୟ ପେନ୍‌ସନ ସଂସ୍କାର ବିରୋଧରେ ହିଂସାତ୍ମକ ଆନ୍ଦୋଳନ ନ ଥମୁଣୁ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ସାମ୍ନାକୁ ଆସିଥିଲା ଆଉ ଏକ ବଡ଼ ଚ୍ୟାଲେଞ୍ଜ। ପୋଲିସର ହିଂସାତ୍ମକ କାର୍ଯ୍ୟ ଓ ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକରେ ବର୍ଣ୍ଣଭେଦ କରାଯାଉଥିବା ନେଇ ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିବାବେଳେ ଜୁନ୍ ୨୭ ରାତିରେ ୧୭ ବର୍ଷୀୟ ଡେଲିଭରି ଡ୍ରାଇଭର ନହେଲ୍ ଏନ୍‌ଙ୍କୁ ପୋଲିସ ଗୁଳିକରି ହତ୍ୟା କରିଥିଲା। ଏହାର ପ୍ରତିବାଦରେ ଦେଶବାସୀ ରାଜରାସ୍ତାକୁ ଓହ୍ଲାଇ ଜଳାପୋଡ଼ା, ଭଙ୍ଗାରୁଜା କରିଥିଲେ। ପୋଲିସ କର୍ତ୍ତବ୍ୟ ପାଳନ ଆଳରେ ହିତାହିତ ଜ୍ଞାନ ଭୁଲି ସାଧାରଣ ଜନତାଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଲେ ପରିଣତି କ'ଣ ହୁଏ ତା'ର ପ୍ରମାଣ ଦେଇଥିଲା ଫ୍ରାନ୍ସର ଏହି ସଂଘର୍ଷ। ଏଭଳି ସମୟରେ ମାକ୍ରଁଙ୍କ ସରକାର ପୋଲିସକୁ ସୁହାଇଲା ଭଳି ଆଉ ଏକ ବିବାଦୀୟ ଆଇନ ଆଣିଥିଲେ। ସନ୍ଦିଗ୍ଧମାନଙ୍କ କ୍ୟାମେରା, ମାଇକ୍ରୋଫୋନ୍, ମୋବାଇଲ ଫୋନ୍‌ର ଗ୍ଲୋବାଲ ପଜିଶନିଂ ସିଷ୍ଟମ୍ (ଜିପିଏସ୍) ଏବଂ ଅନ୍ୟ ଉପକରଣଗୁଡ଼ିକ ଜରିଆରେ ପୋଲିସ ଗୁପ୍ତଚରଗିରି କରିପାରିବା ଉଚିତ ବୋଲି ଦେଶର ଆଇନ ପ୍ରଣେତାମାନେ ଜୁଲାଇ ୫ରେ ସହମତି ପ୍ରକାଶ କରିଥିଲେ। ଏକ ବିସ୍ତୃତ ନ୍ୟାୟ ସଂସ୍କାର ବିଲ୍‌ର ଅଂଶ ଭାବେ ପୋଲିସକୁ ଗୁପ୍ତଚରଗିରି କ୍ଷମତା ପ୍ରଦାନ ସମ୍ପର୍କିତ ଏହି ବିଲ୍ ନ୍ୟାଶନାଲ ଆସେମ୍ବ୍ଲିରେ ଗୃହୀତ ହୋଇଥିଲା। ସରକାରଙ୍କ ଏହି ଉଦ୍ୟମକୁ ଉଭୟ ବାମ ଓ ଦକ୍ଷିଣପନ୍ଥୀ ଆଡ୍‌ଭୋକେସି ଗ୍ରୁପ୍‌ଗୁଡ଼ିକ ପକ୍ଷରୁ ଦୃଢ଼ ବିରୋଧ କରାଯାଇଥିଲା।



## ହଟିଲେନି ପେରୁ ରାଷ୍ଟ୍ରପତି

୨୦୨୨ ଡିସେମ୍ବରରେ କ୍ଷମତାକୁ ଆସିଥିବା ପେରୁ ରାଷ୍ଟ୍ରପତି ଡିନା ବୋଲୁଆର୍ତେଙ୍କ ଇସ୍ତଫା ଦାବିରେ ଜାତୀୟ ସ୍ତରରେ ଆନ୍ଦୋଳନ ଜୋର୍ ଧରିଥିଲା। ୨୦୨୩ ବର୍ଷ ଆରମ୍ଭରୁ ଲିମା ସମେତ ଦେଶର ବିଭିନ୍ନ ଭାଗରେ ବିକ୍ଷୋଭ କରୁଥିବା ଲୋକଙ୍କ ଉପରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏଥିରେ ୫୦ରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶହ ଲୋକ ଆହତ ହୋଇଥିଲେ। ତଥାପି ଡିନା ରାଷ୍ଟ୍ରପତି ପଦରୁ ଓହରିଲେ ନାହିଁ। ଜୁଲାଇ ୨୯ରେ ପୋଲିସ ଅଧିକାରୀମାନଙ୍କ ସହ ଜଣେ ସରକାର ବିରୋଧୀ ବିକ୍ଷୋଭକାରୀଙ୍କ ସଂଘର୍ଷ ବେଳର ଦୃଶ୍ୟ।



ଜୁଲାଇ ୫ରେ ଡୋନେସ୍କ ଅଞ୍ଚଳର ବାଖମୁଟ୍‌ରେ ଜଣେ ୟୁକ୍ରେନୀୟ ସୈନ୍ୟ ରୁଷିଆ ଆଡ଼କୁ ଲକ୍ଷ୍ୟକରି ହୋୱିଜରରୁ ଫାୟାର କରୁଛନ୍ତି।



## ମହିଳା, ଜୀବନ, ସ୍ୱାଧୀନତା

୨୦୨୨ ସେପ୍ଟେମ୍ବରରେ ଭଲ ଭାବେ ବୁର୍ଖା ପିନ୍ଧି ନ ଥିବା ଦର୍ଶାଇ ଇରାନର ରକ୍ଷଣଶୀଳ ମୋରାଲିଟି ପୋଲିସ ରାଜଧାନୀ ତେହରାନରେ କୁର୍ଦ୍ଦିଶ ମହିଳା ମହଶା ଅମିନିଙ୍କୁ ପିଟି ମାରିଦେଇଥିଲା। ସେଇଠୁ ମୁଣ୍ଡ ଟେକିଥିଲା ମହିଳାଙ୍କ ଆଉ ଏକ ସ୍ୱାଧୀନତା ଆନ୍ଦୋଳନ, ଯାହାର ନିଆଁ ପରବର୍ତ୍ତୀ ସମୟରେ ବିଭିନ୍ନ ଦେଶକୁ ବ୍ୟାପିଥିଲା। ବିକ୍ଷୋଭକାରୀଙ୍କ ସ୍ଲୋଗାନ ଥିଲା, 'ମହିଳା, ଜୀବନ, ସ୍ୱାଧୀନତା'। ଏହି ପରିପ୍ରେକ୍ଷୀରେ ୨୦୨୩ ଫେବୃୟାରୀ ୧୮ରେ ଜର୍ମାନୀର ମ୍ୟୁନିକ୍ ସହରରେ ମ୍ୟୁନିକ୍ ସିକ୍ୟୁରିଟି କନ୍‌ଫରେନ୍ସ ଚାଲିଥିବାବେଳେ ଜଣେ ଇରାନୀୟ ମହିଳା ବିକ୍ଷୋଭ କରୁଛନ୍ତି।

## ବୋଲସୋନାରୋ ସମର୍ଥକଙ୍କ ଉପଦ୍ରବ



ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋ ସାଧାରଣ ନିର୍ବାଚନରେ ହାରିଯିବା ପରେ ତାଙ୍କ ସମର୍ଥକମାନେ ଜାନୁୟାରୀ ୮ ରାତିରେ ରାଜଧାନୀ ବ୍ରାସିଲିଆରେ ଥିବା ପାର୍ଲାମେଣ୍ଟ (କଂଗ୍ରେସ ଭବନ), ରାଷ୍ଟ୍ରପତି ଭବନ ଏବଂ ସୁପ୍ରିମକୋର୍ଟ ସମେତ ବିଭିନ୍ନ ସରକାରୀ ବିଲ୍ଡିଂରେ ଧସେଇ ପଶି ହଙ୍ଗାମା କରିଥିଲେ। ରାଷ୍ଟ୍ରପତି ଭବନ ପ୍ଲାନାଲ୍ଟୋ ପ୍ୟାଲେସ୍ ବାହାରେ ବୋଲସୋନାରୋ ସମର୍ଥକ ଏବଂ ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିଲା। ଦଙ୍ଗାକାରୀମାନେ କଂଗ୍ରେସ ଭବନ ମଧ୍ୟକୁ ଧସେଇ ପଶିବାରୁ ସେମାନଙ୍କୁ ତଡ଼ିବା ଲାଗି ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଲୁଇସ୍ ଇନାସିଓ ଲୁଲା ଡା ସିଲ୍‌ଭା ବ୍ରାଜିଲ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର ସପ୍ତାହେ ପରେ ପୂର୍ବତନ ରାଷ୍ଟ୍ରପତିଙ୍କ ସମର୍ଥକମାନେ ଏଭଳି ଦଙ୍ଗା ସୃଷ୍ଟି କରିଥିଲେ। ସେମାନେ ସରକାରୀ ବିଲ୍ଡିଂଗୁଡ଼ିକର କବାଟ ଝରକା ଭଙ୍ଗାରୁଜା କରିବା ସହ କେତେକ ଗାଡ଼ି ପୋଡ଼ିଦେଇଥିଲେ। ପୋଲିସ ୬୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲା। ବୋଲସୋନାରୋଙ୍କ ଇଙ୍ଗିତରେ ପରବର୍ତ୍ତୀ ସମୟରେ ମଧ୍ୟ ତାଙ୍କ ସମର୍ଥକ ହଙ୍ଗାମା ଜାରି ରଖିଥିଲେ।



ସୁଡାନ୍‌ର ଡର୍ଫର ଅଞ୍ଚଳସ୍ଥିତ ମୁର୍ନେଇରେ ସଂଘର୍ଷ ଲାଗି ରହିଥିବାବେଳେ ଜୁଲାଇ ୨୬ରେ ଚାଦ୍ ସୀମାରେ ନିଜ ଆସବାବପତ୍ର ଧରି ବସିଛନ୍ତି ଏକ ପଳାୟନକାରୀ ପରିବାରର ଲୋକେ।



୨୦୨୩ ଅକ୍ଟୋବର ୩୧ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇସ୍ରାଏଲ ଓ ୟୁକ୍ରେନ୍‌କୁ ୧୦୬ ବିଲିୟନ୍ ଡଲାରର ଜାତୀୟ ସୁରକ୍ଷା ପାଇଁ ଅତିରିକ୍ତ ପାଣ୍ଠି ପ୍ରଦାନର ଘୋଷଣା କରିଥିଲେ। ଏହି ଅବସରରେ ୱାଶିଂଟନ୍‌ର କ୍ୟାପିଟୋଲ ହିଲ୍‌ରେ ସିନେଟ୍ ଆପ୍ରୋପ୍ରିଏଶନ୍ କମିଟିର ଶୁଣାଣିବେଳେ ଯୁଦ୍ଧ ବିରୋଧୀ ସଦସ୍ୟମାନେ ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍‌ଙ୍କ ପଛରେ ଛିଡ଼ାହୋଇ ଏହାର ପ୍ରତିବାଦ କରୁଛନ୍ତି।

## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ

ଜୁନାଗଡ଼,୨୪।୧୨(ଅଂଶୁମାନ ଯୋଶୀ)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଣିଜରା ଛକଠାରେ ରବିବାର ଅପରାହ୍ଣରେ ୨ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ମୃତକ ହେଲେ ଜୁନାଗଡ଼ ଥାନା ଚାରଭାଟି ଗ୍ରାମର ଉମାକାନ୍ତ ନାଏକ (୨୯)। ଆହତ ଜଣଙ୍କ ହେଲେ କର୍ଲାକୋଟ ଗ୍ରାମର ତପନ ଶବର (୨୫)। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଜୁନାଗଡ଼ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଡାକ୍ତର ଉମାକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ତପନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତରତ କରାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ମୃତଦେହ ପୋଲିସ ହସ୍ତାନ୍ତର କରିଛି।

### କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେଲା ପ୍ରୋଜେକ୍ଟ ଚଢ଼େଇ ଘର



ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ଆରମ୍ଭ ହୋଇଛି ପ୍ରୋଜେକ୍ଟ ଚଢ଼େଇ ଘର। ଏଥିରେ ୪ ଶହଟି ଚଢେଇ ଘର ତିଆରି ହେବ। ସବୁଜ କ୍ୟାମ୍ପସ ପାଇଁ ଗ୍ରୀନ ବିଶ୍ୱବିଦ୍ୟାଳୟ ଅନୁବନ୍ଧିତ କଳାହାଣ୍ଡି ବିଶବିଦ୍ୟାଳୟର ଏହା ଏକ ନୂତନ ପଦକ୍ଷେପ। ଚଢ଼େଇମାନେ ବଢ଼ିଗଲେ ପରିବେଶ ଆହୁରି ମଧୁର ହେଇଯିବ। କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ନୂଆ ପ୍ରକଳ୍ପର ଉଦ୍‌ଘାଟନ କରି ଏକ ବିକଶିତ ପରିବେଶର ଆଶାପୋଷଣ କରିଛନ୍ତି।

### ଗୁଡ଼ହାଣ୍ଡି ଡୋକରିଚଞ୍ଚରା ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା

କୋକସରା,୨୪।୧୨(ଦୁଷ୍ମନ୍ତ କୁମାର ପାଢଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରିଚଞ୍ଚରା ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ମୁଖ୍ୟ କାର୍ଯ୍ୟାଳୟ ମହିମାଠାରେ କମିଟି ସଭାପତି ଭଦେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କର୍ମକର୍ତ୍ତା ଚୟନ ହୋଇଥିଲା। ପୁଣିଥରେ ଭଦେଶ୍ୱର ପାତ୍ରଙ୍କୁ ସଭାପତି, କାର୍ଯ୍ୟକାରୀ ସଭାପତି ଭାବେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଉପସଭାପତି ଘନଶ୍ୟାମ ନାଏକ, ବିରଞ୍ଚି ନାରାୟଣ ପଣ୍ଡା, ଜିତେନ୍ଦ୍ର ପ୍ରଧାନୀ, ସାଧାରଣ ସମ୍ପାଦକ ସୁଧୀର କୁମାର ପାତ୍ର, କାର୍ଯ୍ୟକାରୀ ସମ୍ପାଦକ ଅଜିତ ପଟ୍ଟନାୟକ, ସହ ସମ୍ପାଦକ ନିଳାମ୍ବର ନାଏକ, ମଧୁବନ ପାତ୍ର, ତ୍ରିଲୋଚନ ଧ. ମାଝି, କୋଷାଧକ୍ଷ ଭାବେ ସୁରେଶ ଅଗ୍ରୱାଲ, ଆଦିତ୍ୟ ପଣ୍ଡାଙ୍କୁ ମନୋନୀତ କରାଯାଇଛି। ପରିଚାଳନା କମିଟି ସଦସ୍ୟ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ଐରି ନାସନ ଚନ୍ଦା, ଢୁଢୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ମହିମା ସରପଞ୍ଚ ଈଶରାମ କୋଲଥିଆ, ଦୁଷ୍ମନ୍ତ ପାଢଯୋଷୀ ଓ ଉପଦେଷ୍ଟା କମିଟି ସଦସ୍ୟ ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ଗୋବିନ୍ଦ ପାଟଯୋଶୀ, ଚକାଡୋଳା ପାତ୍ର ଓ ଯତୀନ ମାଝିଙ୍କୁ ମନୋନୀତ କରାଯାଇଛି।

### ଗୀତା ଓଡ଼ିଆ ଶ୍ରୀମଦ ଭାଗବତ ଉନ୍ମୋଚିତ

ଖଡ଼ିଆଳ,୨୪।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ କାଶୀପଲା ଗ୍ରାମରେ ଗୀତା ଜୟନ୍ତୀ ଉପଲକ୍ଷେ କାସିପଲା ନିବାସୀ ବିଶିଷ୍ଟ କବି ମିନକେତନ ବାରିକଙ୍କ ରଚିତ ଶ୍ରୀମଦ ଭାଗବତ ଗୀତା ଓଡ଼ିଆ ପଦ୍ୟରୁପ ଭବନୁବଦ ସ୍ୱାମୀ ପୂର୍ଣ୍ଣାନନ୍ଦ ପୁରୀଙ୍କ କର କମଳରେ ଉନ୍ମୋଚନ ମହୋତ୍ସବ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଅବସର ପ୍ରାପ୍ତ ପ୍ରାଧାପକ ବିଜୟ କୁମାର ବାରିକ ପୁସ୍ତକର ବ୍ୟାଖ୍ୟା କରିଥିଲେ। ମଞ୍ଚାସୀନ ଅତିଥି ଭାବେ ସାହିତ୍ୟକ ନିଲାଲୋହିତ ସିଂଦେଓ, କ୍ରୟାଯୋଗ ବିସାରଦ ବୃନ୍ଦାବନ ବାରିକ ଓ ଡ଼. ଗୁପ୍ତେଶ୍ୱର ପଟେଲ କରିଥିଲେ। ସଙ୍ଗୀତ ବିଶେଷଜ୍ଞ ନନ୍ଦଲାଲ ବାରିକ ଏବଂ ସାଥୀ ପ୍ରାରଭିକ ସଙ୍ଗୀତ ଗାନ କରିଥିଲେ। ରଚିପ୍ରଭା ଦଣ୍ଡସେନା ମଙ୍ଗଳା ଚରଣ ନୃତ୍ୟ ପ୍ରଦର୍ଶନ କରିଥିଲେ।

# ନାଟକ ସମାଜଧର୍ମୀ ହେଉ

ଭବାନୀପାଟଣା,୨୪।୧୨(ଉତ୍ତମ କୁମାର ଦାଶ)



ତୃତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିଗଣ।

**ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ତୃତୀୟ ସନ୍ଧ୍ୟା**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ ସ୍ମାରକୀ ନାଟ୍ୟ ସଂସ୍ଥା ପକ୍ଷରୁ ଚାଲିଥିବା ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ରବିବାର ଥିଲା ତୃତୀୟ ସନ୍ଧ୍ୟା। ତୃତୀୟ ଦିବସରେ ମୁଖ୍ୟଅତିଥି ଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ପ୍ରଭାସ ଚନ୍ଦ୍ର ମିଶ୍ର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ସଞ୍ଜୟ ଶତପଥୀ, ସାଂସ୍କୃତିକ ସଙ୍ଗଠକ ହରଜିନ୍ଦର ସିଂହ, ବିଶିଷ୍ଟ ଶିକ୍ଷାବିତ ଅଜୟ ମିଶ୍ର ଏବଂ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମଞ୍ଚସ୍ଥ ହୋଇଥିଲା ନାଟକ ମିଥ୍ୟାବାଦୀ ଜିନ୍ଦାବାଦ"। ପାରାଦୀପ କାନମାସର ନାଟକ ମିଥ୍ୟାବାଦୀ ଜିନ୍ଦାବାଦ"। ନାଟକ ପରେଶ ପଟ୍ଟନାୟକଙ୍କ ରଚିତ ବୈଦ୍ୟୁତିକ ଶବଦାହ ଚୂଲାର ଉଦଘାଟନ ଗଳ୍ପର ନାଟ୍ୟରୂପ। ଏହାକୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଶ୍ରୀମନ ନାରାୟଣ ମିଶ୍ର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ମନୋଜ ସାମନ୍ତରାୟ, ସୁକାନ୍ତ ମିର୍ଦ୍ଧା, ମନୋଜ ସୁତାର, ନିରଞ୍ଜନ ସ୍ୱାଇଁ, ସୁବ୍ରତ ପ୍ରଧାନ, କେଦାର ବିଶାଳ, ପ୍ରକାଶ କୁମାର ନାୟକ, ସ୍ମୃତି ରଞ୍ଜନ ସ୍ୱାଇଁ, ସ୍ମୃତି ଛୋଟରାୟ, ମୋହନ ମହାପାତ୍ର, ରୁତୁପର୍ଣ୍ଣା ବାରିକ, ଲିପ୍ସା ରଞ୍ଜିତ, ଧର୍ମପଦ ବାଡୋଇ, ରାଜା ମଲ୍ଲିକ, ଗାୟତ୍ରୀ ବାରିକ, ଶ୍ରୀନିବାସ ରାଉତରାୟ, ସ୍ମୃତି ରଞ୍ଜନ ସାଇଁ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତରେ କେଦାର ବିଶାଳ ଏବଂ ଭବତୋଷ ନାୟକ ଥିବାବେଳେ ଆଲୋକ ସଂଯୋଜନା ମନୋଜ ଖଟୁଆ କରିଥିଲେ। ନାଟକ ବେଶ ମନମୁଗ୍ଧକର ହେବାସହ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଟାଉନ ହଲସରେ ଅଗଣିତ ଦର୍ଶକଙ୍କ ଭିଡ ଓ କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। କାର୍ଯ୍ୟକ୍ରମ ନମିତା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ରାମେଶର ତ୍ରିପାଠୀ, ସୁଶୀଲ ଆଚାର୍ଯ୍ୟ, ଶିବଶକ୍ତି ପୁରୋହିତ, ଶୁଭମ ବେହେରା, ତଥାଗତ ମିଶ୍ର, ସୌମ୍ୟ ରଞ୍ଜନ ଜେନା, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଅବିନାଶ ଅଗସ୍ତି, ଦୀପକ ଶର୍ମା, ଗୋପିଧର ନାୟର, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ମାନସୀ ନାୟକ, ଦୀପକଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ମହାମାୟା କଲେଜର ୧୦ତମ ବାର୍ଷିକ ଉତ୍ସବ

ନୂଆପଡ଼ା,୨୪।୧୨(ମକାରୁ ବେମାଲ)

ନୂଆପଡା ଜିଲା ସଦର ବ୍ଲକ ସୁନସୁନିଆସ୍ଥିତ ମହାମାୟା କଲେଜଠାରେ ଇଗନିଟି ୧୦ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାମାୟା ଗ୍ରୁପ ଅଫ୍ ଇନ୍‌ଷ୍ଟିଟ୍ୟୁଟ୍ ସମ୍ପାଦକ ଟଙ୍କଧର ସାହୁଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପ୍ରିନ୍ସିପାଲ ଚନ୍ଦ୍ରଶେଖର ଚନ୍ଦ୍ରକାର ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ରୂପେ ମହାମାୟା କଲେଜ ଫାଉଣ୍ଡର ସତ୍ୟଭୂଷଣ ସାହୁ, ସମ୍ମାନିତ ଅତିଥି ରୂପେ ମହାମାୟା ପବ୍ଲିକ ସ୍କୁଲର ଏମ.ଡି ଜ୍ୟୋର୍ତିମୟୀ ସାହୁ, ମହାମାୟା ଏ.ଓ ବିଜୟ କୁମାର ରାଉତରାୟ, ମହାମାୟା ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ପ୍ରଫୁଲ୍ଲ କୁମାର ମହାନନ୍ଦ, ମହାମାୟା ଡିଗ୍ରୀ କଲେଜେ ପ୍ରିନ୍ସିପାଲ ଏସ.ଏନ ଦାସ ପ୍ରମୁଖ ଯୋଗଦେଇଥିଲେ। ଅଭିଭାବକଙ୍କ ମଧ୍ୟରୁ ସ୍ୱତନ୍ତ୍ର ଅତିଥି ରୂପେ ପିଏମଏନଏଚ ଡାଇରେକ୍ଟର ଡା ବିଜୟ କୁମାର ପାଣିଗ୍ରାହୀ, ଡିଏସପି ଇଣ୍ଟେଲିଜେନ୍ସ ବ୍ୟୁରୋ ନିର୍ମଳ କୁମାର ପାଣିଗ୍ରାହୀ, ସିଜେଏମ ପ୍ରଜ୍ଞା ପରିମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭିଭାବକ, ଛାତ୍ରୀଛାତ୍ର ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷା ଓ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ବିଦ୍ୟାଳୟ ଛାତ୍ରୀଛାତ୍ର ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ଅଧାପକ ଅଖିଳ ମିଶ୍ର, ଏନପିଏସ ଗାନ୍ଧୀ, ମଣିରାଜ ସାହୁ, ରାଧା ଚୌଧରୀ, ମଧୁସ୍ମିତା ନାୟକ, ପ୍ରିୟଙ୍କା ପୁରୋହିତ, ଅଭିଷେଖ ସିଂ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।




ମୁଖ୍ୟ ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ୨୬, ୨୭ରେ ବୁଢ଼ାଡଙ୍ଗର ଲୋକ ମହୋତ୍ସବ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କେସିଙ୍ଗା,୨୪।୧୨(ଡୁମେଶ୍ୱର ସାହୁ)

**ଉଲ୍ଲେଖନୀୟ ଅବଦାନ ପାଇଁ ୬ ବ୍ୟକ୍ତି ହେବେ ସମ୍ମାନିତ**

କଳାହାଣ୍ଡି ଜିଲା କେସିଙ୍ଗାର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଲୋକ ସଂସ୍କୃତି ଓ ଆଦ୍ୟକଳାର ପ୍ରତିବିମ୍ବ ବୁଢ଼ାଡଙ୍ଗର ଲୋକ ମହୋତ୍ସବ-୨୦୨୩ ଆସନ୍ତା ୨୬ ଓ ୨୭ ତାରିଖ ୨ ଦିନ ଧରି ଜଗନ୍ନାଥ ମନ୍ଦିରରେ ପାଳନ କରାଯିବ। ରବିବାର ଅନୁଷ୍ଠାନ ସଭାପତି ସୁଶାନ୍ତ କୁମାର ମହାପାତ୍ର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ୨ଦିନ ଧରି ସାଂସ୍କୃତିକ ଶୋଭାଯାତ୍ରା, କବିତା ପାଠୋତ୍ସବ, ଚିତ୍ରକଳା ପ୍ରଦର୍ଶନୀ, ରାଜ୍ୟ ଓ ଜାତୀୟ ଲୋକ ନୃତ୍ୟ ପରିବେଷଣ ସହିତ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନଙ୍କ ଦାରା ସଙ୍ଗୀତ ସନ୍ଧ୍ୟା ପରିବେଷଣ କରିବା ସହିତ ୬ଜଣଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯିବ। ବୀରବାଦ୍ୟ ଘୁମୁରା ପାଇଁ ସୁରୁ ବାରିକ, ସାସ୍ଥ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଲଳିତ ପଟ୍ଟନାୟକ, ନାଟକ ପାଇଁ ପ୍ରଦୀପ ଧଙ୍ଗଡାମାଝି, ସମାଜ ସେବା ପାଇଁ ଧର୍ମଗଡର ବିଶିଷ୍ଟ ସାମାଜିକ କର୍ମୀ ଶ୍ୟାମସୁନ୍ଦର ଜାଲ, ସଞ୍ଚାର ପାଇଁ ବରଗଡ ଜିଲା ପଦ୍ମପୁରର ରବିରତନ ସାହୁ ଓ ସାହିତ୍ୟ ପାଇଁ ବିଶିଷ୍ଟ ସାହିତ୍ୟିକ ଡିଲେଶ୍ୱର୍ ରଣାଙ୍କୁ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ସମ୍ପାଦକ ଅକ୍ଷୟ ଦାଶ ପ୍ରକାଶ କରିଛନ୍ତି। ଦୁଇ ଦିନ ଧରି ସନ୍ଧ୍ୟାରେ ଆସାମର ବିହୁ ନୃତ୍ୟ, ନର୍ତ୍ତକୀ ଭୁବନେଶ୍ୱରର ଓଡ଼ିଶୀ, କଳାଜିବୀ ବରଗଡ଼ର ସମ୍ବଲପୁରୀ ନୃତ୍ୟ, ଅନୁଷ୍ଠାନ ର ନିଜସ ବଜାସାଲ, ଗଞ୍ଜାମର ପଶୁନୃତ୍ୟ ଓ ପଶ୍ଚିମ ଓଡିଶାର ସୁନାମଧନ୍ୟ ସମ୍ବଲପୁରୀ କଣ୍ଠଶିଳ୍ପୀ ସର୍ବେଶର ଭୋଇଙ୍କ ଦ୍ୱାରା ମେଲୋଡି ଆୟୋଜନ କରାଯାଇଛି ବୋଲି ସମ୍ପାଦକ ପ୍ରକାଶ କରିଥିଲେ। ଖବରଦାତା ସମ୍ମିଳନୀରେ ରମେଶ ଜେନା, ସୁରେଶ ମହାନନ୍ଦ, ଡ ହରେକୃଷ୍ଣ ଧଳ ଓ ଅନୁଷ୍ଠାନ ର ଅମିୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ବର୍ଷରେ ପାଇକପଡ଼ା ମହାଲକ୍ଷ୍ମୀ ପୂଜା

**ମେଢ଼ରେ ମହାଲକ୍ଷ୍ମୀଙ୍କ ଦଶ ସ୍ୱରୂପ**

ବେହେରା,୨୪।୧୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଧଅଁରପୁର ଗ୍ରାମପଞ୍ଚାୟତ ପାଇକପଡା ଗ୍ରାମରେ ମହାଲକ୍ଷ୍ମୀ ପୂଜନ ସମ୍ପନ୍ନ ହୋଇଯାଇଛ। ଗତ ସୋମବାର କଳସ ଯାତ୍ରା ପରେ ସାତ ଦିନବ୍ୟାପୀ ମେଢ଼ରେ ପୂଜା ହୋଇ ରବିବାର ପୂର୍ଣ୍ଣାହୁତି ହୋମ ସହ ମୂର୍ତ୍ତି ବିସର୍ଜନ କରାଯାଇଛି। କର୍ତ୍ତା ଗଙ୍ଗାଧର ମାଝି ଓ ଶୁକମାଝି, ପୂଜକ ମଗନ ଲାଲ ତିୱାରୀ ପୂଜନ କାର୍ଯ୍ୟ ସମ୍ପାଦନ କରିଥିଲେ। ଚଳିତ ବର୍ଷ ମହାଲକ୍ଷ୍ମୀଙ୍କ ଦଶଟି ରୂପର ମୂର୍ତ୍ତି ବେଦୀରେ ସ୍ଥାପନ କରାଯାଇଥିଲା। ଏହା ଦଣ୍ଡପାଟ ଅଞ୍ଚଳରେ ପ୍ରଥମ। ଲକ୍ଷ୍ମୀଙ୍କ ଦଶ ସ୍ୱରୂପ ଦେଖିବାକୁ ଦୂରଦୂରାନ୍ତରୁ ଲୋକମାନେ ଆସିଥିଲେ। ୭ ଦିନବ୍ୟାପୀ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଭଜନ ସନ୍ଧ୍ୟା ଓ ନାଟକରେ ଝୁମି ଉଠିଥିଲେ ଦର୍ଶକ। ପୂଜା କମିଟି ସଭାପତି ଜୟପ୍ରକାଶ ବେହେରା, ସମ୍ପାଦକ ପବିତ୍ର ଭଇଁଶାଳ, କୋଷାଧକ୍ଷ ମୋହିତ କୁମାର ସୋରି, ଟିକେଶର ବେହେରା, ରାଜିନ୍ଦ୍ର ସୋରି, ରଘୁନାଥ ଭଇଁସାଲ, ଦୟାନିଧି ଧଙ୍ଗଡାମାଝି, କୁମ ବେହେରା, ନନ୍ଦକିଶୋର ସୋରି, ଗୋବିନ୍ଦ ଭଇଁସାଲ, ନାକ ମାଝି, ନୀଳମଣି ବେହେରା, ରୂପଶିଂ ଭଇସାଲ, ପ୍ରଦିପ ସୋରି, ମୁକେଶ ପାତ୍ରଙ୍କ ସମେତ ଲକ୍ଷ୍ମୀ ପୂଜା କମିଟି ଅନ୍ୟାନ୍ୟ ସଦସ୍ୟ ଓ ସଦସ୍ୟା ସହଯୋଗ କରିଥିଲେ।

## ୨ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

କୋକସରା,୨୪।୧୨(ଦୁଷ୍ମନ୍ତ କୁମାର ପାଢଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରବିବାର କୋକସରା ବ୍ଲକର ୨ଟି ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରି କରିଛନ୍ତି ଧର୍ମଗଡ଼ ବିଧାୟକ ମୋଷଧି ବାଗ। ଜାତୀୟ ରାଜପଥ ୨୬ ଗମ୍ଭାରୀଗୁଡା ଛକ ଆଦର୍ଶ ବିଦ୍ୟାଳୟଠାରୁ ବଙ୍ଗୋମୁଣ୍ଡା ମାଝିଗୁଡା ରାସ୍ତା ଓ ଚିତାମୁଣ୍ଡାଠାରୁ ଡାଲଗୁମା ଦେଇ ବାଙ୍କିମୁଣ୍ଡା ରାସ୍ତା ନିର୍ମାଣ ନେଇ ଦୀର୍ଘଦିନରୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଏ ନେଇ ଧର୍ମଗଡ଼ ବିଧାୟକ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ରାସ୍ତା ନିର୍ମାଣ ପାଇଁ ଚିଠି ଲେଖି ଅନୁରୋଧ କରିଥିଲେ। ଏହି ଦୁଇ ରାସ୍ତା ନିର୍ମାଣ ଫଳରେ ଗ୍ରାମାଞ୍ଚଳରେ ଗମନାଗମନ ସୁଗମ ହେବା ସହ ଲୋକେ ଉପକୃତ ହେବେ ବୋଲି ବିଧାୟକ କହିଛନ୍ତି। ଭିତ୍ତି ପ୍ରସ୍ତର ସ୍ଥାପନ ଅବସରରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁରେଶ ବାରିହା, ଜିଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ଡାଲଗୁମା ସରପଞ୍ଚ ଯୋଗୀନ୍ଦ୍ର ପଟ୍ଟନାୟକ, ସମିତି ସଭ୍ୟ ଚିନ୍ତାମଣି ଚଣ୍ଡି, ବିଜେଡି କର୍ମୀ ପଙ୍କଜ ପୋଡ଼, ଭୁବନେଶ୍ୱର ମାଝି, କେତୁରାମ ମାଝି ଓ ଠିକା ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ରହିଥିଲେ।



ବିଧାୟକ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି।

## ପ୍ରଥମେ ସଂଯୋଗ ହେଲା ପାଣିମିଟର

କେସିଙ୍ଗା,୨୪।୧୨(ଡୁମେଶ୍ୱର ସାହୁ)

**କେସିଙ୍ଗା ଏନ୍‌ଏସି ୱାର୍ଡ ନଂ. ୭**

କଳାହାଣ୍ଡି ଜିଲା କେସିଙ୍ଗା ୱାର୍ଡ ନମ୍ବର ୭ର ଶାନ୍ତିନଗରପଡା ରେସର୍ ପ୍ରଥମେ ପାଣି ମିଟର ସଂଯୋଗ କରାଯାଇଛି। ନଗରପାଳ ନୃପରାଜ ଯାଦବ ଏହାର ଉଦଘାଟନ କରିଛନ୍ତି। ଏଥିରେ କାଉନସିଲର, ଜନ ସ୍ୱାସ୍ଥ୍ୟ ବିଭାଗ ଜୁନିୟର ଇଞ୍ଜିନିୟର ଜାନକୀ ନାଏକ ଓ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପ୍ରଥମ କରି ପାଣି ନଳରେ ମିଟର ସଂଯୋଗ କରାଯାଇଛି। ଲୋକମାନେ ପାଣିକୁ ଅପବ୍ୟବହାର କରୁଥିବାରୁ ସମସ୍ତେ ଠିକ ଭାବେ ପାଣି ପାଇ ପାରୁନାହାନ୍ତି। ତେଣୁ ସମସ୍ତ ପାଣି ନଳ ସଂଯୋଗ କରିଥିବା ଘରେ ମିଟର ଲଗାଯିବ। ଯେତେ ପାଣି ବ୍ୟବହାର କରିବେ ସେତେ ପରିମାଣରେ ଟଙ୍କା ଦେବେ। ଫଳରେ ଲୋକେ ସଚେତନ ହୋଇ ପାଣିକୁ ଅପବ୍ୟବହାର କରିବେ ନାହିଁ ଏବଂ ସମସ୍ତେ ପାଣି ପାଇବା ସଙ୍ଗେ ସରକାରଙ୍କୁ ମଧ ଟଙ୍କା ମିଳିବ। ସେହି ଟଙ୍କା ପୁଣି ଲୋକଙ୍କ ସେବାରେ ଲାଗିବ ବୋଲି ଅଧକ୍ଷ ପ୍ରକାଶ କରିଛନ୍ତି।



## ଜିଲାସ୍ତରୀୟ ସର୍ବା ସାହୁ ସମାଜର ଭେଟ୍‌ଘାଟ୍

ନୂଆପଡ଼ା,୨୪।୧୨(ମକାରୁ ବେମାଲ)

ନୂଆପଡା ଏନଏସି ୭ ନଂ. ୱାର୍ଡ ପଲସାଗୁଡାରେ ପ୍ରଥମ ଥର ପାଇଁ ଜିଲାସ୍ତରୀୟ ସର୍ବା ସାହୁ ପରିବାର ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ସାହୁ ସମାଜ ସଭାପତି ଦେଓଧର ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସଭ୍ୟ ଭବନ ସାହୁ, ମଦନ ଲାଲ ସାହୁ, କମଲ ସାଏ ସାହୁ, ଖୁମନ ଲାଲ ସାହୁ, ଗୋପାଳ ଚନ୍ଦ୍ର ସାହୁ, ରମେଶ ସାହୁ, ବିମଲ ସାହୁ, ଟୁନା ସାହୁ, ପିଟୁ ସାହୁ, ଭିଖମ ସାହୁ, ରାମେଶ୍ୱର ସାହୁ, ଘୁନେଶ୍ୱର ସାହୁ, ଦିଲୀପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବ ପୁରୁଷରୁ ନୂଆପଡା ଓ କୋମନା ବ୍ଲକର ପସରଖୋଲ, ପଲସାଗୁଡା, ସାଲିହା, ଖାଲବାହାଲ, ଭଣ୍ଡାରପୁରୀ, ସାହିପଲା, ଲିମଡ଼ିହି, ଚୋହୋକୋପଡା ଗାଁରେ ସାହୁ ପରିବାରର ମୁଖିଆ ବଂଶାନୁକ୍ରମେ ରହି ଆସୁଥିଲେ। ସମୟାନୁକ୍ରମେ ବ୍ୟସ୍ଥବହୁଳ ଜୀବନରେ କେବେ ମଧ ଏକ ବର୍ଗୀୟ ଏହି ସାହୁ ପରିବାର ଏକତ୍ରିତ ହୋଇ ଜିଲାସ୍ତରୀୟ ଏକ ଘେଟଘାଟ କାର୍ଯ୍ୟକ୍ରମ କରିବା ଏହା ପ୍ରଥମ। ସମାଜ ଲୋକେ କିପରି ନିଜର ଶିକ୍ଷାଗତ ସମସ୍ୟା ଓ ଆର୍ଥିକ ସମସ୍ୟା ସୁଧାରି ପାରିବେ ସେ ଦିଗରେ ବିଶେଷ ଆଲୋଚନା ହୋଇଥିଲା। ସର୍ବମୋଟ ୨୦୦୦ରୁ ଉର୍ଦ୍ଧ୍ୱ ସର୍ବା ସାହୁ ପରିବାର ଜିଲାରେ ବସାସ କରୁଥିବା ବେଳେ ପ୍ରତେକ ପରିବାରରୁ ସମସ୍ତେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବାଗମୁଣ୍ଡା ଧନୁଯାତ୍ରା ପାଇଁ କଂସ ବରଣ

ନୂଆପଡ଼ା,୨୪।୧୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଶିଆଳଟି ଗ୍ରାମପଞ୍ଚାୟତ ବାଗମୁଣ୍ଡା ଗାଁରେ ପଞ୍ଚମ ବର୍ଷ ପାଇଁ ଧନୁଯାତ୍ରା ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ରବିବାର ଧନୁଯାତ୍ରା ପାଇଁ ମହାରାଜ କଂସ ବରଣ କରାଯାଇଛି। କଂସ ଭୂମିକା ଲାଠୋର ଗ୍ରାମର ସୁଶାନ୍ତ କୁମାର ମେହେର ଏବଂ ମହାମନ୍ତ୍ରୀ ଭାବରେ ହିମାଂଶୁ ମେହେର ଅଭିନୟ କରିବେ। ବଲାଙ୍ଗୀର ଜିଲାର ଯୁଗୀମୁଣ୍ଡାକୁ ଯାଇ ବାଗମୁଣ୍ଡା ଧନୁଯାତ୍ରା କମିଟି କଂସ ବରଣ କରିଥିଲେ। ଆସନ୍ତା ୫ରୁ ଆରମ୍ଭ ହୋଇ ୧୩ରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ଧନୁଯାତ୍ରା କମିଟି ସଭାପତି ଭାବେ ଶାନ୍ତିଲାଲ ମଟାରି ମନୋନୀତ ହୋଇଛନ୍ତି। କଂସ ବରଣ ସମୟରେ ମିଟୁ ମଟାରି, ଡିକମ ମଟାରି, ଯୋଗୀନ୍ଦ୍ର ବନଛୋର, ଲୋକନାଥ କାଣ୍ଡ ପ୍ରମୁଖ ଉପସ୍ଥିତ ରହିଥିଲେ।



କଂସ ବରଣ କରୁଛନ୍ତି।

## କଂସବଧ ସହ ପୋଖରୀବନ୍ଧ ଧନୁଯାତ୍ରା ଉଦ୍‌ଯାପିତ

ଲାଞ୍ଜିଗଡ଼,୨୪।୧୨(ରମେଶ ଚନ୍ଦ୍ର ନାୟକ)



ଧନୁଯାତ୍ରା ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରିବନ୍ଧଠାରେ ପ୍ରଥମ ବର୍ଷ ଧନୁଯାତ୍ରା ମହୋତ୍ସବ କଂସବଦ୍ଧ ସହ ଉଦଯାପିତ ହୋଇଯାଇଛି। ଅନ୍ତିମ ଦିବସରେ କଂସ ବଦ୍ଧ ଓ ଉଗ୍ରସେନଙ୍କ ରାଜ୍ୟାଭିଷେକ ଦେଖିବାକୁ ହଜାର ହଜାର ଦର୍ଶକ ଉପସ୍ଥିତ ରହିଥିଲେ। ଧନୁଯାତ୍ରରେ କଂସ ଭୂମିକାରେ ଅଭିନୟ କରିଥିବା ନରେନ୍ଦ୍ର ପ୍ରଧାନଙ୍କ ଚମତ୍କାର ଅଭିନୟ ଓ ରାଜ ନର୍ତ୍ତକିମାନଙ୍କ ମାଦକଭରା ନୃତ୍ୟ ଦେଖଣାହାରିଙ୍କ ମନ ମୋହିଥିଲା। ଅନ୍ତିମ ଦିବସରେ କଂସ ଦରବାରରେ ରାଜଅତିଥି ଭାବେ ପୋଖରୀବନ୍ଧ ସରପଞ୍ଚ ସସ୍ମିତା ମାଝି, ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ଢୁଳ, ଲାଞ୍ଜିଗଡରୋଡ ପୂର୍ବତନ ସରପଞ୍ଚ ଟଙ୍କଧର ମାଝି, ଧନୁଯାତ୍ରା କମିଟି ସଭାପତି ରମେଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସମ୍ପାଦକ ସନାତନ ବିଶି, ପୋଖରୀବନ୍ଧ ଯୋଗାଣ ସହାୟକ କୁଳମଣି ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଭବାନୀ ଶଙ୍କର ବାଣୁଆ ଓ ଧନୁଯାତ୍ରା କମିଟି ସମସ୍ତ ସଦସ୍ୟ ଧନୁଯାତ୍ରା ପରିଚାଳନାରେ ସହଯୋଗ କରିଥିବା ବେଳେ ଗୋପାଳଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଏହି ମହୋତ୍ସବକୁ ଆହୁରି ସରସ ସୁନ୍ଦର ଓ ଅଞ୍ଚଳବାସୀଙ୍କ ମନୋରଞ୍ଜନ କରିବା ପାଇଁ ଧନୁଯାତ୍ରା ପରିଚାଳନା କମିଟି ପକ୍ଷରୁ ବିଭିନ୍ନ ଲୋକ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନା ବଜାର, ଅପେରା, ରାମଦୋଳି ଓ ଓଡ଼ିଶାର ଚର୍ଚ୍ଚିତ ହାସ୍ୟ ଅଭିନେତା ଓ ଅନେକ କଳାକାରମାନ ଆସିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଧନୁଯାତ୍ରା ଗତ ରବିବାର ଦିନଠାରୁ ଆରମ୍ଭ ହେଇ ୭ ଦିନ ପର୍ଯ୍ୟନ୍ତ ଚାଲିଥିଲା ବେଳେ କଂସ ନିଧନ ସହିତ ଶେଷ ହୋଇଥିଲା। ପ୍ରବଳ ଶୀତର ଲହରି ସତ୍ତ୍ୱେ ଧନୁଯାତ୍ରାର ଆନନ୍ଦ ଉପଭାଗ କରୁଥିଲେ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳବାସୀ।

## ସଂକ୍ଷେପରେ

### ବକୁଲ ଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଅମରପାଲି, ୨୪।୧୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ବାଘପାଲିରେ ହେବାକୁ ଥିବା ପ୍ରସିଦ୍ଧ ବକୁଲ ଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିଲେ। ଟ୍ରଷ୍ଟର ସମ୍ପାଦକ ମକୁନ୍ଦ ଧରୁଆ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗତବର୍ଷର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଚଳିତବର୍ଷ କିଭଳି ଭାବେ ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ନେଇ ଆଲୋଚନା କରାଯାଇଥିଲା। ଶେଷରେ ସମ୍ପାଦକ ମକୁନ୍ଦ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ସମାରୁ ବଗର୍ତ୍ତି, ରଞ୍ଜିତ ଦେହେରି, ସତ ବଗର୍ତ୍ତି, ଜାନକୀ ଦେହେରି, ନରସିଂହ ପଧାନ, ଅଭିଷେକ ଅମାତ, ମାଗି ପଧାନ, ପଦ୍ମନାଭ ପଣ୍ଡା, ଦୁର୍ବଦଳ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

### ଶବ୍ଦ ନୃତ୍ୟଗୁରୁଙ୍କ ପରଲୋକ

**ବରପାଲି, ୨୪।୧୨ (ଚିତ୍ତରଞ୍ଜନ ସାହୁ)**

ଶବ୍ଦ ନୃତ୍ୟ ଗୁରୁ ଚୈତୁ ବୁଡେକଙ୍କ ବରପାଲି ବ୍ଲକ ଅନ୍ତର୍ଗତ ନୂଆପାଲିଠାରେ ଗତ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୮୬ବର୍ଷ ବୟସ ହୋଇଥିଲା। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ସେ ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ବୁଡେକ ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଥିଲେ। ସେ ନିଜେ ଗାଉଥିଲେ, ନାଚୁଥିଲେ ଏବଂ ବାଜା ବଜାଉଥିଲେ । ପରିଣତ ବୟସରେ ମଧ୍ୟ ବିଭିନ୍ନ ଅନୁଷ୍ଠାନକୁ ଯାଇ ଶବ୍ଦନୃତ୍ୟ ଶିକ୍ଷାଦାନ କରୁଥିଲେ। ତାଙ୍କ ବିୟୋଗରେ ଗୁରୁ ଭାଗବତ ପ୍ରଧାନ (ଭାଗବତିଆ), ଦଧିବାବନ ଶତପଥୀ, ଲୁଲୁ ରବିନ ଦାସ, ବାଲକିଶୋର ଖାଡଙ୍ଗା, ପଦ୍ମଲୋଚନ ସାହୁ, ହର୍ଷ ବେହେରା ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ବାର୍ଷିକ କ୍ରୀଡ଼ା ଉତ୍ସବ

**ବୌଦ୍ଧ, ୨୪।୧୨ (ଅଜିତ କୁମାର ବାରିକ)**

ପିଏମ କେନ୍ଦ୍ରୀୟ ବୌଦ୍ଧର ବାର୍ଷିକ କ୍ରୀଡା ଉତ୍ସବ ବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସ୍ତରରେ ସ୍ୱର୍ଣ୍ଣ ପଦକ ବିଜେତା କ୍ରୀଡାବିତ୍‌ମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ମେହେର ଓ ଖେଳ ଶିକ୍ଷକ ମନୋଜ କୁମାର ପଶାୟତଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନୃତ୍ୟ ପ୍ରଶିକ୍ଷକ ପ୍ରଶାନ୍ତଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସମ୍ବଲପୁରୀ ଓ ଏରୋବିକ ନୃତ୍ୟ ପରିବେଷଣ କରିଥିଲେ। ଖେଳ ପ୍ରଶିକ୍ଷକ ଅରବିନ୍ଦ ମାହାର, ସୁଜିତ ଡଲଭି, ଅକ୍ଷୟ କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଦୀପ କୁମାର ପଣ୍ଡା, ଜୟନ୍ତୀ କର୍ଣ୍ଣ , ଜ୍ୟୋତିର୍ମୟୀ ଶତପଥୀ, ଶୁଭସ୍ମିତା ମହାକୁଡ ମଞ୍ଚ ପରିଚାଳନା କରିଥିଲେ।

# ଉପଭୋକ୍ତା ଅଧିକାର ସୁଦୃଢ଼ କରିବାକୁ ଗୁରୁତ୍ୱ



ଜାତୀୟ ଉପଭୋକ୍ତା ଦିବସ ପାଳନ ଅବସରରେ ଅତିଥି ବୃନ୍ଦ ।

**ସୋନପୁର, ୨୪।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

ରବିବାର ସୁବର୍ଣ୍ଣପୁର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ରେଆର ପକ୍ଷରୁ ଜିଲା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହାୟତାରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗର ସଭାପତି ଉପାନନ୍ଦ ପୁରୋହିତ ଯୋଗଦେଇ ଉପଭୋକ୍ତା ଅଧିକାରକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ପୁରୋହିତ ଭାରତ ସରକାରଙ୍କ ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ସମ୍ପର୍କରେ ଆଲୋଚନା କରିଥିଲେ । ଉପଭୋକ୍ତା ଠକାମୀର ଶିକାର ହେଲେ ଆୟୋଗ ସବୁବେଳେ ସହାୟତା ଯୋଗାଇ ଦେବ ବୋଲି ସେ କହିଥିଲେ । ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଯୋଗଦେଇ ଅନ୍‌ଲାଇନ ଠକେଇ, ଇ ବାଣିଜ୍ୟ ଓ ଡିଜିଟାଲ ବ୍ୟବସାୟ ଯୁଗରେ ଖାଉଟି ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଯୋଗେଶ୍ୱର ସାଏ, ସଦର ସହକାରୀ ଯୋଗାଣ ଅଧିକାରୀ ରେବତୀ ସିଂ ନାୟକ ଓ ମୁଖ୍ୟାଳୟ ସହକାରୀ ଯୋଗାଣ ଅଧିକାରୀ ପ୍ରଭାତ କୁମାର ଦାସ ଯୋଗଦେଇ ଉପଭୋକ୍ତାଙ୍କ ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବାକୁ କହିଥିଲେ । ଜିଲା ବୈଧ ମାପ ଉପ ନିର୍ଦ୍ଦେଶକ ବାଘରେଇ ସୋରେନ ବିଭାଗର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଖାଉଟି ପରାମର୍ଶ କେନ୍ଦ୍ରରେ କାର୍ଯ୍ୟ ବିଷୟରେ ସୁଦାମ ଗାଇଗରିଆ ସୂଚନା ଦେଇଥିଲେ । ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ସଭା ପରିଚାଳନା କରିଥିବା ବେଳେ ଅବନୀ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଉଲୁଣ୍ଡା ବ୍ଲକ ମୁଣ୍ଡଘାଟ ସରପଞ୍ଚ କେସନ ଜଗଦଲାଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ନିର୍ବାଚିତ ଜନ ପ୍ରତିନିଧି, ନର୍ସିଂ ସ୍କୁଲ ଛାତ୍ରୀ ଯୋଗ ଦେଇଥିଲେ ।

## ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବୌଦ୍ଧ, ୨୪।୧୨ (ଅଜିତ କୁମାର ବାରିକ)**

ବୌଦ୍ଧ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଓଲିଉଡ ନାୟିକା ଅର୍ଚ୍ଚିତା ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିଥି ଭାବେ ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ସ୍କୁଲ ଚେୟାରମ୍ୟାନ ଯୁଗଳ କିଶୋର ସାମଲ ଓ ବିଦ୍ୟାଳୟର ଅଧ୍ୟକ୍ଷା ସସ୍ମିତା ସେନାପତି ଉପସ୍ଥିତ ଥିଲେ । ମୁଖ୍ୟଅତିଥି ଜିଲାପାଳ ସ୍ୱାଇଁ ବିବେକ ଅନୁସାରେ କାମ କଲେ ସବୁ କ୍ଷେତ୍ରରେ ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପୁରୁଣାକଟକ, ୨୪।୧୨ (ସୁକାନ୍ତ ପଟନାୟକ)**

ରବିବାର ଅପରାହ୍ନରେ ବୌଦ୍ଧ ଜିଲା ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଡିଗୀସିରାଠାରେ ଏକ ଆଇଚର ଓ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ, ରୁରୁଡ଼ିପାଲି ଗ୍ରାମର ରାମଚନ୍ଦ୍ର ଦାସ ଏକ ବାଇକ୍ (ନଂ ଓଡି୨୭ଓ ୧୧୮୩ ) ଯୋଗେ ଫୁଲବାଣୀ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଆଇଚର ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ରାମଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଆଇଚର ଡ୍ରାଇଭର ପୁରୁଣାକଟକ ଥାନାରେ ଗାଡି ସହ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ପୁରୁଣାକଟକ ପୋଲିସ ଘଟଣାର ତଦନ୍ତ କରୁଛି।

## ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ





ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ବୌଦ୍ଧ, ୨୪।୧୨ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଥିବା ସାଧୁଚରଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ, ଜଙ୍ଗଲ ଓ ପରିବେଶ ତଥା ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓମ ପ୍ରକାଶ ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟଅତିଥି ମନ୍ତ୍ରୀ ଅମାତ ନିଜ ବକ୍ତବ୍ୟରେ ଏହି ବିଦ୍ୟାଳୟରେ ପାଠ ପଢି ଅନେକ ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ଶିକ୍ଷକ ହୋଇ ବାହାରି ପାରିଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ମିଶ୍ର ଛାତ୍ରୀଛାତ୍ର, ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ହେଲେ ଏହି ଉଚ୍ଚ ବିଦ୍ୟାଳୟ ଶିଖର ଛୁଇଁବ ବୋଲି ମତବ୍ୟକ୍ତ କରିଥିଲେ । ଜିଲା ଶିକ୍ଷା ଅଧିକାରୀ କୁଜୁରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ପାଇଁ ସର୍ବଦା କାର୍ଯ୍ୟରତ ଥିବା ଜାଣି ଖୁସିବ୍ୟକ୍ତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଧାନ ବିବରଣୀ ପାଠ କରିବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପୂର୍ବତନ ଶିକ୍ଷକ, କର୍ମଚାରୀଙ୍କୁ ଦୀର୍ଘବର୍ଷର ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ନବକିଶୋର ଦୀପ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ମେଘୁ ମହାକୁଡ ଧନ୍ୟବାଦ ପ୍ରଦାନ କରିଥିଲେ। ବୀରନରସିଂହପୁର ସରପଞ୍ଚ ଚନ୍ଦନା ବେହେରା, ମଥୁରା ସରପଞ୍ଚ ପ୍ରଦୀପ କହଁର, ଦେବେନ୍ଦ୍ର ସାହୁଙ୍କ ସମେତ ଅଞ୍ଚଳର ଅଭିଭାବକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁଃଖୁ ଗାଇଗୌରିଆ, ପୂର୍ଣ୍ଣଚନ୍ଦ୍ର ମହାକୁଡ, ନରେନ୍ଦ୍ର ସାହୁ, ଧୀରେନ୍ଦ୍ର ମହାକୁଡ, ଜୟନାରାୟଣ ମିଶ୍ର, ପ୍ରତାପ ମେହେର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବିନିକା, ୨୪।୧୨ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ପାଇଁ ଗତ ୧୦ ଦିନ ଧରି ଚାଲିଥିବା ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି । କଲେଜ ପରିଚାଳନା କମିଟି ସଭାପତି କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମନାଭ ବେହେରା, ମୁଖ୍ୟବକ୍ତା ଭାବେ ଜିଲା ମାଧ୍ୟମିକ ଅଧିକାରୀ ସୌରଭ କୁମାର ଖମାରୀ ଓ ସମ୍ମାନିତ ଅତିଥି ଭାବେ ସିଦ୍ଧାର୍ଥ ଜୁନିୟର କଲେଜର ଅଧ୍ୟକ୍ଷା ରେଖା ପଧାନ, ନଗରପାଳ ସୁବାଷ ଚନ୍ଦ୍ର ଭୁଏ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏଥିରେ ଭାଗ ନେଇ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ପ୍ରତିଯୋଗିତାରେ କଲେଜର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସେଥିମଧ୍ୟରୁ ଜିଲା ସ୍ତରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ୩ ଜଣ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ନୋଡାଲ ଅଫିସର ହରିଶ ଚନ୍ଦ୍ର ହୋତା ବେଦ ପାଠ କରିଥିଲେ। ଅଧ୍ୟାପିକା ଜେ ସମୀନୀ, ବି ବାବୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଧ୍ୟାପକ ବିଶ୍ୱନାଥ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ।ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବାଣୀ ପ୍ରସାଦ ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁରୁଣ୍ଡି ଗୋପାଳ ମନ୍ଦିରର ଭୂମି ପୂଜନ ଉତ୍ସବ

**ବୌଦ୍ଧ, ୨୪।୧୨ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ମଗଧା ଗଉଡ ଯାଦବ ସମାଜର ଗୁରୁଣ୍ଡି ଗୋପାଳ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ବୀରନରସିଂହପୁରର ଶିଶିର ଭୋଇ ଓ ସନ୍ତୋଷ ଷାଣ୍ଡ ମନ୍ଦିର ନିର୍ମାଣ ପାଇଁ ଜମିଦାନ କରିଛନ୍ତି। ଜମି ଦାନ କରିବା ପରେ ସମାଜର ଇଷ୍ଟଦେବ ଗୁରୁଣ୍ଡି ଗୋପାଳ ଓ ଇଷ୍ଟଦେବୀ ସମଲେଶ୍ୱରୀଙ୍କୁ ଏକ ଶୋଭାଯାତ୍ରାରେ ମନ୍ଦିର ନିର୍ମାଣସ୍ଥଳକୁ ନିଆଯାଇଥିଲା । ପୂଜାର୍ଚ୍ଚନା କରିବା ପରେ ଭୂମି ପୂଜନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଝାରସୁଗୁଡାର କୀର୍ତ୍ତନ ବାଘ ଯାଦବ, ସମାଜର ସଭାପତି ଅଲେଖ ବଗର୍ତ୍ତି ଯାଦବ, ସଂପାଦକ ବାବୁଲା ମଲିକ ଯାଦବ, ସହ ସଂପାଦକ ଜଗଦୀଶ ମଲିକ ଯାଦବ ପ୍ରମୁଖ ଯୋଗ ଦେଇଥିଲେ ।

## ପ୍ରାକ୍ତନ କ୍ରିକେଟ୍ ଖେଳାଳିଙ୍କ ବିୟୋଗରେ ଶୋକସଭା



କ୍ରୀଡାବିତ୍ ଜ୍ଞାନେନ୍ଦ୍ର ପୂଜାହାରୀଙ୍କ ବିୟୋଗରେ ଆୟୋଜିତ ଶୋକସଭା ।

**ସୋନପୁର, ୨୪।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ବରିଷ୍ଠ କ୍ରିକେଟ୍ ଖେଳାଳି ଜ୍ଞାନେନ୍ଦ୍ର ପୂଜାହାରୀ(୫୦)ଙ୍କ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ପୂଜାହାରୀ ଜିଲାର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ପୂଜକ ମଧ୍ୟ ଥିଲେ। ସେହିପରି ଥନାପତିପଡାର ଚନ୍ଦ୍ରଶେଖର ପାଠାଗାର କ୍ରିକେଟ୍ କ୍ଲବ ପକ୍ଷରୁ ଦୀର୍ଘ ବର୍ଷ ଧରି କ୍ରିକେଟ୍ ଖେଳୁଥିଲେ। ଜଣେ ଓପନିଂ ବ୍ୟାଟ୍ସମ୍ୟାନ୍ ଭାବେ ତାଙ୍କର ବେଶ ସୁନାମ ଥିଲା। ତାଙ୍କ ମୃତ୍ୟୁରେ ସୁବର୍ଣ୍ଣପୁର ସହରର କ୍ରୀଡାପ୍ରେମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ରବିବାର ଜିଲା କ୍ରିକେଟ୍ ସଂଘ ତରଫରୁ ପୂଜାହାରୀଙ୍କ ବିୟୋଗରେ ଏକ ଶୋକସଭା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରିକେଟ୍ ସଂଘର ସଭାପତି ରାମଶଙ୍କର ସାହୁ, ସମ୍ପାଦକ ପ୍ରଦୀପ ସେଠୀ, ପ୍ରଶାନ୍ତ ପଟ୍ଟନାୟକ, ଶ୍ୟାମ ସୁନ୍ଦର ପାତ୍ର, ସତ୍ୟ ନାରାୟଣ ରାଓ, ଜନ୍ମେଜୟ ପାତ୍ର, ସତ୍ୟନାରାୟଣ ମହାଲିକ, ଦେବରାଜ ମହାଲିକ, ବାବୁନି କର, ଅରବିନ୍ଦ ପୂଜାହାରୀ, ନବ ସେଠୀ, ସୁଧାଂଶୁ ମିଶ୍ର, କ୍ଷେତ୍ରବାସୀ ସାହୁ, ନବ ମିଶ୍ର, ଅଶୋକ ପାତ୍ର ଓ ନାଗେଶ୍ରୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଘାଟକଇନ୍ତରାରେ ଦଣ୍ଡ ନୃତ୍ୟ ପ୍ରତିଯୋଗିତା

**ତରଭା, ୨୪।୧୨ (ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସିବଡୁଲା ଗ୍ରାମ ପଞ୍ଚାୟତର ଘାଟକଇନ୍ତରା ଗ୍ରାମରେ ଗୁରୁବାର ଉପଲକ୍ଷେ ଅରୁଆ ପକା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଦଣ୍ଡ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କଳାକାରମାନେ ଦଣ୍ଡ ସମ୍ବନ୍ଧୀୟ କଳା ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରୁ ରାଧା ଭୂମିକାରେ ଅଭିନୟ କରିଥିବା ବାଘିଆ ଗ୍ରାମର ତରଣି ମହାନନ୍ଦ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୃଷ୍ଣ ଭୂମିକାରେ ଅଭିନୟ କରିଥିବା ବଲାଙ୍ଗୀର ଜିଲା ଘୁଡୁକାପଲ ଗ୍ରାମର ତହସିଲ ସୁନା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ବିଚାରକ ଭାବେ ସାରଳା ଗଡତ୍ୟା ଓ ଶୁକଦେବ ପଟ୍ଟନାୟକ ରହିଥିଲେ। ପୁରସ୍କାର ବିତରଣୀ ସଭାରେ ଅତିଥି ଭାବେ ପବିତ୍ର ଦାସ, ଫକିର ସୁନା, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ଯୋଗଦେଇ ଦଣ୍ଡ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏଥିସହ ବିଜେତା ଓ ଉପବିଜେତାଙ୍କୁ ଉପଢୌକନ ସହ ସାଇକେଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଫଳ କରିବାରେ ସୁବାସ ସେଠୀ, ସୁବାସ କର୍ଣ୍ଣ, ଦାସ ସୁନା, ଦିଲୀପଙ୍କ ସମେତ ଜନସାଧାରଣ ସହଯୋଗ କରିଥିଲେ।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ସୋନପୁର, ୨୪।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

### ଶୀତ ବସ୍ତ୍ର ପ୍ରଦାନ

ସୁବର୍ଣ୍ଣପୁର କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କର ସୋସାଇଟି କାର୍ଯ୍ୟାଳୟ ତଥା ଲେପ୍ରା ସୋସାଇଟି ପରିସରରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର କଳିଙ୍ଗ କାର୍ଡିଆକ ରିହାବିଲିଟେସନ ସେଣ୍ଟର ମୁଖ୍ୟ ଡ.ଦେବାଶିଷ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଅନ୍ତେବାସୀମାନଙ୍କୁ ସ୍ୱାସ୍ଥ୍ୟରକ୍ଷାର ବିଶେଷ ନିୟମ, ଖାଦ୍ୟପେୟ ତଥା ଆଚାର ବ୍ୟବହାର ତଥା ହୃତପିଣ୍ଡର ସୁସ୍ଥତା ସଂପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଲେପ୍ରା ସୋସାଇଟି ଓଡିଶା ରାଜ୍ୟ ଆମ୍ବାସାଡର ଗୋରେଖନାଥ ସାହୁ ଅଧ୍ୟକ୍ଷତା କରି ଅନ୍ତେବାସୀମାନଙ୍କୁ ନିୟମିତ ସୂକ୍ଷ୍ମ ଯୋଗ ବ୍ୟାୟାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ତ୍ରୀ ଓ ପୁରୁଷ ସମସ୍ତ ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ସଂଯୋଜକ ନୃସିଂହ ଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ସଶସ୍ତ୍ର ସଂରକ୍ଷିତ ଆରକ୍ଷୀ କାର୍ଯ୍ୟାଳୟ ପରିସରରେ ପୋଲିସ ବାହିନୀ ତଥା ସେମାନଙ୍କ ପରିବାର ବର୍ଗଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଡା. ଦେବାଶିଷ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ହୃତପିଣ୍ଡର ସ୍ୱାସ୍ଥ୍ୟରକ୍ଷା, ହୃଦରୋଗର ନିରାକରଣ ଉପରେ ସବିଶେଷ ଆଲୋକପାତ କରିଥିଲେ। ଷ୍ଟେଣ୍ଟ ଓ ଶଲ୍ୟ ଚିକିତ୍ସା ବିନା ହୃତପିଣ୍ଡକୁ କିପରି ଇ.ସି.ପି ଥେରାପି ଦ୍ୱାରା ରୋଗର ଉପଶମ କରାଯାଇ ପାରୁଛି ସେ ସଂପର୍କରେ ଡା. ସାମନ୍ତରାୟ ନାନା ଉଦାହରଣ ଦେଇ ବୁଝାଇ କହିଥିଲେ। ଏହି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଗୋରେଖନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାହ୍ନୁଚରଣ ମାରାଣ୍ଡି ସଭାପତିତ୍ୱ କରିଥିଲେ । ପତଞ୍ଜଳି ଯୋଗ ସମିତି ସହ ଯୁବ ପ୍ରଭାରୀ ମନୋଜ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଅନ୍ତେବାସୀଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି।

## ଯୋଗର ଉପକାରିତା ଉପରେ ଗୁରୁତ୍ୱ

**ଡୁଙ୍ଗୁରିପାଲି, ୨୪।୧୨ (ଦୀନବନ୍ଧୁ ସୁନା)**





ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ବିଦ୍ୟାମନ୍ଦିର ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ଡାକ୍ତର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବଲାଙ୍ଗୀର ଜିଲା ବିଚ୍ଛୁପାଲି ଗାଁର ତପୋବନ ଆଶ୍ରମର ତେଜୋମୟାନନ୍ଦ ସରସ୍ୱତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ ରୋଡର ଅଧ୍ୟକ୍ଷ ଡା. ସନ୍ତୋଷ କୁମାର ରଥ ଯୋଗ ଦେଇଥିଲେ। ପରିଚାଳନା ସମିତିର ସମ୍ପାଦକ ତପନ କୁଆଡ଼ି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ଦେବାଶିଷ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଭୂତି ଭୂଷଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ସରସ୍ୱତୀ ନିଜ ଅଭିଭାଷଣରେ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ । ଯୋଗ କରିବା ଦ୍ୱାରା ସ୍ୱାସ୍ଥ୍ୟର ଉନ୍ନତି ହେବା ସହ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଗୁରୁତ୍ୱ ରହିଥିବା ସେ କହିଥିଲେ। ମୁଖ୍ୟବକ୍ତା ରଥ ନିଜ ବକ୍ତବ୍ୟରେ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଜଣେ ବିଶିଷ୍ଟ ଶିକ୍ଷାବିତ୍ ପ୍ରତିବର୍ଷ ଉକ୍ତ ବିଦ୍ୟାମନ୍ଦିରରେ ସର୍ବାଧିକ ନମ୍ବର ରଖି ଟପ୍ପର ହେଉଥିବା ଛାତ୍ରୀଛାତ୍ରଙ୍କୁ ନିଜସ୍ୱ ପାଣ୍ଠିରୁ ୫ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିବା ପାଇଁ ବାର୍ଷିକ ଉତ୍ସବରେ ଘୋଷଣା କରିଥିଲେ । ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ବିଦ୍ୟାମନ୍ଦିରର ଯଶୋବନ୍ତ ମେହେରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁଜୀ ତୀର୍ଥ ମହାକୁର ଓ ଗୁରୁଜୀ ବ୍ରଜରାଜ ବିଶ୍ୱାଳ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାମନ୍ଦିରର ଉପସଭାପତି ଲକ୍ଷ୍ମୀଧର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ



ଲହୁଣୀପଡା,୨୪।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏମ୍‌ପି ଜୁଏଲ ଓରାମ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ହୃଷିକେଶ ରାୟ, ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡିଲେଶ୍ୱର ମାହାନ୍ତଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଉପେନ୍ଦ୍ର କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ନିରୋଦ ଚନ୍ଦ୍ର ଦୀକ୍ଷିତ ବିବରଣୀ ପାଠ କରିଥିବାବେଳେ ଯଶୋବନ୍ତ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସଭା ଶେଷରେ ଯମୁନା ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଦା ହେଉଛି ସରଣ୍ଡା ଜଙ୍ଗଲ

ବିଶ୍ରା,୨୪।୧୨( ବଟକୃଷ୍ଣ ସ୍ୱାଇଁ)



ସରଣ୍ଡା ଜଙ୍ଗଲ।

ଜଙ୍ଗଲ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଉଛି। ଜଙ୍ଗଲରେ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା ସହ କିପରି ଅଧିକ ଜଙ୍ଗଲ ସୃଷ୍ଟି ହୋଇପାରିବ ସେଥିପାଇଁ ଦୃଷ୍ଟି ଦିଆଯାଉଛି। ଜଙ୍ଗଲ ବିଭାଗ ପକ୍ଷରୁ ପ୍ରତି ଗ୍ରାମରେ ବନ ସୁରକ୍ଷା ସମିତି ଗଠନ କରାଯାଇ ଲୋକଙ୍କୁ ସଚେତନ କରାଯାଉଛି। ହେଲେ କାଠ ମାଫିଆଙ୍କ ଯୋଗୁ ଜଙ୍ଗଲ ଧିରେ ଧିରେ ସଫା ହେବାକୁ ବସିଲାଣି। ଏସିଆ ମହାଦେଶର ସର୍ବବୃହତ ଦ୍ୱିତୀୟ ଜଙ୍ଗଲ କୁହାଯାଉଥିବା ସୁନ୍ଦରଗଡର ସରଣ୍ଡା ଜଙ୍ଗଲ ଏବେ ପଦା ହେବାକୁ ବସିଲାଣି। ପ୍ରତିଦିନ ଏଠାରେ କାଠ ଚୋରାଚାଲାଣ ହେଉଛି। ଜଙ୍ଗଲ ମଧ୍ୟରେ ବସ ବାସ କରୁଥିବା ଗରିବ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଆର୍ଥିକ ଲୋଭ ଦେଖାଇ ମାଫିଆମାନେ କାଠ ଚୋରାଚାଲାଣ କରୁଛନ୍ତି। ଯାହାଫଳରେ ଜଙ୍ଗଲ ସଫା ହେବା ସହ ଜୀବଜନ୍ତୁ ସବୁ ଗାଁ ମୁହାଁ ହେଉଛନ୍ତି। ଏ ସମ୍ପର୍କରେ ବିଶ୍ରା ବନ ଅଧିକାରୀ ଜ୍ଞାନେନ୍ଦ୍ର ଲିମାଙ୍କୁ ଯୋଗାଯୋଗ କରିବାରୁ,ଜଙ୍ଗଲରେ ବାସ କରୁଥିବା ଲୋକଙ୍କ ବିକାଶ ଉପରେ ସରକାର ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। କିନ୍ତୁ ଲୋକ ମାନେ ସଚେତନ ନାହାନ୍ତି। କାଠ ଚୋରାଚାଲାଣକାରୀଙ୍କୁ ସେମାନେ ଜଙ୍ଗଲ କାଟିବା ପାଇଁ ସହଯୋଗ କରୁଛନ୍ତି। ଯାହାଫଳରେ ଜଙ୍ଗଲ ପଦା ହେବାକୁ ଯାଉଛି। ସେହିପରି ଯଦି ସେମାନେ ଜଙ୍ଗଲ ରକ୍ଷା ପାଇଁ ସଚେତନ ରହନ୍ତି ତାହାହେଲେ ସେମାନଙ୍କ ଆର୍ଥିକମାନଦଣ୍ଡ ସୁଦୃଢ ହେବ ବୋଲି ଅଧିକାରୀ ଲିମା ଗ୍ରାମବାସୀ ମାନଙ୍କୁ ଅନୁରୋଧ କରିଛନ୍ତି।

## କଟାରୁ ହାଇସ୍କୁଲର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

କୁଆଁରମୁଣ୍ଡା,୨୪।୧୨ (ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ କଟାରୁ ସରକାରୀ ହାଇସ୍କୁଲର ଏକାଦଶତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷା ଗ୍ରହଣ କରି ସୁନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ହୃଷୀକେଶ ରାୟ, ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପଧାନ, କଟାରୁ ପଞ୍ଚାୟତ ସରପଞ୍ଚ ଝୁବା ଟପ୍ପୋ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମଟି ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ ପ୍ରକାରର ସହାୟତା କରିଥିଲେ।

## ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଲହୁଣୀପଡା,୨୪।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ନିକିତା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୨୨ତମ ବାର୍ଷିକ ଉତ୍ସବ ଶୁନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ଟ୍ରଷ୍ଟି ଶରତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଏନଆଇଟି ପ୍ରଫେସର ଡା.ଦିଲ୍ଲୀପ କୁମାର ବିଶୋଇ ଯୋଗ ଦେଇଥିଲେ। ଅଧ୍ୟକ୍ଷ ନିଗେଶ କୁମାର ଚୌରାସିଆଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ମଧୁ ମାଧେସିଆ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶର୍ମିଷ୍ଠା ରାଣୀ ପଲ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୂଜାରାଣୀ ପତି, ପ୍ରିୟବ୍ରତ ପରିଡା, ପ୍ରୀତମ କୁମାର ଦାସ, ହୀରଣ୍ୟମୟୀ ଖଡ଼ିରତ୍ନ, ରୁକ୍ମଣୀ ମାହାନ୍ତ, ସନ୍ତୋଷ ଗୋପ, ସଙ୍ଗୀତା ଦାସ, ପ୍ରେମୀକା ହେମ୍ବ୍ରମ, ପ୍ରଭାବିତ ବେଟି, ସଙ୍ଗୀତା ବର୍ମା, ଦୀପ୍ତିରେଖା ଟପ୍ପୋ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଗୀତା ସୋନାର ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ଶ୍ରମିକମୁକ୍ତ ଅଞ୍ଚଳ ଘୋଷଣା କାର୍ଯ୍ୟକ୍ରମ

ଟେନ୍‌ସା,୨୪।୧୨ (ସମୀର କୁମାର ପାଢୀ)

କୋଇଡା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ବ୍ଲକ ସ୍ତରୀୟ ଶିଶୁ ଶ୍ରମିକ ମୁକ୍ତ ଅଞ୍ଚଳ ଘୋଷଣା କାର୍ଯ୍ୟକ୍ରମ ଜନ ପ୍ରତିନିଧି, ଶିଶୁ ଅଧିକାର ସୁରକ୍ଷା ମଞ୍ଚ ତଥା ଆସ୍ୱାୟାର୍ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପାରିବାରିକ ସମସ୍ୟା ଯୋଗୁ ଅଧାରୁ ପାଠ ଛାଡୁଥିବା ଛାତ୍ରୀଛାତ୍ରଙ୍କୁ ଖୋଜି ବାହାର କରି ତାଙ୍କୁ ଆବାସିକ ବ୍ୟବସ୍ଥା ସହ ଶିକ୍ଷାର ମୁଖ୍ୟ ଧାରାରେ ଯୋଡିବା ପାଇଁ ୨୦୧୫ରୁ ଏକ ବେସରକାରୀ ସଂସ୍ଥା ଆସ୍ୱାୟାର୍ ଟାଟା ଷ୍ଟିଲ ଫାଉଣ୍ଡେଶନ ସହାୟତାରେ କାର୍ଯ୍ୟ କରି ଆସୁଛି। ଏହି ସଂସ୍ଥା ମାଧ୍ୟମରେ ଅଞ୍ଚଳର ୨୦୦ରୁ ଅଧିକ ଯୁବତୀ ଯୁବକଙ୍କୁ ରୋଜଗାର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା , ଅନ୍ୟ ଅତିଥିଙ୍କ ମଧ୍ୟରେ କୋଇଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରେଖା ପାତ୍ର, ବ୍ଲକ ଅଧ୍ୟକ୍ଷ ସୁରେଶ କୁମାର ନାଏକ, ବ୍ଲକ ଶିକ୍ଷା ଅଧିକାରୀ ଅଭିମନ୍ୟୁ ବେହେରା, ବ୍ଲକ ସିଡିପିଓ ଅନିତା ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ସଞ୍ଜୟ ସର୍ଦାର, ଆସ୍ୱାୟାର୍ ରାଜ୍ୟ ପରିଚାଳକ ମୁଖ୍ୟ ରବି କୁମାର, ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଦିବାକର ନାଏକ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦ୍ୟାଧର ମାହୁନ୍ତ, ସମାଜିକ କର୍ମୀ ବାଦଲ ବାରିକ, ବୁଲୁ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭନ୍ନ ପ୍ରକାରର ଶିକ୍ଷା ସମ୍ବନ୍ଧୀୟ ମେଳା ପ୍ରଦର୍ଶନୀ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ଓ ସାମାଜିକ ନାଟକ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟେନ୍‌ସା କ୍ଲଷ୍ଟର ସିଆର୍‌ସିସି ପ୍ରଶାନ୍ତ ପରିଡା ପରିଚାଳନା କରିଥିବା ବେଳେ ଆସ୍ୱାୟାର୍ ବ୍ଲକ ମୁଖ୍ୟ ବାପିଲି ଗୋସ୍ୱାମୀ, ରମେଶ ଘୁଘେ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସକ୍ରିୟ ସହଯୋଗ କରିଥିଲେ।

## କ୍ରିକେଟ, ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି ଓ ଅନ୍ୟମାନେ।

କୁତ୍ରା,୨୪।୧୨(ଦେବାଶିଷ ସାହୁ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ବୁଡାକଟା ଖେଳ ପଡ଼ିଆରେ ଜୟ ମା ଦୁର୍ଗା କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ କ୍ରିକେଟ ଓ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ତରକେରା ଓ ଗରପୋଷ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗରପୋଷ ପ୍ରଥମେ ବ୍ୟାଟିଙ୍ଗ କରି ୮ ଓଭରରେ ୪୬ ରନ ସଂଗ୍ରହ କରିଥିବା ବେଳେ ତରକେରା ୬ ଓଭରରେ ୪୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିଭଳି ଭାବେ ଫୁଟ୍‌ବଲ ଖେଳରେ ଫାଇନାଲ ମ୍ୟାଚ ନକଟି ନାଏକ ବ୍ରଦର୍ଶ ଓ ମାରିଆ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରିଆ କ୍ଲବ ୩-୦ ଗୋଲରେ ବିଜୟୀ ହୋଇଥିଲା। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିରିଙ୍ଗାଟୋଲି ସରପଞ୍ଚ ମୁକ୍ତା ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ କୌସ୍ତୁବ ଭୂଷଣ ହୋତା,ଗ୍ରାମର ବୁଦ୍ଧିଜୀବୀ ଦୋଳମଣି ବରିହା,ହେମନ୍ତ ବେହେରା ଯୋଗ ଦେଇଥିଲେ। ଉଭୟ କ୍ରିକେଟ ଓ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବିଜୟୀ ଓ ଉପ ବିଜେତା ଦଳକୁ ଅର୍ଥରାଶି ପ୍ରଦାନ କରାଯାଇଥିଲା। କମିଟି ସଭାପତି ଟଙ୍କଧର ବରିହା, ସମ୍ପାଦକ କମୋଲ ପାଉଲେ, ପାତ୍ର ମାଝି, ଜନ୍ମଜୟ ବେହେରା, ସୀତାକାନ୍ତ ବେହେରା, କିଶୋର ବେହେରା, ମାନସ ସାହୁ, ରୋହିତ କୁମୁରା ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣ କର୍ମଶାଳା

ବ୍ରଜରାଜନଗର, ୨୪।୧୨(ବିଜୟ ବରାଡ଼)

ଝାରସୁଗୁଡା ଜିଲା ଡିଏଭି ସ୍କୁଲ ପରିସରରେ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବା ଉପରେ ଏକ କର୍ମଶାଳା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପଣ୍ଡା ଅତିଥି ସ୍ୱାଗତ ସହିତ ସ୍ୱାଗତ ଭାଷଣରେ ଅଞ୍ଚଳରେ ପ୍ରଥମ ଥର ଲାଗି ଆୟୋଜିତ ହୋଇଥିବା କ୍ୟାରିୟର କନକ୍ଲେଭର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଧାରଣା ଦେଇଥିଲେ। ଝାରସୁଗୁଡ଼ା ବେଦାନ୍ତ ଲିମିଟେଡ଼ ହ୍ୟୁମାନ ରିସୋର୍ସ ହେଡ଼ ସୁଧାଂଶୁ ଶେଖର ମୁଖ୍ୟ ଅତିଥି ଭାବେ ଯୋଗଦାନ ପୂର୍ବକ ଯୁବ ଛାତ୍ରୀଛାତ୍ରମାନଙ୍କୁ ନିଜ କ୍ୟାରିୟର ବିଷୟରେ ଏବେଠୁ ସଚେତନ ହେବା ସହିତ ନିଜ ଜୀବନର ଲକ୍ଷ୍ୟ ଅନୁସାରେ ପାଠ୍ୟକ୍ରମ ଅଗ୍ରୀମ ସ୍ଥିର କରିବା ଓ ତଦନୁଯାୟୀ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରିବାକୁ ଉଦ୍‌ବୋଧନ ଦେଇଥିଲେ। ରାଜ୍ୟରୁ ତଥା ରାଜ୍ୟ ବାହାରୁ ୧୦ଟି ବିଶ୍ୱବିଦ୍ୟାଳୟ ଯଥା ସେଞ୍ଚୁରିୟନ, ଚଣ୍ଡୀଗଡ, ଗୀତମ, କଳିଙ୍ଗ, କେ.ଏଲ, ଓପିଜେୟୁ., ଜି.ଆଇ.ଇ.ଟି, ଆକାଶ ଓ ଶ୍ରୀଶ୍ରୀ ୟୁନିଭର୍ସିଟି ଏଥିରେ ଅଂଶଗ୍ରହଣ ପୂର୍ବକ ନିଜ ଆଭିମୁଖ୍ୟ, ସୁବିଧା ସୁଯୋଗ ତଥା ଉପଯୋଗିତା ସମ୍ବନ୍ଧରେ ସମସ୍ତଙ୍କୁ ଅବଧାରଣା ଦେଇଥିଲେ। ଏହା ସହ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଗହଣରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ କରାଇଥିଲେ। ଉଚ୍ଚ ଶ୍ରେଣୀରେ ପଢୁଥିବା ଡିଏଭି ତଥା ଅଞ୍ଚଳର ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକ ବହୁଳ ସଂଖ୍ୟାରେ ଯୋଗଦାନ ପୂର୍ବକ କାର୍ଯ୍ୟକ୍ରମରୁ କ୍ୟାରିୟରଗତ ଜ୍ଞାନ ଲାଭ ଉଠାଇଥିଲେ। ବିଭିନ୍ନ ୟୁନିଭର୍ସିଟିରୁ ଆସିଥିବା ପ୍ରତିନିଧିମାନେ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ଶୈକ୍ଷିକସ୍ତର ଓ ଆଗ୍ରହ ଅନୁଯାୟୀ ଭିନ୍ନ ପାଠ୍ୟକ୍ରମ ସମ୍ବନ୍ଧରେ ବିକ୍ଷିପ୍ତ ଧାରଣା ଦେଇଥିଲେ। ନୀଳିମା ପଟେଲ, ପଞ୍ଚାନନ ପଟେଲ, ଦେବାଶିଷ ଶ୍ୟାମଲ, ସୁମନ୍ତ ବେହେରା, ସୁବାସ ଚନ୍ଦ୍ର ମିଶ୍ର, ଏମଭିଏଲଏନ ରାଓ, ଆଶିଷ ପୂଜାରୀ, ସୁମନ୍ତ ସାହୁ, ସୁମନ୍ତ ବେହେରା, ଅମର ନାଥ ଯାଦବ, ସୁଶୋଭନ ଭୌମିକ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ଡିଏଭି ଓ ଅନ୍ୟାନ୍ୟ ବିଦ୍ୟାଳୟରୁ ମୋଟ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଅଭିଭାବକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଞ୍ଜଳି ବାଳସୁବ୍ରମନ୍ୟମ ଓ ଅପର୍ଣ୍ଣା ଦେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶିକ୍ଷକ ଅଲେଖ ବିହାରୀ ସାହୁ ଧନ୍ୟବାଦ ଦେଇଥିଲେ।

## ଜୟବୁଡିଆରେ ଫୁଟବଲ ଟୁର୍ନାମେଣ୍ଟ: ଥର୍ମାଲ ବିଜୟୀ



ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ବ୍ରଜରାଜନଗର, ୨୪।୧୨ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ଲଖନପୁର୍ ବ୍ଲକ ଅନ୍ତର୍ଗତ ଜୟବୁଡ଼ିଆରେ ରାଧାମାଧବ କ୍ଲବ ଆନୁକୂଲ୍ୟରେ ୫୦ତମ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭାଜପା ଯୁବା ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ସିଂ ଯୋଗ ଦେଇଥିଲେ। ବଞ୍ଜାରି ସରପଞ୍ଚ ସୀମା ସାହୁ, ସମିତି ସଭ୍ୟା ପ୍ରତିଭା ବଢେଇ,ସମାଜସେବୀ ଗୋପୀନାଥ ମାଝି, ବରତାପର ଗନ୍ତିଆ ଥାନେଶ୍ୱର୍ ପ୍ରଧାନ, ଧନେଶ୍ୱର ମାଝି, ଅମିନ ଖାଁ ଓ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ଫାଇନାଲରେ ଥର୍ମାଲ ଓ କୁଡାଲୋଇ ମଧ୍ୟରେ ଖେଳ ହୋଇଥିଲା। ଥର୍ମାଲ ଗୋଟିଏ ଗୋଲ କରି କୁଡାଲୋଇକୁ ପରାସ୍ତ କରିଥିଲା। ଶେଷରେ ସୁଜିତ ସିଂ ବିଜୟୀ ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

## ଭୂତକୋଠି ସାଜିଛି ଏଏନ୍‌ଏମ୍ ସେଣ୍ଟର

ବୀରମିତ୍ରପୁର,୨୪।୧୨ ( ସଞ୍ଜୀବ ରାଉତ)



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଦଲକି ପଞ୍ଚାୟତ ମୁଗଦାଣ୍ଡଠାରେ ଥିବା ଏଏନଏମ ସେଣ୍ଟର ଭୂତ କୋଠି ସାଜିଛି। ବର୍ଷ ବର୍ଷ ଧରି ଏଠାରେ କେହି ଏଏନଏମ କର୍ମଚାରୀ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରୋଗୀମାନ ବାଧ୍ୟ ହୋଇ ରାଇବଗା, ବୀରମିତ୍ରପୁର ଓ ରାଉରକେଲା ଯାଇ ଚିକିତ୍ସା ହେବା ସହ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି। ବିଶେଷ କରି ପ୍ରସୂତି ମହିଳା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସିଡିଏମଓ ଦୃଷ୍ଟି ଦେଇ ଖୁବଶୀଘ୍ର ଏଏନଏମ ସେଣ୍ଟରକୁ କାର୍ଯ୍ୟକାରି କରାଇବାକୁ ସାଧାରଣରେ ଦାବି ହେଉଛି।

## ସାଙ୍ଗଠନିକ ସଭା, ବ୍ଲକ କର୍ମକର୍ତ୍ତା ଚୟନ

ବଡ଼ଗାଁ,୨୪।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ତେଲେନକାନି ଗ୍ରାମରେ ଜଗନ୍ନାଥ ନାମ ସଙ୍କୀର୍ତ୍ତନ ଲୋକକଳା ପରିଷଦ ଆନୁକୂଲ୍ୟରେ ସାଙ୍ଗଠାନିକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ଜିଲା ସଭାପତି ବସନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ବିଜନ ମହାନ୍ତି ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ରାଜ୍ୟ ଉପ ସଭାପତି (ସମ୍ବଲପୁର) ସନ୍ତୋଷ କୁମାର ସାହୁ, ଢେଙ୍କାନାଳ ଜିଲା ଉପ ସଭାପତି ବିଶ୍ୱ ବାରିକ୍, ଦେବଗଡ଼ ଜିଲା ସଭାପତି ଦିବାକର ପ୍ରଧାନ, ଜିଲା ସମ୍ପାଦକ ରଞ୍ଜନ କୁମାର୍ ପ୍ରଧାନ, କୋଷାଧ୍ୟକ୍ଷ ବିନୋଦ ବିହାରୀ ବେହେରା, ଆବାହକ ଉମାକାନ୍ତ ମହକୁଲ୍, ସୁନ୍ଦରଗଡ ଜିଲା ସହ ସଂଯୋଜିକ ଜୈମିନି ପୃଷେଟ ଯୋଗଦେଇଥିଲେ। ଏହି ସାଙ୍ଗଠନିକ ସଭାରେ ପୂର୍ବରୁ ଚୟନ ହୋଇଥିବା ବଡ଼ଗାଁ ବ୍ଲକ୍ ସଭାପତି ସରୋଜ ମାଝି, ସମ୍ପାଦକ ଜିତେନ୍ଦ୍ର ସାହୁ, ସଂଯୋଜକ ସନ୍ତୋଷ ରାଉତ, ସଂଯୋଜକ ଭକ୍ତରାମ ପଟେଲଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ମହାନ୍ତି ପଦବୀ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ମହାନ୍ତି ତାଙ୍କ ଅଭିଭାଷଣରେ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବ୍ଲକ୍, ପଞ୍ଚାୟତ ଓ ଗାଁ ଗାଁ ରେ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସଭାପତି ବାସୁଦେବ ଭଞ୍ଜ ଜଗନ୍ନାଥ ସଂସ୍କୃତି, ନାମ ସଂକୀର୍ତ୍ତନକୁ କିପରି ତରାନ୍ୱିତ କରିବାକୁ ନିଷ୍ଠାପର ଉଦ୍ୟମ କରିଆସୁଛନ୍ତି ଦୃଷ୍ଟାନ୍ତ ଦେଇ ବୁଝାଇଥିଲେ। ସମସ୍ତ ଅତିଥି ଓ କର୍ମକର୍ତ୍ତା ନିଜ ମତ ଉପସ୍ଥାପନ କରି ଏହାର ପ୍ରସାର ଦିଗରେ ସମସ୍ତେ ଉଦ୍ୟମ କରିବାକୁ କହିଥିଲେ। ଏହି ସଭାରେ ବାଲିଶଙ୍କରା ବ୍ଲକର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ଡମ୍ବରୁଧର ନାଏକଙ୍କୁ ଚୟନ କରାଯାଇଥିଲାବେଳେ କାର୍ଯ୍ୟକାରିଣୀ ସଭାପତି ଭାବେ ଲକ୍ଷ୍ମୀଧର ବଡେକ, ଉପ ସଭାପତି ମହେନ୍ଦ୍ର ପଟେଲ, ସମ୍ପାଦକ ଜଗନ୍ନାଥ କାଲୋ, ସଂଯୋଜକ ଅର୍ଜୁନ ଆପଟ୍ ଓ କୋଷାଧ୍ୟକ୍ଷ ଭାବେ ଗୋବର୍ଦ୍ଧନ ଖୁଣ୍ଟିଆଙ୍କୁ ଚୟନ କରାଯାଇଥିଲା। ଜିଲା ସମ୍ପାଦକ ସୁରେନ୍ଦ୍ର ମିଞ୍ଜ ସଭା ପରିଚାଳନା କରିଥିଲେ। ଜିଲା ସଂଯୋଜିକା ନୁଆବିନି ବାର୍ଲ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜ୍ୟ ଓ ଜିଲା କର୍ମକର୍ତ୍ତା।

# ‘୨୦୨୪ରେ କଂଗ୍ରେସ ପୁଣି କ୍ଷମତାକୁ ଫେରିବ’

### ପିସିସି ସଭାପତିଙ୍କ ଦିନିକିଆ ସୁନ୍ଦରଗଡ଼ ଗସ୍ତ

ସୁନ୍ଦରଗଡ,୨୪।୧୨ (ଜୟ ନାରାୟଣ ମେଣ୍ଡୁଲି)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସ୍ୱେଚ୍ଛାଚାରୀ ଓ ଜନ ବିରୋଧୀ ଶାସନ ବିରୋଧରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋକଙ୍କ ଆସ୍ଥା ଭାଜନ ହୋଇ କଂଗ୍ରେସ ୨୦୨୪ରେ ପୁଣି ରାଜ୍ୟରେ କ୍ଷମତାକୁ ଫେରିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ ଦୃଢୋକ୍ତି ପ୍ରକାଶ କରିଛନ୍ତି। ପିସିସି ସଭାପତି ପଟ୍ଟନାୟକ ରବିବାର ଦିନିକିଆ ସୁନ୍ଦରଗଡ ଗସ୍ତରେ ଆସି ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ର ପଡିଆରେ ଭାଜପା ସରକାରର ଅଗଣତାନ୍ତ୍ରିକ, ସ୍ୱେଚ୍ଛାଚାରୀ ଶାସନ ଓ ବିଜେଡି ସରକାରଙ୍କ ଗରିବ, ଶ୍ରମିକ ମାରଣ ନୀତି, ନାରୀ ନିର୍ଯ୍ୟାତନା, ବେରୋଜଗାରୀ ଓ ଜନବିରୋଧୀ ନୀତି ବିରୋଧରେ ଆୟୋଜିତ ଜନ ସମାବେଶରେ ଯୋଗଦେଇ ଏହା କହିଛନ୍ତି। ଭାଜପା ନେତାମାନେ ଓଡ଼ିଶା ବାସୀଙ୍କୁ ଯେଉଁ ସ୍ୱପ୍ନ ଦେଖାଉଥିଲେ ତାହା କୁଆଡେ ଗଲା ବୋଲି ପଟ୍ଟନାୟ ପ୍ରଶ୍ନ କରିଥିଲେ। ଯେଉଁ ନେତାମାନେ ମୁଣ୍ଡରେ ସିଲିଣ୍ଡର ମୁଣ୍ଡେଇ ନେଉଥିଲେ ସେମାନେ ଏବେ ଚୁପ। ଦରଦାମ ବୃଦ୍ଧି ଯୋଗୁ ସାଧାରଣ ଗରିବ ମା’ ମାନେ ଏବେ ଗ୍ୟାସ ସିଲିଣ୍ଡର କିଣିବା ସେମାନଙ୍କ ପକ୍ଷେ କଷ୍ଟ ହୋଇପଡିଛି। ସେହିପରି ରାଜ୍ୟର କ୍ଷମତାସୀନ ବିଜେଡି ସରକାର ୨୪ବର୍ଷର ଶାସନ କାଳ ମଧ୍ୟରେ ଯୁବକଙ୍କୁ ଥଇଥାନ କରିବା ପାଇଁ ଚିନ୍ତା କରିନାହିଁ। ୨ ଲକ୍ଷ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରତିଶ୍ରୁତି ଗଲା କୁଆଡେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏବେ ରାଜ୍ୟରେ ୮ହଜାରରୁ ଅଧିକ ପଦବୀ ଖାଲି ପଡିଛି। ୨୪ବର୍ଷର ଶାସନ କାଳ ମଧ୍ୟରେ ନବୀନ ସରକାର ସୁନ୍ଦରଗଡ ସମେତ ସମଗ୍ର ଓଡିଶାକୁ ଅବହେଳିତ କରିଛନ୍ତି। ସାଧାରଣ ନିର୍ବାଚନ ଆଉ ମାତ୍ର ୨ମାସ ବାକି ଥିଲା ବେଳେ କଂଗ୍ରେସ ଏସବୁ ପ୍ରସଙ୍ଗକୁ ନେଇ ରାଜରାସ୍ତାକୁ ଓହ୍ଲାଇବ। କଂଗ୍ରେସ ଶାସନ କାଳରେ ପାରାଦୀପ ବନ୍ଦରଠାରୁ ଆରମ୍ଭ କରି ହୀରାକୁଦ ଡ୍ୟାମ, ରାଜଗାଙ୍ଗପୁର ସିମେଣ୍ଟ କାରଖାନା, ନାଲକୋ ଭଳି ଅନେକ ଶିଳ୍ପ କାରଖାନା ସହ ଅନେକ ବିକାଶ ମୂଳକ କାର୍ଯ୍ୟ ହୋଇଛି। ଆଦିବାସୀ, ଦଳିତ, ଖଟିଖିଆ ଓ ପଛୁଆ ବର୍ଗର ଉନ୍ନତି ସହ ଯୁବ ବର୍ଗଙ୍କ ନିଯୁକ୍ତି ଆଦି ନୂଆ ଚିନ୍ତା ଧାରାକୁ ନେଇ କଂଗ୍ରେସ ତାର ୯ରୁ ୯୦ମିଶନକୁ ଆଖି ଆଗରେ ରଖି ଆଗାମୀ ନିର୍ବାରେ ନିଶ୍ଚିତ ଭାବେ ରାଜ୍ୟରେ ସରକାର ଗଢିବ ବୋଲି ସେ ପ୍ରକାଶ କରିଛନ୍ତ। ଜିଲା କଂଗ୍ରେସ କମିଟି ସଭାପତି ଜନାର୍ଦ୍ଦନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ରାଜଗାଙ୍ଗପୁର ବିଧାୟକ ଡା. ସିଏସ୍ ରାଜେନ ଏକ୍କା, ବରିଷ୍ଠ ନେତା ନିମାଇଁ ଚରଣେ ନାଏକ, ପିସିସି କାର୍ଯ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ରାଜ କିଶୋର ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ରଣଜିତ ଭିତ୍ରିଆ, ପିସିସି ସାଧାରଣ ସମ୍ପାଦକ ନିର୍ମଳ ନାଏକ, ଅମିତା ବିଶ୍ୱାଳ, ବିରେନ ସେନାପତି, ରାଉରକେଲା ଜିଲା ସଭାପତି ରଶ୍ମିରଞ୍ଜନ ପାଢୀ, ପୂର୍ବତନ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସରୋଜିନୀ ବାଙ୍କରା, ଜିଲା ଉପସଭାପତି ପର୍ଶୁରାମ ସରାଫ,ଆଲବର୍ଟ କିଣ୍ଡୋ, ଅନିମା ମିଞ୍ଜ, ବିନିତା ନାଏକ, କଳ୍ପନା ଆପଟ, ସଞ୍ଜୟ ସାହୁ, ବିଶ୍ୱଜୀତ ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନ ବିରୋଧୀ ନୀତିକୁ ସମାଲୋଚନା କରିଥିଲେ। ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ ଓ ଜିଲା ଉପସଭାପତି ଅଜିତ ପ୍ରସାଦ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ହେମଗିର ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷା ତଥା ବିଜେଡି ନେତ୍ରୀ ସୁଧାରାଣୀ ରାଉତିଆ ତାଙ୍କ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦେଇ ଥିଲେ। ସେହିପରି ତଳସରା ନିର୍ବାଚନ ମଣ୍ଡଳୀର ଗୁଣ୍ଡିଆଡିହିର ଇଞ୍ଜିନିୟର ସୁନୀଲ କେରକେଟା କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ବିକାଶରେ ବିଶ୍ୱାସ ରଖି ସେମାନେ ଯୋଗଦେଇଥିବା ପିସିସି ସଭାପତି ପଟ୍ଟନାୟକ କହିଥିଲେ।

# ୮ ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ ପ୍ରସ୍ତାବ

**ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

କୁଚିଣ୍ଡା,୨୪।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଜିଲା ପରିଷଦ ଜୋନ-୨ ଅଧିନ ୮ ପଞ୍ଚାୟତକୁ ନେଇ କୁସୁମୀରେ ଏକ ନୂତନ ବ୍ଲକ ଗଠନ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ପରିଷଦ ଜୋନ-୨ରେ କୁସୁମୀ, ସାଲେଭାଡି,(କୁ)ଜମନକିରା, ଟାଇଁସର, କୁନ୍ତରା, ବାଙ୍କେ, ଗୋଛରା ଓ ତେଲିଟିଲେଇମାଲ ପଞ୍ଚାୟତ ରହିଥିବାରୁ କୁଚିଣ୍ଡା ବ୍ଲକ ମୁଖ୍ୟାଳୟକୁ ୨୧କି.ମି ଦୂରତା ପଡୁଛି। ଦୂରତା ଦୃଷ୍ଟି କୋଣରୁ ପ୍ରଶାସନ ସହ ଅଞ୍ଚଳବାସୀଙ୍କ ସମ୍ପର୍କ ନିବିଡ ହୋଇପାରୁ ନ ଥିବାରୁ ସାଧାରଣ ଜନତା ବିଭିନ୍ନ ସମୟରେ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଅଞ୍ଚଳବାସୀଙ୍କୁ ନେଇ ଶନିବାର କୁସୁମୀ ଜଗନ୍ନାଥ କ୍ଲବଠାରେ ନୂତନ ବ୍ଲକ ଗଠନ ସମ୍ପର୍କରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ଜନସଂଖ୍ୟା ୫୦ହଜାରରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ଦୂରତା ଦୃଷ୍ଟିକୋଣରୁ ଅନେକ ସରକାରୀ କାର୍ଯ୍ୟମାନଙ୍କରେ ଗରିବ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଆଲୋଚନା ହୋଇଥିଲା। କୁନ୍ତରାରେ ଡିଗ୍ରୀ କଲେଜ ସାଙ୍ଗକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କହ୍ଲେଇପାଲିରେ ଯୁକ୍ତ୨ କଲେଜ, କୁସୁମୀରେ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ନୂତନ ବ୍ଲକ ଗଠନ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୁସୁମୀଠାରେ ନୂତନ ବ୍ଲକ ମୁଖ୍ୟାଳୟ କରାଗଲେ ଏସମସ୍ତ ପଞ୍ଚାୟତକୁ ମାତ୍ର ୮ରୁ ୧୦କି:ମି ମଧ୍ୟରେ ଦୂରତା ହେବ ବୋଲି ଦାବି କରାଯାଇଛି। ପରେ ସର୍ବସମ୍ମତି କ୍ରମେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଅନଲାଇନ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ବୈଠକରେ ମିତ୍ରଭାନୁ ପଟେଲ, ସରପଞ୍ଚ ଧନୁର୍ଜୟ ନାଏକ, ସମିତି ସଭ୍ୟ ସନ୍ତୋଷ ନାଏକ, ବିଭୂତିକଲ୍ୟାଣ ପଟେଲ, କ୍ଷୀରୋଦ ପଟେଲ, ଅଜିତ ପଟେଲ, ହରିଶଙ୍କର ବଢେଇ, ଜୟମଙ୍ଗଳ ପଟେଲ, ନବୀନ ନାୟକ, ରଞ୍ଜନ ପଟେଲ, ମିତ୍ରଭାନୁ ନାୟକଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଯୋଗଦେଇଥିଲେ। ପରେ ନୂତନ ବ୍ଲକ ଗଠନ ପାଇଁ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଥିଲା।

**ସଂକ୍ଷେପରେ**

## କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ନାକଟିଦେଉଳ,୨୪।୧୨
(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ବାଟଗାଁ ପଞ୍ଚାୟତ ଅନ୍ତର୍ଗତ ହିତସରା ଗ୍ରାମରେ ରବିବାର ସକାଳେ କୂଅରେ ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ପୁକୁନି ଦେହୁରୀ(୭୫)। ସ୍ୱାମୀଙ୍କ ମୃତ୍ୟୁ ପରେ ପୁକୁନି ଗାଁରେ ବାହା ହୋଇଥିବା ଝିଅ ଚନ୍ଦ୍ରାଙ୍କ ଘରେ ରହୁଥିଲେ। ସକାଳେ ଝିଅ, ଜ୍ୱାଇଁ ଖଳାରେ ଧାନ ମଡ଼ାଇବା ପାଇଁ ଯାଇଥିଲେ। ପୁକୁନି ଘର ବାଡ଼ି ପଛକୁ ଯାଇଥିବାବେଳେ ଅସାବଧାନତାବଶତଃ ସେଠାରେ ଥିବା ଏକ ଖୋଲା କୂଅରେ ପଡି ଯାଇଥିଲେ। ସକାଳ ପ୍ରାୟ ୯ଟାରେ ଜ୍ୱାଇଁ ଖଳାରୁ ଘରକୁ ଖାଇବାକୁ ଆସିଥିବାବେଳେ ଶାଶୁଙ୍କ ଦେଖାପାଇ ନ ଥିଲେ। ବାଡ଼ି ପଛପଟକୁ ଯାଇ ଖୋଜାଖୋଜି କରିବା ପରେ କୂଅରେ ତାଙ୍କ ଶାଶୁ ପଡ଼ିଥିବା ଦେଖି ସାହିପଡିଶାଙ୍କୁ ଡାକିଥିଲେ। କୂଅରୁ ବୃଦ୍ଧାଙ୍କୁ ଉଦ୍ଧାର କରାଯାଇ ରେଢ଼ାଖୋଲ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନାକଟିଦେଉଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଥ୍ରେସର୍ ମେଶିନରେ ଯୁବକଙ୍କ ହାତ ପାପୁଲି କଟିଲା

**ଧାନ ଅମଳ ସମୟରେ ଅଘଟଣ**

କୁଚିଣ୍ଡା,୨୪।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କେଛୁପାଣି ଟାଙ୍ଗରପଡାରେ ରବିବାର ସନ୍ଧ୍ୟାରେ ଧାନ ଅମଳ ପାଇଁ ବ୍ୟବହୃତ ଥ୍ରେସର୍ ମେଶିନରେ ହାତ ପଶି ପାପୁଲି କଟିଯିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବିଲେଇଘାଟି(ରାଙ୍ଗିପଡା)ର ସିମନ ଲାହାଙ୍ଗା(୩୨)। ଥ୍ରେସର୍ ମେଶିନରେ ଧାନଅମଳ ପାଇଁ ଟାଙ୍ଗରପଡାର ସନ୍ତୋଷ ଗୋପାଳ କେତେକ ମହିଳା ଓ ପୁରୁଷ ଶ୍ରମିକଙ୍କୁ ନିୟୋଜିତ କରିଥିଲେ। କଟାଯାଇଥିବା ଧାନକୁ ଥ୍ରେସର୍ ମେଶିନ ଭିତରେ ପୁରାଉଥିବା ସମୟରେ ଅସାବଧାନତା କାରଣରୁ ସିମନଙ୍କ ଡାହାଣ ହାତ ଧାନକେଣ୍ଡା ସହ ମେଶିନ ଭିତରକୁ ପଶିଯାଇଥିଲା। ଫଳରେ ମେଶିନ ଚାପରେ ହାତ ପାପୁଲି ଛିଣ୍ଡିଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ସୁନ୍ଦରଗଡ ମେଡିକାଲ କଲେଜ ହସ୍ପିଟାଲକୁ ରେଫର କରିଛନ୍ତି।

## ଭୂତ କୋଠି ସାଜିଛି ଏଏନଏମ ସେଣ୍ଟର

**ବୀରମିତ୍ରପୁର,୨୪।୧୨ (ସଞ୍ଜୀବ ରାଉତ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଦଲକି ପଞ୍ଚାୟତ ମୁଗଦାଣ୍ଡଠାରେ ଥିବା ଏଏନଏମ ସେଣ୍ଟର ଭୂତ କୋଠି ସାଜିଛି। ବର୍ଷ ବର୍ଷ ଧରି ଏଠାରେ କେହି ଏଏନଏମ କର୍ମଚାରୀ ରହୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଭାଗ ଚାଷୀଙ୍କ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ

**ହାତୀପଲ ଦ୍ୱାରା ଧାନ ଫସଲ ନଷ୍ଟ**


ବୀରବଲ ଦାସ ଚିକିତ୍ସିତ ହେଉଛନ୍ତି।

କୁଚିଣ୍ଡା, ୨୪।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଗୁଣ୍ଡୁରୁଚୁଆଁ ପଞ୍ଚାୟତର କତରକେଲା ଗ୍ରାମରେ ଜଣେ ଭାଗ ଚାଷୀ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଗୁରୁତର ଚାଷୀ ହେଲେ କତରକେଲା ଗ୍ରାମର ବୀରବଲ ଦାସ। ସେ ଚଳିତବର୍ଷ କରଜ ଆଣି ୧ଏକର ଜମିରେ ଭାଗ ଚାଷ କରିଥିଲେ। ଧାନ ଫସଲ ଭଲ ହୋଇଥିବା ବେଳେ ଅମଳ ସମୟରେ ହାତୀପଲ ବୀରବଲଙ୍କ ବିଲରେ ପଶି ଧାନସବୁ ଖାଇ ନଷ୍ଟ କରିଦେଇଥିଲେ। ଏଥିରେ ସେ ଭାଙ୍ଗିପଡ଼ି ରବିବାର ବିଷ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ କୁଚିଣ୍ଡା ମେଡିକାଲକୁ ନେଇ ଭର୍ତ୍ତି କରିଥିଲେ। ମାତ୍ର ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ବୁର୍ଲା ଭିମସାର ମେଡିକାଲକୁ ରେଫର କରିଛନ୍ତି।

# ଜଗନ୍ନାଥ ସାହିତ୍ୟ ସଂସଦର ୩୫ତମ ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ଼,୨୪।୧୨
(ଶଶାଙ୍କ ଶେଖର ଝାଙ୍କର)

ସେଣ୍ଟର ଫର୍ କଲଚର୍ ପ୍ରକୋଷ୍ଠରେ ଦେବଗଡ ଜଗନ୍ନାଥ ସାହିତ୍ୟ ସଂସଦର ୩୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସଂସଦ ସଭାପତି ଡା. ଭାରତ ଭୂଷଣ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବିଶିଷ୍ଟ ଅତିଥି ପ୍ରଫେସର୍ ସଦାଶିବ ପ୍ରଧାନ ,ସମ୍ମାନିତ ଅତିଥି ପୌରାଧକ୍ଷା ଶାନ୍ତି ମଞ୍ଜରୀ ଦେଇ ଓ ହୃଦାନନ୍ଦ ଶର୍ମା, ମୁଖ୍ୟବକ୍ତା ଡା.ମନୋଜ ପ୍ରଧାନ, ସମ୍ମାନିତ ବକ୍ତା ସୁବାସ ଚନ୍ଦ୍ର ନାୟକ ମଞ୍ଚାସିନ ଥିଲେ। ସମ୍ପାଦକ ଅଧ୍ୟାପକ ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନିରଞ୍ଜନ ଦ୍ୱିବେଦୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ମିସ୍ ଅରୁନ୍ଧତୀ ଦାଶ ଓ ଜ୍ୱେସିନୀ ସୁଣ୍ଡେଲ, ସିଦ୍ଧିପ୍ରଜ୍ଞା ବେହେରା, ଆଦ୍ୟାଶା ପ୍ରଧାନ ନୃତ୍ୟ ପରିବେଷଣ କରିଥିଲେ। ସୁମିତ୍ରା ପୁରୋହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତିବର୍ଷ ଭଳି ସଂସଦର ମୁଖପତ୍ର ପଦରେଣୁ୨୦୨୩ ଉନ୍ମୋଚିତ ହୋଇଯାଇଛି। ଚଳିତ ବର୍ଷ ବାମଣ୍ଡାଶ୍ରୀ-୨୦୨୩ ଡା. ପଦ୍ମନାଭ ସାହୁ, ସାରସ୍ୱତ ସମ୍ମାନ ୨୦୨୩ ଡା. ମନୋଜ ପ୍ରଧାନ, ହୃଦାନନ୍ଦ ଶର୍ମା, ଗୋଲବଦନ ବିଶ୍ୱାଳ, ନାଟ୍ୟକଳା ସମ୍ମାନ୨୦୨୩ ପାଲାଗାୟିକା ସରସ୍ୱତୀ କିଷାନ, ଯୁବ ପ୍ରତିଭା ସମ୍ମାନ୨୦୨୩ ମଧୁସ୍ମିତା, କ୍ରୀଡ଼ା ସମ୍ମାନ୨୦୨୩ ରଞ୍ଜିତା ମିଞ୍ଜ, ବାମଣ୍ଡା ସ୍ୱଚ୍ଛ ପରିବେଶ ସମ୍ମାନ୨୦୨୩ ଯୁଆଁଳିଭଙ୍ଗା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟାନନ୍ଦ ବେହେରା, ବାମଣ୍ଡା ସ୍ୱାସ୍ଥ୍ୟସେବା ସମ୍ମାନ୨୦୨୩ ରାଜଲକ୍ଷ୍ମୀ କୌର, ବାମଣ୍ଡା ସମାଜସେବା ସମ୍ମାନ୨୦୨୩ ଫ୍ରେଣ୍ଡସ୍ କ୍ଲବ, ବୁଢାପାଳ ହିମାଂଶୁ ଶେଖର ବିଶ୍ୱାଳ, ଦେବଦତ୍ତ ସ୍ମୃତି ପୁରସ୍କାର୨୦୨୩ ଦେବାଶିଷ ନାଏକ, ଆଶୁତୋଷ ସାହୁ, ଆଇନଜୀବୀ ସେବା ସମ୍ମାନ୨୦୨୩ ମାଧବ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସ୍ୱରଚିତ କବିତାପାଠ କରାଯାଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ନିରଞ୍ଜନ ଦ୍ୱିବେଦୀ। ମୁଖ୍ୟଅତିଥି ମୁରଲିଧର ନାଏକ, ସମ୍ମାନିତ ଅତିଥି ଗୋଲବଦନ ବିଶ୍ୱାଳ, ଫକୀର ମୋହନ ଦେହୁରୀ ମଞ୍ଚାସିନ ଥିଲେ। କବିତା ସଂଯୋଜନା କରିଥିଲେ ପଦ୍ମିନୀ ଦାଶମହାପାତ୍ର ଓ ପଦ୍ମିନୀ ସାହୁ। ନିରଞ୍ଜନ ଦ୍ୱିବେଦୀଙ୍କ "ସ୍ୱଭାବ କବି ଗଙ୍ଗାଧରଙ୍କ କୀଚକ ବଧ କାବ୍ୟ ଏକ ଅନ୍ୱେଷଣ" - ଏଥିରେ ଚିତ୍ତରଞ୍ଜନ ନାଏକ,କୁନ୍ତୀ ସାହୁ, ହିମାଂଶୁ ଶେଖର ବିଶ୍ୱାଳ, ଡିଲେଶ୍ୱର ପ୍ରଧାନ, ଧିରେନ୍ଦ୍ର କୁମାର ନାଏକ,ମିଥୁନ ନାଏକ ସହଯୋଗ କରିଥିଲେ। ବହୁସଂଖ୍ୟାରେ କବି କବୟିତ୍ରୀ, ଶ୍ରୋତା ଓ ଦର୍ଶକ ଯୋଗଦେଇଥିଲେ।

# ଯିମଖାନା ରାଉରକେଲା ବିଜୟୀ

**ବାମଣ୍ଡା କପ କ୍ରିକେଟ**

ଦେବଗଡ଼,୨୪।୧୨
(ଶଶାଙ୍କ ଶେଖର ଝାଙ୍କର)

ଇନ୍ଦିରାଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଥିବା ୩୩ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ରାଇଜିଙ୍ଗ ଷ୍ଟୁଡେଣ୍ଟ୍ କଟକ ଓ ଜିମଖାନା ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ରାଇଜିଙ୍ଗ ଷ୍ଟୁଡେଣ୍ଟ୍ କଟକକୁ ୩ ଉଇକେଟରେ ପରାସ୍ତ କରି ଜୀମଖାନା ରାଉରକେଲା ବିଜୟୀ ହେଇଥିଲା। କଟକ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୬ଟି ଉଇକେଟ୍ ହରାଇ ୧୫୩ ରନ୍ କରିଥିଲା। ରାଉରକେଲା ଦଳର ପାଞ୍ଚ ଜଣ ଖେଳାଳି ଗୋଟାଏ ଲେଖାଏଁ ଉଇକେଟ ନେଇଥିଲେ। ଏହାର ଜବାବରେ ରାଉରକେଲା ଦଳ ବ୍ୟାଟିଂ କରି ୧୯.୩ ଓଭରରେ ୭ଟି ଉଇକେଟ୍ ହରାଇ ୧୫୪ ରନ୍ କରି ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ, ରିତିକ୍ ଦେହୁରୀ,ବେଣୁଧର ଗଡନାଏକ, ଜନ୍ମଜୟ ନାୟକ ଧାରାବିବରଣୀ ପ୍ରଦାନ କରିଥିଲେ। ଭଲ ଖେଳ ପ୍ରଦର୍ଶନ ପାଇଁ ରାଉରକେଲା ଦଳର ସ୍ୱସ୍ତିକ ସାମଲଙ୍କୁ ମେନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା। କ୍ଲବ ସମ୍ପାଦକ ସୁଜିତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ ଓ ଯୁବନେତା ଯୋଗେଶ ପ୍ରଧାନ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସକ୍ରିୟ ସୋହଯୋଗରେ ଖେଳ ଅନୁଷ୍ଠିତ ହୋଇଥିଲା। ସୋମବାର ଅନୁଗୋଳ କ୍ରିକେଟ କ୍ଲବ ଓ ଯିମଖାନା ରାଉରକେଲା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଚଳିତ ବର୍ଷ ପ୍ରଥମ ଥରପାଇଁ ଖେଳର ସିଧାପ୍ରସାରଣ ୟୁଟ୍ୟୁବର କ୍ରିକେଟ୍ କ୍ୟାର୍ ଚେନାଲ୍‌ରେ କରାଯାଇଛି।



ସ୍ୱସ୍ତିକ ସାମଲଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# କାରଗିଲ କପ୍ ଫୁଟବଲ: ସୁନ୍ଦରଗଡ଼ ଚାମ୍ପିୟନ


ଖେଳାଳିଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

କୁଚିଣ୍ଡା,୨୪।୧୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ସଗରାଠାରେ କାରଗିଲ କ୍ଲବ ପକ୍ଷରୁ ଚାଲିଥିବା ପଞ୍ଚଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା ଓ ଦେବଗଡ ଜିଲାର ମୋଟ ୩୨ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ସୁନ୍ଦରଗଡ଼ (ଟୁଙ୍ଗିମଟି) ଓ ଡଙ୍ଗାଯୋର (ସମଲେଶ୍ୱରୀ କ୍ଲବ) ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ସ୍କୋର କରିପାରି ନ ଥିଲେ। ଟ୍ରାଇବ୍ରେକର ଜରିଆରେ ସୁନ୍ଦରଗଡ଼ ଦଳ ଚାମ୍ପିୟନ ହୋଇଥିଲା। ଖେଳକୁ ରେଫରୀ ଭାବେ ରାଜେନ୍ଦ୍ର ଖାଲକୋ, ଜିତେନ୍ଦ୍ର ଲାକ୍ରା, କଲିନ ଲାକ୍ରା, ଧର୍ମେନ୍ଦ୍ର ବାଡା ପରିଚାଳନା କରିଥିଲେ। କ୍ଲବ ସଭାପତି ଅରୁଣ ବାବାଙ୍କ ସଭାପତିତ୍ୱରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ, ଜିଲା ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଟପ୍ପୋ,ସରପଞ୍ଚ ଗୋଲାପି ବାଘ, ସମିତି ସଭ୍ୟ ହାବିଲ ଏକ୍କା, ୱାର୍ଡ ମେମ୍ବର ଯୋଗେଶ୍ୱର ମାଝି, ଶିକ୍ଷକ ଅମିତ ବିଶ୍ୱାଳ, ଉଦୟନାଥ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିଗଣ ଚାମ୍ପିୟନ ସୁନ୍ଦରଗଡ଼ ଦଳକୁ ଟ୍ରଫିସହ ୨୫ ହଜାର ଟଙ୍କା ଓ ରନର୍ସଅଫ ଡଙ୍ଗାଯୋର ଦଳକୁ କପ୍ ସହ ୨୦ହଜାର ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ କାର୍ତ୍ତିକ ବାଘ ଓ ଯୋଗାଣ ସହାୟକ ସଞ୍ଜିତ ପଟେଲଙ୍କ ସହ କ୍ଲବ ମେମ୍ବର ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ୧୯୯୮ ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ


ଉପସ୍ଥିତ ପୁରାତନ ଛାତ୍ର।

ଦେବଗଡ,୨୪।୧୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାର ସର୍ବପୁରାତନ ରାଜା ବାସୁଦେବ ହାଇସ୍କୁଲର ୧୯୯୮ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଙ୍କ ଏକ ବନ୍ଧୁମିଳନ ତିଲେଇବଣି ବ୍ଲକ ସୁଗୁଡା ନିକଟସ୍ଥ ଗଡ଼ପାଲ ବ୍ରିଜ ପାଖ ଏକ ଆମ୍ବ ତୋଟା ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ସେଠାରେ ନବବର୍ଷକୁ ସ୍ୱାଗତ ଜଣାଇ ଆଲୋଚନା ମାଧ୍ୟମରେ ଛାତ୍ର ଜୀବନର ଅନୁଭୂତି ସ୍ମୃତିଚାରଣ କରିବା ସହ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲେଚନା କରି ସମସ୍ତେ ଏଥିରେ ସାମିଲହୋଇ ସହଯୋଗ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏହି ବନ୍ଧୁମିଳନରେ ବିନୁ ସ୍ୱାଇଁ, ବୁନୁ ଆଚାର୍ଯ୍ୟ,ଡା, ସଞ୍ଜୟ ମାଝି, ଅରବିନ୍ଦ ନନ୍ଦ, ବିଜୁ ପାତ୍ର, ରମାଞ୍ଚଳ ସାମଲ, ରାଜେଶ ସାହୁଙ୍କ ସମେତ ଅନେକ ଛାତ୍ର ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ପଦ୍ମ ଲୋଚନ ସାହୁଙ୍କ ବାସଭବନକୁ ଯାଇ ଆଲୋଚନା କରିବା ସହ ସମ୍ବର୍ଦ୍ଧିତ କରିଥିଲେ।

# ସମ୍ବଲପୁରୀ ଲୋକ ସାହିତ୍ୟର ପ୍ରସ୍ତୁତି ବୈଠକ

ସମ୍ବଲପୁର,୨୪।୧୨(ବି.ଶଙ୍କର)

ସମ୍ବଲପୁରୀ ଲୋକ ସାହିତ୍ୟ ହିନ୍ଦୀ ସଂସ୍କରଣର ପ୍ରସ୍ତୁତି ବୈଠକ ରବିବାର ସମ୍ବଲପୁରସ୍ଥିତ ଚିତ୍ରଗୁପ୍ତ କଲ୍ୟାଣ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଅରୁଣ ହୋତାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଡ.ଦ୍ୱାରିକାନାଥ ନାୟକ, ଡ. ଗୌରିଦାସ ପଧାନ, ଡ.ସିଦ୍ଧାର୍ଥ ପଣ୍ଡା, ଡ. ସ୍ୱୟଂପ୍ରକାଶ ପଣ୍ଡା, ଡ. ରଶ୍ମୀରେଖା ଜେନା, ଡ.ସୁରେଖା ନାୟକ ପ୍ରମୁଖ ଗବେଷିକା ଗବେଷକମାନେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏହି ହିନ୍ଦି ସଙ୍କଳନରେ ସମ୍ପୃକ୍ତ ଡ. ସଞ୍ଜୟ କୁମାର ସିଂ ଓ କୁମାର ହାସନଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଆଗ୍ରା କେନ୍ଦ୍ରିୟ ହିନ୍ଦୀ ସଂସ୍ଥାନ ଦ୍ୱାରା ପ୍ରକାଶିତ ହେବାକୁ ଥିବା ସମ୍ବଲପୁରୀ ଲୋକ ସାହିତ୍ୟର ହିନ୍ଦୀ ସଂସ୍କରଣକୁ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନୁମୋଦନ କରିଛନ୍ତି। ସମଗ୍ର ଦେଶର ଲୋକ ସାହିତ୍ୟ ଉପରେ ସ୍ୱତନ୍ତ୍ର ସଂସ୍କରଣ ପ୍ରସ୍ତୁତ ହେଉଛି । ଏହି କ୍ରମରେ ସମ୍ବଲପୁରୀ ଲୋକ ସାହିତ୍ୟ ଉପରେ ହେବାକୁ ଥିବା ସଂସ୍କରଣ ଭାରତୀୟ ପାଠିକାପାଠକମାନଙ୍କୁ ଏହି ଅଞ୍ଚଳର ଲୋକ ସାହିତ୍ୟର ବୈଶିଷ୍ଟ ଜଣାଇବାରେ ସହାୟକ ହେବ।

# ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ

ଦେବଗଡ଼,୨୪।୧୨
(ଶଶାଙ୍କ ଶେଖର ଝାଙ୍କର)



ଚାମ୍ପିୟନ ଦଳକୁ ଚେକ୍ ଓ ଟ୍ରଫି ପ୍ରଦାନ କରାଯାଉଛି।

ତିଲେଇବଣି ବ୍ଲକ ଦୁଧିଆନାଳୀ ପଞ୍ଚାୟତର ଜାମ୍ବୁନାଳୀ କଲୋନୀ (ଭେରୁବଣି)ଖେଳ ପଡିଆ ଠାରେ ଭାଇଭାଇ ଯୁବକ ସଂଘ ଆନୁକୂଲ୍ୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ଦ୍ୱି ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାମଣ୍ଡା ଏଫ୍‌ସିକୁ ପରାସ୍ତ କରି ସମ୍ବଲପୁର ଜିଲା କୁଚିଣ୍ଡାର କିରା ଶାସନ ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଛି। ଆୟୋଜକ ଭାଇ ଭାଇ ଯୁବକ ସଂଘ ସଭାପତି ରଞ୍ଜନ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଜିଲା ସରପଞ୍ଚ ସଂଘ ସଭାପତି ତଥା ଓଡିଶା ସରପଞ୍ଚ ମହାସଂଘର ମୁଖ୍ୟ ଉପଦେଷ୍ଟା ସତ୍ୟ ନାରାୟଣ ପାଣି ଓ ଜିଲା ପରିଷଦ ସଦସ୍ୟା ପୁଷ୍ପାଞ୍ଜଳି ସାମଲ ଯୋଗଦେଇ ଚାମ୍ପିୟନ କିରା ଶାସନ ଫୁଟ୍‌ବଲ ଦଳକୁ ଟ୍ରଫିସହ ନଗଦ ୨୨ ହଜାର ଟଙ୍କା ଓ ରନର୍ସ ଅପ୍ ବାମଣ୍ଡା ଏଫ୍‌ସିକୁ ଟ୍ରଫିସହ ନଗଦ ୧୮ ହଜାର ଟଙ୍କା ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଦୁଧିଆନାଳୀ ସରପଞ୍ଚ ଉଦୀତ ନାୟକ, ତାବଡା ସେବା ସମବାୟ ସମିତି ସଭାପତି ପ୍ରକାଶ କୁମାର ଆଚାର୍ଯ୍ୟ, ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର, ରୂପାନନ୍ଦ ସାହୁ, ମହେଶ୍ୱର ପ୍ରଧାନ, ଗିରିଧାରୀ ନାୟକ, ବିପ୍ର ଚରଣ ଜୟପୁରିଆ, ପ୍ରହ୍ଲାଦ ନାୟକ, ତରଣୀସେନ ପ୍ରଧାନ ଓ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସଂଘ ସମ୍ପାଦକ ବାଉରୀବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବଲାଙ୍ଗୀର ଫୁଟବଲ୍ ଟିମ୍ ଚାମ୍ପିୟନ

**ପୂର୍ଣ୍ଣଚନ୍ଦ୍ର ସାହୁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ସମ୍ବଲପୁର/ପଡ଼ିଆବାହାଲ, ୨୪।୧୨
(ଭବାନୀଶଙ୍କରଭୋଇ/ ରାଧାମୋହନ ଷଡ଼ଙ୍ଗୀ)


ଫୁଟବଲ ଟୁର୍ନାମେଣ୍ଟରେ ଅତିଥି ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତ ରାଧାକୃଷ୍ଣ ଯୁବକ ସଂଘ କବରାପାଲି ପକ୍ଷରୁ ରବିବାର ପୂର୍ଣ୍ଣଚନ୍ଦ୍ର ସାହୁ ସ୍ମାରକୀ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଓ ବରଗଡ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଫୁଟବଲ ଦଳ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଶାସନିକ ଅଧିକାରୀ ଗୋପିନ୍ଦ୍ର ଭୋଇ ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ମାଧବ ମିର୍ଦ୍ଧା, ଯୁଯୁମୁରା ଯୋନ-୧ ଜିଲା ପରିଷଦ ସଦସ୍ୟା କବିତା ସାହୁ, କବରାପାଲି ସରପଞ୍ଚ ଅନ୍ତର୍ଯ୍ୟାମୀ ପ୍ରଧାନ, ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ନୂଆଁ ବରଙ୍ଗାମାଲ ସରପଞ୍ଚ ସେବୀକା ସାହୁ, କୁକୁଡାପାଲି ସରପଞ୍ଚ ଗୀତାଞ୍ଜଳି ଦେହୁରୀ, ବାହାମ ସମବାୟ ସେବା ସମିତିର ପୂର୍ବତନ ସଭାପତି ଅଶୋକ ପୁରୋହିତ, କ୍ରୀଡା ଶିକ୍ଷକ ଲକ୍ଷ୍ମନାଥ ଓ ସାମାଜିକ କର୍ମୀ ଡାକ୍ତର ରାଜାରାମ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଜିଲା ପରିଷଦ ସଦସ୍ୟା କବିତା ସାହୁ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ ୮ଟିମ ଅଂଶଗ୍ରହଣ କରିଥିଲେ। ଅରୁଣ ଭୋଇ, ପରେଶ ଭୋଇ, ପରେଶ ମିର୍ଦ୍ଧା, ଲିଙ୍ଗରାଜ ପ୍ରଧାନ, ରୋସନ ଖାନ, ବିଜୟ ଓରାମ ରେଫରି ଭାବେ ରହି ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆନ୍ତର୍ଜାତୀୟ ଫୁଟବଲ ଖେଳାଳି ଶ୍ରୀକାନ୍ତ ଭୋଇ, ଲକ୍ଷ୍ମଣ ନାଥ, ଡା.ରାଜାରାମ ଷଡଙ୍ଗୀଙ୍କ ଭଳି ୧୫ରୁ ଊର୍ଦ୍ଧ୍ୱ ପ୍ରତିଭାଧାରୀ ଓ ପୂର୍ଣ୍ଣଚନ୍ଦ୍ରଙ୍କ ବନ୍ଧୁଙ୍କୁ ସମ୍ମାନିତ କରାଯିବା ସହିତ କୃତି ପ୍ରତିଯୋଗୀ ଓ ଖେଳାଳିଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏହାକୁ ସୁରେନ୍ଦ୍ର ବର୍ଗତ୍ତି ସଂଯୋଜନା କରିଥିବାବେଳେ ଶେଷରେ ସଞ୍ଜୟ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ରସାୟନ ବିଜ୍ଞାନ



ଏମ୍. ବାଓ୍ୱେଣ୍ଡି ଲୁଇସ ବ୍ରୁସ୍ କେ. ଏକିମୋଭ

ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଛନ୍ତି ମାସାଚ୍ୟୁସେଟ୍ସ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ମୋଉଙ୍ଗୀ ଗ୍ରାବିଏଲ୍ ବାଓ୍ୱେଣ୍ଡି, ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଲୁଇସ୍ ଇଉଜେନ୍ ବ୍ରୁସ ଏବଂ ନ୍ୟୁୟର୍କସ୍ଥିତ ନାନୋକ୍ରିଷ୍ଟାଲ ଟେକ୍ନୋଲୋଜି କମ୍ପାନୀର ଆଲେକ୍ସି ଇଭାନୋଭିଚ୍ ଏକିମୋଭ୍। କ୍ୱାଣ୍ଟମ୍ ଡଟ୍ ଆବିଷ୍କାର ଲାଗି ସେମାନଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। କ୍ୱାଣ୍ଟମ୍ ଡଟ୍ ହେଉଛି ଅର୍ଦ୍ଧ ପରିବାହୀ ନାନୋ ସ୍ଫଟିକ। ତହିଁରେ ଥିବା କଣିକାଗୁଡ଼ିକର ବ୍ୟାସ ମାତ୍ର କେତେ ନାନୋମିଟର। ବର୍ତ୍ତମାନ ବାଓ୍ୱେଣ୍ଡି ମାସାଚ୍ୟୁସେଟ୍ସ ଇନ୍ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରେ ପ୍ରଫେସର ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି। ବ୍ରୁସ୍ ବର୍ତ୍ତମାନ ଏଟି ଏଣ୍ଡଟି ବେଲ୍ ଲାବୋରେଟୋରିରେ ପ୍ରଫେସର ରୂପେ କାର୍ଯ୍ୟରତ। ଏକିମୋଭ ଆମେରିକା ଆସି ନାନୋ କ୍ରିଷ୍ଟାଲ ଟେକ୍ନୋଲୋଜି କମ୍ପାନୀରେ ବୈଜ୍ଞାନିକ ରୂପେ କାର୍ଯ୍ୟ କରୁଛନ୍ତି।

## ଭେଷଜ ବିଜ୍ଞାନ



ଡି.ଓ୍ୱେଇସ୍ମ୍ୟାନ୍ କେ.କ୍ୟାରିକୋ

ଅତି ଫଳପ୍ରଦ ମେସେଞ୍ଜର ଆର.ଏନ.ଏ. ପ୍ରତିଷେଧକ ଟିକାର ବିକାଶ ଲାଗି ୬୮ ବର୍ଷ ବୟସ୍କା ହଙ୍ଗେରୀର ମହିଳା ଜୀବ ରସାୟନ ବିଜ୍ଞାନୀ କାଟାଲିନ୍ କାରିକୋ ଏବଂ ୬୪ ବର୍ଷ ବୟସ୍କ ଆମେରିକୀୟ ଭେଷଜ ବିଜ୍ଞାନୀ ତଥା ଶରୀର ପ୍ରତିରକ୍ଷାତନ୍ତ୍ର ବିଶେଷଜ୍ଞ ଡ୍ରିଉ ଓ୍ୱେଇସମ୍ୟାନ୍ଙ୍କୁ ଭେଷଜ ବିଜ୍ଞାନ ପାଇଁ ଚଳିତ ବର୍ଷର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଫେସର କାରିକୋ ସମ୍ପ୍ରତି ସେଜେଟ୍ ୟୁନିଭର୍ସିଟିରେ ପ୍ରଫେସର ତଥା ୟୁନିଭର୍ସିଟି ଅଫ ପେନ୍ସିଲଭାନିଆ ଅଧୀନ ସ୍କୁଲ ଅଫ ମେଡିସିନ୍‌ରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ। ଭେଷଜ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିବାରେ ସେ ହେଉଛନ୍ତି ୧୩ତମ ମହିଳା। ଅନ୍ୟପକ୍ଷରେ ଆମେରିକାର ଇନ୍ଷ୍ଟିଚ୍ୟୁଟ ଅଫ୍ ଆର.ଏନ୍.ଏ. ଇନୋଭେନ୍ସର ନିର୍ଦ୍ଦେଶକ ତଥା ରବର୍ଟ୍ସ ଫାମିଲି ପ୍ରଫେସର ଭାବେ ଅଧିଷ୍ଠିତ ରହି ଆସିଛନ୍ତି ଡ୍ରିଉ ଓ୍ୱେଇସ୍ମ୍ୟାନ୍।

## ପଦାର୍ଥ ବିଜ୍ଞାନ

ଅତି କ୍ଷୁଦ୍ର ସ୍ପନ୍ଦବିଶିଷ୍ଟ ଆଲୋକ ସୃଷ୍ଟି କରି ଏବଂ ଏହା ସାହାଯ୍ୟରେ ତୀବ୍ର ବେଗରେ ଗତି କରୁଥିବାର ଇଲେକଟ୍ରନଗୁଡ଼ିକୁ ସହଜରେ ଅଧ୍ୟୟନ କରିହୁଏ। ଏଭଳି ଉପାୟ ଆବିଷ୍କାର କରିଥିବାରୁ ତିନି ଜଣ ବୈଜ୍ଞାନିକ- ଯୁକ୍ତରାଷ୍ଟ୍ର ଆମେରିକାର ପାଇରେ ଏଗୋଷ୍ଟିନି, ଜର୍ମାନୀର ଫେରେଙ୍କ୍ କ୍ରାଉଜ୍ ଏବଂ ସୁଇଡେନ୍‌ର ଆନି ଲ'ହ୍ୟୁଲିୟରଙ୍କୁ ଚଳିତ ବର୍ଷର ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି। ଏହି ତିନି ବୈଜ୍ଞାନିକଙ୍କ କାର୍ଯ୍ୟ ପଦାର୍ଥ



ପି.ଏଗୋଷ୍ଟିନି ଏଫ.କ୍ରାଉଜ୍ ଏ.ହ୍ୟୁଲିୟର

ବିଜ୍ଞାନରେ ଏକ ନୂତନ ଆଶା ଆରମ୍ଭ କଲା, ଯାହାକୁ 'ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ' କୁହାଯାଉଛି। ବର୍ତ୍ତମାନ ଲ'ହ୍ୟୁଲିୟର ସୁଇଡେନ୍‌ର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ପ୍ରଫେସର, କ୍ରାଉଜ୍ ଜର୍ମାନୀର ଗାର୍ସିଙ୍ଗସ୍ଥିତ ପ୍ଲାଙ୍କ୍ ଇନଷ୍ଟିଚ୍ୟୁଟ୍ ଅଫ କ୍ୱାଣ୍ଟମ ଅପ୍ଟିକସ୍‌ର ନିର୍ଦ୍ଦେଶକ ଏବଂ ପାଇରେ ଏଗୋଷ୍ଟିନି ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବସ୍ସ୍ଥିତ ଓହିଓ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

# ଚନ୍ଦ୍ରୟାନ-୩

ମହାକାଶ ବିଜ୍ଞାନ କ୍ଷେତ୍ରରେ ଭାରତ ଚଳିତ ବର୍ଷ ଏକ ବିରଳ ସଫଳତା ହାସଲ କରିଛି। ଚନ୍ଦ୍ର ଅଭିମୁଖେ ପ୍ରେରିତ 'ଚନ୍ଦ୍ରୟାନ-୩' ମହାକାଶଯାନକୁ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ) ସଫଳତାର ସହ ଚନ୍ଦ୍ରପୃଷ୍ଠର ଦକ୍ଷିଣ ମେରୁରେ ଅବତରଣ କରାଇପାରିଛି। ଏଭଳି ସଫଳତା ହାସଲ କରିବାରେ ଭାରତ ହେଉଛି ପ୍ରଥମ ଦେଶ। ଚଳିତ ବର୍ଷ ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଉତ୍କ୍ଷେପଣ କେନ୍ଦ୍ରରୁ 'ଏଲ୍‌ଭିଏମ୍୩ଏମ୪' ରକେଟ୍ ସାହାଯ୍ୟରେ 'ଚନ୍ଦ୍ରୟାନ-୩'କୁ ପ୍ରେରଣ କରାଯାଇଥିଲା। ଏହି ଯାନଟି ପୂର୍ବ ନିର୍ଦ୍ଧାରିତ ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା। ଏହାପୂର୍ବରୁ ଇସ୍ରୋ ୨୦୦୮ ଅକ୍ଟୋବରରେ 'ଚନ୍ଦ୍ରୟାନ-୧' ଏବଂ ୨୦୧୯ ଜୁଲାଇରେ 'ଚନ୍ଦ୍ରୟାନ-୨'କୁ ପ୍ରେରଣ କରିଥିଲା।



## ପୃଥିବୀ ସଦୃଶ ଗ୍ରହ ଚିହ୍ନଟ

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' ଚଳିତ ବର୍ଷ ମହାକାଶରେ ଅବିକଳ ପୃଥିବୀ ସଦୃଶ ଏକ ଗ୍ରହକୁ ଚିହ୍ନଟ କରିଛି। କେବଳ ଆକାର ନୁହେଁ, ଆମ ଗ୍ରହ ସହ ଏହାର ଆକାର, ଭୌଗୋଳିକ ଗଠନ ମଧ୍ୟ ଅନେକାଂଶରେ ମିଶିଯାଉଛି। ଏ ନେଇ 'ନାସା'ର ଟ୍ରାଞ୍ଜିଟିଂ ଏକ୍ସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍ ସହଯୋଗରେ ଏଭଳି ଗ୍ରହଟିକୁ ଠାବ କରାଯାଇଛି। 'ଟିଓଆଇ ୭୦୦ ଇ' ନାମରେ ନାମିତ ଏହି ଗ୍ରହରେ ଜୀବସତ୍ତା ସମ୍ଭବ ବୋଲି ମହାକାଶ ବିଜ୍ଞାନୀମାନେ ଆକଳନ କରିଛନ୍ତି।

## ଜନପ୍ରିୟ ବିଜ୍ଞାନ ଲେଖା ପାଇଁ ଜାତୀୟ ପୁରସ୍କାର



ମାୟାଧର ସ୍ୱାଇଁ

ବିଶିଷ୍ଟ ବିଜ୍ଞାନ ଲେଖକ ଇଂ. ମାୟାଧର ସ୍ୱାଇଁଙ୍କୁ ଚଳିତ ବର୍ଷ ଜନପ୍ରିୟ ବିଜ୍ଞାନ ଲେଖା ଲାଗି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏ ବର୍ଷ ବିଜ୍ଞାନ ଦିବସ ଅବସରରେ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ନୂଆଦିଲ୍ଲୀରେ ପ୍ରଦାନ କରାଯାଇଥିଲା। ଧରିତ୍ରୀ ଖବରକାଗଜର ସ୍ୱାସ୍ଥ୍ୟ ବିଜ୍ଞାନ ଏବଂ ସମ୍ପାଦକୀୟ ପୃଷ୍ଠାର ସେ ଜଣେ ନିୟମିତ ଲେଖକ। ଏହାବ୍ୟତୀତ ବିଭିନ୍ନ ପତ୍ରପତ୍ରିକା ଏବଂ ଖବରକାଗଜରେ ତାଙ୍କ ରଚିତ ୫୦୦ରୁ ଊର୍ଦ୍ଧ୍ୱ ଲେଖା ପ୍ରକାଶ ପାଇସାରିଛି। ଅନ୍ୟପକ୍ଷରେ ସେ ୭୫ଟି ବିଜ୍ଞାନଭିତ୍ତିକ ପୁସ୍ତକ ମଧ୍ୟ ରଚନା କରିଛନ୍ତି।

# ଦିଗନ୍ତ

**ଶେଷ ପାଦରେ ଉପନୀତ ୨୦୨୩। ଚଳିତବର୍ଷ ସ୍ୱାସ୍ଥ୍ୟ ଓ ବିଜ୍ଞାନ କ୍ଷେତ୍ରରେ ସଂଘଟିତ ପ୍ରମୁଖ ଘଟଣାବଳୀକୁ ନେଇ ଉପସ୍ଥାପନା...**

## 'ଅଗ୍ନି ପ୍ରାଇମ୍'ର ସଫଳ ପରୀକ୍ଷା



ଅତ୍ୟାଧୁନିକ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି ପ୍ରାଇମ୍'ର ସଫଳ ପରୀକ୍ଷଣ ଭଦ୍ରକ ଜିଲା ଧାମରା ନିକଟସ୍ଥ ଅବଦୁଲ କଲାମ ଦ୍ୱୀପରୁ କରାଯାଇଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୧୦୦୦-୨୦୦୦ କିମି ରହିଛି। ତିନି ଥର ଟ୍ରାଏଲ ପରୀକ୍ଷା ପରେ ଏହାକୁ ସଫଳତାର ସହ ପରୀକ୍ଷା କରାଯାଇଛି। ଏହା ଭାରତୀୟ ସୈନ୍ୟବାହିନୀକୁ ଆହୁରି ମଜଭୁତ କରିବା ବୋଲି ଆଶା କରାଯାଉଛି।

## 'ଏଚ୍‌ଏସ୍‌ଟିଡିଭି'ର ସଫଳ ପରୀକ୍ଷଣ

ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପରୁ ଡିଆରଡିଓ ପକ୍ଷରୁ ସ୍ୱଦେଶ ଜ୍ଞାନକୌଶଳରେ ନିର୍ମିତ 'ହାଇପରସୋନିକ୍ ଟେକ୍ନୋଲୋଜି ଡେମନଷ୍ଟ୍ରେଟର ଭେଇକିଲ' (ଏଚ୍‌ଏସଟିଡିଭି)ର ସଫଳ ପରୀକ୍ଷଣ କରାଯାଇଛି। ଏହି କ୍ଷେପଣାସ୍ତ୍ର ଶବ୍ଦର ଗତିଠାରୁ ଛଅ ଗୁଣ ଅଧିକ ବେଗରେ ଗତି କରିପାରିବ। ଏଥିରେ ସ୍କ୍ରାମ୍ ଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି।

## ଅଣ୍ଟା ବିନ୍ଧା ହୋଇପାରେ କ୍ୟାନ୍ସର କାରଣ



ଅଣ୍ଟା ବିନ୍ଧା ପରି ସ୍ୱାସ୍ଥ୍ୟ ସମସ୍ୟା ଯଦି ଦୀର୍ଘ ଦିନ ଧରି ଲାଗି ରହେ ତେବେ ଆଉ ଏକ ଗୁରୁତର ରୋଗର ଆପଣ ସମ୍ମୁଖୀନ ହୋଇପାରନ୍ତି। ଏଭଳି ସତର୍କ ସୂଚନା ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍ସର ବିଶେଷଜ୍ଞମାନେ। ଏକ ସଦ୍ୟତମ ଗବେଷଣାରୁ ସେମାନେ ଏଭଳି କଥା ଜାଣିପାରିଛନ୍ତି। ଦୀର୍ଘକାଳୀନ ଅଣ୍ଟା ବିନ୍ଧା ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣିପାରିଥିଲେ। ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କଠାରେ କ୍ୟାନ୍ସର ଲକ୍ଷଣ ଦେଖିବାକୁ ମିଳିଥିଲା। ତେବେ ଅଣ୍ଟା ବିନ୍ଧାଠାରୁ ଦୂରେଇ ରହିବାକୁ ହେଲେ ପ୍ରଥମେ ନିଜ ଓଜନକୁ ସନ୍ତୁଳିତ ରଖନ୍ତୁ। କାରଣ ଓଜନ ବଢ଼ିଲେ ତାହାର ପ୍ରଭାବ ଅଣ୍ଟା ଉପରେ ପଡିଥାଏ।

## ବୁଦ୍ଧିମାନ ରୋବୋ

ଆଜିକାଲି ରୋବୋର ବ୍ୟବହାର ବିଭିନ୍ନ କ୍ଷେତ୍ରରେ ଦେଖିବାକୁ ମିଳୁଛି। ଏପରି କି ଚିକିତ୍ସା ବିଜ୍ଞାନରେ ଏହାକୁ ଉପଯୋଗ କରାଯାଉଛି। ତେବେ ଖୁବ୍ ଶୀଘ୍ର ଆଉ ଏକ ପ୍ରକାର ହାଇଟେକ୍ ରୋବୋ ବଜାରରେ ଉପଲବ୍ଧ ହେବାକୁ ଯାଉଛି। ଏଭଳି ପ୍ରୟାସରେ ବ୍ୟସ୍ତ ଅଛନ୍ତି ବୋଷ୍ଟନ ଡାଇନାମିକ୍ ଫାଉଣ୍ଡରର ଗବେଷକ ମାର୍କ ରାଇବର୍ଟ। ଉକ୍ତ ରୋବୋଟିର ମସ୍ତିଷ୍କ ମନୁଷ୍ୟ ପରି। ଯେ କୌଣସି କଥାକୁ ଏହା ସହଜରେ ବୁଝିପାରିବ। ମଣିଷ ଯେପରି ବୁଦ୍ଧି ବିଚାରି କାମ କରୁଛି ଠିକ୍ ସେହିଭଳି ନିଜର ଉପସ୍ଥିତ ବୁଦ୍ଧି ବଳରେ ସେ ସମ୍ମୁଖୀନ ହେଉଥିବା ସମସ୍ୟାର ଅକ୍ଳେଶରେ ସମାଧାନ କରିପାରିବ। ଏପରି କି କୌଣସି ମନୁଷ୍ୟକୁ ଦେଖିଲେ ସେ ତାହାର ହାବଭାବ, ଚାଲିଚଳଣି ବିଷୟରେ ମଧ୍ୟ ସୂଚନା ଦେଇପାରିବ। କେବଳ ସେତିକି ନୁହେଁ, ଯଦି କୌଣସି ବ୍ୟକ୍ତି ଅସୁବିଧାରେ ପଡିଛନ୍ତି ତେବେ ତାଙ୍କୁ ସାହାଯ୍ୟ ମଧ୍ୟ କରିପାରିବ।




## ଗଗନଯାନ ମିଶନ

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ୨୦୨୫ରେ ନିଜସ୍ୱ 'ଗଗନଯାନ'ରେ ମହାକାଶଚାରୀଙ୍କୁ ମହାକାଶକୁ ପଠାଇବ। ସେମାନେ ପୃଥିବୀଠାରୁ ୪୦୦ କିମି ଉଚ୍ଚରେ ରହି ପୃଥିବୀକୁ ପରିକ୍ରମଣ କରି ତିନି ଦିନ ପରେ ପୃଥିବୀ ପୃଷ୍ଠକୁ ଫେରି ଆସିବେ। ୩.୭ ଟନ୍ ଓଜନ ବିଶିଷ୍ଟ ଏହି ଗଗନଯାନରେ ଦୁଇଟି କୋଠରି ରହିବ। କୌଣସି ଅଘଟଣ ହେଲେ ଏହି ଗଗନଯାନ ମହାକାଶରୁ ମହାକାଶଚାରୀଙ୍କୁ ନିରାପଦରେ ଭୂପୃଷ୍ଠକୁ ଫେରାଇ ଆଣିବାର ବ୍ୟବସ୍ଥା ରହିଛି।

## 'ଆଇଟିସିଏମ୍ କ୍ରୁଜ୍'ର ସଫଳ ପରୀକ୍ଷଣ

ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଟିସିଏମ କ୍ରୁଜ୍ କ୍ଷେପଣାସ୍ତ୍ରର ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ତିନି ନମ୍ବର ଲଞ୍ଚ ପ୍ୟାଡ୍‌ରୁ ସଫଳ ପରୀକ୍ଷଣ କରାଯାଇଛି। ଏହା ହେଉଛି 'ନିର୍ଭୟ' କ୍ଷେପଣାସ୍ତ୍ରର ଅତ୍ୟାଧୁନିକ ପ୍ରଣାଳୀରେ ନିର୍ମିତ ଅନ୍ୟ ଏକ କ୍ଷେପଣାସ୍ତ୍ର। ଏଥିରେ ଶକ୍ତିଶାଳୀ ଟର୍‌ବୋ ଇଞ୍ଜିନକୁ ବ୍ୟବହାର କରାଯାଇଛି।

## ନିଦ୍ରାହୀନତା ଓ ଆଲଜିମର୍ସ

ନିଦ୍ରାହୀନତା ଏଭଳି ଏକ ସମସ୍ୟା ଯାହା ପରୋକ୍ଷରେ କେତେକ ରୋଗକୁ ଡାକି ଆଣିଥାଏ। ଯଦି ଏହା ଦୀର୍ଘ ଦିନ ଧରି ଲାଗିରହେ ତେବେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡ଼ିଥାଏ। ଏପରି କି ଏଥିପାଇଁ ଆଲଜିମର୍ସ ଭଳି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। 'ନିଦ୍ରାହୀନତା ଏବଂ ଆଲଜିମର୍ସ' ବିଷୟ ଉପରେ ଆମେରିକାର ଏକାଡେମୀ ଅଫ୍ ନ୍ୟୁରୋଲୋଜି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏହି ସମୟରେ ନିଦ୍ରାହୀନତା ପରି ସମସ୍ୟା ସହ ଜଡିତ ବ୍ୟକ୍ତିଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ତନ୍ନ ତନ୍ନ କରି ବିଶେଷଜ୍ଞମାନେ ତର୍ଜମା କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କଠାରେ ଆଲଜିମର୍ସ ସମସ୍ୟାର ଲକ୍ଷଣ କେତେକାଂଶରେ ଦେଖିବାକୁ ମିଳିଥିଲା। ଉକ୍ତ ଏକାଡେମୀ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିଦ୍ରାହୀନତା ଯୋଗୁ ମସ୍ତିଷ୍କର କାର୍ଯ୍ୟଧାରା ଧୀରେ ଧୀରେ ବିଗିଡିବାକୁ ଲାଗିଥାଏ। ପରେ ଏହା ଆଲଜିମର୍ସ ରୂପ ଧାରଣ କରିଥାଏ। କେବଳ ସେତିକି ନୁହେଁ, ଠିକ୍ ଭାବରେ ନିଦ ନ ହେଲେ ହୃଦ୍‌ଜନିତ ସମସ୍ୟା ଏପରିକି ବ୍ଲଡପ୍ରେସରର ସମ୍ମୁଖୀନ ହେବାର ଆଶଙ୍କା ରହିଛି।



## ଆଦିତ୍ୟ-ଏଲ୧ କକ୍ଷପଥରେ ଅବସ୍ଥାପିତ



'ଚନ୍ଦ୍ରୟାନ-୩' ସଫଳତା ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚଳିତ ବର୍ଷ ସୌର ମିଶନରେ ମଧ୍ୟ ସଫଳତା ହାସଲ କରିଛି। ଏହାର ପ୍ରଥମ ସୌର ମିଶନ 'ଆଦିତ୍ୟ-ଏଲ୧'କୁ ସୂର୍ଯ୍ୟଙ୍କ ନିକଟକୁ ପଠାଇବାରେ ସକ୍ଷମ ହୋଇଛି। ଚଳିତ ବର୍ଷ ସେପ୍ଟେମ୍ବରରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଏହାକୁ ପୋଲାର ସାଟେଲାଇଟ୍ ଲଞ୍ଚ ଭେଇକିଲ (ପିଏସ୍ଏଲ୍‌ଭି-ସି-୫୭) ସହାୟତାରେ ଉତ୍କ୍ଷେପଣ କରାଯାଇଥିଲା। ଉତ୍କ୍ଷେପଣର ୩୬ ମିନିଟ୍ ପରେ ଆଦିତ୍ୟ-ଏଲ୧' ରକେଟ୍‌ରୁ ଅଲଗା ହୋଇ ପୃଥିବୀର କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏହା ୧୨୫ ଦିନ ଯାତ୍ରାକାଳ ମଧ୍ୟରେ ପୃଥିବୀଠାରୁ ୧୫ ଲକ୍ଷ କିମି ଦୂରରେ ରହି ସୂର୍ଯ୍ୟଙ୍କ ବିଷୟରେ ଅଜଣା ତଥ୍ୟ ସଂଗ୍ରହ କରିବ।

**ସଂକ୍ଷେପରେ**

## ମହିଳା ଇଞ୍ଜିନିୟରଙ୍କୁ ଜିଅନ୍ତା ଜାଳିଦେଲେ

**ଚେନ୍ନାଇ,୨୪।୧୨:** ତାମିଲନାଡୁର ଥାଲାମ୍ବୁରରେ ଜଣେ ମହିଳା ସଫ୍ଟୱେର ଇଞ୍ଜିନିୟରଙ୍କୁ ଚେନ୍‌ରେ ବାନ୍ଧି ଜିଅନ୍ତା ଜାଳିଦିଆଯାଇଛି। ମୃତା ଇଞ୍ଜିନିୟରଙ୍କ ନାଁ ଆର୍. ନନ୍ଦିନୀ(୨୫) ଓ ଘର ମଦୁରାଇ ବୋଲି ଜଣାପଡ଼ିଛି। ପଡୋଶୀମାନେ ତାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ପାଇବା ପରେ ପୋଲିସକୁ ଜଣାଇଥିଲେ। ନନ୍ଦିନୀଙ୍କ ବେକ, ଗୋଡ଼ ଓ ହାତରେ ଗଭୀର କଟାଦାଗ ରହିଛି। ଶନିବାର ରାତିରେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ କରୁଛି। ପୋଲିସ ଟିମ୍ ସନ୍ଦିଗ୍ଧଙ୍କୁ ଚିହ୍ନଟ କରିଥିବାବେଳେ ହତ୍ୟାକାଣ୍ଡରେ ଜଣେ କିନ୍ନର ସମ୍ପୃକ୍ତ ଥିବା ଜଣାପଡ଼ିଛି। ପୋଲିସ କହିବା ଅନୁଯାୟୀ, ନନ୍ଦିନୀଙ୍କ ସହ ତାଙ୍କର ସ୍କୁଲ୍ ସାଙ୍ଗ ପାଣ୍ଡି ମାହେଶ୍ୱରୀ ଏକାଠି ଏକ ସଫ୍ଟୱେର କମ୍ପାନୀରେ ୮ ମାସ ହେଲା କାମ କରୁଥିଲେ। ମାହେଶ୍ୱରୀ ତାଙ୍କ ନାଁ ବଦଳାଇ ଭେଟ୍ରିମାରାନ ରଖିଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ତେବେ ନନ୍ଦିନୀ ଭେଟ୍ରିମାରାନଙ୍କ ସହ ସମ୍ପର୍କ ଛିନ୍ନ କରି ଅନ୍ୟ ସହ ଚାଟିଂରେ ବ୍ୟସ୍ତ ରହିଥିବାରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ପୋଲିସ ଭେଟ୍ରିମାରାନଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

## ଛାତ ଭୁଶୁଡ଼ି ପରିବାରର ୯ ମୃତ

**ପେଶାୱର,୨୪।୧୨(ପି.ଟି.):** ଉତ୍ତରପଶ୍ଚିମ ପାକିସ୍ତାନରେ ରବିବାର ଶର୍ଟ-ସର୍କିଟରୁ ନିଆଁ ଲାଗି ଏକ ମାଟିଘର ଛାତ ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳା ଓ ତାଙ୍କର ୮ ପିଲାଙ୍କ ମୃତ୍ୟୁ ଘଟିଛି। ଖାଇବର ପଖତୁନ୍‌ଖ୍ୱା ପ୍ରଦେଶ ଅବୋଟାବାଦ ଜିଲା ତାହାରି ଗ୍ରାମରେ ଏହି ଦୁଃଖଦ ଘଟଣା ଘଟିଛି। ଖାଇବର ପଖ୍‌ତୁନ୍‌ଖ୍ୱାର କାମଚଳା ମୁଖ୍ୟମନ୍ତ୍ରୀ ଅର୍ଶାଦ ହୁସେନ୍ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି।

## ଦିନକରେ ୬୫୬ କୋଭିଡ୍ ଆକ୍ରାନ୍ତ

**ନୂଆଦିଲ୍ଲୀ,୨୪।୧୨(ପି.ଟି.):** ଭାରତରେ ରବିବାର ୬୫୬ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଦେଶରେ ସକ୍ରିୟ ମାମଲା ସଂଖ୍ୟା ୩,୭୪୨କୁ ବୃଦ୍ଧି ପାଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ କେରଳରେ ଜଣଙ୍କର ମୃତ୍ୟୁ ହେବା ଫଳରେ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୩,୩୩୩ରେ ପହଞ୍ଚିଛି। ସେହିପରି ଦେଶରେ ସଂକ୍ରମଣ ଆରମ୍ଭରୁ ଅଦ୍ୟାବଧି ମୋଟ କୋଭିଡ୍ ମାମଲା ସଂଖ୍ୟା ୪,୫୦,୦୮,୬୨୦ ହୋଇଛି।

## ଶରଣ ପାଇଁ ଫ୍ରାନ୍ସରେ ଅଟକ ୩୦୩ ଭାରତୀୟଙ୍କ ଆବେଦନ

**ନୂଆଦିଲ୍ଲୀ,୨୪।୧୨:** ନିକାରାଗୁଆ ଯାଉଥିବା ଏକ ବିମାନରେ ଚାଲାଣ ସନ୍ଦେହ କରି ଫ୍ରାନ୍ସ କର୍ତ୍ତୃପକ୍ଷ ୩୦୩ ଜଣ ଭାରତୀୟ ଯାତ୍ରୀଙ୍କୁ ଅଟକ ରଖିଥିବାବେଳେ ସେମାନେ ଶରଣ ପାଇଁ ଆବେଦନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ରୋମାନିଆ ଲିଜେଣ୍ଡ ଏୟାରଲାଇନ୍ସର ଉକ୍ତ ବିମାନକୁ ଭାଟ୍ରି ଏୟାରପୋର୍ଟରେ ରଖାଯାଇଛି। ବିମାନଟି ଦୁବାଇରୁ ନିକାରାଗୁଆ ଯାଉଥିଲା। ସେଥିରେ ମାନବ ଚାଲାଣ ହେଉଥିବା ଗୋଇନ୍ଦା ସୂଚନା ପାଇ ଫ୍ରାନ୍ସ କର୍ତ୍ତୃପକ୍ଷ ଏହାକୁ ଅବତରଣ କରାଇଥିଲେ। ୩୦୩ ଭାରତୀୟଙ୍କ ମଧ୍ୟରେ ୧୧ ନାବାଳକ ଅଛନ୍ତି। ଯାତ୍ରୀମାନେ ବିମାନବନ୍ଦରରେ ଅଧିକ ଦିନ ଅଟକ ରହିବେ କି ନାହିଁ ଏନେଇ ଫ୍ରାନ୍ସ ବିଚାରପତିମାନେ ନିଷ୍ପତ୍ତି ନେବେ।

# ଅବସରପ୍ରାପ୍ତ ପୋଲିସ ଅଫିସରଙ୍କୁ ହତ୍ୟାକଲେ ଆତଙ୍କବାଦୀ


ମହମ୍ମଦ ଶଫି ମୀର

**ନୂଆଦିଲ୍ଲୀ,୨୪।୧୨**

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଏକ ମସ୍‌ଜିଦରେ ଆତଙ୍କବାଦୀମାନେ ରବିବାର ସକାଳେ ଜଣେ ଅବସରପ୍ରାପ୍ତ ପୋଲିସ ଅଫିସରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଶିରିବାରମୁଲ୍ଲାର ଗଣ୍ଟମୁଲାଠାରେ ଥିବା ମସ୍‌ଜିଦରେ ଆଜାନ ପାଇଁ ମହମ୍ମଦ

### ମସ୍‌ଜିଦରେ ଗୁଳିମାଡ଼

ଶଫି ମୀର ନାମକ ଅବସରପ୍ରାପ୍ତ ପୋଲିସ ଅଧିକାରୀ ସେଠାକୁ ଯାଇଥିବାବେଳେ ଆତଙ୍କବାଦୀଙ୍କ ଆକ୍ରମଣର ଶିକାର ହୋଇଥିଲେ। ଉକ୍ତ ଅଞ୍ଚଳକୁ ସୁରକ୍ଷା ବଳ ଘେରିରହି ଆତଙ୍କବାଦୀଙ୍କୁ ଧରିବା ଲାଗି ତଲାସି ଚଳାଇଛନ୍ତି। ଆଜାନ ପ୍ରାର୍ଥନା ଚାଲିଥିବାବେଳେ ଘରେ ଥାଇ ହଠାତ୍ ଜୋର୍‌ରେ ଶବ୍ଦ ଶୁଣିବାକୁ ପାଇଥିଲେ ବୋଲି ମୃତ ପୋଲିସ ଅଫିସରଙ୍କ ସମ୍ପର୍କୀୟ ଭାଇ ମହମ୍ମଦ ମୁସ୍ତାଫା ମୀର୍ କହିଛନ୍ତି। ତେବେ ଏହା ଗୁଳି ଶବ୍ଦ କି ନୁହେଁ ସେ ଜାଣି ନ ଥିଲେ। ପରେ ତାଙ୍କ ଝିଅ ଗୁଳିକାଣ୍ଡ ସମ୍ପର୍କରେ ଜଣାଇଥିଲେ ବୋଲି ମୁସ୍ତାଫା କହିଛନ୍ତି। ପୋଲିସ ଅଫିସରଙ୍କୁ ଆତଙ୍କବାଦୀ ହତ୍ୟା କରିବା ଘଟଣାକୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ନିନ୍ଦା କରିଛନ୍ତି।


ଜାନୁୟାରୀ ୨୨ରେ ପ୍ରାଣ ପ୍ରତିଷ୍ଠା ପାଇଁ ଅଯୋଧ୍ୟାର ରାମମନ୍ଦିର କାର୍ଯ୍ୟ ଜୋର୍‌ସୋରରେ ଚାଲିଥିବାବେଳେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ରବିବାର ମନ୍ଦିରର ସଦ୍ୟତମ ଫଟୋ ଶେୟାର କରାଯାଇଛି।

# ଆଉ ଏକ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ

### ତେଲ ଆଣି ଭାରତ ଆସୁଥିଲା

### ଜାହାଜରେ ୨୫ ଭାରତୀୟ ଥିଲେ

**ନୂଆଦିଲ୍ଲୀ,୨୪।୧୨**



ଇସ୍ରାଏଲ୍-ହମାସ୍ ଯୁଦ୍ଧ ଲାଗି ରହିଥିବାବେଳେ ସାମୁଦ୍ରିକ ଉତ୍ତେଜନା ବଢ଼ିଚାଲିଛି। ଦୁଇ ଦିନରେ ଭାରତ ଆସୁଥିବା ଦୁଇଟି ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହେଲାଣି। ଉଭୟ ଜାହାଜରେ ଭାରତୀୟ ନାବିକମାନେ ହିଁ ଥିଲେ। ଶନିବାର ସାଉଦି ଆରବରୁ ମେଙ୍ଗାଲୁରୁକୁ ଅଶୋଧିତ ତୈଳ ଆଣି ଆସୁଥିବା ଜାପାନର ଏକ ଜାହାଜ ଉପରେ ଗୁଜରାଟ ଉପକୂଳରେ ଆକ୍ରମଣ ହୋଇଥିବାବେଳେ ରବିବାର ଲୋହିତ ସାଗରରେ ଭାରତ ଆସୁଥିବା ଏମ୍‌ଭି ସାଇବାବା ଜାହାଜ ଅନୁରୂପ ଆକ୍ରମଣର ସମ୍ମୁଖୀନ ହୋଇଛି। ୨୦୨୧ରୁ ଇତିମଧ୍ୟରେ ବାଣିଜ୍ୟିକ ଜାହାଜ ଉପରେ ଇରାନର ଏହା ସପ୍ତମ ଆକ୍ରମଣ ବୋଲି ପେଣ୍ଟାଗନ ପକ୍ଷରୁ କୁହାଯାଇଛି।

ଅଶୋଧିତ ତୈଳ ଆଣି ଭାରତ ଆସୁଥିବା ଆଉ ଏକ ଜାହାଜ ଉପରେ ରବିବାର ଡ୍ରୋନ ଆକ୍ରମଣ ହୋଇଛି। ଗାବନ ପତାକା ଥିବା ଏମ୍‌ଭି ସାଇବାବା ନାମକ ଏହି ବାଣିଜ୍ୟିକ ଜାହାଜରେ ୨୫ ଭାରତୀୟ ନାବିକ ଥିବାବେଳେ ଲୋହିତ ସାଗରରେ ହୋଉଥି ଆତଙ୍କବାଦୀମାନେ ଡ୍ରୋନ୍ ମାଡ଼ କରିଛନ୍ତି। ତେବେ ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି। ଶନିବାର ଗୁଜରାଟର ପୋରବନ୍ଦରଠାରୁ ୨୧୭ ନଟିକାଲ ମାଇଲ ଦୂର ଆରବ ସାଗରରେ ଏମ୍‌ଭି ଚେମ୍ ପ୍ଲୁଟୋ ଜାହାଜ ଉପରେ ଡ୍ରୋନ୍ ଆକ୍ରମଣ ହୋଇଥିଲା। ତୈଳ ନେଇ ଏହି ଜାହାଜଟି ନ୍ୟୁ ମେଙ୍ଗାଲୁରୁ ଆସୁଥିବାବେଳେ ସେଥିରେ ୨୧ ଭାରତୀୟ ଥିଲେ।

ଏମ୍‌ଭି ସାଇବାବା ଗାବନ ଜାହାଜ ହୋଇଥିଲେ ମଧ୍ୟ ମାଲ୍ ପରିବହନ ପାଇଁ ଭାରତରେ ପଞ୍ଜୀକୃତ ହୋଇଥିଲା। ଭାରତୀୟ ନୌସେନା ସ୍ଥିତି ଉପରେ ନଜର ରଖିଛି। ଏମ୍‌ଭି ବ୍ଲାମାନେନ୍ ନାମକ ନରୱେର ଅନ୍ୟ ଏକ ଜାହାଜ ହୋଉଥି ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛି। ଇସ୍ରାଏଲ୍-ହମାସ୍ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ଲୋହିତ ସାଗରରେ ଇରାନ ସମର୍ଥିତ ହୋଉଥି ବିଦ୍ରୋହୀମାନେ ବିଭିନ୍ନ ଜାହାଜ ଉପରେ ଆକ୍ରମଣ କରୁଛନ୍ତି। ଶନିବାର ଗୁଜରାଟ ଉପକୂଳରେ ଜାପାନର ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣ ଇରାନରୁ ହୋଇଥିଲା ବୋଲି ପେଣ୍ଟାଗନ କହିଛି।

## ଭାଷଣବେଳେ ଟଳିପଡ଼ିଲେ ଆଇଆଇଟି ପ୍ରଫେସର


ସମୀର ଖଣ୍ଡେକର

**କାନପୁର,୨୪।୧୨**

କାନପୁର ବିଶ୍ୱବିଦ୍ୟାଳୟରେ ଜଣେ ୫୫ ବର୍ଷୀୟ ଆଇଆଇଟି ପ୍ରଫେସର ଭାଷଣ ଦେଉଥିବାବେଳେ ହୃଦ୍‌ଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଛି। ଆଇଆଇଟି କାନପୁର ଅଡିଟୋରିୟମରେ ସମୀର ଖଣ୍ଡେକର ନାମକ ପ୍ରଫେସର ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଉଥିବାବେଳେ ଟଳିପଡ଼ିଥିଲେ। ସେ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଭାଷଣ ଦେଉଥିବାବେଳେ ଛାତ୍ରୀଛାତ୍ରଙ୍କୁ ତାଙ୍କର ଶେଷ ବାକ୍ୟ ଥିଲା, 'ନିଜ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଅ'। ଏହାପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରି ବସିପଡ଼ିଥିଲେ। ଫଳରେ ପ୍ରେକ୍ଷାଳୟରେ ଭାବାବେଗ ସ୍ଥିତି ସୃଷ୍ଟି ହୋଇଥିଲା। କିଛି ସମୟ ପରେ ପ୍ରଫେସର ମଞ୍ଚ ଉପରେ ନିସ୍ତେଜ ହୋଇଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ହସ୍ପିଟାଲ ନେବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ୟୁପି, ବିହାରର ହିନ୍ଦୀଭାଷୀ ଲୋକେ ତାମିଲନାଡୁରେ ପାଇଖାନା ସଫା କରୁଛନ୍ତି

**ଚେନ୍ନାଇ,୨୪।୧୨**

ଉତ୍ତରପ୍ରଦେଶ ଏବଂ ବିହାରରୁ ତାମିଲନାଡୁ ଆସୁଥିବା ହିନ୍ଦୀଭାଷୀ ଲୋକମାନେ ଏଠାରେ ନିର୍ମାଣ ଶ୍ରମିକ ଭାବେ କାମ କରୁଛନ୍ତି କିମ୍ବା ରାସ୍ତା ଓ ପାଇଖାନା ସଫା କରୁଛନ୍ତି ବୋଲି ଡିଏମ୍‌କେ ଏମ୍‌ପି ଦୟାନିଧି ମାରାନ ବୟାନ ଦେଇ ବିବାଦଘେରକୁ ଆସିଛନ୍ତି। ଡିଏମ୍‌କେ ଏମ୍‌ପିଙ୍କ ମନ୍ତବ୍ୟର ଏକ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଶେହଜାଦ ପୁନାୱାଲା ଏହାକୁ ଶେୟାର କରିଛନ୍ତି। ଡିଏମ୍‌କେ ନେତାଙ୍କ ବିରୋଧରେ ମୁହଁ ଖୋଲୁ ନ ଥିବା ୨ ରାଜ୍ୟର ଇଣ୍ଡିଆ ବ୍ଲକ୍ ନେତାମାନଙ୍କୁ ପୁନାୱାଲା ସମାଲୋଚନା କରିଛନ୍ତି।

### ଡିଏମ୍‌କେ ନେତାଙ୍କ ବିବାଦୀୟ ବୟାନ


ଦୟାନିଧି ମାରାନ

ମାରାନ ତାଙ୍କ ଭିଡିଓରେ କହିଛନ୍ତି, ତାମିଲନାଡୁ ଆସୁଥିବା ଇଂଲିଶ ପଢୁଆ ଯୁବତୀଯୁବକ ଆଇଟି କମ୍ପାନୀରେ ଚାକିରି ପାଉଥିବାବେଳେ କେବଳ ହିନ୍ଦୀ ପଢ଼ିଥିବା ଲୋକେ ଛୋଟ ଛୋଟ କାମ କରୁଛନ୍ତି। ଡିଏମ୍‌କେ ଏହାକୁ ପୁରୁଣା ଭିଡିଓ କହୁଥିବାବେଳେ ଏଥିପାଇଁ ଇଣ୍ଡିଆ ବ୍ଲକ୍ ଅଡୁଆରେ ପଡ଼ିଛି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ପାଟନାର ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ କହିଛନ୍ତି, ଡିଏମ୍‌କେ ନେତାମାନେ ବିହାରୀମାନଙ୍କୁ ଅପମାନିତ କରିବା ବନ୍ଦ କରନ୍ତୁ। ନୀତୀଶ କୁମାରଙ୍କ ସରକାରରେ ରାଜ୍ୟର ଖରାପ ସ୍ଥିତି ପାଇଁ ବିହାରୀମାନେ ତାମିଲନାଡୁ ଯିବାକୁ ବାଧ୍ୟ ହେଉଥିବା ରବିଶଙ୍କର କହିଛନ୍ତି। ମାରାନଙ୍କ ମତ ସହ କଂଗ୍ରେସ ଏବଂ ଜେଡିୟୁ ମଧ୍ୟ ଏକମତ କି ବୋଲି ରାହୁଲ ଗାନ୍ଧୀ ଓ ନୀତୀଶ କୁମାର ସ୍ପଷ୍ଟୀକରଣ ଦେବାକୁ ଭାଜପା ଦାବି କରିଛି।

## ହମାସ୍ ଆକ୍ରମଣରେ ୧୪ ଇସ୍ରାଏଲୀ ସୈନ୍ୟ ନିହତ

**ତେଲ୍ ଆଭିଭ,୨୪।୧୨**

ଗାଜା ଷ୍ଟ୍ରିପ୍‌ରେ ରବିବାର ଘମାଘୋଟ ଲଢ଼େଇରେ ଇସ୍ରାଏଲ୍‌ର ୧୪ ସୈନ୍ୟ ନିହତ ହୋଇଛନ୍ତି। ଇସ୍ରାଏଲ୍ ଗାଜାରେ ସ୍ଥଳ ଯୁଦ୍ଧ ଆରମ୍ଭ କରିବାଠାରୁ ଏହା ସେମାନଙ୍କ ପାଇଁ ସବୁଠୁ ରକ୍ତରଞ୍ଜିତ ଦିନ। ଇସ୍ରାଏଲ୍‌ର କ୍ରମାଗତ ଆକ୍ରମଣ ସତ୍ତ୍ୱେ ହମାସ୍ ଲଢ଼େଇ ଜାରି ରଖିଥିବା ସ୍ପଷ୍ଟ ହୋଇଛି। ଗତ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀ ଇସ୍ରାଏଲ୍ ଉପରେ ଆକ୍ରମଣ କରିବାରୁ ଏହାର ୧,୨୦୦ ଲୋକଙ୍କ ମୃତ୍ୟୁ ଘଟିବା ସହ ଆତଙ୍କବାଦୀମାନେ ୨୪୦ ଜଣଙ୍କୁ ପଣବନ୍ଦୀ କରିନେଇଥିଲେ। ଏହାପରେ ଇସ୍ରାଏଲ୍‌ର କ୍ରମାଗତ ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ର ୨୦,୪୦୦ରୁ ଅଧିକ ଲୋକ ପ୍ରାଣ ହରାଇଲେଣି। ୨୩ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଗାଜାର ୮୫ ପ୍ରତିଶତ ଲୋକ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଦିନକ ପୂର୍ବରୁ ସେଠାରେ ୧୬୬ ଜଣଙ୍କର ମୃତ୍ୟୁ ଘଟିଥିଲା।

# କେରଳର ୨ ମନ୍ତ୍ରୀଙ୍କ ଇସ୍ତଫା

**ଥିରୁଭାନନ୍ତପୁରମ୍,୨୪।୧୨**

କେରଳର ଦୁଇଜଣ ମନ୍ତ୍ରୀ ରବିବାର ଇସ୍ତଫା ଦେବା ପରେ କ୍ୟାବିନେଟରେ ଅଦଳବଦଳ ପାଇଁ ପଥ ପରିଷ୍କାର ହୋଇଯାଇଛି। ପରିବହନ ମନ୍ତ୍ରୀ ଆଣ୍ଟୋନି ରାଜୁ ଏବଂ ବନ୍ଦର ମନ୍ତ୍ରୀ ଅହମଦ ଦେଭରକୋଭିଲ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ ସେମାନଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ସ୍ଥାନରେ କେ.ବି. ଗଣେଶ କୁମାର ଏବଂ କଡ଼ନାପାଲ୍ଲି ରାମଚନ୍ଦ୍ରନ୍ ନୂଆ ମନ୍ତ୍ରୀ ହେବାକୁ ଯାଉଛନ୍ତି। ଆସନ୍ତା ୨୯ରେ ସେମାନେ ଶପଥ ନେବେ। ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ସହ ହୋଇଥିବା ପ୍ରାକ୍ ନିର୍ବାଚନୀ ଚୁକ୍ତିନାମା ଅନୁଯାୟୀ ମନ୍ତ୍ରିମଣ୍ଡଳରେ ଅଦଳବଦଳ କରାଯାଇଛି।

## ୨୦୨୫ ସୁଦ୍ଧା ସୋସିଆଲ ମିଡିଆରୁ ଦୂରେଇବେ ୫୦% ୟୁଜର

**ନୂଆଦିଲ୍ଲୀ,୨୪।୧୨**

ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ରେ ଭୁଲ୍ ତଥ୍ୟର ପ୍ରସାର ଏବଂ ବିଷାକ୍ତୀକରଣ ଯୋଗୁ ବହୁ ୟୁଜର ଅତିଷ୍ଠ ହୋଇପଡ଼ିଲେଣି। ଏହି କାରଣରୁ ଆଗାମୀ ୨୦୨୫ ସୁଦ୍ଧା ୫୦ ପ୍ରତିଶତ ୟୁଜର ସୋସିଆଲ ମିଡିଆରୁ ଦୂରେଇ ଯିବେ ବା ବ୍ୟବହାର ଯଥେଷ୍ଟ କମାଇଦେବେ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। ପୂର୍ବ ୫ ବର୍ଷ ତୁଳନାରେ ବର୍ତ୍ତମାନର ସୋସିଆଲ ମିଡିଆ ସ୍ଥିତି ଖରାପ ହୋଇଗଲାଣି ବୋଲି ୫୩ ପ୍ରତିଶତ ବ୍ୟବହାରକାରୀ ଅନୁଭବ କରୁଥିବା ଗାର୍ଟନର ସର୍ଭେରେ ଜଣାପଡ଼ିଛି। ସେହିପରି ସୋସିଆଲ ମିଡିଆରେ ପ୍ରତ୍ୟାଶିତ ଜେନ୍‌ଏଆଇ ବ୍ୟବହାରର ପ୍ରଭାବକୁ ନେଇ ୭ରୁ ୧୦ ପ୍ରତିଶତ ଗ୍ରାହକ ଚିନ୍ତାବ୍ୟକ୍ତ କରିଛନ୍ତି।



ଜେନ୍‌ଏଆଇର ଅତ୍ୟଧିକ ବ୍ୟବହାର ୟୁଜରମାନଙ୍କ ଅଭିଜ୍ଞତାକୁ କ୍ଷତି ପହଞ୍ଚାଇବ ବୋଲି ସେମାନେ କହିଛନ୍ତି। ଡିଜିଟାଲ ମାର୍କେଟିଂ ପାଇଁ ସୋସିଆଲ ମିଡିଆ ଶୀର୍ଷ ନିବେଶକ ଚ୍ୟାନେଲ୍ ହୋଇଛି। ତେବେ ଗ୍ରାହକମାନେ ଏହାର ବ୍ୟବହାରକୁ ସୀମିତ କରିବା ନିମନ୍ତେ ସକ୍ରିୟ ଭାବେ ଉଦ୍ୟମ କରୁଥିବା ଜଣାପଡ଼ିଛି।

## ଯାଦବପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ବିଦାକଲେ ପଶ୍ଚିମବଙ୍ଗ ରାଜ୍ୟପାଳ

**କୋଲକାତା,୨୪।୧୨**

ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ୍ ଶନିବାର ଯାଦବପୁର ବିଶ୍ୱବିଦ୍ୟାଳୟର ଅନ୍ତରୀଣ କୁଳପତି ବୁଦ୍ଧଦେବ ସାଉଙ୍କୁ ବହିଷ୍କାର କରିଛନ୍ତି। ଉକ୍ତ ବିଶ୍ୱବିଦ୍ୟାଳୟର ବାର୍ଷିକ ସମାବର୍ତ୍ତନ ଉତ୍ସବ ରବିବାର ଅନୁଷ୍ଠିତ ହେବାର ଥିଲା। ଗତ ଅଗଷ୍ଟରେ ରାଜ୍ୟପାଳ ବୋଷ୍ ବୁଦ୍ଧଦେବଙ୍କୁ କାମଚଳା କୁଳପତି ଭାବେ ନିଯୁକ୍ତି ଦେଇଥିଲେ। ଏବେ ଉକ୍ତ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିନିଆଯାଇଛି। ରାଜ୍ୟପାଳ ତଥା ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ ବିରୋଧ ସତ୍ତ୍ୱେ ଉଚ୍ଚଶିକ୍ଷା ବିଭାଗର ଅନୁମତି ନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୨୪ରେ ସମାବର୍ତ୍ତନ ଉତ୍ସବ ଆୟୋଜନ କରିବାରୁ କୁଳପତିଙ୍କୁ ବିଦା କରାଯାଇଛି। ବିନା ଅନୁମତିରେ ସମାବର୍ତ୍ତନ ଉତ୍ସବ ଆୟୋଜନ ପାଇଁ ଯାହା ଖର୍ଚ୍ଚ ହୋଇଛି, ତାକୁ କୁଳପତିଙ୍କ ବେତନରୁ ଭରଣା କରିବା ପାଇଁ ରାଜ୍ୟପାଳ କହିଛନ୍ତି।


ଖ୍ରୀଷ୍ଟମାସ ପାଳନର ଅବ୍ୟବହିତ ପୂର୍ବରୁ ରବିବାର ସୁରଟସ୍ଥିତ ତାପି ନଦୀରେ ଜଣେ ବ୍ୟକ୍ତି ସାଣ୍ଟାକ୍ଲଜ୍ ବେଶରେ ପକ୍ଷୀମାନଙ୍କୁ ଖାଦ୍ୟ ଦେଉଛନ୍ତି।

# ଆଜି ନୌସେନାରେ ସାମିଲ ହେବ ଆଇଏନ୍‌ଏସ୍ ଇମ୍ଫାଲ

**ନୂଆଦିଲ୍ଲୀ,୨୪।୧୨(ପି.ଟି.)**

ବ୍ରହ୍ମୋସ୍ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଇପାରୁଥିବା ମିଶାଇଲ୍‌ରେ ସଜ୍ଜିତ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ଇମ୍ଫାଲ ମଙ୍ଗଳବାର ନୌସେନାରେ ସାମିଲ ହେବ। ଭାରତ ମହାସାଗର ଅଞ୍ଚଳରେ ଚାଇନାର ପ୍ରଭାବ ବଢୁଥିବାବେଳେ ନୌସେନାରେ ଆଇଏନ୍‌ଏସ୍ ଇମ୍ଫାଲ ସାମିଲ ହେଲେ ଭାରତର ସାମୁଦ୍ରିକ ସାମର୍ଥ୍ୟ ବୃଦ୍ଧି ପାଇବ। ଏହା ହେଉଛି ପ୍ରଥମ ଯୁଦ୍ଧଜାହାଜ, ଯାହାକୁ ଉତ୍ତର-ପୂର୍ବାଞ୍ଚଳର ଏକ ସହର ନାମରେ ନାମିତ କରାଯାଇଛି। ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଉପସ୍ଥିତିରେ ମୁମ୍ବାଇର ନୌସେନା ଡକ୍‌ୟାର୍ଡରେ ଆଇଏନ୍‌ଏସ୍ ଇମ୍ଫାଲ ଜଳାବତରଣ କରିବ। ଏହାର ଓଜନ ୭,୪୦୦ ଟନ୍ ହୋଇଥିବାବେଳେ ଦୈର୍ଘ୍ୟ ୧୬୪ ମିଟର। ଏଥିରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଉଥିବା କ୍ଷେପଣାସ୍ତ୍ର, ଜାହାଜ ବିଧ୍ୱଂସୀ କ୍ଷେପଣାସ୍ତ୍ର, ଟର୍ପେଡୋ ଆଦି ଠୁଳ କରିବା ପାଇଁ ବିସ୍ତୃତ ପ୍ଲାଟଫର୍ମ ରହିଛି। ମିଳିତ ଗ୍ୟାସ୍ ଏବଂ ଗ୍ୟାସ୍ ପ୍ରପଲଶନରେ ଚାଲୁଥିବା ଏହି ଜାହାଜର ଘଣ୍ଟା ପ୍ରତି ବେଗ ୫୬ କିଲୋମିଟର ରହିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................


ମେରି
ପରିବାରବର୍ଗ


ରିଷି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନୂଆ ରୂପରେ ଷ୍ଟଲ୍‌ୱାର୍ଟ ଯଯାତି



**ଭୁବନେଶ୍ୱର, ୨୪।୧୨**

ରାଜ୍ୟର ଅଗ୍ରଣୀ ଘରୋଇ ସଂସ୍ଥା ତଥା ଷ୍ଟଲ୍‌ୱାର୍ଟ ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡ(ଏସ୍‌ପିପିଏଲ୍)ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହୋଟେଲ 'ଷ୍ଟଲୱାର୍ଟ ଯଯାତି' ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ପିପିଏଲ୍‌ର ନିର୍ଦ୍ଦେଶିକା ରୁକ୍ମିଣୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉଲ୍ଲେଖଯୋଗ୍ୟ, ୩ ମହଲା ବିଶିଷ୍ଟ ଏହି ହୋଟେଲରେ ମୋଟ ୪୦ଟି ବିଳାସପୂର୍ଣ୍ଣ ରୁମ୍ ସହିତ ୨ଟି ବ୍ୟାଙ୍କ୍ୱେଟ ହଲ୍ ଓ ୬ଟି ସୁଟ୍ ବ୍ୟତୀତ ବ୍ରାଇଡ, ଗ୍ରୁମର ରୁମ୍ ମଧ୍ୟ ଅଲଗା ଅଲଗା ହୋଇ ରହିଛି।

ଏ ସମ୍ପର୍କରେ ଏସ୍‌ପିପିଏଲ୍‌ସ ସିଏମ୍‌ଡି ଶରତ କୁମାର ସାହୁ କହିଛନ୍ତି, ମାଷ୍ଟର କ୍ୟାଣ୍ଟିନଠାରେ ଥିବା ଯଯାତି ହୋଟେଲ ବର୍ତ୍ତମାନ ନୂଆ ରୂପରେ 'ଷ୍ଟଲୱାର୍ଟ ଯଯାତି' ଭାବେ ନବୀକରଣ ହୋଇଛି। ବିଶେଷ କରି ସହରବାସୀଙ୍କ ଆବଶ୍ୟକତା ପୂରଣ ସହିତ ସବୁ ବର୍ଗର ଗ୍ରାହକଙ୍କୁ ଗୁଣାତ୍ମକ ସେବା ଓ ସେବା ସୁଲଭ ମୂଲ୍ୟରେ ଯୋଗାଇବା ଆମର ମୂଳ ଲକ୍ଷ୍ୟ ହୋଇଥିବାବେଳେ ଭୁବନେଶ୍ୱରର ସମସ୍ତ ହୋଟେଲଠାରୁ ଏହା ବେଶ୍ ଆକର୍ଷଣୀୟ ଓ ବିଭିନ୍ନ ପ୍ରକାର ସେବା ସଭା, ବିଭାଘର, ବ୍ରତଘର ଓ ମନୋରଞ୍ଜନ ସହିତ କ୍ରୀଡାର ସୁବିଧା ଉପଲବ୍ଧ।

# ଜାନୁୟାରୀରୁ ଦର ବଢ଼ାଇବ ମାରୁତି ସୁଜୁକି

## ପହିଲାରୁ ପରିବର୍ତ୍ତନ ହେବ ଦର

**ଭୁବନେଶ୍ୱର, ୨୪।୧୨ (ଅଭୟ ଦାଶ)**




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍)ର ସମସ୍ତ ମଡେଲ ଘରୋଇ ବଜାରରେ ଭଲ କାରବାର କରୁଥିବାବେଳେ ବିଭିନ୍ନ କାରଣ ଓ କଞ୍ଚାମାଲର ଅଭାବ ଏବଂ ଦରବୃଦ୍ଧିରୁ ମିକୁଳିବା ପାଇଁ କମ୍ପାନୀ ୨୦୨୪ ଜାନୁୟାରୀ ପହିଲା (୨୦୨୪ ଜାନୁୟାର୧) ରୁ ଦର ବଢ଼ାଇବା ସହ ନୂଆ ଦର ଲାଗୁ କରିବ ବୋଲି ଏମ୍‌ଏସ୍‌ଆଇଏଲ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି। ଅପରପକ୍ଷରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ ପଞ୍ଜୀକୃତ ଏହି ଅଟୋମେକର (ଏମ୍‌ଏସ୍‌ଆଇଏଲ୍) ମୁଦ୍ରାସ୍ଫୀତି ଓ କମୋଡିଟି ପ୍ରାଇସ (ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ବୃଦ୍ଧି)ର ଉଚ୍ଚ ବୃଦ୍ଧି ଯୋଗୁ କମ୍ପାନୀ ନୂଆ ବର୍ଷରୁ ଦର ବଢ଼ାଇବା ସମ୍ପର୍କରେ ବିଏସଇକୁ ଅବଗତ କରାଇଛି।

ଏପରିକି ୨୦୨୪ ଜାନୁୟାରୀ ୧ରୁ କମ୍ପାନୀ ନୂଆ ଦର ଲାଗୁ କରିବ ବୋଲି ଏକ ବିଜ୍ଞପ୍ତି ମାଧ୍ୟମରେ ଡିଲରପଏଣ୍ଟଗୁଡିକୁ ମଧ୍ୟ ଆଗରୁ ସୂଚାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁୟାରୀ ୧ରେ ଏମ୍‌ଏସଆଇଏଲ କମ୍ପାନୀ ପ୍ରମୁଖ ମଡେଲଗୁଡିକ ଉପରେ ୧.୧% ପର୍ଯ୍ୟନ୍ତ ଦର ବଢାଇଥିଲାବେଳେ ୨୦୨୪ ଜାନୁୟାରୀରେ କମ୍ପାନୀ ପୂର୍ବବର୍ଷ ଅପେକ୍ଷା ମୂଲ୍ୟ ବୃଦ୍ଧି ଅଧିକ କରିବ ବୋଲି ଆକଳନ କରାଯାଉଛି। ସେହିଭଳି ବର୍ଷ ୨୦୨୩ରେ କମ୍ପାନୀ ୨ ଥର ଦର ବଢାଇଥିଲାବେଳେ ଅନେକ ମଡେଲକୁ ବଜାର ପ୍ରବେଶ କରାଇଥିଲା। ଏପରିକି ବର୍ଷ ୨୦୨୩ ଏମଏସଆଇଏଲ ପାଇଁ ବେଶ ଭଲ ରହିଛି ବୋଲି କମ୍ପାନୀ ପକ୍ଷରୁ ମତପ୍ରକାଶ ପାଇଛି। ଅପରପକ୍ଷରେ ବର୍ଷ ୨୦୨୩ରେ କମ୍ପାନୀ ଘରୋଇ ବଜାରରେ ବେଶ୍ ଉତ୍ସାହଜନକ ପ୍ରଦର୍ଶନ କରିଥିଲାବେଳେ ରପ୍ତାନି କ୍ଷେତ୍ରରେ ମଧ୍ୟ କମ୍ପାନୀ ନୂତନ ମାଇଲଖୁଣ୍ଟ ହାସଲ କରିଛି। ସୂଚନାଯୋଗ୍ୟ, ଏମ୍‌ଏସ୍‌ଆଇଏଲ୍‌ର (ଏକ୍ସ ଶୋ'ରୁମ୍ ମୂଲ୍ୟ ନୂଆଦିଲ୍ଲୀ) ଯଥା ୩.୫୪ ଲକ୍ଷ ମୂଲ୍ୟଠାରୁ ଆରମ୍ଭକରି ୨୮.୪୨ ଲକ୍ଷ ମଧ୍ୟରେ ଆସୁଥିବା ସମସ୍ତ ମଡେଲ ଉପରେ ନୂଆ ଦର ଲାଗୁ ହୋଇପାରେ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଉଛି।

# ଇନ୍‌ସ୍ପାୟାରର ଶୁଭାରମ୍ଭ

**ଭୁବନେଶ୍ୱର, ୨୪।୧୨**

ବନ୍ଧନ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ 'ଇନ୍‌ସ୍ପାୟାର' ପ୍ରୋଗ୍ରାମ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅଗ୍ରାଧିକାର ଭିତ୍ତିକ ସୁଧ ହାର, ବ୍ୟାଙ୍କ ସେବାରେ ପ୍ରାଥମିକତା ଓ ଘର ପାଖରେ ବ୍ୟାଙ୍କ ସେବା ଆଦି ଗ୍ରାହକମାନଙ୍କୁ ବ୍ୟାଙ୍କ ତରଫରୁ ଉକ୍ତ କାର୍ଯ୍ୟକ୍ରମ ଜରିଆରେ ପ୍ରଦାନ କରାଯାଉଛି। ଏପରିକି ଉକ୍ତ କାର୍ଯ୍ୟକ୍ରମରେ ଔଷଧ କିଣା, ନିଦାନ ସେବା ଓ ମେଡିକାଲ ଚିକିତ୍ସା ଉପରେ ସ୍ୱତନ୍ତ୍ର ରିହାତି ମଧ୍ୟ ପ୍ରଦାନ କରାଯାଉଛି। ସେହିଭଳି ଡାକ୍ତରୀ ପରାମର୍ଶ, ମେଡିକାଲ ଯାଞ୍ଚ ଏବଂ ଦନ୍ତ ଚିକିତ୍ସା ଆଦିରେ ରିହାତି ଭଳି ସୁବିଧା ଏବଂ ସହଯୋଗୀ ସେବା ପ୍ରଦାନକାରୀମାନଙ୍କ ମାଧ୍ୟମରେ ପ୍ରଦାନ କରାଯାଉଛି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ବ୍ରାଞ୍ଚ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସୁଜୟ ରୟ୍ କହିଛନ୍ତି, ଆମେ ସବୁ ବୟସ ବର୍ଗର ଲୋକମାନଙ୍କ ଆର୍ଥିକ ସ୍ୱାଧୀନତାର ଗୁରୁତ୍ୱକୁ ବୁଝିଛୁ। ମୁଁ ଖୁସିର ସହ ଘୋଷଣା କରୁଛି ଯେ ବନ୍ଧନ ବ୍ୟାଙ୍କ ବରିଷ୍ଠ ନାଗରିକମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ବ୍ୟାପକ ସେବା ଆଣିଛି। ବ୍ୟାଙ୍କ କାରବାରର ୮ ବର୍ଷ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ବିଶ୍ୱାସକୁ ଜିତିଥିବାରୁ ଆମେ କୃତଜ୍ଞ ଏବଂ ଏହି କାର୍ଯ୍ୟକ୍ରମ ସେମାନଙ୍କ ପାଇଁ ଆମ ତରଫରୁ ଏକ ସମ୍ମାନ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ପଟିଆରେ ଭିଏଲ୍‌ସିସିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍

**ଭୁବନେଶ୍ୱର, ୨୪।୧୨**

ଦେଶର ଅଗ୍ରଣୀ ହେଲ୍‌ଥ କେୟାର ପ୍ଲାଟ୍‌ଫର୍ମ ଭିଏଲ୍‌ସିସିର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍ ଶନିବାର ଭୁବନେଶ୍ୱରର ପଟିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭିଏଲ୍‌ସିସିର ପୂର୍ବ ଏବଂ ବାଂଲାଦେଶର ଭିପି ଡା.ଶ୍ରୀକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁନିସେଫ୍ ଓଡ଼ିଶା ରାଜ୍ୟର ଉପଦେଷ୍ଟା ମଧୁମିତା ଦାସ, ଫିଜିସିଆନ ଡା. ସିଦ୍ଧାର୍ଥ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି ସୁସ୍ଥତା ଏବଂ ସୌନ୍ଦର୍ଯ୍ୟ ଶିଳ୍ପରେ ଅଗ୍ରଣୀ ଭିଏଲ୍‌ସିସି ଭୁବନେଶ୍ୱରର ପଟିଆଠାରେ ତା'ର ନୂତନ କେନ୍ଦ୍ର ଆରମ୍ଭ କରିଛି। ଉକ୍ତ କେନ୍ଦ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରବର୍ତ୍ତନ କରାଯାଇଛି। ଏହା ଚର୍ମ ବିଜ୍ଞାନ, ସ୍ଲିମିଂ ଏବଂ ସୌନ୍ଦର୍ଯ୍ୟ



ସମେତ ଅନେକ ପ୍ରକାର ସେବା ପ୍ରଦାନ କରୁଛି। ଗ୍ରାହକମାନେ କୁଶଳୀ ପରାମର୍ଶଦାତା, ଚିକିତ୍ସକ, ଫିଜିଓଥେରାପିଷ୍ଟ ଏବଂ ଥେରାପିଷ୍ଟଙ୍କ ଦକ୍ଷତା ଆଶା କରିପାରିବେ। ଅପରପକ୍ଷରେ ଭିଏଲ୍‌ସିସି ଡିସେମ୍ବର ୨୬ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଉଦ୍‌ଘାଟନୀ ଅଫର ବୃଦ୍ଧି କରିଛି। ଗ୍ରାହକମାନେ ସମସ୍ତ ସୌନ୍ଦର୍ଯ୍ୟ ଏବଂ ସ୍ଲିମିଂ ପ୍ୟାକେଜ୍ ଉପରେ ୫୦% ରିହାତି ପାଇପାରିବେ।


## ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



**ହେତାଂଶି ଦାସ (ମେରି)**

ଗୋହଳ, ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା

କରୁଣାମୟ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ କୃପାରୁ ତୋର ଚଲାପଥ କୁସୁମିତ ହେଉ।

ଶୁଭେଚ୍ଛା: ଜେଜେ, ମା, ଅଜା, ଆଇ, ବାପା, ବୋଉ, ମାମୁ, ମାଇଁ, କୁନାମାମୁ, କୁନିମାଇଁ, ଅଙ୍କଲ, ଆଣ୍ଟି, ନନା ଓ ସାନୁନନା।

ଧ-୭୩୬୮

## ପ୍ରଥମ ସ୍ୱନକ୍ଷତ୍ର ଶୁଭେଚ୍ଛା



**ବିକାଶନଗର, ଜଟଣୀ, ଖୋର୍ଦ୍ଧା**

ଧ୍ୱନିତ ଏବଂ ମୋହିତର ପ୍ରଥମ ସ୍ୱନକ୍ଷତ୍ର ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଜଗନ୍ନାଥ, ଶ୍ରୀମା ଶ୍ରୀଅରବିନ୍ଦ ତୁମ ଦୁହିଁଙ୍କୁ ସୁସ୍ଥ, ନୀରୋଗ ରଖି ଦୁନିଆର ସବୁ ଖୁସି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା। ଶୁଭେଚ୍ଛୁ: ଜେଜେ, ଜେଜେମା, ବାପା, ବୋଉ, ଅଜା, ଆଇ, ମାମୁ, ପିଉସା, ପିଉସୀ, ବନ୍ଧୁ ଏବଂ ପରିବାରବର୍ଗ।

ଧ-୨୦୯୯

## ୧୩ତମ ଜନ୍ମଦିନ ଶୁଭେଚ୍ଛା



**ରିଷୀରାଜ ପଟ୍ଟନାୟକ (ରିଷି)**

ଗ୍ରାମ: ବୋଧଖଣ୍ଡି, ଖୋର୍ଦ୍ଧା

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।

ଶୁଭେଚ୍ଛା ସହ: ବାବା, ମାମା, ଡାଡି, ମମି, ଦିଦିବାବା, ଦିଦିମାମା, ଦାଦା, ଖୁଡୀ, ସୋନୁଭାଇ, ରିଚାଦିଦି, ରିକି, ଆଂଶୁ, ବନ୍ଧୁ ଓ ପରିବାରବର୍ଗ।

ଧ-୭୫୦୮୪


# ଚାନ୍ଦି ଭଣ୍ଡାରର 'ପାର୍ଟି ଏଡିଟ୍' ସମ୍ଭାର

**ଭୁବନେଶ୍ୱର, ୨୪।୧୨**

ଚାନ୍ଦି ଭଣ୍ଡାରର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ପାର୍ଟି କଲେକ୍ସନ 'ପାର୍ଟି ଏଡିଟ୍'ର ବ୍ୟାପକ ସମ୍ଭାରକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ବିଶେଷକରି ନବ ବର୍ଷର ଆଗମନ ପୂର୍ବରୁ ଏହି କଲେକ୍ସନକୁ ବଜାର ପ୍ରବେଶ କରାଇବା ସହ ସେଲିବ୍ରେଶନ ୱାର୍ଡ୍ରୋବ୍‌ରେ ଗ୍ଲାମର ଟଚ୍ ଯୋଡ଼ିବ ବୋଲି ପ୍ରତିଷ୍ଠାନ ପକ୍ଷରୁ ଆଶା କରାଯାଉଛି। ସେହିଭଳି ଅତି ଯତ୍ନର ସହ ପ୍ରସ୍ତୁତ ଗହଣା ପିସ୍‌ର ଏହି ଆକର୍ଷଣୀୟ କଲେକ୍ସନ ସହିତ ଚାନ୍ଦି ଭଣ୍ଡାର ନୂଆ ବର୍ଷ ସେଲିବ୍ରେଶନ୍‌ରେ ଉତ୍ସାହ ଭରି ଦେଇଛି। ଏପରିକି ୯୨.୫% ଶୁଦ୍ଧ ଷ୍ଟର୍ଲିଂ ସିଲ୍‌ଭରରେ ଜିର୍‌କନ ଖଚିତ ଗହଣାଗୁଡ଼ିକ ଅତ୍ୟନ୍ତ ଷ୍ଟାଇଲିସ୍ ଭାବେ ପ୍ରସ୍ତୁତ କରାଯାଇଛି। ବିଶେଷ କରି ନାଇଟ୍ ପାର୍ଟି କିମ୍ବା ସ୍ୱତନ୍ତ୍ର ତଥା ଫେଷ୍ଟିଭ୍ ଅବସରରେ ଫ୍ୟାଶନେବଲ୍ ଦେଖାଯିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏହି ଷ୍ଟାଇଲିସ୍ ଗହଣାଗୁଡ଼ିକ ସର୍ବୋତ୍ତମ ହୋଇଥିବାବେଳେ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଉକ୍ତ ଗହଣା ସମ୍ଭାର ବେଶ୍ ସହାୟକ ହେବ। ସେହିପରି ଓଡ଼ିଶାର ଲୋକପ୍ରିୟ ୧୦ଜଣ କଳାକାରଙ୍କୁ ନେଇ ଚାନ୍ଦି ଭଣ୍ଡାର 'ପାର୍ଟି ଏଡିଟ୍' ବିଜ୍ଞାପନ କ୍ୟାମ୍ପେନ ମଧ୍ୟ ପ୍ରସ୍ତୁତ



କରିଛି, ଉକ୍ତ କ୍ୟାମ୍ପେନ୍‌ରେ 'ପାର୍ଟି ଏଡିଟ୍' ଏବଂ 'ଆମୋଘ' ଗହଣା କଲେକ୍ସନ ପିନ୍ଧି ଉକ୍ତ ପ୍ରେରଣାଦାୟୀ କଳାକାରମାନେ ଷ୍ଟାଇଲ୍ ସହିତ ନୂଆ ଆରମ୍ଭକୁ ଦର୍ଶାଉଛନ୍ତି। ଏଥିସହିତ ମନୋରଞ୍ଜନ ଶିଳ୍ପର ଗ୍ଲାମର ଏବଂ ଚାନ୍ଦି ଭଣ୍ଡାର କ୍ରିଏସନ୍‌ର ଶୋଭା ଏକତ୍ରିତ ହୋଇଛି।

ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ନିର୍ଦ୍ଦେଶିକା ଲିପ୍ସା ହଂସ କହିଛନ୍ତି, ନବ ବର୍ଷ ସେଲିବ୍ରେଶନ୍‌ର ଉତ୍ସାହକୁ ବଢ଼ାଇବା ପାଇଁ ଚାନ୍ଦି ଭଣ୍ଡାର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। ଉକ୍ତ ଅଫର ୨୦୨୪ ଜାନୁୟାରୀ ୧ ପର୍ଯ୍ୟନ୍ତ ସମସ୍ତ ଚାନ୍ଦି ଭଣ୍ଡାରରେ ଉପଲବ୍ଧ। ଏପରିକି ଗ୍ରାହକମାନେ ରୁପା ଗହଣା ଏବଂ ଆର୍ଟିଫାକ୍ଟସର ଗଢ଼ାମଜୁରି ଉପରେ ୨୦% ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତି ପାଇପାରିବେ।


# Classified Everyday

**0674-2580101, 2549949**

## CLASSIFIED DISPLAY

MORE SPACE ' SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |



**REAL ESTATE**

**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16ରୁ 1K.M.** ଏବଂ **Sum-2 Hospitalରୁ 2K.M.** ମଧ୍ୟରେ ଘରବାରି ପ୍ଲଟ୍ ସୁଲଭ ମୂଲ୍ୟରେ କିଣନ୍ତୁ। **9658562429.** D-75287

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764. D-1919

ପାହାଳ **Utkal Iconic** ନିକଟରୁ **500mtr.** ଦୂରତାରେ **yellowzone gharabari plot** ସମସ୍ତ ପ୍ରକାର ସୁବିଧା ଥାଇ ବିକ୍ରି ହେବ। **6370469894.** D-75286

Duplex sale at Bhubaneswar @57 lakhs only. Contact- 9777433701. D-75284

New Cancer Hospital ନାଇକର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297. D-75176




New year special @ 1499 body Polishing/ Hammam/ Scrub/ Redwine. 9938843929. D-75180

**Relax, Refresh your body, Mind at Saikrupa Spa with best therapies. 8984068077.** D-2080

Newly open Spa positively health benefit with expert. Contact: 7749976301. D-2073

Newly open Jyoti Spa positively health benefits (Expert Therapist). 8458067955. D-75179

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75083

Spa Kerala body Massage best Therapist @ 699/- Bhubaneswar. Kajal-9337672475. D-2097

**AFFIDAVIT**

I, Minati Parihari Nanda, W/o Dhirendra Narayan Nanda, R/o Flat No.- 126, Northern Heights, Kalarahanga, Bhubaneswar, Dist.- Khurda, Odisha-751024, declare that by the affidavit No.131 dated 22.12.2023 that I have declared and verified the change of my name from Minati Nanda to Minati Parihari Nanda in my Marriage Certificate dated 11th April 2013 and the changed name has been used and shall also be used by me for all future references. D-2098

**LEGAL NOTICE**

Letter No.-2918/dt.22.12.23

ମାନ୍ୟବର ଅତିରିକ୍ତ କମିଶନର ରିଭିଜନ କୋର୍ଟ ନଂ.-୪ ଇଜିଲାସ ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର ଓ.ଏସ୍.ଏସ୍. ନଂ.- ୪୬୭/୨୦୨୨

ଶ୍ରୀମତୀ ନିର୍ମଳା ମହାରଥୀ ଓଗେର ....ବାଦୀ

ବନାମ

ମଜିଦ୍ ଖାଁ ଓଗେର .....ପ୍ରତିବାଦୀ

ନୋଟିସ୍ ଅର୍ଡର-୫ ରୁଲ୍-୨୦ ସି.ପି.ସି. ମୁତାବକ

୧. ମଜିଦ୍ ଖାଁ, ବୟସ ୮୫ବର୍ଷ, ୨. ଅବ୍‌ଦୁଲ୍ ରସିଦ୍ ଖାଁ, ବୟସ ୬୮ବର୍ଷ, ଉଭୟଙ୍କ ପିତା- ୰ଅଜିଜ୍ ଖାଁ, ଠିକଣା- ସା-ଅଲିସା ବଜାର, ଲାଲ୍‌ବାଗ୍ ସାହି, ପୋ- ଚାନ୍ଦିନୀଚୌକ, ଜିଲ୍ଲା- କଟକ, ପିନ୍-୭୫୩୦୦୨, ୪. ବେଗମ୍ ବିବି, ବୟସ- ୭୫ବର୍ଷ, ପିତା- ୰ଅଜିଜ୍ ଖାଁ, ସ୍ୱାମୀ- ସେକ୍ ବୁଧା, ଠିକଣା- ସା-ଥରେଇ ସାହି, ପୋ- ବକ୍ସିବଜାର, ମଙ୍ଗଳାବାଗ୍, ଜିଲ୍ଲା- କଟକ, ପିନ୍- ୭୫୩୦୦୩, ୬. ରାଖି ବିବି, ବୟସ-୫୫ବର୍ଷ, ପିତା- ୰ଅଜିଜ୍ ଖାଁ, ସ୍ୱାମୀ- ସେକ୍ ମୋବି, ଠିକଣା- ସା- ଖତିବାନ୍ ସାହି, ବକ୍ସିବଜାର, ପୋ- ବକ୍ସିବଜାର, ଲାଲ୍‌ବାଗ୍, ଜିଲ୍ଲା- କଟକ, ପିନ୍- ୭୫୩୦୦୮।

ଏତଦ୍ୱାରା ଉପରୋକ୍ତ ସମସ୍ତ କେସ୍‌ରେ ପ୍ରତିବାଦୀ ନଂ.-୧, ୨, ୪ ଓ ୬ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.-୪ ଇଜିଲାସ ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୩୧।୦୧।୨୦୨୪ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଅନ୍ଧାରୁଆ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ହାଲ୍ ଖାତା ନଂ.-୩୪, ହାଲ୍ ପ୍ଲଟ୍ ନଂ.-୭୫୮୧, ଏରିଆ- ଏ୦.୩୭୫ ଡିସିମିଲି, ଯାହାର ସାବକ ଖାତା ନଂ.-୭, ସାବକ ପ୍ଲଟ୍ ନଂ.-୨୬୩୦, ଏ୦.୭୧୦ଡି

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କିମ୍ବା ତାଙ୍କର ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

ଅଦାଲତଙ୍କ ଆଦେଶକ୍ରମେ

ସ୍ୱା./- ସହକାରୀ ଅଧିକାରୀ

ଧ-୨୦୯୭

## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶୁଭେନ୍ଦୁ ଦୀକ୍ଷିତ୍**

N2-146, IRC Village, BBSR-15

ଆବିର୍ଭାବ: ୦୩।୦୪।୧୯୭୪

ତିରୋଧାନ: ୨୫।୧୨।୨୦୧୧

ଦିନ ପରେ ଦିନ, ମାସ ପରେ ମାସ,
ବିତିଯାଏ କେତେ ଯେ ବରଷା ଲୁଚିଗଲ ଦୂର
ଦିଗ୍‌ବଳୟ ତଳେ ଆମ୍ଭେ ହେଲୁ ଚିର ନିଃସ୍ୱ।।
ସଦ୍‌ଗତି କାମନା କରୁ ଅମର ଆତ୍ମାର
ଈଶ୍ୱରଙ୍କ ପାଖେ ନିତି ନିରନ୍ତର।

**ଶୋକସନ୍ତପ୍ତ:** ବାପା, ବୋଉ, ଇପ୍‌ସା, ଶ୍ରେୟା, ଈଶାନ ଓ ପରିବାରବର୍ଗ।

ଧ-୨୦୮୩

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**Admission Open**

**JOIN AFTER +2 ANY STREAM**

**OT TECHNOLOGY**
ଅପରେସନ୍ ଥିଏଟର୍ ଟେକ୍ନିସିଆନ

**MEDICAL IMAGING TECHNOLOGY**
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.

**MEDICAL LAB TECHNOLOGY**
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍

**C.S.S.D TECHNIQUES / HOSPITAL STERILIZATION**
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍

**DIALYSIS TECHNOLOGY**
ଡାୟାଲସୀସ୍ ଟେକ୍ନିସିଆନ

**CARDIAC CARE TECHNOLOGY**
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ

**ANM**
ମହିଳା ସ୍ୱାସ୍ଥ୍ୟକର୍ମୀ

ANGUL CENTRE : Ph : 91140 12123
CCS, Church Lane, Similipada, Angul

BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପର୍ଯ୍ୟଟକଙ୍କ ନୂଆ ଠିକଣା ବିଚିତ୍ରପୁର-ଖଡ଼ିବିଲ ଇକୋ ଟୁରିଜମ୍

ଭୋଗରାଇ, ୨୪।୧୨(ପ୍ରଦୀପ ଦାସ)

ବଙ୍ଗୋପସାଗର କୂଳରେ ଅବସ୍ଥିତ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ବିଚିତ୍ରପୁର-ଖଡ଼ିବିଲ ଇକୋ ଟୁରିଜମ୍ ଏବେ ପର୍ଯ୍ୟଟକଙ୍କ ଲାଗି ନୂଆ ଠିକଣା ପାଲଟିଛି। ସୁବର୍ଣ୍ଣରେଖା ସମୁଦ୍ର ମୁହାଣ ପୂର୍ବସୀମାନ୍ତ ତାଳସାରୀ ପର୍ଯ୍ୟନ୍ତ ୮ କି. ମି. ଲମ୍ବ ଓ ୫ କି. ମି. ପରିଧି ମଧ୍ୟରେ ବେଳାଭୂମିର ପ୍ରାକୃତିକ ଶୋଭା ମଧ୍ୟରେ ରହିଛି ୪ଟି ସୁନ୍ଦର ବନାନୀ ଦ୍ୱୀପପୁଞ୍ଜ। ଏଠାରେ ସମୁଦ୍ରର ପୂର୍ବ ଆକାଶର ସୂର୍ଯ୍ୟୋଦୟ ଓ ପଶ୍ଚିମ ଦିଗ୍‌ବଳୟରେ ସୂର୍ଯ୍ୟାସ୍ତର ରକ୍ତିମ ଆଭାର ଅପୂର୍ବ ଦୃଶ୍ୟ, ନାଲି କଙ୍କଡ଼ାର ଲୁଚକାଳି ଖେଳ, ପୁନେଇଁ ରାତି ନୀଳସାଗର ଚନ୍ଦ୍ରମାର ପ୍ରତିଛବି, ଅଲିଭ ରିଡ୍‌ଲେ କଇଁଛର ଅଣ୍ଡାଦାନ ଓ ଡଲ୍‌ଫିନ୍‌ର ଜଳକ୍ରୀଡା ପର୍ଯ୍ୟଟକଙ୍କ ମନ ମୋହିଥାଏ।


ବିଚିତ୍ରପୁରଠାରେ ପର୍ଯ୍ୟଟକଙ୍କ ରହଣି ନିମନ୍ତେ ଥିବା ବିଳାସପୂର୍ଣ୍ଣ କଟେଜ୍।

୨୦୦୮-୦୯ରେ ଜଙ୍ଗଲ ବିଭାଗ ପକ୍ଷରୁ ୫୦ ଏକର ଜାଗାରେ ବନୀକରଣ କରାଯାଇ ବିଭିନ୍ନ ପ୍ରଜାତିର ଗଛଲତା ସୃଷ୍ଟି କରାଯାଇଛି। ଉକ୍ତ ଜଙ୍ଗଲରେ ୭୦ ପ୍ରତିଶତ ବନି, ୯୦ପ୍ରତିଶତ କାଳିଆଚୁଆ, ୪୫ପ୍ରତିଶତ ଗରଣୀ, ୧୦୦ପ୍ରତିଶତ ଗୁଆଁ, ୧୦୦ ପ୍ରତିଶତ ହଡକଚ ଆଦି ବିରଳ ପ୍ରଜାତିର ଗଛ ରହିଥିବା ବେଳେ ୩ରୁ ୪ଗୁଣ ବିଭିନ୍ନ ପ୍ରଜାତିର ଅନ୍ୟାନ୍ୟ ଗଛ ପ୍ରକୃତି କୋଳରେ ସୃଷ୍ଟି ହୋଇଛି। ଏହାରି ବକ୍ଷରେ ରହିଛନ୍ତି ବିଭିନ୍ନ ଜୀବଜନ୍ତୁ ଓ ବିଭିନ୍ନ ପ୍ରଜାତିର ପକ୍ଷୀ। ଏତଦ୍‌ଭିନ୍ନ ଶୀତଋତୁରେ ଦେଶ ବିଦେଶର ପକ୍ଷୀଙ୍କ କାକଳି ପର୍ଯ୍ୟଟକଙ୍କ ମନମୁଗ୍ଧ କରିଆସୁଥିବା ବେଳେ ୫ହଜାରରୁ ଊର୍ଦ୍ଧ୍ୱ ଗେଣ୍ଡାଳିଆ ଏଠାରେ ଦୀର୍ଘବର୍ଷ ଧରି ବସାବାନ୍ଧି ରହିଛନ୍ତି। ଏହାଛଡା ହଂସ, ଦାବେଣ୍ଡିଆ, ସାରସ, ଧଳା ଓ କଳା ରଙ୍ଗର ବଗ ଦୃଷ୍ଟିଗୋଚର ହୋଇଥାଏ। ଏହି ଦ୍ୱୀପପୁଞ୍ଜଗୁଡିକୁ ଆକର୍ଷଣୀୟ କରିବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ୨୦୧୩ ମସିହାରେ ଖଡ଼ିବିଲ ଓ ବିଚିତ୍ରପୁରଠାରେ ଓଡିଶା ପର୍ଯ୍ୟଟନ ବିଭାଗ ତରଫରୁ ୪୦ଲକ୍ଷ ଟଙ୍କା ବ୍ୟୟରେ ଇକୋ ଟୁରିଜମ୍ କରାଯାଇଛି। ପର୍ଯ୍ୟଟକଙ୍କ ଦ୍ୱୀପରେ ଭ୍ରମଣ ନିମନ୍ତେ ୪ଟି ଯନ୍ତ୍ରଚାଳିତ ବୋଟ୍ ଓ ଜେଟିର ବ୍ୟବସ୍ଥା କରାଯାଇଛି। ସୌନ୍ଦର୍ଯ୍ୟର ଭିନ୍ନ ଉପତ୍ୟକା କୁହାଯାଉଥିବା ଇକୋ ଟୁରିଜମର ଦକ୍ଷିଣ ପୂର୍ବରେ ସୁବର୍ଣ୍ଣପୁର ଝାଉଁ ଜଙ୍ଗଲ ଏବେ ସମୁଦ୍ର ଗର୍ଭରେ ବିଲୀନ ହେବାକୁ ଯାଉଥିବା ବେଳେ ଜଙ୍ଗଲ ବିଭାଗ ପକ୍ଷରୁ ଲୁଣିଜଙ୍ଗଲ ସୃଷ୍ଟି ଓ ପାଚେରି ନିମନ୍ତେ ଉଦ୍ୟମ ଜାରି ରହିଛି। ଇକୋ ଟୁରିଜମ୍‌ର ବିକାଶ ନିମନ୍ତେ ୯୯ଲକ୍ଷ ଟଙ୍କା ବ୍ୟୟରେ ଗଢିଉଠିଥିବା ୮ଟି ବିଳାସପୂର୍ଣ୍ଣ କଟେଜ୍ ପର୍ଯ୍ୟଟକଙ୍କ ରହଣି ସୁବିଧା ରହିଥିବା ବେଳେ ନୂତନ ଭାବେ ଚିଲଡ୍ରେନ ପାର୍କ, ପକ୍କା ସଡକ, ବିଶୁଦ୍ଧ ପାନୀୟ ଜଳ, ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ଜଙ୍ଗଲ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗକୁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ପ୍ରେରଣ କରାଯାଇଥିବା ଜଳେଶ୍ୱର ବନାଧିକାରିଣୀ ଜୟଶ୍ରୀ ମୁର୍ମୁ ସୂଚନା ଦେଇଛନ୍ତି। ଉଦୟପୁରଠାରୁ କୀର୍ତ୍ତନିଆ ପର୍ଯ୍ୟନ୍ତ ବନସୁରକ୍ଷା ନିମନ୍ତେ ବନପାଳ ପରମାନନ୍ଦ ନାୟକ ଓ ବନରକ୍ଷୀ ସଞ୍ଜୀବ ମହାନ୍ତିଙ୍କ ସମେତ ୪ଜଣ ସବୁଜ ବାହିନୀ ରହିଛନ୍ତି। ଇକୋ ଟୁରିଜମର ବିକାଶ ହେଲେ ପର୍ଯ୍ୟଟକଙ୍କ ଭିଡ଼ ଲାଗିବା ସହିତ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ଉତ୍ସାହଜନକ ହେବ ଏବଂ ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଉନ୍ନତି ହେବ ବୋଲି ବେଳାଭୂମି ଇକୋ ଟୁରିଜମ ବିକାଶ ପରିଷଦ ସଭାପତି ଶମ୍ଭୁନାଥ ଜେନା ଓ ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର କହିଛନ୍ତି।

# ହର ହର ଶମ୍ଭୁ ପରେ 'ମେରେ ରାଜା ମେରେ ରାମ'



ଗୀତିକାର ଓ ୟୁଟ୍ୟୁବର ଜିତୁ ଶର୍ମା।

## ପୁଣି ଜିତୁ ଶର୍ମାଙ୍କ ଭଜନ ଭାଇରାଲ

କେନ୍ଦୁଝର,୨୪।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶିବଙ୍କ ଭଜନ 'ହର ହର ଶମ୍ଭୁ' ଗୀତରେ ରାତାରାତି ଷ୍ଟାର ହୋଇଥିବା କେନ୍ଦୁଝର ବଡ଼ବିଲ ଅଞ୍ଚଳର ପୁଅ ଜିତୁ ଶର୍ମା ପୁଣି ରାମଙ୍କ ଉପରେ ଭଜନ ଗାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ପ୍ରଭୁ ଶ୍ରୀରାମଙ୍କ ଉପରେ ଆଧାରିତ "ମେରେ ରାଜା ମେରେ ରାମ, ମେରା ଦେଶ ମେରି ଜାନ, ମେରେ ଶିବ ହେ ମେରେ ପ୍ରାଣ, ମେରା ଭାରତ ମେରି ସାନ" ଭଜନ ଏବେ ସାମାଜିକ ମିଡିଆରେ ଭାଇରାଲ ହେଉଛି। ଇନ୍‌ଷ୍ଟାଗ୍ରାମରେ ଏହାର ରିଲ୍ ସର୍ବଭାରତୀୟ ସ୍ତରରେ ୮ ନମ୍ବରରେ ରହିଥିବା ବେଳେ ରବିବାର ଏହା ୪ ନମ୍ବରରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ଭଗବାନ ଶିବଙ୍କ ଉପରେ ଆଧାରିତ ଗୀତ 'ହର ହର ଶମ୍ଭୁ ଶିବ ମହାଦେବ' ଟ୍ରାକ୍ ସଙ୍ଗୀତ ନିଜେ ଲେଖିବା ସହ, ଗୀତ ଗାଇ ଦେଶ ଓ ବିଦେଶରେ ପ୍ରସିଦ୍ଧି ଲାଭ କରିଥିଲେ। ଉକ୍ତ ଗୀତରେ ଜିତୁଙ୍କ ସହ ଅଭିଲିପ୍ସା ପଣ୍ଡା କଣ୍ଠଦାନ କରିଥିଲେ। ଏବେ ଭାଇରାଲ ହେଉଥିବା 'ମେରେ ରାଜା ମେରେ ରାମ'ର ଟ୍ରାକ୍ ଗତ ମାର୍ଚ୍ଚ ୧୬ ତାରିଖରେ ରିଲିଜ୍ ହୋଇଥିଲା। ସେତେବେଳେ ଗୀତ ସେଭଳି ସଫଳତା ପାଇ ପାରି ନ ଥିଲା। ପରବର୍ତ୍ତୀ ସମୟରେ ଏହା ସମଗ୍ର ଭାରତ ବର୍ଷରେ ଧୀରେ ଧୀରେ ଶ୍ରୋତାଙ୍କ ମଧ୍ୟରେ ଛାଇଯାଇଛି। ସଫଳତା ପାଇଁ ପ୍ରଭୁ ରାମ, ଗୁରୁ ଆକାଶ ଦେଓ ଏବଂ ପରିବାର ଲୋକଙ୍କୁ ଧନ୍ୟବାଦ ଦେଇଛନ୍ତି। ଆସନ୍ତା ମାସ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଙ୍କ ଭବ୍ୟ ମନ୍ଦିରର ଉଦ୍‌ଘାଟନ ଓ ରାମଲାଲାଙ୍କ ମୂର୍ତ୍ତି ସ୍ଥାପନା ହେବାକୁ ଥିବାବେଳେ ସମଗ୍ର ଦେଶ ଶ୍ରୀରାମମୟ ହୋଇପଡ଼ିଛି। ଏହି ସମୟରେ ରାମଭକ୍ତଙ୍କ ମଧ୍ୟରେ ଏହି ଗୀତର ରିଲ୍ ଅଧିକ ଆଦୃତ ହେଉଛି। ଏହି ଗୀତ ଅଯୋଧ୍ୟା ହନୁମାନଗଡ଼ି ମନ୍ଦିର ଉପରେ ଶୁଟିଂ ହୋଇଛି। ଇନଷ୍ଟାଗ୍ରାମରେ ୧୫ ହଜାରରୁ ଅଧିକ ରିଲ୍ସ ପ୍ରସାରିତ ହୋଇସାରିଛି ଏବଂ ଟ୍ରାକ୍‌କୁ ୫ ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି ବୋଲି ଧରିତ୍ରୀ ସହ ବାର୍ତ୍ତାଳାପ ସମୟରେ ଜିତୁ କହିଥିଲେ। ପ୍ରତି ଏକ ଘଣ୍ଟାରେ ୧୦୦ ରିଲ୍ ହେଉଥିବା ବେଳେ ଏହି ସଂଖ୍ୟା ଆଗାମୀ ଦିନରେ ଏକ ନୂଆ ରେକର୍ଡ ସୃଷ୍ଟି କରିବ ବୋଲି ଆଶା ରଖିଛନ୍ତି। ଏହି ଭଜନ ମଧ୍ୟ ୟୁଟ୍ୟୁବ ଓ ଅନ୍ୟ ସାମାଜିକ ମିଡିଆରେ ପ୍ରଶଂସା ସାଉଣ୍ଟୁଛି।

# ତୀର୍ଥଯାତ୍ରାରୁ ଫେରିବା ପରେ ଚାଲିଗଲା ଜୀବନ

ରାୟଗଡ଼ା,୨୪।୧୨
(ଭାଗ୍ୟଶ୍ରୀ ମିଶ୍ର/ଆଶିଷ ରଞ୍ଜନ ପଣ୍ଡା)

ପରିଣତ ବୟସରେ ଘରୁ ବାହାରି ତୀର୍ଥଯାତ୍ରା କରିବାକୁ ଯାଇଥିଲେ। ତୀର୍ଥ କରି ଫେରିଲେ, କିନ୍ତୁ ଘରକୁ ଯିବା ପୂର୍ବରୁ ହିଁ ଚାଲିଗଲା ଜୀବନ। ରବିବାର ରାୟଗଡ଼ା ରେଳ ଷ୍ଟେଶନରେ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋରାପୁଟ ଜିଲା ସଦର ମହକୁମାସ୍ଥିତ ପୂଜାରୀଗୁଡା ସାହିର ରାଜେନ୍ଦ୍ର କୁମାର ପରିଡ଼ା (୬୬)।
ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ରାଜେନ୍ଦ୍ର ଅନ୍ୟ ୯୫୦ ଯାତ୍ରୀଙ୍କ ସହ ଡିସେମ୍ବର ୧୯ରେ ରାୟଗଡ଼ାରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଶିରିଡି ଓ ନାସିକ ଅଭିମୁଖେ ବାହାରିଥିଲେ। ୬ ଦିନର ଏହି ଯାତ୍ରାକୁ ସେ ସମସ୍ତଙ୍କ ସହ ଅତି ଆନନ୍ଦ ଉଲ୍ଲାସରେ କାଟିଥିଲେ। ତୀର୍ଥ ସାରି ଭାରତ ଗୌରବ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରବିବାର ଭୋର ୫ଟାରେ ରାୟଗଡ଼ା ରେଳ ଷ୍ଟେଶନରେ ସେମାନେ ପହଞ୍ଚିଥିଲେ। ଏହାପରେ ନିଜ ବଗିରେ ଥିବା ସମସ୍ତ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ଓହ୍ଲାଇବାରେ ରାଜେନ୍ଦ୍ର ସହଯୋଗ କରିଥିଲେ। ପରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରି ପ୍ଲାଟଫର୍ମରେ ବସି ପଡ଼ିଥିଲେ। ତୁରନ୍ତ ତାଙ୍କୁ ସେଠାରୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଏସକର୍ଟ ଅଫିସର ପ୍ରଦୀପ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ରାଜେନ୍ଦ୍ରଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଚଳିତ ବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ୪ର୍ଥ ପର୍ଯ୍ୟାୟରେ ଡିସେମ୍ବର ୧୯ରେ ରାୟଗଡ଼ା ସମେତ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ନୂଆପଡା ଓ କଳାହାଣ୍ଡିରୁ ତୀର୍ଥଯାତ୍ରୀ ଶିରିଡି ଓ ନାସିକ ଯାଇଥିଲେ। ଏହା ପୂର୍ବରୁ ଅର୍ଥାତ୍ ୧୮ ତାରିଖ ବିଳମ୍ବିତ ରାତିରେ ତୀର୍ଥ ଯାତ୍ରୀଙ୍କ ଗାଇଡ୍ ନବରଙ୍ଗପୁରର ଅଟଳ ବିହାରୀ ହୋତା(୪୫) ଅଶୋକ କଲ୍ୟାଣ ମଣ୍ଡପର ଶିଡ଼ିରୁ ପଡି ପ୍ରାଣ ହରାଇଥିଲେ।

# ଶିମିଳିପାଳରେ ଜଏଣ୍ଟ ଟାସ୍କଫୋର୍ସର ଚଢ଼ାଉ

ବାରିପଦା,୨୪।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ୪ ଶିକାରୀ,୨ ଗଛ କଟାଳି ଗିରଫ



ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଜଏଣ୍ଟ ଟାସ୍କ ଫୋର୍ସ ଟିମ୍ ଚଢ଼ାଉ କରି ୪ ଶିକାରୀ ଓ ୨ ଗଛ କଟାଳିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଶିକାରୀମାନେ ହେଲେ ଉଦଳା ଥାନା ଅଧୀନ ଦୁଗଧା ଗ୍ରାମପଞ୍ଚାୟତ କାଦମଡ଼ା ଗ୍ରାମର ଜଗବନ୍ଧୁ ସିଂ ଓ ଅଙ୍ଗାରପଦା ଗ୍ରାମ ଲବନ ସାହିର ବାବୁ ମୁର୍ମୁ, ବଡଖମଣ ପଞ୍ଚାୟତ ମାଣିକପୁର ଗ୍ରାମ ବୈଦକୁଦି ଗ୍ରାମର ସୁରେଶ ଟୁଡୁ ଓ ବାଜୁନ କିସ୍କୁ। ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ସହ ୯୦ଗ୍ରାମ ବାରୁଦ, ବନ୍ଧୁକର ଦୁଇଟି ଲୁହା ଗଜ, କଟୁରି, ୭୦ଟି ଆଇରନ ବଲ, ରାସାୟନିକ ପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଗିରଫ ଗଛ କଟାଳି ଦ୍ୱୟ ଲୁଲୁଙ୍ଗସ୍ଥିତ ଯୋଗେନ୍ଦ୍ରଦାସପୁର ଗ୍ରାମର ବୋଲି ଜଣାପଡ଼ିଛି।

ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଜେନାବିଲ ଅଞ୍ଚଳରେ ଟାସ୍କଫୋର୍ସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଉକ୍ତ ଶିକାରୀଙ୍କୁ ଦେଖିଥିଲେ। ଟାସ୍କଫୋର୍ସ ଟିମ୍‌କୁ ଦେଖି ୪ ଶିକାରୀଙ୍କ ମଧ୍ୟରୁ ୨ଜଣ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ୨ଜଣଙ୍କୁ କାବୁ କରିବା ପରେ ତାଙ୍କଠାରୁ ବନ୍ଧୁକ ଓ ମାରଣାସ୍ତ୍ର ଜବତ ହୋଇଛି। ସେମାନେ ଉଦଳା ଥାନା ଅଞ୍ଚଳର ହୋଇଥିବାରୁ ଜେନାବିଲ ରେଞ୍ଜରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ପ୍ରକାଶ କରିଛନ୍ତି। ସେହିପରି ଢୁକୁରା ରେଞ୍ଜର ଅଧିକାରୀ ଓ କର୍ମଚାରୀମାନେ ଚଢ଼ାଉ କରି ୨ ଶିକାରୀଙ୍କୁ ଧରିଥିଲେ। ଅନ୍ୟ ୫ ଜଣ ଖସି ପଳାଇଛନ୍ତି। ଗିରଫ ୨ ଶିକାରୀଙ୍କଠାରୁ ବନ୍ଧୁକ ଓ ମାରଣାସ୍ତ୍ର ଜବତ ହୋଇଛି। ଅପରପକ୍ଷରେ ଅଭୟାରଣ୍ୟର ଦକ୍ଷିଣ ଡିଭିଜନ ପିଠାବଟା ରେଞ୍ଜ ଚମ୍ପାଗଡ ଅଞ୍ଚଳରେ ୨ଜଣ ଗଛ କାଟୁଥିବା ବେଳେ ବନ ବିଭାଗ ସେମାନଙ୍କୁ କାବୁ କରିଛି। ଉଭୟଙ୍କଠାରୁ ୨.୩ ସିଏଫ୍‌ଟିରେ ୫ ଖଣ୍ଡ କାଠପଟା ଓ ଗୋଟିଏ କରତ ଜବତ ହୋଇଛି। ତେବେ ଶିମିଳିପାଳ ସୁରକ୍ଷା ନେଇ ଗଠିତ ଟାସ୍କ ଫୋର୍ସ ନିୟୋଜିତ ହେବା ପରେ ମଧ୍ୟ ଶିକାରୀଙ୍କ ଅନୁପ୍ରବେଶ ରୋକିବାରେ ବନବିଭାଗ ବିଫଳ ହୋଇଛି। ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ କରିବା ପାଇଁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି।

# ଗାଡ଼ି ଧକ୍କାରେ ୨ ଭାଇଙ୍କ ମୃତ୍ୟୁ

ଗୋପାଳପୁର,୨୪।୧୨
(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥରେ ଶନିବାର ରାତିରେ ଏକ ଗାଡ଼ି ଧକ୍କାରେ ଦୁଇ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋଳନ୍ଥରା ଗ୍ରାମର କାହ୍ନୁ ଚରଣ ରାଉଳ ଓ ମନୋଜ କୁମାର ରାଉଳ। ମନୋଜ ଓ କାହ୍ନୁ ଏକ ବାଇକ ଯୋଗେ କନିଷି ଢାବାକୁ ଖାଇବାକୁ ଯାଇଥିଲେ। ଉଭୟେ ଖାଇସାରି ଘରକୁ ବାଇକରେ ଫେରୁଥିବା ବେଳେ ରାତି ପ୍ରାୟ ୧୧ଟାରେ ଉକ୍ତ ସ୍ଥାନରେ ଏକ ଗାଡି ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ରାସ୍ତା ଉପରେ ଛିଟିକି ପଡି ମନୋଜ ଓ କାହ୍ନୁ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନେଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୬୭୨/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।


ଗ୍ୟାସ ଟ୍ୟାଙ୍କର ଓଲଟିପଡ଼ିବା ପରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଛି।

# ରାସ୍ତାକଡ଼କୁ ଓଲଟିଲା ଗ୍ୟାସ ଟ୍ୟାଙ୍କର, ଲୋକେ ଭୟଭୀତ

ବାହାନଗା,୨୪।୧୨(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତ ଭଗତପୁର ଗ୍ରାମରେ ଥିବା ଏକ ନାଟୋଭା ବାୟୋସାଇନ୍ସ ପ୍ଲାଣ୍ଟକୁ ଯାଉଥିବା ଏକ ଗ୍ୟାସ ଟ୍ୟାଙ୍କର ରବିବାର ଭୋର ସମୟରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। ସେଥିରେ ଥିବା ଏସିଡ୍ ନିର୍ଗତ ହେବା ଯୋଗୁ ଗ୍ରାମବାସୀ ଆତଙ୍କିତ ହୋଇପଡିଥିଲେ। ଷଠୀ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିର୍ଗତ ହେଉଥିବା ଏସିଡ୍ ଗ୍ୟାସକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ।

ଭଗତପୁର ଗ୍ରାମରେ ନୂତନ ଭାବେ ଗଢିଉଠିଥିବା ନାଟୋଭା ବାୟୋସାଇନ୍ସ ପ୍ଲାଣ୍ଟକୁ ଗଞ୍ଜାମରୁ ଟ୍ୟାଙ୍କର ଯୋଗେ ହାଇଡ୍ରୋ କ୍ଲୋରାଇଡି ଏସିଡ୍ ଯାଉଥିଲା। ରାସ୍ତା ଖରାପ ଯୋଗୁ ଡ୍ରାଇଭର ନିଜର ଭାରସାମ୍ୟ ହରାଇବାରୁ ଟ୍ୟାଙ୍କର ରାସ୍ତାରୁ ବିଲ ଭିତରକୁ ଓଲଟି ପଡିଥିଲା। ଫଳରେ ଟ୍ୟାଙ୍କରରୁ ଏସିଡ୍ ନିର୍ଗତ ହେବା ସହିତ ଧୀରେ ଧୀରେ ଦୁର୍ଗନ୍ଧ ବାହାରିବା ସହିତ ଧୂଆଁ ବାହାରିଥିଲା। ଫଳରେ ରାସ୍ତା ଓ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡିଥିଲେ। ସକାଳ ସାଢେ ୯ଟାରେ ଷଠୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଧୂଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ପରେ କ୍ରେନ୍ ସାହାଯ୍ୟରେ ଟ୍ୟାଙ୍କରକୁ ବିଲ୍‌ରୁ ଉଠାଇ ପ୍ଲାଣ୍ଟକୁ ନିଆଯାଇଥିଲା। ଗ୍ରାମ ରାସ୍ତା କଚ୍ଚା ଥିବା ବେଳେ ଉକ୍ତ ରାସ୍ତାରେ ଏତେବଡ ଟ୍ୟାଙ୍କର ଆସିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ବଣମଲ୍ଲୀଙ୍କ ପ୍ରତିଭା ପ୍ରସ୍ଫୁଟିତ କରୁଛି ନବୋଦୟ ବିଦ୍ୟାଳୟ: ଧର୍ମେନ୍ଦ୍ର ପ୍ରଧାନ

ଅନୁଗୋଳ,୨୪।୧୨(ଅମିତ କୁମାର ସାମଲ)

## ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ


ଅନୁଗୋଳସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଫୁଟ୍‌ବଲ ବଣ୍ଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଗୋଟିଏ ପିଲାର ପାଣ୍ଡିତ୍ୟ, ଦକ୍ଷତା ଓ ଗୁଣ କେଉଁ ବୟସରେ ବଢ଼ିବ, ତାହା କହିହେବ ନାହିଁ। ହେଲେ ଦେଶର ଶିକ୍ଷା କ୍ଷେତ୍ରରେ ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଯେଉଁ ଜୀବନ ମୂଲ୍ୟ ଦେଉଛି, ତାହା ଆଦର୍ଶ ଓ ମହତ୍ତ୍ୱପୂର୍ଣ୍ଣ। ଏହି ସ୍କୁଲ ବଣମଲ୍ଲୀଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବାର ଏକ ପ୍ରୟୋଗଶାଳା ହୋଇଛି। ଅନୁଗୋଳସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ରବିବାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଫୁଟ୍‌ବଲ ଫର୍ ସ୍କୁଲ ଅଧୀନରେ ଫୁଟ୍‌ବଲ ବିତରଣ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଏହି ଅବସରରେ ଆୟୋଜିତ ସ୍କୁଲର ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ୧୯୮୭ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ୬ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟବରାଦରେ ଶିଳାନ୍ୟାସ ହୋଇଥିବା ୭୫୦ ସିଟ୍ କ୍ଷମତା ବିଶିଷ୍ଟ ବହୁମୁଖୀ ସଭାଗୃହ ଏବଂ ଇଣ୍ଟିଗ୍ରେଟେଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଛାତ୍ରୀଛାତ୍ରଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ବିକାଶ କରିବାରେ ବେଶ୍ ଉପଯୋଗୀ ହେବ। ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ବିଶେଷ ସୁବିଧା ପ୍ରଦାନ କରିବ। ଏହି ପିଏମ୍ ଶ୍ରୀ ନବୋଦୟ ବିଦ୍ୟାଳୟ ଶିକ୍ଷା, ଦକ୍ଷତା, ଖେଳ କ୍ଷେତ୍ରରେ ମଣିଷ ତିଆରି କରିବାର ଏକ କାରଖାନା। ଆଗାମୀ ଦିନରେ ନବ ଭାରତ, ନବ ଓଡ଼ିଶା ଏବଂ ନୂଆ ଅନୁଗୋଳ ତିଆରି କରିବାରେ ଏହା ଗୁରୁ ଦାୟିତ୍ୱ ନେବ। ସେହିପରି ଫୁଟବଲ ଫର୍ ସ୍କୁଲ ଅଧୀନରେ ଛାତ୍ରୀଛାତ୍ରଙ୍କୁ ଫୁଟବଲ ବିତରଣ କରି କେନ୍ଦ୍ରମନ୍ତ୍ରୀ କହିଥିଲେ, ବିଦ୍ୟାଳୟରେ ଖେଳ ଛାତ୍ରୀଛାତ୍ର ଓ ଶିକ୍ଷା ବ୍ୟବସ୍ଥା ପାଇଁ ବହୁତ ଲାଭଦାୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ରଖିବା ସହ ଖେଳ ପ୍ରତି ଉତ୍ସାହ ଆଣିବା ଲକ୍ଷ୍ୟରେ ଫୁଟବଲ ଫର୍ ସ୍କୁଲ କାର୍ଯ୍ୟକ୍ରମ ଅଧୀନରେ ଛାତ୍ରୀଛାତ୍ରଙ୍କୁ ଫୁଟବଲ ବିତରଣ କରି ଆନନ୍ଦିତ। ଫିଫା ସମଗ୍ର ବିଶ୍ୱରେ ୪୦ ଲକ୍ଷ ଫୁଟ୍‌ବଲ ବିତରଣ କରୁଥିବା ବେଳେ କେବଳ ଭାରତରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ, ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ (ଏଆଇଏଫଏଫ) ସହଯୋଗରେ ୧ ଲକ୍ଷ ୫୫ ହଜାର ସ୍କୁଲରେ ୮୨ ଲକ୍ଷ ୪ ହଜାର ୨୭୯ ଫୁଟ୍‌ବଲ ବିତରଣ କରାଯାଉଛି। ଯେଉଁଥିରେ ଫିଫା ପ୍ରାୟ ୧୧ ଲକ୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ ଫୁଟ୍‌ବଲ ଦେଉଛି। ଅନୁଗୋଳରେ ମୋଟ ୧୬୯ଟି ସ୍କୁଲରେ ପ୍ରାୟ ୯୦୦ ଫୁଟ୍‌ବଲ ବିତରଣ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର, ବିଡିଓ ଅରବିନ୍ଦ ବେହେରା, କାଙ୍ଗୁଲା ବେନ୍ତପୁର ସରପଞ୍ଚ ଅର୍ଚ୍ଚନା ସେଠୀ, ସମିତି ସଭ୍ୟ ମିତାଞ୍ଜଳୀ ବେହେରା, ଭାଜପାର ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-351-E, ତା.18.12.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥ ଅଧୀନସ୍ଥ କି.ମି. 1/0-1 [ ସମ୍ବଲପୁର (SBP) - ତାଳଚେର ରୋଡ଼ (TLHD) ], କି.ମି.561/5-6 (ହାଓଡ଼ା-ଟିଟିଲାଗଡ଼) ସ୍ଥିତ ରେଳବାଇ ଟ୍ରାକ୍ ପାର୍ଶ୍ୱରେ 33KV & 11KV ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍‌ର ରୂପାନ୍ତରଣ ଏବଂ 33KV ପୁଟିବନ୍ଧ ଫିଡରରେ ଟାଙ୍ଗିରପାଲି ରେଳବାଇ କ୍ରସିଙ୍ଗ୍ ନିକଟରେ ପ୍ରଚଳିତ 33KV ଭୂତଳ କେବୁଲର ସ୍ଥାନାନ୍ତରଣ, ଜରପଡ଼ାଠାରେ କି.ମି.132/4-5 ଠାରେ ଭୂତଳ 33KV ବିଦ୍ୟୁତ୍ ଲାଇନ୍ କ୍ରସିଙ୍ଗ୍‌ର ରୂପାନ୍ତରଣ କାରଣରୁ 4 ଖମ୍ବ ଷ୍ଟ୍ରକ୍‌ଚର ସହିତ 33KV ଲାଇନ୍‌ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 125.73 ଲକ୍ଷ, EMD (₹) : 2,12,900/-, କାର୍ଯ୍ୟ ଶେଷ ହେବା ଅବଧି : 06 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.09.01.2024 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ(Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତା ମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I), ଭୁବନେଶ୍ୱର
PR-105/CG/23-24



କଟକରେ ରବିବାର ଅଲ୍‌ଟିମେଟ୍ ଖୋ ଖୋ ଉଦ୍‌ଘାଟନ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଅନ୍ୟ ଅତିଥି ଓ ବିଭିନ୍ନ ଦଳର ଖେଳାଳିମାନେ।

# ଅଲ୍‌ଟିମେଟ ଖୋ ଖୋ ଉଦଘାଟିତ

## ଓଡ଼ିଶା ଜଗରନଟ୍ସର ଦମଦାର ବିଜୟ

କଟକ,୨୪।୧୨
(ସୁପ୍ରିୟା ପ୍ରିୟଦର୍ଶିନୀ)

ଅଲ୍‌ଟିମେଟ ଖୋଖୋର ଦ୍ୱିତୀୟ ସିଜିନର ଉଦ୍ଘାଟନୀ ମ୍ୟାଚରେ ବିଜୟୀ ହୋଇଛି ଡିଫେଣ୍ଡିଂ ଚାମ୍ପିୟନଓଡ଼ିଶା ଜଗରନଟ୍ସ। ପ୍ରଥମ ସିଜିନର ଟାଇଟଲ ବିଜେତା ଓଡ଼ିଶା ୩୫-୨୭ ବ୍ୟବଧାନରେ ରାଜସ୍ଥାନକୁ ପରାସ୍ତ କରିଛି। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଅଲ୍‌ଟିମେଟ ଖୋ ଖୋ ଦ୍ୱିତୀୟ ସଂସ୍କରଣ ଉଦଘାଟିତ ହୋଇଯାଇଛି। ସମୁଦାୟ ୬ଟି ଦଳ ଏଥିରେ ଭାଗ ନେଇଛନ୍ତି। ପ୍ରତ୍ୟେକ ଦିନ ଦୁଇଟି ମ୍ୟାଚ ଖେଳାଯିବ। ଖୋ ଖୋ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ, ଅଲ୍‌ଟିମେଟ ଖୋ ଖୋ ଲିଗ୍ ସିଇଓ ତେଞ୍ଜିଙ୍ଗ ନିୟୋଗି ଓ କମିଶନର ଏବଂ ଓ ତଥା ଭାରତ ମହିଳା ଖୋ ଖୋ ଦଳର ଅଧିନାୟିକା ନସରିନ ସେଖ, କ୍ରୀଡା ମନ୍ତ୍ରୀ ତୁଷାର କାନ୍ତି ବେହେରା, ସିଏମସି ମେୟର ସୁବାସ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ। ରବିବାର ଠାରୁ ଆରମ୍ଭ ହେଇଥିବା ଏହି ଇଭେଣ୍ଟର ପ୍ରଥମ ଦିନରେ ୨ଟି ମ୍ୟାଚ ହୋଇଥିଲା। ଦେଶର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ୧୬ ବର୍ଷରୁ ୧୮ ବର୍ଷ ବୟସ ମଧ୍ୟରେ ୩୩ ଜଣ ଉଦୀୟମାନ ଯୁବକଙ୍କ ସମେତ ମୋଟ ୧୪୫ ଜଣ କ୍ରୀଡାବିତ୍ ଆଗାମୀ ୨୧ ଦିନ ମଧ୍ୟରେ ଏହି ଉତ୍ସାହଜନକ ପ୍ରତିଯୋଗିତାରେ ନଜର ଆସିବେ। ପ୍ରଥମ ଦିନରେ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ରାଜସ୍ଥାନ ୱାରିୟର୍ସକୁ ୩୫ -୨୭ରେ ହରାଇଥିଲା। ରାଜସ୍ଥାନ ଟସ ଜିତି ଡିଫେଣ୍ଡ କରିବାକୁ ନିଷ୍ପତ୍ତି ନେଇଥିଲା। ବିଜୟ ହାଜାରେ, ଦିଲରାଜ ସିଂ ଏବଂ ଜଗନ୍ନାଥ ମୁର୍ମୁ ପ୍ରଥମ ବ୍ୟାଚରେ କୋର୍ଟକୁ ଓହ୍ଲାଇଥିଲେ। ପ୍ରଥମ ପର୍ଯ୍ୟାୟରେ ଦୁଇ ମିନିଟରୁ କମ ସମୟ ମଧ୍ୟରେ ତିନିଜଣଙ୍କୁ ଆଉଟ କରି ୬-୦ ଆଗୁଆ ରହିଥିଲା। ଏହା ପରେ ନନ୍ଦନ, ବୁଚନ୍ନଗରି ରାଜୁ ଏବଂ ଅକ୍ଷୟ ଗୋନାପୁଲେ ମଇଦାନକୁ ଓହ୍ଲାଇଥିଲେ। ପାୱାର ପ୍ଲେ ସହିତ ଓଡ଼ିଶା ଏହାର ଜବାବ ଦେଇଥିଲା ଏବଂ ୨.୩୩ ମିନିଟ ବାକି ଥିବାବେଳେ ୧୦-୦ ଅଗ୍ରଣୀ ନେଇଥିଲ। ପରବର୍ତ୍ତୀ ବ୍ୟାଚରେ ରାଜସ୍ଥାନର ଅଧିନାୟକ ମଜହର ଜାମଦାର, ସୌରଭ ଗାଡେ ଏବଂ ନୀଲେଶ ପାଟିଲ ସାମିଲ ହୋଇଥିଲେ। ଏହି ପର୍ଯ୍ୟାୟ ଶେଷ ହେବା ବେଳକୁ ଓଡ଼ିଶା ୧୬-୦ ରେ ଆଗରେ ରହିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଡିଫେଣ୍ଡ କରିବାକୁ ଓଡ଼ିଶା ବାହାରିଥିଲା। ଏଥିରେ ଗୌତମ ଏମ କେ, ବିଶାଲ ଏବଂ ରୋହନ ପ୍ରଥମ ବ୍ୟାଚରେ ଓହ୍ଲାଇଥିଲେ। ଏହି ସମୟରେ ରାଜସ୍ଥାନ ସ୍କାଏ ଡାଇଭରୁ ଦୁଇଟି ପଏଣ୍ଟ ହାସଲ କରିଥିଲା। ୩.୪୧ ମିନିଟ ବେଳକୁ ସ୍କୋର ୧୭-୬ ହୋଇଯାଇଥିଲା। ଟର୍ନ ୩ରେ ପ୍ରଜାୱାଲ ଏବଂ ରଞ୍ଜନଙ୍କୁ ଆଉଟ କରି ଓଡିଶା ୨୩-୧୦ରେ ଆଗରେ ରହିଥିଲା। ୨.୧୦ ମିନିଟରେ ୨୩-୩୫ ସ୍କୋର ପହଞ୍ଚିଥିଲା। ଅକ୍ଷୟ ମସାଲ ୮ ପ୍ୟାଣ୍ଟ ସ୍କୋରକରି ଓଡ଼ିଶା ଜଗରନଟ୍ସ ବିଜୟରେ ବୃହତ ଯୋଗଦାନ ଦେଇଥିବା ବେଳେ, ରୋହନ ସିଙ୍ଗା, ଅବିନାଶ ଦେଶାଇ ଓ ଗୌତମ ଏମକେ ୪ ମିନିଟରୁ ଅଧିକ ସମୟ ମ୍ୟାଚରେ ରହିଥିଲେ।



ରବିବାର ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।



ଭାରତୀୟ ମହିଳା ଖୋ ଖୋ କ୍ୟାପ୍‌ଟେନ ନସ୍‌ରିନ ଶେଖ୍।

# ସରକାରଙ୍କୁ ବୁଝାଇବୁ ନଚେତ୍ ଆଇନର ଆଶ୍ରୟ ନେବୁ: ସଞ୍ଜୟ

ନୂଆଦିଲ୍ଲୀ,୨୪।୧୨(ପି.ଟି.)

ନବନିର୍ବାଚିତ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ବାସନ୍ଦ ହେବାକୁ ନେଇ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସଭାପତି ସଞ୍ଜୟ ସିଂ। ଆମେ କୌଣସି ଅଣ ସାମ୍ବିଧାନିକ କାର୍ଯ୍ୟ କରିନାହୁଁ ବୋଲି ପ୍ରଥମେ ସରକାରଙ୍କୁ ବୁଝାଇବାକୁ ପ୍ରୟାସ କରିବୁ ବୋଲି ସଞ୍ଜୟ କହିଛନ୍ତି। ସରକାରଙ୍କୁ ଅନୁରୋଧ କରି ନିଲମ୍ବନ ହଟାଇବାକୁ ପ୍ରୟାସ କରିବୁ। ମାତ୍ର ଏଥିରେ ନିଷ୍ଫଳ ହେଲେ ଆଇନର ସହାୟତା ନେବୁ ବୋଲି ସଞ୍ଜୟ ସିଂ କହିଛନ୍ତି। ବର୍ତ୍ତମାନ ଆମେ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିବା ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟକୁ ସମୟ ମାଗିଛୁ ବୋଲି ସେ କହିଛନ୍ତି। କିଭଳି ସବୁକିଛି ଆଇନ ଅନୁସାରେ ହୋଇଛି ଏହା ପ୍ରମାଣିତ କରିବା ପାଇଁ ସୁଯୋଗ ମାଗିଛୁ। ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ନିଷ୍ପତ୍ତି ମୋର ବ୍ୟକ୍ତିଗତ ନ ଥିଲା। ୨୪ ରାଜ୍ୟର ଆସୋସିଏଶନ୍ ଏଥି ନିମନ୍ତେ ନିଜର ସହମତି ପ୍ରକାଶ କରିଥିଲେ। ସମସ୍ତ ଆସୋସିଏଶନର ସତ୍ୟପାଠ ଓ ଇମେଲ୍ ଜରିଆରେ ସମ୍ମତି ଆମ ନିକଟରେ ରହିଛି।

ସରକାରଙ୍କ ନିଷ୍ପତ୍ତି ପରେ ରେସ୍‌ଲର ସାକ୍ଷୀ ମଲିକ୍ ଏହାକୁ ସମର୍ଥନ କରିଛନ୍ତି। କିଛି ଭଲ ଆଡକୁ ସରକାର ପାଦ ବଢାଇଥିବା ବେଳେ ଏହା ଜାରି ରହିବା ଆବଶ୍ୟକ। ମହିଳା ରେସ୍‌ଲରଙ୍କ ସୁରକ୍ଷା ପାଇଁ ଜଣେ ମହିଳା ସଭାପତିଙ୍କ ଉପସ୍ଥିତି ଆବଶ୍ୟକ। ଏହା ଦେଶର ଝିଅ ଓ ଭଉଣୀମାନଙ୍କ ପାଇଁ ଲଢେଇ ବୋଲି ସାକ୍ଷୀ କହିଛନ୍ତି। ପଦ୍ମଶ୍ରୀ ପ୍ରତ୍ୟାହାର କରିଥିବା ବଜରଙ୍ଗ ପୁନିଆ କିନ୍ତୁ ନିଜ ପୁରସ୍କାର ଫେରାଇ ନେବାକୁ ମନା କରି ଦେଇଛନ୍ତି। ଦେଶର ମହିଳା ଓ ଝିଅଙ୍କ ସମ୍ମାନ ସମ୍ମୁଖରେ କୌଣସି ପୁରସ୍କାର ଓ ସମ୍ମାନ ବଡ ଜିନିଷ ନୁହେଁ ବୋଲି ସେ କହିଛନ୍ତି। ନ୍ୟାୟ ମିଳିବା ପରେ ଯାଇ ପୁନର୍ବାର ପୁରସ୍କାର ଗ୍ରହଣ କରିବି ବୋଲି ବଜରଙ୍ଗ କହିଛନ୍ତି।




## ଆଡ୍‌ହକ କମିଟି ଗଠନ ପାଇଁ ଅନୁରୋଧ

**ନୂଆଦିଲ୍ଲୀ, ୨୪।୧୨ (ପି.ଟି.):** ନବନିର୍ବାଚିତ ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ବାସନ୍ଦ ହୋଇଥିବା ବେଳେ ଭାରତୀୟ ଅଲିମ୍ପିକ୍ସ ମହାସଂଘକୁ ଏକ ଆଡ୍‌ହକ କମିଟି ଗଠନ ପାଇଁ ଅନୁରୋଧ କରିଛି କ୍ରୀଡ଼ା ମନ୍ତ୍ରଣାଳୟ। ଦୈନନ୍ଦିନ କାର୍ଯ୍ୟଭାର ପରିଚାଳନା ଉପରେ ବର୍ତ୍ତମାନର ନିର୍ବାଚିତ ଅଧିକାରୀଙ୍କ ପାଇଁ କଟକଣା ଲାଗୁ କରାଯାଇଥିବା ବେଳେ ତୁରନ୍ତ ଏକ ଆଡ୍‌ହକ ପ୍ୟାନେଲ୍ ଗଠନ କରିବା ପାଇଁ ଚିଠି ଲେଖାଯାଇଛି। ଆଡ୍‌ହକ କମିଟି ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ଅନ୍ତରୀଣ ଭାବରେ କାର୍ଯ୍ୟଭାର ପରିଚାଳନା କରିବ।




## ସ୍କୁଲ୍ସ ଓପନ ଚେସ୍: ଭିନିତ ଚାମ୍ପିୟନ

ଭୁବନେଶ୍ୱର, ୨୪।୧୨
(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ କେଶୁରା ରୟାଲ ପବ୍ଲିକ୍ ସ୍କୁଲର ମିଳିତ ଆନୁକୂଲ୍ୟରେ ୪ର୍ଥ ନିଶିତ ମହାନ୍ତି ମେମୋରିଆଲ ରାଜ୍ୟ ସ୍କୁଲ୍ସ ଓପନ ଚେସ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବିଜେଇଏମ୍-୧ର ଭିନିତ ନାୟକ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ବିଏମ୍‌ପିଏସ୍ ତକ୍ଷଶୀଳାର ପୁଣ୍ୟଶ୍ଲୋକ ପୃଷ୍ଟି ଓ କଟକର ଇଶାନ ମୋଦି ପରବର୍ତ୍ତୀ ୨ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଂକଳ୍ପ ଶ୍ରୀକୁମାର ସିଂ, ସାତ୍ତ୍ୱିକ ପଟ୍ଟନାୟକ, ରୁଦ୍ର ପ୍ରତାପ ମିଶ୍ର, ଅଭନେଶ ସାମନ୍ତରାୟ, ବିଶ୍ୱମ ବାଜୋରିଆ, ଆଦିତ୍ୟ ଶଙ୍କର ବେହେରା ଓ ଦେବସ୍ମିତା ପାଣି ଟପ୍-୧୦ରେ ରହିଛନ୍ତି। ଏହା ବ୍ୟତୀତ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗରେ ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୬ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଭାଇସ୍-ପ୍ରିନ୍ସିପାଲ ପ୍ରଜ୍ଞାନ ପାରମିତା ସାହୁ, ମ୍ୟାନେଜର ଅଜୟ କୁମାର ଦାସ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ସନ୍ତୋଷ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ



ବିଧାୟକ ସୁରେଶ କୁମାର ରାଉତରାୟ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଭୁବନେଶ୍ୱର, ୨୪।୧୨
(ତପନ ସ୍ୱାଇଁ)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ୨୪ତମ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ସ୍ଥାନୀୟ ଗଡ଼ ଗୋପୀନାଥ ପ୍ରସାଦ (ଜିଜିପି) ସ୍କୁଲ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁରେଶ କୁମାର ରାଉତରାୟ, ଗୀତାଞ୍ଜଳି ଆୱାର୍ଡ୍ସର ପରିଚାଳନା ନିର୍ଦ୍ଦେଶକ ବୁଦ୍ଧ ପ୍ରକାଶ ମହାପାତ୍ର, ସାମାଜିକ କର୍ମୀ ପ୍ରଦୀପ ବରିସଲ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ମ୍ୟାଚରେ କଟକର ସନ୍ ଏକାଦଶ ୬ ଉଇକେଟରେ ବିନ୍‌ଦାଶ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବିନ୍‌ଦାଶ ଏକାଦଶ ୧୨ ଓଭରରେ ୭ ଉଇକେଟ ହରାଇ ୧୪୭ ରନ କରିଥିଲା। ଦଳ ପକ୍ଷରୁ ଜିତୁ ସାହୁ ସର୍ବାଧିକ ୩୧ ରନ କରିଥିଲେ। ବିପକ୍ଷ ଦଳର ସୂର୍ଯ୍ୟକାନ୍ତ ୨୭ ରନ ବିନିମୟରେ ୩ ଉଇକେଟ ହାସଲ କରିଥିଲେ। ଜବାବରେ ସନ୍ ଏକାଦଶ ୧୨ ଓଭରରେ ୪ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ନେଇଥିଲା। ବ୍ରାଉନ୍ ଯାଦବ ୧୪ ବଲ୍‌ରୁ ୩୧ ରନକରି ଦଳକୁ ବିଜୟୀ କରିଥିଲେ। ବିନଦାଶ ଦଳର ତରୁଣ ପଟ୍ଟନାୟକ ୨ଟି ଉଇକେଟ ନେଇଥିଲେ। ବିଜୟୀ ଦଳର ବ୍ରାଉନ୍ ଯାଦବ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ଅଜିତ ନାୟକ ଓ ଶୁଭ୍ର ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ମ୍ୟାଚ୍ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ ସୁଧାଂଶୁ ଖୁଣ୍ଟିଆ।

## ସବ୍‌ଜୁନିୟର ସଫ୍ଟ ଟେନିସ ଦଳ ଘୋଷିତ

ଭୁବନେଶ୍ୱର, ୨୪।୧୨
(ତପନ ସ୍ୱାଇଁ)

ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ତାମିଲନାଡୁର ଭେଲୁରଠାରେ ଚଳିତ ମାସ ୨୬ରୁ ଆରମ୍ଭ ହେବାକୁ ଯାଉଛି। ୩୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତା ଲାଗି ରବିବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ମନ୍ମୟ ପଟ୍ଟନାୟକଙ୍କୁ ଅଧିନାୟକ କରାଯାଇଥିବାବେଳେ ଗୌରୀ ଶଙ୍କର ପଣ୍ଡା, ରୋଜେର କୋନ୍ଥୁଜାମ, ଆର.କେ. ଡିକସନ, ଚାମ୍ଫୁଗବାମ୍ ବିକି ସିଂ, ଜ୍ଞାନଜିତ ଲାଇରେନଲାକପାମ, ନିରୋବାସ ଆସେମ ଦଳରେ ସ୍ଥାନ ପାଇଛନ୍ତି। ଓଡ଼ିଶା ସଫ୍ଟ ଟେନିସ ଆସୋସିଏଶନ ସମ୍ପାଦକ ମହମ୍ମଦ ଆଜାମ ନିଜେ କୋଚ୍ ଅଛନ୍ତି।




## ଏକାମ୍ର କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର, ୨୪।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

ଫ୍ରେଣ୍ଡ୍ସ କ୍ରିକେଟ କ୍ଲବ କେଶୁରା ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ବାର୍ଷିକ ଏକାମ୍ର କପ୍ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଶହୀଦ ନଗର ଦଳ ୪ ଉଇକେଟରେ ସମରସେଟ୍ ଏକାଦଶକୁ ହରାଇ ଚାମ୍ପିୟନ ହୋଇଛି। ଶହୀଦ ନଗର ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ପ୍ରଥମେ ବ୍ୟାଟିଂ କରି ସମରସେଟ୍ ନିର୍ଦ୍ଧାରିତ ୧୫ଓଭର୍‌ରେ ୧୧୨ ରନ କରି ଅଲ୍ ଆଉଟ୍ ହେଇଥିଲା। ଜବାବରେ ଶହୀଦନଗର ଦଳ ୧୫ ଓଭରରେ ୬ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ଶେଷ ବଲରେ ମ୍ୟାଚ୍ ଜିତିଥିଲା ଶହୀଦନଗର। ବିଜୟୀ ଦଳ ପକ୍ଷରୁ ଦିପୁନି ୨୯ବଲରେ ୩୨ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଲାଭ କରିଥିଲେ। ମ୍ୟାନ ଅଫ ଦି ସିରିଜ ହୋଇଥିଲେ ସମର ସେଟ୍ ଦଳର ଶେଖର ସ୍ୱାଇଁ। ରନରଅପ୍ ସମରସେଟ୍ ୩୦,୦୦୦ ଟଙ୍କା ସହ ଟ୍ରଫି ଏବଂ ଚାମ୍ପିୟନ ଶହୀଦନଗର ଦଳକୁ ୫୦,୦୦୦ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବାସୁଆଘାଇ ସରପଞ୍ଚ ବିକ୍ରମ ସେଠୀ, କ୍ୟାପିଟିଲ୍ ରୟାଲ୍ଟି କେୟାର ପ୍ରତିଷ୍ଠାତା ଶକ୍ତି ମିଶ୍ର, ମହେନ୍ଦ୍ର ସ୍ୱାଇଁ କେଶୁରା, ବିନୋଦ ସ୍ୱାଇଁ କେଶୁରା, ବୁଦ୍ଧଦେବ ବେହେରା କେଶୁରା, ଆର୍ତ୍ତ ପ୍ରଧାନ, କୃତାର୍ଥ ପ୍ରଧାନ, ବିଜୟ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ରମେଶ ଦାସ୍ ଓ ତପନ ଭୋଳ ମ୍ୟାଚ୍ ପରିଚାଳନା କରିଥିଲେ।



ଚାମ୍ପିୟନ ଶହୀଦ ନଗର ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ଜାତୀୟ ଜୁନିୟର ଥ୍ରୋ ବଲ୍‌ରେ ଭାଗନେବ ଓଡ଼ିଶା

**ଭୁବନେଶ୍ୱର, ୨୪।୧୨ (ତପନ ସ୍ୱାଇଁ):** ତାମିଲନାଡୁର କୋଏମ୍ବାଟୁରଠାରେ ୩୩ତମ ଜାତୀୟ ଜୁନିୟର ଥ୍ରୋ-ବଲ୍ ପ୍ରତିଯୋଗିତା ଚଳିତ ମାସ ୨୭ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ୩୪ ଜଣିଆ ଓଡ଼ିଶା ବାଳିକା ଓ ବାଳକ ଥ୍ରୋ-ବଲ୍ ଦଳ ରବିବାର ତାମିଲନାଡୁ ଯାତ୍ରା କରିଛନ୍ତି। ସୁଧାସିନ୍ଧୁ ସାହୁ ଓଡ଼ିଶା ମହିଳା ଦଳର କୋଚ୍ ଓ ଶ୍ରୀକୃତି ମହାନ୍ତି ମ୍ୟାନେଜର ଏବଂ ଦୀପ୍ତିରଞ୍ଜନ ସାମନ୍ତରାୟ ବାଳକ ଦଳର କୋଚ୍ ଓ ଅଭିଜିତ ମହାନ୍ତି ମ୍ୟାନେଜର ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଦଳସହ ରେଫରି ଯଶୋବନ୍ତ ପରମଗୁରୁ ଓ ଏଓ. ଜଗାରେଡ୍ଡୀ ତାମିଲନାଡୁ ଯାଇଛନ୍ତି।





GREEN ENERGY | SUSTAINABLE MINING | ORGANIC AGRI-VENTURES | SOCIAL COMMITMENTS



Sri Rajib Lochan Mohanty
(Founder)

Wishing the people of Odisha
Merry Christmas
and
a very
Happy New Year 2024!

MGM GREEN ENERGY LIMITED
For a Clean World

M/S. M.G MOHANTY

MGM AGRI-VENTURES

Jana - Swasthya

Organelle Farms

MGM Agri-Tech & Research Institute

Jana-Posana




ଡାଉନ୍ ପେମେଣ୍ଟ 5999* | ନ୍ୟୁନତମ ସୁଧ ହାର @ 9.99%* | 100 100ରେ100* | ବିନା ହାଇପୋଥିକେଶନ * | 10% କ୍ୟାସବ୍ୟାକ ₹5000* ପର୍ଯ୍ୟନ୍ତ

ଡିଲର ବିବରଣୀ ଜାଣିବା ପାଇଁ 7230032200 ରେ WhatsApp କିମ୍ବା ମିସ୍ଡ କଲ କରନ୍ତୁ କିମ୍ବା QR Code କୁ ସ୍କାନ କରନ୍ତୁ

1. ଇୟରଫୋନ୍ କନେକ୍ଟ କରନ୍ତୁ
2. QR Code କୁ ସ୍କାନ କରନ୍ତୁ
3. ଭିଡ଼ିଓ ର ମଜା ନିଅନ୍ତୁ

CLICK BOOK RELAX
Honda 2Wheelers
BOOK NOW

**Honda Motorcycle & Scooter India Pvt. Ltd., Registered Office:** Plot No. 1, Sector - 03, IMT Manesar, Distt. Gurugram, (Haryana) - 122050, India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

**Honda Exclusive Authorized Dealerships: ATTABIRA:** T.S. Honda - 8917463794, 9438771477; **BARGARH:** Aashirbad Honda - 8249122018, 7873234466; **BELPAHAR:** Bharat Honda – 8018157547, 7008108512; **BHAWANIPATNA:** Mahesh Honda - 8456818116, 06670-235633; **BOLANGIR:** Amarnath Honda - 8895255855, 7606972969; **BRAJRAJNAGAR:** JaiswaL Honda - 977747788; **JHARSUGUDA:** Gajraj Honda – 9337645411, 8763800881; **JUNAGARH:** Jaga Janani Honda - 9583794900; **KHARIAR ROAD (NUAPADA):** Gandhi Honda - 8649011111; **KUCHINDA:** Deendayal Honda - 8249267523, 7008918012; **RAJGANGPUR:** Naisha Honda - 7008614081, 9776270015; **RAJKHARIAR:** Shree Shyamji Honda- 7008115621, 9437427080; **RENGALI:** BP Honda – 9776633397; **ROURKELA:** Koshala Honda - 9861188888, 9337749281; Harsheel Honda – 8658045660, 9337408180; **SAMBALPUR:** Jas Honda - 9178120526, 9238364199; **SONEPUR:** Meher Honda - 09937771704,08328968411; **SUNDARGARH:** Maa Samaleswari Honda – 8984873500, 9938198641; **TITLAGARH:** Tanishta Honda - 09437037314; **KANTABANJI:** Ajay Honda – 8260211111, 7645833333; **DHARAMGARH:** Bharat Honda - 7008606855; **KESINGA:** Jagadamba Honda – 7978581295; **LAIKERA :** Krishna Automobiles – 9692494445 ; **BOUDH :** Shree Shyam Enterprises – 9937877888; **KUTRA :** Dalaniya Honda – 9937060901, 9040904055; **BONAIGARH :** Bhama Honda – 8280470204, 7978607198; **JALDA :** Vibrant Honda – 9437555007 ; **BAGDEHI :** Krishna Honda - 9937279421. **DEOGARH:** Mittal Motors - 9668608895; **BINKA :** Ganapati Honda -7809574878, 8658405005; **JAIPATNA:** Anupama Honda-9090969197.

**For Bulk/Institutional enquiries, please write us at: institutionalsales@honda2wheelersindia.com**

ଧରିତ୍ରୀ
DHARITRI
ଧରିତ୍ରୀ 50 Years





ଅଷ୍ଟ୍ରେଲିଆ ବିପକ୍ଷରେ ଏକମାତ୍ର ଟେଷ୍ଟ ଜିତିବା ପରେ ଟ୍ରଫି ସହ ଭାରତୀୟ ମହିଳା କ୍ରିକେଟ ଦଳ।

# ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ପ୍ରଥମ ବିଜୟ

**ମହିଳା ଟେଷ୍ଟ**

ମୁମ୍ବାଇ,୨୪।୧୨(ପି.ଟି.) ଅଷ୍ଟ୍ରେଲିଆ ବିପକ୍ଷ ଏକମାତ୍ର ମହିଳା ଟେଷ୍ଟକୁ ୮ ଉଇକେଟରେ ଜିତିନେଇଛି ଭାରତ। ଅଷ୍ଟ୍ରେଲିଆ ବିପକ୍ଷରେ ଏହା ଦଳର ପ୍ରଥମ ବିଜୟ। ଏହା ସହିତ ୨ ସପ୍ତାହ ମଧ୍ୟରେ କ୍ରମାଗତ ଦୁଇଟି ଶକ୍ତିଶାଳୀ ଦଳ ବିପକ୍ଷରେ ଟେଷ୍ଟ ମ୍ୟାଚ୍ ବିଜୟୀ ହେବାରେ ସମର୍ଥ ହୋଇଛି ଭାରତ। ଅନ୍ତିମ ଦିନରେ ବିଜୟ ପାଇଁ ୭୫ ରନ୍ ଆବଶ୍ୟକ ଥିବାବେଳେ ଭାରତ ୨ ଉଇକେଟ ହରାଇ ବିଜୟ ହାସଲ କରି ନେଇଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋର ୫/୨୩୩ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ମାତ୍ର ୨୮ ରନ୍ ଯୋଡି ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ରାଜେଶ୍ୱରୀ ଗାଏକ୍ୱାଡ ଓ ସ୍ନେହ ରାଣା ରବିବାର ସକାଳେ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ପୂଜା ବସ୍ତ୍ରକାର ଗୋଟିଏ ଉଇକେଟ ନେଇଥିଲେ। ସ୍ନେହ ରାଣା ଲଗାତର ବଲ୍‌ରେ ଆନାବେଲ ସଦରଲାଣ୍ଡ(୨୭) ଓ ଆଲାନା କିଙ୍ଗ(୦)ଙ୍କୁ ଆଉଟ କରିଥିଲେ। ସ୍ନେହ ରାଣା ମୋଟ ୪ ଉଇକେଟ ନେଇଥିବା ବେଳେ ହରମନ୍‌ପ୍ରୀତ୍ କୌର ଓ ରାଜେଶ୍ୱରୀ ଗାଏକ୍ୱାଡ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୯ ରନ କରିଥିବା ବେଳେ ଭାରତ ୪୦୬ ରନ୍ ସ୍କୋର କରି ୧୮୭ ରନ୍‌ରେ ଆଗୁଆ ରହିଥିଲା। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ୨୬୧ ରନ୍‌ରେ ସୀମିତ ରହିଥିଲା।

୭୫ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ପ୍ରଥମ ଓଭରରେ ଶେଫାଳି ବର୍ମା(୪)ଙ୍କ ଉଇକେଟ ହରାଇଥିଲା। ତେବେ ରିଚା ଘୋଷ(୧୩) ଓ ସ୍ମୃତି ମନ୍ଧାନା(୩୮*) ଦ୍ୱିତୀୟ ଉଇକେଟରେ ୫୧ ରନ୍ ଯୋଡି ଭାରତର ବିଜୟକୁ ସୁଗମ କରି ଦେଇଥିଲେ। ଟପ୍ ସ୍କୋରର ରହିଥିବା ମନ୍ଧାନା ୬୧ ବଲ୍ ଖେଳି ୬ ଚୌକା ସହ ଅପରାଜିତ ରହିଥିଲେ। ଜେମିମା ରୋଡ୍ରିଗୁଏଜ(୧୨*)ଙ୍କ ସହିତ ଅବିଭାଜିତ ୨୦ ରନ୍ ଯୋଡି ସେ ଭାରତକୁ ଐତିହାସିକ ବିଜୟ ପ୍ରଦାନ କରିଥିଲେ। ଚମତ୍କାର ବୋଲିଂ କରି ୭ ଉଇକେଟ ନେଇଥିବା ସ୍ନେହ ରାଣାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୧୯।
ଭାରତ ପ୍ରଥମ ଇନିଂସ: ୪୦୬।
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୨୬୧/୧୦(ଟାଲିଆ ମ୍ୟାକ୍‌ଗ୍ରା-୭୩, ଏଲିସ୍ ପେରୀ-୪୫, ଏଲିସା ହିଲୀ-୩୨, ସ୍ନେହ ରାଣା-୪/୬୩, ହରମନପ୍ରୀତ୍ କୌର-୨/୨୩, ରାଜେଶ୍ୱରୀ ଗାଏକ୍ୱାଡ-୨/୪୨)।
ଭାରତ ଦ୍ୱିତୀୟ ଇନିଂସ: ୭୫/୨ (ସ୍ମୃତି ମନ୍ଧାନା-୩୮*, ରିଚା ଘୋଷ-୧୩, ଜେମିମା ରୋଡ୍ରିଗୁଏଜ-୧୨*, କିମ୍ ଗାର୍ଥ-୧/୧୯, ଆସ୍‌ଲେ ଗାର୍ଡନର-୧/୧୮)।










72198 21111 | BAJAJ FINANCE LTD - AF | BAJAJ SECURE • AMC • ROAD SIDE ASSISTANCE

ସର୍ତ୍ତ ଓ ନିୟମାବଳୀ ଲାଗିବ । *ପଲ୍‌ସର୍ 125 ନିଅନ୍, ପଲ୍‌ସର୍ 125 କାର୍ବନ୍ ଫାଇବର୍ ଓ NS125 ପ୍ରକାରର ପ୍ରାରମ୍ଭିକ ମୂଲ୍ୟ । ଫାଇନାନ୍‌ସିଅର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍‌ସ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍ କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ । ନିର୍ଦ୍ଦିଷ୍ଟ ମଡେଲଙ୍କ ପାଇଁ ଓ ନିର୍ଦ୍ଦିଷ୍ଟ ପ୍ରଦେଶମାନଙ୍କରେ ଏଏମ୍‌ସି ଉପଲବ୍ଧ । ଅଧିକ ବିବରଣୀ ଡୀଲରଙ୍କୁ ପଚାରି ବୁଝନ୍ତୁ । ରୋଡ୍‌ସାଇଡ୍ ସହାୟତା ତୃତୀୟ ପକ୍ଷ ଦ୍ୱାରା ଯୋଗାଯାଇଥାଏ, ଯାହା ତାଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ ।

Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550, Sonepur UJJWAL BAJAJ 9348711920 • Rourkela: RM BAJAJ 90780 83803 • Sundergarh RM BAJAJ 9078083500 • Bargarh CHANDAN BAJAJ 8895591155 • Bolangir URBASI BAJAJ 7381052046 • Bhawanipatna KALINGA AUTO SERVICE 8763863692 • Jharsuguda UTKAL BAJAJ 9337200356. Authorised Service Centre: Binika 9437151684, Dungripali 9937006819, Boudh 7978833033, Kuchinda 9437392099, Laikera 9658855530, Jamankira 9437393978 Titilagarh 9658050722, Bangamunda 6372790284Patnagarh 9937301752, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9124600099, Padampur 9668826075 Rajkhariar 9437072917, Khariar Road 9437188542, Brajrajnagar 9937124444, Bamra 9937108643, Bagdhi 7873430989,Kuchinda 9437392099, Laikera 9658855530, Jamankira 9437393978 Deogarh 9437020444, Rajgangpur 8908908901, Bonaigarh 9078083800 Subdega 7894408649 Diptipur- 7750039856, Godbhaga – 9937514987, Saintala-8114662939 / 9658030100, Baliguda 7008301945, M Rampur 9337897005, Tusura 8908577144, Tarbha 7008133010, Lathor 8018785694, Kantamanjhi 7205911835, Narla 9337025341, Charbahal 7008814200.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ